ବର୍ଷ-୫୫ : ସଂଖ୍ୟା-୫ ମେ, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମେ, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଆନ୍ତର ପରିଚ୍ଛନ୍ନତା | ... | ଶ୍ରୀମା | ... | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଦ୍ୱାଦଶ ପରିଚ୍ଛେଦ) ବୁଦ୍ଧିଗତ ବିଚାରଣାର ପ୍ରକୃତ କାର୍ଯ୍ୟ ଓ ସୀମା | ... | ଶେଖ ଅବଦୁଲ କାଶମ | ... | ୭ |
| ଆବାହନୀ (କବିତା) | ... | ନିମାଇଁ ପଟ୍ଟନାୟକ | ... | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୦) | ... | ... | ... | ୧୩ |
| ପାଠଚକ୍ର ସମ୍ମିଳନୀର ମହତ୍ତ୍ୱ | ... | ରାମକୃଷ୍ଣ ଦାସ | ... | ୧୭ |
| ଶରଣାଗତିର ପ୍ରତିମୂର୍ତ୍ତି ଶ୍ରୀ ପ୍ରପତ୍ତି | ... | ଡାକ୍ତର ସୁଧାକର ଆଚାର୍ଯ୍ୟ | ... | ୧୯ |
| ଅତିମାନସ : ଅନସ୍ୱୀକାର୍ଯ୍ୟ (କବିତା) | ... | ସୁନାମଣି ରାଉତ | ... | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୮୫) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୨ |
| ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ (୨) | ... | ପ୍ରପତ୍ତି | ... | ୨୫ |
| ଦ୍ୱୀପାନ୍ତରର କଥା (ସପ୍ତମ ପରିଚ୍ଛେଦ) ଧର୍ମଘଟରେ ଫଳାଫଳ (୧) | ... | ବାରୀନ୍ଦ୍ର କୁମାର ଘୋଷ | ... | ୨୮ |
| ନୂତନ ଶିକ୍ଷାର ଆହ୍ୱାନ (୮) | ... | ଗୟାଧର ଦାଶ | ... | ୩୦ |
| ମାତୃଭାଷା ଓ ବ୍ୟକ୍ତିତ୍ୱ | ... | ମନୋଜ ଦାସ | ... | ୩୪ |
| ଅମୃତ (୩) | ... | ... | ... | ୩୬ |
| ଭବିଷ୍ୟତ୍ ନିମନ୍ତେ ଶିକ୍ଷାହିଁ ପ୍ରକୃତ ଶିକ୍ଷା | ... | ପ୍ରସାଦ ତ୍ରିପାଠୀ | ... | ୪୦ |
| ନୈଃଶବ୍ଦ୍ୟର ବାଣୀ (କବିତା) | ... | ଶ୍ରୀଅରବିନ୍ଦ | ... | ୪୨ |
| ମାରୀ କ୍ୟୁରି | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୩ |
| ନିଆଁ ସହ ଖେଳ | ... | ମନୋଜ ଦାସ | ... | ୪୬ |
| ଚା’ କପଟିଏ ପାଇଁ | ... | ସନ୍ତୋଷ ରଥ | ... | ୪୯ |
| ଶବ୍ଦର ଅତୀତ | ... | ବନମାଳୀ ଆଚାର୍ଯ୍ୟ | ... | ୫୧ |
| ବର୍ଗ ସଂଖ୍ୟାର କୌତୁକ (୨) | ... | ଧର୍ମକୁମାର ଶତପଥି | ... | ୫୪ |
| ମହତ୍ତମ ପ୍ରତିଭାର ସନ୍ତାପ | ... | ମନୋଜ ଦାସ | ... | ୫୭ |


❖

# ପ୍ରାର୍ଥନା

ହେ ପ୍ରଭୁ, ପ୍ରଶାନ୍ତ ସନ୍ଧ୍ୟାର ଆତ୍ମସମାହିତ ଧ୍ୟାନରେ ଯେତେବେଳେ ସୂର୍ଯ୍ୟ ବୁଡ଼ିଗଲେ, ମୋର ସମଗ୍ର ସତ୍ତା ତୁମ ନିକଟରେ ସାଷ୍ଟାଙ୍ଗ ପ୍ରଣତ ହେଲା ନୀରବ ପୂଜା ଓ ପୂର୍ଣ୍ଣ ଆତ୍ମ-ସମର୍ପଣ ନେଇ । ସେତେବେଳେ ମୁଁ ହୋଇଗଲି ସମଗ୍ର ପୃଥିବୀ ଏବଂ ସେହି ସମଗ୍ର ପୃଥିବୀ ତୁମ ନିକଟରେ ସାଷ୍ଟାଙ୍ଗ ପ୍ରଣତ ହେଲା ତୁମ ଜ୍ୟୋତିଃର ଆଶୀର୍ବାଦ, ତୁମ ପ୍ରେମର ପରମାନନ୍ଦ ଭିକ୍ଷା କରି । ଓଃ, ସେହି ନତଜାନୁ ପୃଥିବୀ ତୁମ ପାଖରେ ମିନତି ଜଣାଏ, ରାତ୍ରିର ନୀରବତା ମଧ୍ୟରେ ଅନ୍ତର୍ମୁଖୀ ହୋଇ ଧୈର୍ଯ୍ୟ ଓ ତହିଁ ସଙ୍ଗେ ସଙ୍ଗେ ଉଦ୍‌ଗ୍ରୀବତାର ସହ ଅପେକ୍ଷା କରେ ତା'ର ପରମ କାମ୍ୟ ଜ୍ୟୋତିଃର ଆବିର୍ଭାବ ପାଇଁ । ଯଦି ଜଗତର କର୍ମରେ ଅବତୀର୍ଣ୍ଣ ତୁମର ପ୍ରେମ ହୋଇଉଠିବାରେ ମାଧୁର୍ଯ୍ୟ ଅଛି – ସେହିପରି ଆହୁରି ମାଧୁର୍ଯ୍ୟ ଅଛି ଏହି ଅସୀମ ପ୍ରେମ ଆଡ଼କୁ ଯେଉଁ ଅନନ୍ତ ଆସ୍ପୃହା ଉଠିଚାଲୁଛି ତାହା ହୋଇଉଠିବାରେ । ଆଉ ଏହିପରି ଭାବରେ ନିଜକୁ ପରିବର୍ତ୍ତିତ କରାଇନେବା, କ୍ରମାଗତ ଭାବେ ପ୍ରାୟ ଯୁଗପତ୍ ଭାବେ ହୋଇଉଠିବା, ଯେ ଗ୍ରହଣ କରେ ଓ ଯେ ଦାନକରେ, ଯେ ରୂପାନ୍ତରିତ ହୁଏ ଓ ଯେ ରୂପାନ୍ତର କରେ, ଏକ ଦିଗରେ ବେଦନାକ୍ଲିଷ୍ଟ ଅନ୍ଧକାର, ଅନ୍ୟ ଦିଗରେ ସର୍ବଶକ୍ତିମୟ ଦିବ୍ୟଜ୍ୟୋତିଃ, ଉଭୟ ସଙ୍ଗେ ଏକାତ୍ମତା ଏବଂ ଏହି ଯୁଗ୍ମ ଏକାତ୍ମତା ମଧ୍ୟରେ ତୁମର ସର୍ବୋତ୍ତମ ଏକତ୍ୱର ରହସ୍ୟ ଆବିଷ୍କାର କରିବା କ'ଣ ତୁମର ପରମ ସଂକଳ୍ପକୁ ପ୍ରକାଶ କରିବା ଓ ସିଦ୍ଧ କରିବାର ପଥ ନୁହେଁ ?

ହେ ମୋର ମଧୁମୟ ପ୍ରଭୁ, ମୋର ହୃଦୟ ଏକ ପ୍ରଦୀପ୍ତ ମନ୍ଦିର ଏବଂ ତୁମେ ସେଠାରେ ସକଳ ବିଗ୍ରହଙ୍କ ମଧ୍ୟରେ ମୁଖ୍ୟ ବିଗ୍ରହ ରୂପେ ନିତ୍ୟ ପ୍ରତିଷ୍ଠିତ । ତୁମ ଉଦ୍ଦେଶ୍ୟରେ ପ୍ରଜ୍ୱଳିତ ମୋ ହୃଦୟର ଅଗ୍ନିଶିଖା ମଧ୍ୟରେ ତୁମର ଐଶ୍ୱର୍ଯ୍ୟମଣ୍ଡିତ ମୂର୍ତ୍ତି ମୁଁ ଦେଖିଲି ଏବଂ ସେହି ସମୟରେ ପୁଣି ତୁମକୁ ଦେଖିଲି ମୋ ମସ୍ତକ ମଧ୍ୟରେ, ତୁମେ ସେଠାରେ ଅଚିନ୍ତ୍ୟ, ଅଜ୍ଞେୟ ଓ ଅରୂପ । ଏହି ଯୁଗଳ ଅନୁଭୂତି, ଏହି ଯୁଗ୍ମ ଅଭିଜ୍ଞତା ଭିତରେହିଁ ନିହିତ ତୃପ୍ତିର ପରମ ପୂର୍ଣ୍ଣତା ।

ମେ ୩୧, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Cast away from you these movements of doubt, depression and the rest which are no part of your true and higher nature. Reject these suggestions of inability, unfitness and all these irrational movements of an alien force. Remain faithful to the Light of your soul even when it is hidden by clouds. My help and the Mother's will be there working behind even in the moments when you cannot feel it. The one need for you and for all is to be, even in the darkness of the powers of obscurity of the physical consciousness, stubbornly faithful to your soul and to the remembrance of the Divine Call.

Be faithful and you will conquer.

(Letters on Yoga - IV, p. 787) – Sri Aurobindo

ତୁମର ସତ୍ୟତର ଓ ଉଚ୍ଚତର ପ୍ରକୃତିର ଯାହା ଅଂଶ ନୁହେଁ ସେଇ ସମସ୍ତ ସନ୍ଦେହ, ଅବସାଦ ଏବଂ ସେଇ ଧରଣର ଅନ୍ୟାନ୍ୟ ଗତିବୃତ୍ତିକୁ ତୁମ ଭିତରୁ କାଢ଼ି ଫିଙ୍ଗିଦିଅ । ତୁମର ଅକ୍ଷମତା, ଅଯୋଗ୍ୟତା ଆଦି ସମ୍ପର୍କରେ ଏକ ବିଜାତୀୟ ଶକ୍ତିଠାରୁ ଆସୁଥିବା ସମସ୍ତ ଅବାନ୍ତର ଅଯୌକ୍ତିକ କୁମନ୍ତ୍ରଣାକୁ ପ୍ରତ୍ୟାଖ୍ୟାନ କର । ତୁମ ଆତ୍ମାର ଦିବ୍ୟ ଆଲୋକ ପ୍ରତି ବିଶ୍ୱସ୍ତ ରୁହ ଏପରିକି ଯେତେବେଳେ ଏହା ମେଘାଚ୍ଛନ୍ନ ହୋଇ ରହିଥାଏ । ମୋର ଏବଂ ମା'ଙ୍କର ସାହାଯ୍ୟ ପଶ୍ଚାତରେ ରହି କାର୍ଯ୍ୟ କରୁଥିବ – ଏପରିକି ଯେଉଁସବୁ ମୁହୂର୍ତ୍ତରେ ତୁମେ ଏହା ଅନୁଭବ କରିପାର ନାହିଁ । ତୁମ ପାଇଁ ଓ ସମସ୍ତଙ୍କ ପାଇଁ ଏକମାତ୍ର ଯାହା ପ୍ରୟୋଜନ ତାହା ହେଉଛି, ଏପରିକି ସ୍ଥୂଳ ଦୈହିକ ଚେତନାର ଅଜ୍ଞାନମୟ ଶକ୍ତିଗୁଡ଼ିକର ଅନ୍ଧକାର ଭିତରେ ମଧ୍ୟ, ତୁମର ଆତ୍ମା ପ୍ରତି ଏବଂ ଭଗବତ୍ ଦିବ୍ୟ-ଆହ୍ୱାନର ସ୍ମରଣ ପ୍ରତି ଦୃଢ଼ତା ଓ ଜିଦ୍‌ର ସହ ବିଶ୍ୱସ୍ତ ରୁହ ।

ବିଶ୍ୱସ୍ତ ରୁହ, ଏବଂ ତୁମର ବିଜୟ ସୁନିଶ୍ଚିତ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

**(୫)**

## ଶ୍ରୀଅରବିନ୍ଦ

An exile, labourer on this unsure globe
Captured and driven in Life's nescient grasp,
Hampered by obscure cell and
treacherous nerve,
It dreams of happier states and nobler powers,
The natural privilege of unfallen gods,
Recalling still its old lost sovereignty.

ଏକ ନିର୍ବାସିତ, ଅନିଶ୍ଚିତ ଏଇ ପୃଥିବୀ ଉପରେ ଜୀବନର ନିଶ୍ଚେତନ କବଳ ମଧ୍ୟରେ ବନ୍ଦୀ ଓ ପରିଚାଳିତ ଶ୍ରମିକ ସେ, ତାମସ ଶରୀର କୋଷ ଓ ପ୍ରତାରକ ସ୍ନାୟୁତନ୍ତ୍ରୀ ଦ୍ୱାରା ବ୍ୟାହତ ତା'ର ଗତି, ଅଧିକ ସୁଖକର ସ୍ଥିତିଚୟ ଓ ମହତ୍ତର ଶକ୍ତିସକଳ, ଯାହା ଅଚ୍ୟୁତ ଦେବତାମାନଙ୍କର ସ୍ୱାଭାବିକ ଅଧିକାର, ସିଏ ସେହିସବୁର ସ୍ୱପ୍ନହିଁ ଦେଖୁଥାଏ, ଆପଣାର ପୁରାତନ ହୃତ ସାର୍ବଭୌମତ୍ୱକୁ ତଥାପି ସ୍ମରଣ କରୁଥାଏ ।

Amidst earth's mist and fog and mud and stone
It still remembers its exalted sphere
And the high city of its splendid birth.

ପୃଥିବୀର କୁହେଳି ଓ କୁଜ୍ଝଟିକା ଏବଂ ପଙ୍କ ଓ ଶିଳାଖଣ୍ଡ ଭିତରେ ତାହା ତଥାପି ସ୍ମରଣ କରୁଥାଏ ଆପଣାର ସମୁନ୍ନତ ଭୁବନମଣ୍ଡଳ ଏବଂ ତା'ର ସମୁଜ୍ଜ୍ୱଳ ଜନ୍ମର ଉତ୍ତୁଙ୍ଗ ନଗରୀ ।

A memory steals in from lost heavens of Truth,
A wide release comes near, a Glory calls,
A might looks out, an estranged felicity.

ସତ୍ୟର ହଜିଲା ସ୍ୱର୍ଗାବଳୀରୁ ଲୁଚି ଲୁଚି ସ୍ମୃତି ଏକ ଆସି ପହଞ୍ଚିଯାଏ, ଏକ ବ୍ୟାପକ ମୁକ୍ତି ନିକଟବର୍ତ୍ତୀ ହୋଇଆସେ, ଆହ୍ୱାନ ଜଣାଏ ଏକ ଗୌରବ, ଦୃଷ୍ଟିପାତ କରେ ଏକ ବିକ୍ରମ ଓ ବିଚ୍ଛିନ୍ନ ଆନନ୍ଦ ।

In glamorous passages of half-veiled light
Wandering, a brilliant shadow of itself,
This quick uncertain leader of blind gods,
This tender of small lamps, this minister serf
Hired by a mind and body for earth-use
Forgets its work mid crude realities;
It recovers its renounced imperial right,
It wears once more a purple robe of thought
And knows itself the Ideal's seer and king,
Communicant and prophet of the Unborn,
Heir to delight and immortality.

ଅର୍ଦ୍ଧାବଗୁଣ୍ଠିତ ଆଲୋକର ଆକର୍ଷଣୋଜ୍ଜ୍ୱଳ ପଥେ ପଥେ ଇତସ୍ତତଃ ଘୂରି ବୁଲୁ ବୁଲୁ, ନିଜର ଏକ ଭାସ୍ୱର ଛାୟା, ଅନ୍ଧ ଦେବତାମାନଙ୍କର ଏହି ଚପଳ ଅନିଶ୍ଚିତ ନେତା, କ୍ଷୁଦ୍ର ପ୍ରଦୀପରାଜିର ଏହି ପରିଚର୍ଯ୍ୟାକାରୀ, ପାର୍ଥିବ ବ୍ୟବହାର ସକାଶେ ମନ ଓ ଦେହ ଦ୍ୱାରା ଭଡ଼ାସୂତ୍ରରେ ଅଣାଯାଇଥିବା ଏହି ପରିକର ରୁକ୍ଷ ବାସ୍ତବତା ଭିତରେ ଆପଣାର କର୍ମକୁ ଭୁଲିଯାଏ; ନିଜର ପରିତ୍ୟକ୍ତ ରାଜକୀୟ ଅଧିକାରକୁ ପୁନରାଧିକାର କରେ, ପୁନର୍ବାର ସେ ପରିଧାନ କରେ ଭାବନାର ନୀଳାଭଲୋହିତ ପରିଚ୍ଛଦ ଏବଂ ନିଜକୁ ଆଦର୍ଶର ଦ୍ରଷ୍ଟା ଓ ଅଧିପତି ବୋଲି ଜାଣେ, ଅଜାତର ବାର୍ତ୍ତାବହ ଓ ପ୍ରବକ୍ତା, ଆନନ୍ଦ ଓ ଅମରତ୍ୱର ଉତ୍ତରାଧିକାରୀ ବୋଲି ଜାଣେ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଆନ୍ତର ପରିଚ୍ଛନ୍ନତା

## ଶ୍ରୀମା

### ଆନ୍ତର ପରିଚ୍ଛନ୍ନତା

ନିଜକୁ ଭଗବାନଙ୍କ ନିକଟରେ ଦେଇଦେବାର ଏହି ଅସ୍ତିମୂଳକ ସାଧନା କେବଳ ଯେ ଆବଶ୍ୟକ ତାହା ନୁହେଁ, ନିଜ ଭିତରେ ଯାହାକିଛି ଏହାର ପ୍ରତିରୋଧ କରେ ସେସବୁକୁ ପ୍ରତ୍ୟାଖ୍ୟାନ କରିବା ଦିଗରେ ମଧ୍ୟ ଏକ ନାସ୍ତିମୂଳକ ଗତିବୃତ୍ତି ଆବଶ୍ୟକ । ତୁମ ଭିତରେ ଯେଉଁସବୁ ପ୍ରବୃତ୍ତି ତୁମ ସତ୍ତାର କେଉଁ କୋଣ ଅନୁକୋଣରେ ଲୁଚି ରହିଥା'ନ୍ତି, ସେମାନଙ୍କୁ ''ସେହିପରି ଭାବେ'' ରହିବାକୁ ଛାଡ଼ିଦେବା ଉଚିତ ମଧ୍ୟ ନୁହେଁ । କାରଣ, ସାମାନ୍ୟ ସୁଯୋଗ ପାଇବା ମାତ୍ରେ ସେଇ ସଂଗୁପ୍ତ ହୋଇରହିଥିବା ଗତିବୃତ୍ତି ତୁମ ପ୍ରକୃତି ଭିତରୁ ମୁଣ୍ଡ ଟେକି ଉଠିବେ ଏବଂ ତୁମର ସବୁ ସାଧନାକୁ ପଣ୍ଡ କରିଦେବେ । ...

କେତେକେ ନିଜ ଘରଟି ପରିଷ୍କାର କରିବାକୁ ସଂପୂର୍ଣ୍ଣ ଭୁଲି ଯାଇଥା'ନ୍ତି । ତେଣୁ ତାଙ୍କ କୋଠରିଟି ଯେପରି ମଇଳା ଥିଲା, ସେହିପରି ରହିଥାଏ । ତେଣୁ ଯେତେବେଳେ ତାଙ୍କ ଭିତରୁ ଯତ୍‌ସାମାନ୍ୟ ଆଧ୍ୟାତ୍ମିକ ଅଭିଜ୍ଞତାର ଆଲୋକଟି ସ୍ତିମିତ ହୋଇଯାଏ ସେତେବେଳେ ଏହି ଆବର୍ଜନାଗୁଡ଼ିକ ପୂର୍ବାପେକ୍ଷା ଆହୁରି ଦୁର୍ବିଷହ ହୋଇଉଠେ ।

ଜଣେ ଯେପରି ପ୍ରତିଦିନ ନିଜ ଘରଟିକୁ (ଅନ୍ତଃକରଣକୁ) ପରିଷ୍କାର କରିବାକୁ ଅବହେଳା ନ ଦେଖାନ୍ତି, ଏହା ବଡ଼ ଗୁରୁତ୍ୱପୂର୍ଣ୍ଣ ବିଷୟ । ବାହ୍ୟ ପରିଚ୍ଛନ୍ନତା ପରି ଆନ୍ତର ପରିଚ୍ଛନ୍ନତା ଅନ୍ତତଃ ପକ୍ଷେ ତୁମ ପାଇଁ ସମାନ ଗୁରୁତ୍ୱପୂର୍ଣ୍ଣ ।

ବିବେକାନନ୍ଦ ଲେଖିଛନ୍ତି (ମୂଳଲେଖା ମୁଁ ପଢ଼ି ନାହିଁ, ଫରାସୀ ଅନୁବାଦଟି ପଢ଼ି ମୁଁ କହୁଛି ।) : ''ତୁମେ ପ୍ରତିଦିନ ସକାଳୁ ନିଜର ଶରୀର ସହିତ ଅନ୍ତଃକରଣକୁ ମଧ୍ୟ ପରିଷ୍କାର କରିବ, କିନ୍ତୁ ଯଦି ଉଭୟକୁ କରିବା ପାଇଁ ତୁମ ହାତରେ ସମୟ ନ ଥାଏ, ତାହାହେଲେ ଅନ୍ତତଃ ଶରୀରକୁ ଛାଡ଼ି ପ୍ରଥମେ ତୁମ ଅନ୍ତଃକରଣକୁ ନିର୍ମଳ କର ।''

### ବାହାରପଟୁ ଆରମ୍ଭ କର

ପୃଥିବୀ ଉପରେ ଥିବା ଶକ୍ତିଗୁଡ଼ିକ ସମସ୍ତେ ନିଜକୁ ପ୍ରକାଶ କରିବାକୁ ଚାହୁଁଥା'ନ୍ତି । ସେହିସବୁ ଶକ୍ତି ନିଜ ଅଭିବ୍ୟକ୍ତିର ବିଷୟବସ୍ତୁ ସହ ଆସିବା ବେଳେ ତୁମେ ଯଦି ଏକ ପ୍ରତିବନ୍ଧକ ସେମାନଙ୍କ ଆଗରେ ଛିଡ଼ା କର ଓ ପ୍ରକାଶ ପାଇଁ ଅସ୍ୱୀକାର କର, ତେବେ ସେମାନେ ହୁଏତ ସେହି ବାଧାକୁ ବାରଂବାର କିଛି ସମୟ ଆଘାତ କରି ଚାଲିବେ, କିନ୍ତୁ ଶେଷରେ ସେମାନେ କ୍ଲାନ୍ତ ହୋଇ ପଡ଼ିବେ ଏବଂ ପ୍ରକାଶିତ ହୋଇ ନ ପାରିବା ହେତୁ ସେମାନେ ନିବୃତ୍ତ ହୋଇଯିବେ ଓ ତୁମକୁ ଶାନ୍ତ ଅବସ୍ଥାରେ ଛାଡ଼ି ଦେବେ ।

ତେଣୁ, ତୁମେ କେବେ ବି କହିବ ନାହିଁ ଯେ : ''ପ୍ରଥମେ ମୁଁ ମୋର ଚିନ୍ତାକୁ ଶୁଦ୍ଧ କରିବି, ମୋର ଶରୀରକୁ ଶୁଦ୍ଧ କରିବି, ମୋର ପ୍ରାଣକୁ ଶୁଦ୍ଧ କରିବି, ଏବଂ ତା'ପରେ ଶେଷରେ ଯାଇ ମୁଁ ମୋର କର୍ମଗୁଡ଼ିକୁ ଶୁଦ୍ଧ କରିବି ।'' ସାଧାରଣତଃ ଲୋକେ ଏହାହିଁ ଭାବିଥା'ନ୍ତି । କିନ୍ତୁ ଏହା କେବେ ବି ଫଳପ୍ରଦ ହୁଏ ନାହିଁ । ଫଳପ୍ରଦ ଉପାୟ ହେଲା, ବାହାର ପଟୁ ଆରମ୍ଭ କରିବା : ''ପ୍ରଥମ କଥା ହେଲା, ମୁଁ ଏ ଅକାର୍ଯ୍ୟଟି କରିବି ନାହିଁ । ତା'ପରେ, ମୁଁ ମଧ୍ୟ ଏହା କରିବାକୁ କେବେ ଇଚ୍ଛା କରିବି ନାହିଁ । ତା'ପରର କଥାଟି ହେଲା – ସବୁପ୍ରକାର ଖରାପ ପ୍ରବେଗଗୁଡ଼ିକ ପାଇଁ ମୁଁ ମୋର ସବୁ ଦ୍ୱାର ବନ୍ଦ କରି ଦେବି : ମୋ ପାଇଁ ଆଉ ସେମାନଙ୍କର ଅସ୍ତିତ୍ୱ ନାହିଁ । ମୁଁ ବର୍ତ୍ତମାନ ଏସବୁର ବାହାରେ ।'' ଏହା ହେଉଛି ପ୍ରକୃତ ଧାରା, ଏହି ଧାରାଟିହିଁ ଫଳପ୍ରଦ ହୁଏ । ପ୍ରଥମେ, ଏହାକୁ ନ କରିବା । ତା'ପରେ ଏହାକୁ ଆଉ ନ ଚାହିଁବା ଏବଂ ଶେଷରେ ଏହା ସଂପୂର୍ଣ୍ଣଭାବେ ତୁମ ଚେତନାରୁ ବାହାରି ଯିବ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଦ୍ୱାଦଶ ପରିଚ୍ଛେଦ)

## ବୁଦ୍ଧିଗତ ବିଚାରଣାର ପ୍ରକୃତ କାର୍ଯ୍ୟ ଓ ସୀମା

**ଶେଖ ଅବଦୁଲ କାଶମ**

ବୁଦ୍ଧିପ୍ରଧାନ ମନୁଷ୍ୟଟିଏ ହେବା ମନୁଷ୍ୟ ଜୀବନର ସର୍ବୋଚ୍ଚ ଆଦର୍ଶ ନୁହେଁ । କେବଳ ବୁଦ୍ଧିକୁ ଆଶ୍ରୟ କରି ଏକ ମାନବଗୋଷ୍ଠୀ ତା'ର ସର୍ବୋଚ୍ଚ ଲକ୍ଷ୍ୟରେ ଉପନୀତ ହୋଇପାରିବ ନାହିଁ । ବିବେକବୁଦ୍ଧି (reason)କୁ ସାର୍ବଭୌମ କର୍ତ୍ତୃତ୍ୱ ପ୍ରଦାନ କରି ମନୁଷ୍ୟ ଆପଣାର ଜୀବନକୁ ଗଢ଼ିବାକୁ ଚେଷ୍ଟା କଲେ ତଦ୍ୱାରା ସେ ପରିପୂର୍ଣ୍ଣତା ଲାଭ କରିପାରିବ ନାହିଁ । ମନୁଷ୍ୟ ଭିତରେ ଥିବା ଚିନ୍ମୟ ସତ୍ତା ବୁଦ୍ଧି ଅପେକ୍ଷା ଅଧିକ ଶକ୍ତିଶାଳୀ ଓ ମହତ୍ତର ଅଟେ । ସେହି ଚିନ୍ମୟ ସତ୍ତାହିଁ ଯଥାର୍ଥରେ ମନୁଷ୍ୟକୁ ପରିପୂର୍ଣ୍ଣତା ଆଣି ଦେଇପାରିବ ।

ମନୁଷ୍ୟକୁ ଆତ୍ମ-ସଚେତନତା ଆଡ଼କୁ ପରିଚାଳିତ କରି ନେବାହିଁ ବୁଦ୍ଧିର କାମ । ଉଚ୍ଚତର ଓ ନିମ୍ନତର ବସ୍ତୁ ତଥା ଶୁଦ୍ଧ ଓ ଅଶୁଦ୍ଧ ମଧ୍ୟରେ ପ୍ରଭେଦ ଜାଣିବାରେ ବୁଦ୍ଧି ସହାୟକ ହୁଏ । ଏହା ମାର୍ଗଦର୍ଶକ, ଶିକ୍ଷକ, ଶୋଧନକାରୀ ଓ ମୁକ୍ତିଦାତା ଭଳି ବିଭିନ୍ନ ଭୂମିକାରେ ତା'ର ଦାୟିତ୍ୱ ତୁଲାଇ ପାରେ । ଆମ ଭିତରେ ସଂଘଟିତ ହେଉଥିବା ସୁଖକାମୀ ଓ ସୌନ୍ଦର୍ଯ୍ୟବୋଧଗତ କ୍ରିୟାକଳାପଗୁଡ଼ିକୁ ଏହା ଶୋଧନ କରେ ତଥା ଶକ୍ତିପ୍ରଦାନ କରେ । ଯେତେବେଳେ ସୁଖବାଦୀ ଓ ସୌନ୍ଦର୍ଯ୍ୟବୋଧଗତ ପ୍ରବୃତ୍ତିଗୁଡ଼ିକ ଭିତରେ ଦ୍ୱନ୍ଦ୍ୱ ଉପୁଜେ ସେତେବେଳେ ବୁଦ୍ଧି ନୈତିକତାବାଦୀ ମନ ସାହାଯ୍ୟରେ ତାହାର ସମାଧାନ କରେ । ଏହା ନୀତିପ୍ରଧାନ ସଂକଳ୍ପ ଶକ୍ତି ଭିତରେ ସୌନ୍ଦର୍ଯ୍ୟବୋଧ ଭରି ଦିଏ ଏବଂ ମନୁଷ୍ୟକୁ ଉପଯୋଗିତାବାଦୀ ବ୍ୟାବହାରିକ ଜୀବନ ବଞ୍ଚିବା ଲାଗି ସାମର୍ଥ୍ୟ ପ୍ରଦାନ କରେ । ବୁଦ୍ଧିର ଆଉ ଏକ କାର୍ଯ୍ୟ ହେଲା ଏହା ଏକ ବିଚାରକ ଓ ବିଧାନକର୍ତ୍ତାର ଭୂମିକାରେ ଅବତୀର୍ଣ୍ଣ ହୋଇ ବିଭିନ୍ନ ବିଷୟକୁ ସୂତ୍ରବଦ୍ଧ ଓ ବ୍ୟବସ୍ଥିତ କରେ, ଯଦ୍ୱାରା ମନୁଷ୍ୟାତ୍ମା ଏକ ନିର୍ଦ୍ଧାରିତ ମାର୍ଗରେ ନିଶ୍ଚିତ ବିଧାନ ଓ ସୁଷମ ଛନ୍ଦ ସହ ଅଗ୍ରସର ହୋଇ ପାରିବ । କିଛିକାଳ ପରେ ସେଇ ବିଧାନଟି ଆପଣାର ସୀମିତତା ଯୋଗୁଁ ଏକ ପାଶ ବା ବନ୍ଧନରେ ପରିଣତ ହୁଏ ଏବଂ ଜୀବନରେ ଶୁଷ୍କତା ଓ କଠୋରତା ଭରିଦିଏ ।

ଏଇଥିରୁହିଁ ସଂଶୟର ଏକ ଆବଶ୍ୟକତା ଆସି ପହଞ୍ଚେ । ବୁଦ୍ଧି ଦ୍ୱାରା ପ୍ରଚୋଦିତ ହୋଇ ମନୁଷ୍ୟ ନୈତିକତା, ସୌନ୍ଦର୍ଯ୍ୟବୋଧଗତ ବିଷୟ, ସାମାଜିକ, ରାଜନୈତିକ ଓ ଆର୍ଥିକ ବିଧାନ ଆଦି କ୍ଷେତ୍ରରେ ପ୍ରଶ୍ନ ଉଠାଏ । ଏହା ଦ୍ୱାରା ପ୍ରଥମେ କେତେକ ବିଶୃଙ୍ଖଳା ଓ ଅନିଶ୍ଚିତତା ଦେଖାଦିଏ ସତ, ମାତ୍ର ଏହା କଳ୍ପନାଶକ୍ତି, ଆନ୍ତର ଦୃଷ୍ଟି, ଆତ୍ମଜ୍ଞାନ ଓ ଆତ୍ମ-ଉପଲବ୍ଧିର ଅନେକ ନୂତନ ଆନ୍ଦୋଳନ ଓ ପଦକ୍ଷେପକୁ ଜନ୍ମ ଦିଏ । ଫଳରେ ପୁରୁଣା ବ୍ୟବସ୍ଥା ଓ ସୂତ୍ରବଦ୍ଧତାଗୁଡ଼ିକ ରୂପାନ୍ତରିତ ହୋଇଯାଏ ବା ବିଲୁପ୍ତ ହୋଇଯାଏ ଏବଂ ନୂଆ ନୂଆ ପରୀକ୍ଷା-ନିରୀକ୍ଷା ଓ ପ୍ରୟୋଗଗୁଡ଼ିକ ସମ୍ମୁଖକୁ ଆସେ । ପରିଶେଷରେ ବୃହତ୍ତର ସମ୍ଭାବନାମାନ ରୂପାୟିତ ହେବା ଲାଗି ଉନ୍ମୁକ୍ତ ହୋଇଯା'ନ୍ତି । ବିଭିନ୍ନ ବିଷୟ ଓ କ୍ଷେତ୍ରଗୁଡ଼ିକ ପରସ୍ପର ସଂଯୋଜିତ ହେବା ଲାଗି ସୁଯୋଗ ଲାଭ କରନ୍ତି । ଏହିପରି ଭାବରେ ବୁଦ୍ଧିର ଦ୍ୱିବିଧ କ୍ରିୟା ଦେଖିବାକୁ ମିଳେ । ପ୍ରଥମେ ଏହା ଉପସ୍ଥିତ ବିଷୟଗୁଡ଼ିକର ସତ୍ୟକୁ ଦୃଢ଼ତା ସହିତ ଘୋଷଣା କରେ, ତାହା କାର୍ଯ୍ୟକାରୀ ହେବା ଲାଗି ପଥ ପ୍ରସ୍ତୁତ କରେ ଏବଂ ପରେ ଯଥା ସମୟରେ ତାହା ସମ୍ପନ୍ନ ହୋଇ ସାରିଥିବା ବିଷୟଗୁଡ଼ିକୁ ନେଇ ସଂଶୟ ବ୍ୟକ୍ତ କରେ । ଅର୍ଥାତ୍, ପ୍ରଥମେ ଏକ ନିୟମ ଓ ଶୃଙ୍ଖଳାକୁ ନିଶ୍ଚିତ ଭାବେ ପ୍ରତିଷ୍ଠିତ କରିବା ଏବଂ କିଛିକାଳ ପରେ ସେହି ନିୟମ ଓ ଶୃଙ୍ଖଳାରୁ ସମାଜକୁ ମୁକ୍ତ କରି ଆଣିବା, ବୁଦ୍ଧିର ଏହି ଦ୍ୱିବିଧ କ୍ରିୟା ଫଳରେ ମନୁଷ୍ୟଜାତିର ଅଗ୍ରଗତି ସମ୍ଭବ ହେଉଛି ।

ବୁଦ୍ଧିର ନିମ୍ନମୁଖୀ ଓ ବହିର୍ମୁଖୀ କ୍ରିୟା ଭଳି ଏକ ଊର୍ଦ୍ଧ୍ୱମୁଖୀ କ୍ରିୟା ମଧ୍ୟ ରହିଛି । ବୁଦ୍ଧିର କ୍ରିୟା ଭିତରେ ଏକ ଜ୍ୟୋତିର୍ମୟତାର କ୍ଷେତ୍ର ରହିଛି ଯେଉଁଠି ସଂଗୁପ୍ତ ଶାଶ୍ୱତ ଭୂମିରୁ ଆଗତ ଉଚ୍ଚ ପ୍ରେରଣାସବୁ ଗୃହୀତ ଓ ସଂଗୃହୀତ ହୋଇପାରେ । ବୁଦ୍ଧିର ଏକ ସୂକ୍ଷ୍ମ ଦୃଷ୍ଟିର କ୍ଷମତା ରହିଛି ଯାହା ଅପୂର୍ଣ୍ଣ ଭାବରେ ହେଲେ ମଧ୍ୟ ଊର୍ଦ୍ଧ୍ୱତର ସତ୍ୟ ଆଡ଼କୁ ନିଜକୁ ଉନ୍ମୀଳିତ କରିବା ଲାଗି ସମର୍ଥ ହୁଏ । ବୁଦ୍ଧି ଆମ ଜୀବନସତ୍ତାର ସମ୍ଭାବନାଗୁଡ଼ିକ

ବିଷୟରେ ତଥା ଏହାର ବିଶ୍ୱଗତ ତତ୍ତ୍ୱଗୁଡ଼ିକ ବିଷୟରେ ପରୋକ୍ଷ ଜ୍ଞାନ ଲାଭ କରିପାରେ । ସେହି ଜ୍ଞାନକୁ ଯଥାସମ୍ଭବ ବୌଦ୍ଧିକ ରୂପ ଦେଲେ ତାହା ଅନେକ ବୃହତ୍ତର ବିଚାରକୁ ଜନ୍ମ ଦିଏ । ସେଗୁଡ଼ିକୁ ନେଇ ସମାଜ ଅନେକ ଆଦର୍ଶ ଗଢ଼ି ତୋଳେ ଯାହାକୁ ଜୀବନରେ କାର୍ଯ୍ୟକାରୀ କରିବା ଲାଗି ମନୁଷ୍ୟମାନେ ବହୁତ ପ୍ରୟାସ କରିଥା'ନ୍ତି । ମହାନ୍ ବିଚାରଗୁଡ଼ିକ ଗୋଟିଏ ଗୋଟିଏ ଶକ୍ତି ହୋଇଥା'ନ୍ତି । ତେଣୁ ଜୀବନରେ ସେଗୁଡ଼ିକ ବିରାଟ ପରିବର୍ତ୍ତନ ଆଣି ପାରନ୍ତି । ଯେଉଁ ଊର୍ଦ୍ଧ୍ୱଭୂମିରୁ ସତ୍ୟ ଅବତରଣ କରିଥାଏ ସେଠାରେ ଜ୍ଞାନ ଓ ଶକ୍ତି ଅଭିନ୍ନ ହୋଇଥା'ନ୍ତି । ତେଣୁ ପାର୍ଥିବ ଭୂମିରେ ମହାନ୍ ବିଚାରଗୁଡ଼ିକୁ ପ୍ରତିଷ୍ଠିତ କରାଗଲେ ସେଗୁଡ଼ିକ ଖୁବ୍ ଶକ୍ତିଶାଳୀ ଭାବରେ କ୍ରିୟାନ୍ୱିତ ହୋଇଥା'ନ୍ତି ।

ଦୁର୍ଭାଗ୍ୟର ବିଷୟ ଏହି ଯେ ବୁଦ୍ଧିର ସ୍ୱଭାବ ହେଲା ବିଷୟଗୁଡ଼ିକୁ ଭାଗ ଭାଗ କରି ଦେଖିବା, ବିଶ୍ଳେଷଣ ଓ ସଂଶ୍ଳେଷଣ କରିହିଁ କୌଣସି ନିଷ୍ପତ୍ତିରେ ପହଞ୍ଚିବା । ଜୀବନ କ୍ଷେତ୍ରରେ ଆମେ ବୁଦ୍ଧିକୁ ଅବଲମ୍ବନ କରି ନାନା ପ୍ରକାର ପରୀକ୍ଷାନିରୀକ୍ଷା ଚଳାଇଥାଉ, ବିଭାଜନକାରୀ ପ୍ରବୃତ୍ତି ଦ୍ୱାରା ନାନା ବିଚାର ଓ ଆଦର୍ଶର ପ୍ରୟୋଗ କରୁଥାଉ । ଫଳରେ ଦେଖାଯାଏ ଯେ ସେହି ବିଚାର ଓ ଆଦର୍ଶଗୁଡ଼ିକ ଭିତରେ ଅନେକ ପାରସ୍ପରିକ ଦ୍ୱନ୍ଦ୍ୱ ଉପୁଜୁଛି, ଏକ ସନ୍ତୋଷଜନକ ସମନ୍ୱୟରେ ଉପନୀତ ହେବା ସମ୍ଭବ ହେଉ ନାହିଁ । ସ୍ୱାଧୀନତା, ଶୃଙ୍ଖଳା, ସୌନ୍ଦର୍ଯ୍ୟ, ଶକ୍ତିର ଆଦର୍ଶ, ପ୍ରେମର ଆଦର୍ଶ, ବ୍ୟକ୍ତିବାଦ ଓ ସମୂହବାଦ ଆଦି ବହୁ ପ୍ରକାର ଆଦର୍ଶ ମାନବସମାଜରେ ପ୍ରଚାରିତ ଓ ପ୍ରବର୍ତ୍ତିତ ହୁଏ, ମାତ୍ର ସେଗୁଡ଼ିକୁ ନେଇ ନାନା ଦ୍ୱନ୍ଦ୍ୱ, ସଂଶୟ ଓ ବିଭ୍ରାନ୍ତି ମଧ୍ୟ ସୃଷ୍ଟି ହୋଇଥାଏ ।

ବୁଦ୍ଧି କ୍ଷେତ୍ରରେ ଆଦର୍ଶଗୁଡ଼ିକ ମଧ୍ୟରେ ପୂର୍ଣ୍ଣ ସମନ୍ୱୟ ସ୍ଥାପନ କରିବା ସମ୍ଭବ ନୁହେଁ । ଏକ ଉଚ୍ଚତର ଚେତନାର ସ୍ତର ଅଛି ଯାହାକୁ ଉପଲବ୍ଧି କଲେ ଯାଇ ପୂର୍ଣ୍ଣ ସମନ୍ୱୟ ସମ୍ଭବ ହେବ । ତଥାପି ମନୁଷ୍ୟ ଆପଣାର ବାହ୍ୟ ଓ ଆନ୍ତର ଜୀବନରେ ବୁଦ୍ଧିର କାର୍ଯ୍ୟ ପରିସରକୁ ଯେତିକି ପ୍ରସାରିତ କରିପାରୁଛି ସେହି ଅନୁସାରେ ତା'ର ପ୍ରକୃତିରେ ପରିବର୍ତ୍ତନ ଘଟୁଛି ଏବଂ ସେ କ୍ରମଶଃ ଆତ୍ମଜ୍ଞାନ ଓ ଆତ୍ମ-ଉପଲବ୍ଧି ଆଡ଼କୁ ଅଗ୍ରସର ହେଉଛି ।

ମନୁଷ୍ୟର ପ୍ରଥମସ୍ତରୀୟ ଜୀବନରେ ନାନା ସହଜାତ ପ୍ରବୃତ୍ତି ତଥା ଆବେଗକୁ ନେଇହିଁ ଯାବତୀୟ କାର୍ଯ୍ୟ ହେଉଥିଲା । ଅର୍ଦ୍ଧ ବିବେକଯୁକ୍ତ ସେଇ ପଶୁ ବା ଅର୍ଦ୍ଧ ପଶୁସ୍ତରରୁ ମନୁଷ୍ୟ ଏକ ଆନ୍ତର ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ ବୁଦ୍ଧି ସମ୍ପନ୍ନତା ଆଡ଼କୁ ଯାତ୍ରା କରିବାକୁ ଲାଗିଲା । ସହଜାତ ପ୍ରବୃତ୍ତିଗୁଡ଼ିକ ଧୀରେ ଧୀରେ ବିଚାରରେ ପରିଣତ ହେବାକୁ ଲାଗିଲା, ଆବେଗଗୁଡ଼ିକ ଏକ ବୁଦ୍ଧି-ପ୍ରେରିତ ଇଚ୍ଛାରେ ପରିଣତ ହେଲା । ଆତ୍ମପରିଚୟ ଲାଭ କରିବା, ଆପଣାର ପରିବେଶକୁ ନିୟନ୍ତ୍ରିତ କରି ରଖିବା ତଥା ଅଜ୍ଞାନରୁ ଜ୍ଞାନ ଆଡ଼କୁ ଅଗ୍ରସର ହେବା ନିମନ୍ତେ ମନୁଷ୍ୟକୁ ବହୁତ ପ୍ରୟାସ କରିବାକୁ ପଡୁଛି, ଏକ ଧୀର ପଦକ୍ଷେପରେହିଁ ତାକୁ ଅଗ୍ରସର ହେବାକୁ ପଡୁଛି । ମନୁଷ୍ୟର ବ୍ୟକ୍ତିଗତ ତଥା ସାମାଜିକ ପ୍ରଗତି ଦୁଇଟି ଧାରାରେ ସଂଘଟିତ ହେଉଛି । ଗୋଟିଏ ହେଉଛି ଆତ୍ମ-ଆଲୋକନ (self-illumination)ର ଧାରା, ଯେତେବେଳେ କି ମନୁଷ୍ୟ ସହଜାତ ପ୍ରବୃତ୍ତିର ଅଧୀନତାରୁ ଉପରକୁ ଉଠି ନିଜକୁ ବୁଝିବା ଲାଗି, ନିଜର ପରିଚୟ ଲାଭ କରିବା ଲାଗି ତଥା ଆପଣାକୁ ନିୟନ୍ତ୍ରଣ କରିବା ଲାଗି ଚେଷ୍ଟା କରେ । ଆଉ ଗୋଟିଏ ଧାରା ହେଉଛି ଆତ୍ମ-ସମନ୍ୱୟର ଧାରା ଯେତେବେଳେ କି ମନୁଷ୍ୟ ଆପଣାର ଅନ୍ତର୍ଗତ ଅଗଣିତ ସମ୍ଭାବନାଗୁଡ଼ିକୁ ବିକଶିତ କରି ଆଣିବା ଉଦ୍ଦେଶ୍ୟରେ ନିଜର ବୁଦ୍ଧି ଓ ବୁଦ୍ଧିଗତ ଉପାଦାନଗୁଡ଼ିକୁ ଶୃଙ୍ଖଳିତ ଓ ସମନ୍ୱିତ କରିବା ଲାଗି ପ୍ରୟାସ କରିଥାଏ । ଅଳ୍ପ ଅଳ୍ପ ପ୍ରଚେଷ୍ଟା ଏବଂ ଆଂଶିକ ପ୍ରୟୋଗ ଓ ପରୀକ୍ଷଣଗୁଡ଼ିକ ମାଧ୍ୟମରେହିଁ ମନୁଷ୍ୟ-ଜୀବନର ଆବଶ୍ୟକୀୟ ଅଗ୍ରଗତି ଘଟି ଚାଲିଥାଏ ।

ମନୁଷ୍ୟ-ସତ୍ତା ଭିତରେ ଭୌତିକ, ପ୍ରାଣିକ, ବ୍ୟାବହାରିକ, ସୌନ୍ଦର୍ଯ୍ୟବୋଧଗତ, ସଂବେଗଗତ, ନୀତିଗତ ଓ ବୁଦ୍ଧିଗତ ଉପାଦାନଗୁଡ଼ିକ ମଧ୍ୟରେ ସମନ୍ୱୟ ସାଧନ କରିବା ଏକାନ୍ତ ଆବଶ୍ୟକ । ମାତ୍ର ଏହା ଯଥେଷ୍ଟ ନୁହେଁ । ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଉପାଦାନ ମଧ୍ୟରେ ବି ଭିନ୍ନ ଭିନ୍ନ ସାମଗ୍ରୀ ରହିଥାଏ ଯେଉଁଗୁଡ଼ିକ ଶୃଙ୍ଖଳିତ ହେବା ଆବଶ୍ୟକ । ଉଦାହରଣସ୍ୱରୂପ : ମନୁଷ୍ୟ ଭିତରେ ଯେଉଁ ନୀତିଗତ ପ୍ରବୃତ୍ତି ରହିଛି ତାହା ବିଭିନ୍ନ ଭାବରେ ବିଭ୍ରାନ୍ତ ହୋଇ ରହିଛି । ନ୍ୟାୟ ଓ ବଦାନ୍ୟତା, ଆତ୍ମ-ସାହାଯ୍ୟ ଓ ପରୋପକାର, ଆତ୍ମୋନ୍ନତି ଓ ଆତ୍ମତ୍ୟାଗ ପ୍ରଭୃତି କେତେ ପ୍ରକାରର ଭାବ ଓ ବୃତ୍ତି ସେଥିରେ ରହିଛି । ଶକ୍ତିମତ୍ତାର ପ୍ରବୃତ୍ତି ଓ ପ୍ରେମର ପ୍ରବୃତ୍ତି, ସକ୍ରିୟତାର ନୈତିକ ବିଧାନ ଓ ନୀରବତାର ନୈତିକ ବିଧାନ ଏପରି ଅନେକ ସାମଗ୍ରୀ ସେହି ଏକ ନୀତିଗତ ପ୍ରବୃତ୍ତି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛି । ମନୁଷ୍ୟକୁ ତା'ର ବିକାଶ ନିମନ୍ତେ ସଂବେଗଗୁଡ଼ିକର ସାହାଯ୍ୟ ନେବାକୁ ହେବ । ମାନବତ୍ୱ ସମୃଦ୍ଧ ହୋଇ ଫୁଟି ଉଠିବା

ସକାଶେ ସେହି ସଂବେଗଗୁଡ଼ିକୁ ଚରିତାର୍ଥ କରିବା ମଧ୍ୟ ଆବଶ୍ୟକ । କିନ୍ତୁ ସଂବେଗଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ବା ବର୍ଜନ କରିବାକୁ ଏକ ଚାପ ବା ଏକ ବାଧ୍ୟବାଧକତା ମଧ୍ୟ ରହିଛି । ଏହି ଦ୍ୱିବିଧ ଆବଶ୍ୟକତାର ଜଟିଳତା ମଧ୍ୟଦେଇ ଆଗକୁ ଚାଲିବାକୁ ହେଲେ ଯେଉଁ ଏକ ନିଶ୍ଚିତ ନିୟମ ବାଟ ଦେଖାଇବା କଥା, ତାହା ମନୁଷ୍ୟ ପାଖରେ ନାହିଁ । ସୁଖକାମୀ ଆବେଗ ମନୁଷ୍ୟକୁ ବିଭିନ୍ନ ପ୍ରକାରେ ଆତ୍ମ-ପରିତୋଷଣରେ ଜଡ଼ିତ କରି ରଖିଥାଏ । ସୌନ୍ଦର୍ଯ୍ୟ-ସୃଷ୍ଟି ଓ ସୌନ୍ଦର୍ଯ୍ୟ ଭୋଗ କ୍ଷେତ୍ରରେ ବୁଦ୍ଧି କେତେ ପ୍ରକାର ବିଧାନ ଗଢ଼ି ଥୋଇ ଦେଉଥାଏ । ସେପରି କୌଣସି ବିଧାନକୁ ବଳପୂର୍ବକ ମନୁଷ୍ୟ ଉପରେ ଲଦି ଦେଲେ ତାହା ତାହାର ଶକ୍ତିକ୍ଷୟର କାରଣ ବି ହୋଇପାରେ ।

ସମାଜ ବ୍ୟବସ୍ଥା ଓ ଶାସନ କ୍ଷେତ୍ରରେ କେତେ ପ୍ରକାରର ପ୍ରୟୋଗ ଓ ପରୀକ୍ଷଣ ହୋଇ ଚାଲିଛି । ଏକଛତ୍ରବାଦ, ରାଜତନ୍ତ୍ର, ସାମରିକ ସମ୍ଭ୍ରାନ୍ତତନ୍ତ୍ର (military aristocracy), ବାଣିଜ୍ୟିକ ସାଧବତନ୍ତ୍ର (mercantile oligarchy), ଧନିକତନ୍ତ୍ର, ବ୍ୟକ୍ତିବାଦୀ, ସମୂହବାଦୀ ବା ଅମଲା ଶାସିତ ଗଣତନ୍ତ୍ର ଓ ସାମ୍ୟବାଦ ଆଦି ଅନେକ ପ୍ରକାରର ଶାସନ ବ୍ୟବସ୍ଥା ମଧ୍ୟରୁ ପ୍ରତ୍ୟେକଟିରେ ସାମାଜିକତା ଦୃଷ୍ଟିରୁ କୌଣସି ନା କୌଣସି ସତ୍ୟ ନିହିତ ରହିଛି ଏବଂ ତତ୍‌ସଙ୍ଗେ ନାନା ଅସୁବିଧା ମଧ୍ୟ ରହିଛି । ମନୁଷ୍ୟ ଆପଣାର ଅନ୍ତର୍ଗତ ଚିଦ୍‌ଗତତା ଦ୍ୱାରା ପ୍ରେରିତ ହୋଇ ଅସୁବିଧାଗୁଡ଼ିକର ସମାଧାନ କରିବାର ପ୍ରୟାସ କରୁଛି । ସେହି ପ୍ରୟାସ କ୍ରମରେ ଅନେକ ନୂଆ ନୂଆ ଆଦର୍ଶର ବି ସୂତ୍ରପାତ ଘଟୁଛି । ମନୁଷ୍ୟର ବୁଦ୍ଧି, ଜ୍ଞାନ ଓ ବିଚାର ପ୍ରକ୍ରିୟା ଆଦର୍ଶଗୁଡ଼ିକୁ ନେଇ ନାନା ପରୀକ୍ଷଣ ଚଳାଇ ରଖିଛି । ଆଦର୍ଶଗୁଡ଼ିକ ଭିତରେ ସଂଯୋଜନ ଘଟୁଛି, କେତେବେଳେ ସେଗୁଡ଼ିକୁ ଭାଙ୍ଗିଦେଇ ନୂତନ ଆଦର୍ଶର ରଚନା କରାଯାଉଛି । ଏହି ସମଗ୍ର ପ୍ରକ୍ରିୟା ମଧ୍ୟରେ ମନୁଷ୍ୟର ଅଭିଜ୍ଞତା ସମୃଦ୍ଧ ହେଉଛି, ବିଭିନ୍ନ ପ୍ରକାର ପ୍ରୟୋଗର ଏକ ବିଶାଳ ଭଣ୍ଡାର ସୃଷ୍ଟି ହେଉଛି ।

ବୁଦ୍ଧି ଦୁଇଟି ଧାରାରେ କାର୍ଯ୍ୟ କରେ । ଏହା କେତେବେଳେ ଆସକ୍ତି ତ୍ୟାଗ କରି କାର୍ଯ୍ୟ କରେ, ଆଉ କେତେବେଳେ ସ୍ୱାର୍ଥପୂର୍ଣ୍ଣ ଭାବରେ କାର୍ଯ୍ୟ କରେ । କେତେବେଳେ ଏହା ଆତ୍ମକେନ୍ଦ୍ରିତ ଅବସ୍ଥାରେ ରହି କାର୍ଯ୍ୟ କରେ ତ ଆଉ କେତେବେଳେ ଅନ୍ୟ କାହାରି ଅଧୀନ ହୋଇ କାର୍ଯ୍ୟ କରେ । ଏହା କୌଣସି ସ୍ୱାର୍ଥ ନରଖି ଜ୍ଞାନ ଲାଗିହିଁ ଜ୍ଞାନର ଅନ୍ୱେଷଣ କରିପାରେ । ଅଭୀଷ୍ଟ ବିଷୟଟି ଉପରେ ଧ୍ୟାନ କେନ୍ଦ୍ରିତ କରି ଏହା ତତ୍ ସମ୍ପର୍କିତ ସତ୍ୟକୁ ଖୋଜିବାରେହିଁ ଅଭିନିବିଷ୍ଟ ହୋଇପାରେ । ସେତେବେଳେ ଅନ୍ୟ ବିଚାରଗୁଡ଼ିକୁ ଏହା ମନରେ ସ୍ଥାନ ଦିଏ ନାହିଁ ।

ବୁଦ୍ଧି ସର୍ବଦା ନିଜକୁ ଏକ ସ୍ୱତନ୍ତ୍ର କ୍ରିୟା ମଧ୍ୟରେ ସୀମାବଦ୍ଧ କରି ରଖିପାରେ ନାହିଁ । ଏହା ଅନ୍ୟ ସକଳ କ୍ରିୟା ଉପରେ ମଧ୍ୟ ବିଚରଣ କରିବାରେ ଲାଗି ଥାଏ । ମନୁଷ୍ୟ କେବଳ ଜ୍ଞାନ ଲାଗି ବଞ୍ଚେ ନାହିଁ । ଅନ୍ୟ କେତେକ ଉଦ୍ଦେଶ୍ୟ ସାଧନ ନିମିତ୍ତ ମଧ୍ୟ ବୁଦ୍ଧି ନିଜକୁ କ୍ରିୟାଶୀଳ କରିଥାଏ । ସେ ଜ୍ଞାନକୁ ବିଭିନ୍ନ ସ୍ୱାର୍ଥ ପୂରଣ ଓ ସନ୍ତୋଷ ବିଧାନ ସକାଶେ ଉପଯୋଗ କରେ । ଜ୍ଞାନକୁ ଯେତେବେଳେ ବାସ୍ତବ ଜୀବନର କ୍ଷେତ୍ରରେ ପ୍ରୟୋଗ କରାଯାଏ ସେତେବେଳେ ନାନା ଅସୁବିଧା ଆସି ପହଞ୍ଚେ । ଏହି ଅବସରରେ ମନୁଷ୍ୟର ବୁଦ୍ଧି ବିମୂଢ଼ତା ଓ ଅପୂର୍ଣ୍ଣତା ଭିତରେ ମଧ୍ୟ ଆସି ପଡ଼ିଯାଏ । ଜ୍ଞାନ ସକାଶେହିଁ ଜ୍ଞାନର ଅନୁଧାବନ କରୁଥିବା ଯାଏ ସବୁକିଛି ଠିକ୍ ଠିକ୍ ଚାଲେ, ସବୁକିଛି ନିରାପଦ ମନେ ହୁଏ । କବି, କଳାକାର, ଦାର୍ଶନିକ, ବୈଜ୍ଞାନିକ ଓ ବିଦ୍ୱାନ୍‌ମାନେ ଜ୍ଞାନର ଅନୁସନ୍ଧାନ କରିବାକୁ ଯାଇ ଯାହାସବୁ ଉପଲବ୍ଧି କରନ୍ତି ଏବଂ ସେମାନଙ୍କ ବୁଦ୍ଧି ତଥା ମାନସିକ ଉତ୍କର୍ଷତା ବଳରେ ଯେଉଁସବୁ କୃତି ସେମାନେ ଦେଇ ଯାଆନ୍ତି ତାହା ବିଶ୍ୱର ଜ୍ଞାନ ଭଣ୍ଡାରରେ ଗଚ୍ଛିତ ହୋଇ ରହେ । ତାହା ସମାଜକୁ ମାର୍ଗଦର୍ଶନ କରେ । ପବିତ୍ର ଓ ସନ୍ତୋଷ ବିଧାୟକ ପଦାର୍ଥ ରୂପେ ତାହା ଆଦୃତ ହୁଏ । ମାତ୍ର ଅସୁବିଧାଟି ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ବ୍ୟକ୍ତି ଆପଣାର ବୁଦ୍ଧି ଖଟାଇ ସେହି ଉନ୍ନତ ବିଚାର ବା ଆଦର୍ଶଗୁଡ଼ିକୁ ବାସ୍ତବ ଜୀବନରେ ପ୍ରୟୋଗ କରିବାକୁ ଚେଷ୍ଟା କରେ । ଏ ସମ୍ପର୍କରେ ଶ୍ରୀଅରବିନ୍ଦ କହନ୍ତି –

''Whatever individual error and limitation there may be, does not matter; for the collective and progressive knowledge of the race has gained the truth that has been discovered and may be trusted in time to get rid of the error. It is when it tries to apply ideas to life that the human intellect stumbles and finds itself at fault.''

(The Human Cycle, pp. 119-120)

ଅର୍ଥାତ୍, ''ବ୍ୟକ୍ତିଗତ କ୍ଷେତ୍ରରେ ଏଠାରେ ଯେଉଁସବୁ ତ୍ରୁଟି ତଥା ସୀମାବଦ୍ଧତା ରହିଛି ବା ରହିପାରେ, ସେଇଟା ଆଦୌ

ବଡ଼ କଥା ନୁହେଁ; ଆବିଷ୍କୃତ ସକଳ ସତ୍ୟ ଅବଶେଷରେ ଏହି ମନୁଷ୍ୟଜାତିର ସମଷ୍ଟିଗତ ଓ ପ୍ରଗତିଶୀଳ ଜ୍ଞାନ ସମ୍ପଦରେହିଁ ପରିଣତ ହୋଇ ରହିବ ଏବଂ କାଳକ୍ରମେ ତାହା ଏହା ମଧ୍ୟରେ ଥିବା ତ୍ରୁଟିଗୁଡ଼ିକରୁ ବିମୁକ୍ତ ହୋଇପାରିବ ବୋଲି ସବୁବେଳେ ଆଶା କରାଯାଇପାରେ । ଜୀବନର କ୍ଷେତ୍ରରେ ଆପଣାର ଲବ୍ଧ ଜ୍ଞାନଟିକୁ ପ୍ରୟୋଗ କରିବାକୁ ଗଲାବେଳେହିଁ ମନୁଷ୍ୟର ବୁଦ୍ଧି ଝୁଣ୍ଟି କରି ପଡ଼ିଯାଉଛି ଓ କୌଣସି ଭୁଲ୍ କରି ପକାଇଲା ବୋଲି ଜାଣିପାରୁଛି ।''

(ମାନବ ଯୁଗ-ଚକ୍ର, ପୃ. ୧୯୦)

ମନୁଷ୍ୟର ବୁଦ୍ଧି କଦାପି ସମ୍ପୂର୍ଣ୍ଣ ନିରପେକ୍ଷ ହୋଇପାରେ ନାହିଁ । ଏହା ଆସକ୍ତିରୁ ପୂର୍ଣ୍ଣ ରୂପେ ମୁକ୍ତ ହୋଇପାରେ ନାହିଁ । ବୁଦ୍ଧି ଯେତେବେଳେ ଉପଲବ୍ଧି କରିଥିବା କୌଣସି ସତ୍ୟ ବା ବିଚାରକୁ ଆଣି ବାସ୍ତବ ଜୀବନର କ୍ଷେତ୍ରରେ ପ୍ରୟୋଗ କରେ ସେତେବେଳେ ଏହା ମୋହଗ୍ରସ୍ତ ହୋଇପଡ଼େ ଏବଂ ଅନ୍ୟ କୌଣସି ତତ୍ତ୍ୱ ବା ଶକ୍ତିର ହାତରେ କ୍ରୀଡ଼ନକ ହୋଇଯାଏ । ଯାହା ବିଶୁଦ୍ଧ ସତ୍ୟ ନୁହେଁ, ତାହାରହିଁ ସେବକ ହେବାରେ ବୁଦ୍ଧି ଅଭ୍ୟସ୍ତ ହୋଇଥାଏ । ଜୀବନ କ୍ଷେତ୍ରରେ ପ୍ରବେଶ କରୁ କରୁ ଏହା ଅନ୍ୟ ଶକ୍ତିମାନଙ୍କର ପ୍ରଭାବରେ ପଡ଼ି ନିଜର ସ୍ୱାତନ୍ତ୍ର୍ୟକୁ ହରାଇଦିଏ ।

ବୁଦ୍ଧିର ଶକ୍ତି ବଳରେ ବିଜ୍ଞାନ ବଳଶାଳୀ ହୋଇଛି । ଏହା ଜାତିମାନଙ୍କର ଆର୍ଥିକ ଓ ସାମାଜିକ ଅଭାବଗୁଡ଼ିକର ମୋଚନ କରିବାରେ ସାହାଯ୍ୟ କରିଛି, ମାତ୍ର ଅନ୍ୟ ଦିଗରେ ପୃଥିବୀରେ ଧ୍ୱଂସ ଓ ହତ୍ୟାର ଲୀଳା ଚଳାଇବାରେ ମଧ୍ୟ ପ୍ରତ୍ୟକ୍ଷ ସହାୟତା ଯୋଗାଇ ଦେଇଛି । ବୁଦ୍ଧି ସମର୍ଥିତ ହୋଇ ବିଜ୍ଞାନ ଗୋଟିଏ ଦିଗରେ ମାନବହିତୈଷିତା ପାଇଁ କାର୍ଯ୍ୟ କରୁଛି, ଆଉ ଅନ୍ୟ ଦିଗରେ ଏହା ଦର୍ପ, ଅହଙ୍କାର, ନାସ୍ତିକତାକୁ ବଳ ଯୋଗାଉଛି । ସମଗ୍ର ମାନବଜାତିକୁ ପରସ୍ପର ନିକଟବର୍ତ୍ତୀ କରିବାରେ ବିଜ୍ଞାନର ଭୂମିକା ଖୁବ୍ ପ୍ରଶଂସାଯୋଗ୍ୟ । ମାତ୍ର ସେହି ବିଜ୍ଞାନ ବାଣିଜ୍ୟିକ ଅତିଲାଳସା ଓ ଭୌତିକ ସଫଳତା ପ୍ରତି ଉଗ୍ର ଆସକ୍ତିକୁ ଜନ୍ମ ଦେଇଛି, ଯାହା ମାନବିକ ମୂଲ୍ୟବୋଧକୁ ନଷ୍ଟ କରିବାରେ ଲାଗିଛି । ଅନୁଷ୍ଠାନପ୍ରଧାନ ଧର୍ମ ମଧ୍ୟ ଅପରାଧ ଓ ନରହତ୍ୟାର କେତେ ଲୋମହର୍ଷଣକାରୀ ଘଟଣାର କାରଣ ହୋଇଛି ଏବଂ ନିଜ କର୍ମ ପାଇଁ ଏହା ବୁଦ୍ଧିର ମନ୍ତ୍ରଣାକୁ ସହାୟକ ରୂପେ ବାଛି ନେଇଛି ।

ବୁଦ୍ଧିଗତ ବିଚାରଣା (reason) ଏକ ଅପୂର୍ଣ୍ଣ ଆଲୋକ ଅଟେ । ଏହାର କାର୍ଯ୍ୟ ପରିସର ବୃହତ୍ ହେଲେ ମଧ୍ୟ ଏହା ତଥାପି ନାନା ସୀମା ଦ୍ୱାରା ସୀମାବଦ୍ଧ ହୋଇଥାଏ । ବୁଦ୍ଧି ଯାହାର ଅଧ୍ୟୟନ କରିବା ଲାଗି ଜୀବନ ମଧ୍ୟରେ ପ୍ରବେଶ କରେ ତାହାରହିଁ ସେ ଅଧୀନ ହୋଇପଡ଼େ । ବୁଦ୍ଧିଗତ ବିଚାରଣାର ପ୍ରକୃତି ଏପରି ଯେ ଏହା ଯେକୌଣସି ବିଚାର, ତତ୍ତ୍ୱ ବା ସିଦ୍ଧାନ୍ତ, ସମାଜ ବ୍ୟବସ୍ଥା, ଶାସନରୀତି ଏବଂ ବ୍ୟକ୍ତିଗତ ଓ ସାମୂହିକ ଆଦର୍ଶକୁ ଯଥାର୍ଥ ଓ ନ୍ୟାୟସଙ୍ଗତ ବୋଲି ସାବ୍ୟସ୍ତ କରିପାରେ । ଏହା ଯୁକ୍ତି ସାହାଯ୍ୟରେ ଏକେଶ୍ୱରବାଦକୁ ଠିକ୍ ବୋଲି ପ୍ରମାଣ କରିପାରେ, ଅନେକେଶ୍ୱରବାଦ ସପକ୍ଷରେ ମଧ୍ୟ ଅନୁକୂଳ ଯୁକ୍ତି ବାଢ଼ି ତାକୁ ଯଥାର୍ଥ ବୋଲି ସାବ୍ୟସ୍ତ କରିପାରେ । ସତ୍ତାଗତ ବିଶ୍ୱାସ (belief in Being) ହେଉ କିଂବା ସମ୍ଭୂତିଗତ ବିଶ୍ୱାସ (belief in Becoming) ହେଉ, ଉଭୟକୁ ସେ ଯୁକ୍ତିସିଦ୍ଧ କରିପାରେ । ଆଶାବାଦ ଓ ନୈରାଶ୍ୟବାଦ, ସକ୍ରିୟତା ଓ ନିଷ୍କ୍ରିୟତା ଉଭୟକୁ ଯଥାର୍ଥ ବୋଲି ପ୍ରମାଣିତ କରିବା ପାଇଁ ବୁଦ୍ଧି ପାଖରେ ଦୃଢ଼ ଯୁକ୍ତି ମହଜୁଦ ହୋଇ ରହିଥାଏ । ତତ୍ତ୍ୱପ୍ରଧାନ ଧର୍ମବାଦ ଓ ବ୍ୟାବହାରିକତାଧର୍ମୀ ନାସ୍ତିକତାବାଦ ଉଭୟ ବିଭିନ୍ନ ସମୟରେ ବୁଦ୍ଧିପ୍ରସୂତ ଯୁକ୍ତି ଦ୍ୱାରା ପ୍ରମାଣ ସିଦ୍ଧ ହୋଇପାରନ୍ତି । କଠୋର ନୀତିବାଦ ଏବଂ ଅନୈତିକତା ଏହି ଉଭୟକୁ ବୁଦ୍ଧି ଯୁକ୍ତିଯୁକ୍ତ ବୋଲି ଦର୍ଶାଇ ଦେଇପାରେ । ଏକଚ୍ଛତ୍ରବାଦ, ସମ୍ଭ୍ରାନ୍ତତନ୍ତ୍ର, ଗଣତନ୍ତ୍ର, କମ୍ୟୁନିଷ୍ଟବାଦ ଓ ସମାଜବାଦ ଆଦି ବିଭିନ୍ନ ଶାସନ ସମ୍ବନ୍ଧୀୟ ରୀତି ଓ ମତବାଦର ସପକ୍ଷରେ ବା ବିପକ୍ଷରେ ଯୁକ୍ତି ବାଢ଼ିବା ଲାଗି ବୁଦ୍ଧି ପାଖରେ ସାମର୍ଥ୍ୟ ରହିଛି । ବୁଦ୍ଧି ହେଉଛି ତର୍କଶୀଳ, ଏହା ବିଶ୍ଳେଷଣ ଓ ପ୍ରଭେଦ ନିର୍ଣ୍ଣୟ କରିବାରେ ଭାରି କୁଶଳୀ । ଯେକୌଣସି ବିଚାର ଓ ଆଦର୍ଶକୁ ସମର୍ଥନ କରିବା ଲାଗି ଏହା ଆମକୁ ପ୍ରବୃତ୍ତ ଓ ପ୍ରରୋଚିତ କରିପାରେ । ପ୍ରୟୋଜନବାଦ, ଅର୍ଥନୀତିବାଦ, ସୁଖବାଦ, ସୌନ୍ଦର୍ଯ୍ୟବାଦ, ଇନ୍ଦ୍ରିୟବୋଧବାଦ, ନୈତିକତାବାଦ, ଆଦର୍ଶବାଦ ବା ଯେକୌଣସି ସିଦ୍ଧାନ୍ତ ଓ ଦୃଷ୍ଟିକୋଣକୁ ଯଥାର୍ଥ ବୋଲି ପ୍ରତିପାଦିତ କରିବାରେ ବୁଦ୍ଧି ଆଦୌ ପଛଘୁଞ୍ଚା ଦିଏ ନାହିଁ । ମଣିଷର ବୃତ୍ତି ଓ ଦୃଷ୍ଟିକୁ ଅନୁକୂଳ ହେଲା ଭଳି ଯୁକ୍ତି ପ୍ରସ୍ତୁତ କରିବାରେ ବୁଦ୍ଧି ପାରଙ୍ଗମ ହୋଇଥାଏ । ତେଣୁ ବୁଦ୍ଧିଗତ ବିଚାର ଶକ୍ତିକୁ ଆମେ ମନୁଷ୍ୟର ବୃତ୍ତି ଓ ମତବାଦର ଭୃତ୍ୟ ବା ମନ୍ତ୍ରୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପ୍ରକୃତ ସତ୍ୟ ବୁଦ୍ଧିବାଦୀଠାରୁ ଦୂରରେ ରହିଥାଏ । କାରଣ ବୁଦ୍ଧିର ଦୃଷ୍ଟି ହେଉଛି ଆଂଶିକ ଓ ସୀମିତ ଦୃଷ୍ଟି । ଏହା ପକ୍ଷପାତ ପୂର୍ଣ୍ଣ ଦୃଷ୍ଟି । ବୁଦ୍ଧିବାଦୀର ଦୁଇ ପ୍ରକାର ବିଶ୍ୱାସ

ରହିଥାଏ । ପ୍ରଥମଟି ହେଲା, ସେ ଆପଣାର ବୁଦ୍ଧିଗତ ବିଚାର, ବିତର୍କକୁ ଠିକ୍ ବୋଲି ବିଶ୍ୱାସ କରେ ଏବଂ ଅନ୍ୟମାନଙ୍କର ବିଚାରକୁ ଭୁଲ୍ ବୋଲି କହି ପ୍ରତ୍ୟାଖ୍ୟାନ କରେ । ଦ୍ୱିତୀୟତଃ, ସେ ବିଶ୍ୱାସ କରେ ଯେ ବୁଦ୍ଧିର ଯାବତୀୟ ସୀମିତତା ସତ୍ତ୍ୱେ ମାନବୀୟ ସମୂହଗତ ବୁଦ୍ଧି ପରିଶେଷରେ ଦିନେ ନା ଦିନେ ଶୁଦ୍ଧ ଓ ଦୋଷମୁକ୍ତ ହୋଇ ପ୍ରକାଶିତ ହେବ । ପ୍ରଥମ ପ୍ରକାର ବିଶ୍ୱାସଟି ଅହଂପ୍ରେରିତ ହେବା ସହିତ ଔଦ୍ଧତ୍ୟପୂର୍ଣ୍ଣ ପ୍ରମାଦ ଦ୍ୱାରା ପୀଡ଼ିତ ଅଟେ । ସମଗ୍ର ସତ୍ୟକୁ ଜାଣିବା ଲାଗି ଯୁକ୍ତିବୁଦ୍ଧିର ସାମର୍ଥ୍ୟ ନାହିଁ । ସତ୍ୟର ଅନନ୍ତତାକୁ ସେ କଦାପି କଳନା କରିପାରିବ ନାହିଁ ବା ନିଜ ଭିତରେ ଧାରଣ କରିପାରିବ ନାହିଁ । ମାତ୍ର, ତଥାପି ମନୁଷ୍ୟର ବିଚାର ଯେତେ ସୀମାବଦ୍ଧ ହୋଇଥିଲେ ମଧ୍ୟ ଏବଂ ତା'ର ବିଶ୍ୱାସ ଯେତେ ସଂକୀର୍ଣ୍ଣ ଓ ଅସହିଷ୍ଣୁ ହୋଇଥିଲେ ମଧ୍ୟ ବୁଦ୍ଧି ସେହି ବିଚାର ଓ ବିଶ୍ୱାସକୁ ଯୋଗାଇ ଦେଇ ଯେଉଁ ଅନୁଭୂତିସବୁକୁ ନେଇ ଆସେ ତାହା ମନୁଷ୍ୟ ଲାଗି ନିଶ୍ଚୟ ଅଗ୍ରଗତିର ଏକ ପ୍ରାଥମିକ ପଦକ୍ଷେପ ରୂପେ କାର୍ଯ୍ୟ କରେ । ଏଥିରୁହିଁ ବୁଦ୍ଧିର ନ୍ୟାଯ୍ୟ କର୍ତ୍ତବ୍ୟ ଓ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଆମେ ସ୍ୱୀକାର କରିବା । ଏକ ସକାରାତ୍ମକ ଓ ଉଦାର ଦୃଷ୍ଟିରେ ଅବଲୋକନ କରି ଶ୍ରୀଅରବିନ୍ଦ ବୁଦ୍ଧିର ଭୂମିକା ଓ କାର୍ଯ୍ୟ ସମ୍ପର୍କରେ କହନ୍ତି –

''For man is not intended to grasp the whole truth of his being at once, but to move towards it through a succession of experiences and a constant, though not by any means a perfectly continuous self-enlargement. The first business of reason then is to justify and enlighten to him his various experiences and to give him faith and conviction in holding on to his self-enlargings. ... For so man moves towards the infinity of the Truth by the experience of its variety; so his reason helps him to build, change, destroy what he has built and prepare a new construction, in a word, to progress, grow, enlarge himself in his self-knowledge and world-knowledge and their works.'' (The Human Cycle, pp. 122)

ଅର୍ଥାତ୍, ''କାରଣ ମନୁଷ୍ୟ ଯେ ଏକାବେଳେକେ ହଠାତ୍ ତା' ସତ୍ତାର ସମୁଦାୟ ସତ୍ୟଟିକୁ ତା' ବୋଧର ପରିଧି ଭିତରକୁ ନେଇ ଆସିବ, ତାହା କଦାପି ଅଭିପ୍ରେତ ହୋଇ ନାହିଁ; ସେ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ଅନୁଭୂତି ଲାଭ କରି ଏବଂ କଦାପି ସମ୍ପୂର୍ଣ୍ଣଭାବରେ ଅବିଚ୍ଛିନ୍ନ ନହେଲେ ମଧ୍ୟ ଏକ ସତତ ଆତ୍ମ-ପ୍ରସାରଣ ଦ୍ୱାରା ସେହି ଲକ୍ଷ୍ୟଟିର ଅଭିମୁଖରେ ପଦେ ପଦେ ଅଗ୍ରସର ହୋଇ ଯାଉଥିବ । ତେଣୁ ବୁଦ୍ଧିର ପ୍ରଥମ କାର୍ଯ୍ୟଟି ହେଉଛି ଯେ ତାହା ମନୁଷ୍ୟକୁ ତା'ର ବିବିଧ ଅନୁଭୂତିଗୁଡ଼ିକର ଔଚିତ୍ୟ ପ୍ରମାଣ କରାଇଦେବ, ସେଗୁଡ଼ିକ ଉପରେ ଆଲୋକପାତ କରିବ ଏବଂ ଆପଣାର ଆତ୍ମ-ପ୍ରସାରଣଗୁଡ଼ିକୁ ଅବିଚଳ ହୋଇ ଧରି ରଖିବାରେ ତାହା ମନୁଷ୍ୟକୁ ବିଶ୍ୱାସ ଦେଇଯିବ, ହୃଦ୍‌ବୋଧ ଦେବ । ... କାରଣ, ଠିକ୍ ଏହି ରୀତିରେହିଁ ସତ୍ୟର ବିବିଧତା ବିଷୟରେ ଅନୁଭୂତି ଲାଭ କରିବାର ମାର୍ଗ ଦେଇ ମନୁଷ୍ୟ ଅନନ୍ତ ପରମ ସତ୍ୟ ଅଭିମୁଖରେ ଗତି କରୁଥିବ; ଏବଂ ଏହିପରି ଭାବରେ ତା'ର ବୁଦ୍ଧି ତାକୁ କେତେ କ'ଣ ଗଢ଼ିବାରେ, ବଦଳାଇବାରେ ଓ ଯାହାକିଛି ଗଢ଼ି ରଖିଛି ତାକୁ ଭାଙ୍ଗି ପୁଣି ନୂଆ କରି ଗଢ଼ିବାରେ ସାହାଯ୍ୟ କରୁଥିବ; ଗୋଟିଏ କଥାରେ କହିଲେ ଆପଣାର ଆତ୍ମଜ୍ଞାନ, ବିଶ୍ୱଜ୍ଞାନ ତଥା ସେଗୁଡ଼ିକର ଯାବତୀୟ କରଣି ମଧ୍ୟରେ ଅଗ୍ରସର ହେବା ଲାଗି, ଆପଣାର ବିକାଶ ସାଧନ କରିବା ଲାଗି ଓ ଆପଣାର ସମ୍ପ୍ରସାରଣ ଘଟାଇବା ଲାଗି ତା'ର ବୁଦ୍ଧି ତାକୁ ସାହାଯ୍ୟ କରୁଥିବ ।''

(ମାନବ ଯୁଗ-ଚକ୍ର, ପୃ. ୧୯୪-୧୯୫)

ପୂର୍ବାଲୋଚିତ ବୁଦ୍ଧିବାଦୀର ଦ୍ୱିତୀୟ ପ୍ରକାର ବିଶ୍ୱାସଟିରେ ମଧ୍ୟ ପ୍ରମାଦ ରହିଛି । ମାତ୍ର ସେଥିରେ ମଧ୍ୟ ଆମେ ସତ୍ୟଟିଏ ଖୋଜି ପାଇବା । ଏହା ବୁଝି ହେଉଛି ଯେ ତର୍କବୁଦ୍ଧି ପ୍ରକୃତରେ କୌଣସି ଚରମ ସତ୍ୟରେ ଯାଇ ପହଞ୍ଚିପାରିବ ନାହିଁ । ବୁଦ୍ଧି ଉପରେ ଏକାନ୍ତ ଭରସା କରି ମନୁଷ୍ୟ ନିଜ ଲାଗି ଏକ ପରିପୂର୍ଣ୍ଣ ଜୀବନ ଗଢ଼ିପାରିବ ନାହିଁ ଅଥବା ପରିପୂର୍ଣ୍ଣ ସମାଜ ସ୍ଥାପନ କରିପାରିବ ନାହିଁ । କିନ୍ତୁ ଯେଉଁଦିନ ବୁଦ୍ଧି ଏକଥା ସ୍ୱୀକାର କରିବ ଯେ ବିଶ୍ୱରେ ତଥା ମନୁଷ୍ୟ ମଧ୍ୟରେ ଏକ ଆତ୍ମା ବା ଈଶ୍ୱର ପ୍ରଚ୍ଛନ୍ନ ହୋଇ ରହିଛନ୍ତି ଯିଏ କି ସବୁକିଛିର ନିୟାମକ ଓ ପରମକର୍ତ୍ତା ଏବଂ ଯାହାଙ୍କର ମନ୍ତ୍ରୀ ଭାବରେହିଁ ସେ (ବୁଦ୍ଧି) ଏପର୍ଯ୍ୟନ୍ତ କାର୍ଯ୍ୟ କରି ଆସିଛି, ସେତେବେଳେହିଁ ଅସଲ ସତ୍ୟ ଆବିଷ୍କୃତ ହେବ ଏବଂ ମନୁଷ୍ୟ ଓ ସମାଜ ପରିପୂର୍ଣ୍ଣତା ଲାଭ

କରିବା ଲାଗି ଯୋଗ୍ୟ ହୋଇ ଉଠିବ । ସେତେବେଳେ ବୁଦ୍ଧି ତା'ର ଶେଷ ସୀମାରେ ଆସି ପହଞ୍ଚିବ ଏବଂ ତା'ର କାର୍ଯ୍ୟର ପରିସମାପ୍ତି ଘଟିବ । ମନୁଷ୍ୟ ଓ ପରମସତ୍ତାଙ୍କ ମଧ୍ୟରେ ରହିଥିବା ପରଦାଟି ଅପସାରିତ ହେଲେ ଯାଇ ପରମ ଦିବ୍ୟତା ମନୁଷ୍ୟ ଜୀବନରେ ଅଭିବ୍ୟକ୍ତ ହୋଇପାରିବ । ଏ ଦିଗରେ ବୁଦ୍ଧି ଯାହାକିଛି ସହାୟତା ଦେଇପାରିବ, ତାହାହିଁ ତା'ପକ୍ଷରେ ଯଥେଷ୍ଟ ସନ୍ତୋଷଜନକ ଓ ଯଥାର୍ଥ କାର୍ଯ୍ୟ ହେବ ।

❑❑❑

# ଆବାହନୀ

## ନିମାଇଁ ପଟ୍ଟନାୟକ

ତୁମେ ଆସିବ ବୋଲି
ଚିହିଁକା ଲାଗିଛି
ଲୋମଶ ଅନ୍ଧାର ଦେହରେ ।

କାକୁସ୍ଥ ମୁଦ୍ରାରେ
କ୍ରମଶଃ କ୍ଷୀଣତର ସୁଷୁପ୍ତି ଓ ତନ୍ଦ୍ରା ।

ତୁମ ଆସିବାର ନିର୍ଭର ପ୍ରତିଶ୍ରୁତିର ଚମକରେ
ମେଲି ଯାଉଛି ଆସ୍ପୃହାର ଆଖିପତା ।



ସୁବର୍ଣ୍ଣ ନଦୀର ଶଯ୍ୟା କୋଳେ
ଢୁଳାଉ ଥିବା ମଣିଷର ମନ, ପ୍ରାଣ, ଶରୀରରେ
ଆଲୋକର ଶଙ୍ଖନାଦ,
ଆହୁରି ସୁସ୍ପଷ୍ଟ ପୁଣି
ଅତିମାନସର ସୁନେଲି ସକାଳ ।

କେଉଁ ଭାଷାରେ ବା
ପ୍ରକାଶି ହେବ ତୁମକୁ ?
ତୁମେ ଆସିବ ପୂର୍ଣ୍ଣ କରି
ଗଛ, ପତ୍ର, ଫୁଲ, ଫଳ, ଅଣୁରୁ ଅଣୁକୁ ।

ଅପୂର୍ଣ୍ଣ ଏ ଭାଷା
କେମିତି ଗାଇବ ସତେ
ତୁମ ସ୍ୱାଗତ ଗୀତିକା ?
ତୁମେହିଁ ଗାଇବ ତୁମ ଆବାହନୀ । ❑

## ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୩୦)

### ଶ୍ରୀମା'ଙ୍କର ଅନ୍ତରାଳକୁ ଗମନ :

୧୯୧୪ ମସିହାରେ ଶ୍ରୀମା'ଙ୍କର ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କ ବାସଭବନରେ ପ୍ରଥମ ସାକ୍ଷାତ୍ ହେବା ସମୟରେ ମାତ୍ର ପାଞ୍ଚ ଜଣ ଅନ୍ତେବାସୀ ଥିଲେ । ଶ୍ରୀମା ସେତେବେଳେ କେବଳ ଶ୍ରୀଅରବିନ୍ଦଙ୍କର ନିକଟ ସାନ୍ନିଧ୍ୟରେ ଆସୁଥିଲେ । ଅନ୍ତରାଳରେ ରହି ମଧ୍ୟ ଏହି ପାଞ୍ଚ ଜଣଙ୍କର ତଦାନୀନ୍ତନ ଶୃଙ୍ଖଳାବିହୀନ ଜୀବନଧାରାରେ ମାତୃସ୍ନେହଭରା ନୀରବ ଆଚରଣରେ ଧୀରେ ଧୀରେ ଶୃଙ୍ଖଳାର ବୀଜବପନ କରାଇଥିଲେ । ସର୍ବୋପରି ଶ୍ରୀଅରବିନ୍ଦଙ୍କୁ ଗୁରୁଙ୍କ ଆସ୍ଥାନରେ ଉପବେଶନ କରାଇ ସେ ସ୍ୱୟଂ ଭୂମିରେ ଆସନ ଗ୍ରହଣ କରୁଥିଲେ ।

ସେହି ସମୟର କଥା ଉଲ୍ଲେଖ କରି ଶ୍ରୀଅରବିନ୍ଦ ଜନୈକ ଶିଷ୍ୟଙ୍କୁ ଲେଖିଥିଲେ : ''ଶ୍ରୀମା'ଙ୍କର ଆଗମନ ପୂର୍ବରୁ ସମସ୍ତେ କେବଳ କେତେକ ମାନସିକ ଉପଲବ୍ଧି ଓ ଅନୁଭୂତିକୁ ନେଇ ମନ ମଧ୍ୟରେହିଁ ବାସ କରୁଥିଲେ । ପ୍ରାଣ ଓ ଅନ୍ୟ ସମସ୍ତ ଅଂଶ ଅସଂସ୍କୃତ ତଥା ଅଶିକ୍ଷିତ ଅବସ୍ଥାରେ ଥିଲା ଓ ଚୈତ୍ୟସତ୍ତା ପରଦାର ଅନ୍ତରାଳରେ ଥିଲା । ସେମାନଙ୍କ ମଧ୍ୟରୁ କେହି ହେଲେ ମହାଜାଗତିକ ଚେତନା ମଧ୍ୟରେ ପ୍ରବିଷ୍ଟ ହେବାର ମୁଁ ଜାଣି ନାହିଁ । ସେହି ସମୟ ପର୍ଯ୍ୟନ୍ତ ମଧ୍ୟ ମୁଁ ରୂପାନ୍ତର ପାଇଁ ଏବଂ ଅତିମାନସ (ବେଦାନ୍ତକୁ ଅତିକ୍ରମ କରିଥିବା ଯୋଗର ସେହିସବୁ ଅଂଶ)ରେ ପ୍ରବେଶ କରିବା ପାଇଁ ମୋର ପଥ ଖୋଜୁଥିଲି । ସେତେବେଳେ ଏଠାରେ ଥିବା ଅତ୍ୟଳ୍ପ ସାଧକଙ୍କ ସହିତ 'ହସ୍ତକ୍ଷେପ ନ କରିବା'ର ନୀତି ନେଇ ବ୍ୟବହାର କରା ଯାଉଥିଲା । ... ସେତେବେଳେ ସେମାନଙ୍କର ପ୍ରାଣଗତ ସ୍ୱାଧୀନତା ଥିଲା ଏବଂ କୌଣସି ଶୃଙ୍ଖଳା ନ ଥିଲା ...''

(୨୭.୦୭.୧୯୩୪)

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ' : ପୃ.୨୬୫)

୧୯୨୬ ମସିହା ନଭେମ୍ବର ୨୪ ତାରିଖର 'ସିଦ୍ଧି ଦିବସ' ପରେ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶରେ ଶ୍ରୀମା ଆଶ୍ରମ ଗଠନ ଓ ଏହାର ପରିଚାଳନାର ଦାୟିତ୍ୱ ଗ୍ରହଣ କରି ସମ୍ମୁଖକୁ ଆସିଛନ୍ତି ଏବଂ ଶ୍ରୀଅରବିନ୍ଦ ସ୍ୱକୀୟ ସାଧନା ନିମିତ୍ତ ଅନ୍ତରାଳକୁ ପ୍ରବେଶ କରିଛନ୍ତି । ସେତେବେଳେ ଶ୍ରୀମା'ଙ୍କର ସର୍ବପ୍ରଥମ କାର୍ଯ୍ୟ ଥିଲା ଭଗବତ୍ ବ୍ୟକ୍ତିତ୍ୱ ଓ ଶକ୍ତିରାଜିକୁ ନିଜ ଶରୀର ଓ ଦୈହିକ ସତ୍ତା ଭିତରକୁ ଅବତରଣ ଘଟାଇବା । ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କ ଏକ ପତ୍ରରୁ ଉଦ୍ଧୃତି :

''... ସେହିସବୁ ସମୟରେ, ଯେତେବେଳେ ଶ୍ରୀମା ସାଧକମାନଙ୍କୁ ଧ୍ୟାନ ପାଇଁ ଡାକୁଥିଲେ, ନିଜେ ଆଦୌ ନ ଶୋଇ ଓ ଖିଆପିଆରେ ନିତାନ୍ତ ଅନିୟମିତ ରହି ଦିବାରାତ୍ରି କାର୍ଯ୍ୟ ଓ ଧ୍ୟାନରେ ନିବିଷ୍ଟ ରହୁଥିଲେ, ସେତେବେଳେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ରହୁଥିଲା ଓ କୌଣସି କ୍ଲାନ୍ତିବୋଧ ଆସୁ ନ ଥିଲା, ଏବଂ ସବୁକିଛି ବିଦ୍ୟୁତ୍‌ବେଗରେ ଅଗ୍ରଗତି କରୁଥିଲା । ଯେଉଁ ଶକ୍ତିର ବ୍ୟବହାର କରାଯାଉଥିଲା, ତାହା ଅତିମାନସ ନୁହେଁ ଅଧିମାନସ ଶକ୍ତି, କିନ୍ତୁ ଯାହା କରାଯାଉଥିଲା ତାହା ପାଇଁ ସେହି ଶକ୍ତି ଥିଲା ଯଥେଷ୍ଟ । ପରବର୍ତ୍ତୀ ସମୟରେ ଯେହେତୁ ସାଧକମାନଙ୍କର ନିମ୍ନପ୍ରାଣ ଓ ଶରୀର ଏହାର ଅନୁସରଣ କରିପାରିଲା ନାହିଁ, ତେଣୁ ଶ୍ରୀମା ଯେଉଁ ଭାଗବତ ବ୍ୟକ୍ତିତ୍ୱ ଓ ଶକ୍ତିମାନଙ୍କ ଦ୍ୱାରା କାର୍ଯ୍ୟ କରୁଥିଲେ, ସେମାନଙ୍କୁ ଅନ୍ତରାଳ ମଧ୍ୟକୁ ଠେଲି ଦେଇଥିଲେ । ଶ୍ରୀମା ନିଜେ ସାଧାରଣ ସ୍ଥୂଳ ମଣିଷ ସ୍ତରକୁ ଓହ୍ଲାଇ ଆସିଲେ ଏବଂ ଏହାର ଅବସ୍ଥା ଅନୁଯାୟୀ କାର୍ଯ୍ୟକଲେ ଏବଂ ତା'ର ଅର୍ଥ ହେଲା ବାଧାବିଘ୍ନ, ସଂଗ୍ରାମ, ରୋଗ, ଅଜ୍ଞାନତା ଓ ଜଡ଼ତା । ଅନେକ ସମୟ ପର୍ଯ୍ୟନ୍ତ ଏହା ଧୀର, କଠିନ ଓ ନିଷ୍ଫଳ ବୋଲି ମନେହେଲା; ଏବଂ ବର୍ତ୍ତମାନ ପୁନଶ୍ଚ ଆଗେଇଯିବା ସମ୍ଭବପର ହୋଇଛି । କିନ୍ତୁ ଏହି ଅଗ୍ରଗତି ବ୍ୟାପକ ଓ ନିଜର ପ୍ରକ୍ରିୟାରେ ଦ୍ରୁତ ହେବାକୁ ହେଲେ ଅଳ୍ପ କେତେକଙ୍କର ନୁହେଁ ସମସ୍ତ ସାଧକଙ୍କର ମନୋଭାବର ପରିବର୍ତ୍ତନ ନିହାତି ଆବଶ୍ୟକ । ବାହ୍ୟ ସ୍ଥୂଳ ଚେତନାର ଅନୁଭବ ବା ଅବସ୍ଥା ସହିତ ସେମାନେ ସଂଶ୍ଲିଷ୍ଟ ରହିବା ଉଚିତ ଓ ନିଜକୁ ଯୋଗୀ ଏବଂ ସାଧକର ଯଥାର୍ଥ ଚେତନା ଦିଗରେ ଉନ୍ମୁକ୍ତ ରଖିବା ଉଚିତ । ଯଦି ସେମାନେ ତାହା କରିଥା'ନ୍ତେ, ତେବେ ଆନ୍ତର ଦୃଷ୍ଟି ଉନ୍ମୋଚିତ ହୋଇଥା'ନ୍ତା, ଏବଂ ଶ୍ରୀମା ପୁନଶ୍ଚ ପୂର୍ବ ପରି

କେତେକ ଦିବ୍ୟ ବ୍ୟକ୍ତିତ୍ୱ ଓ ଶକ୍ତିଙ୍କୁ ବାହ୍ୟତଃ ପ୍ରକାଶ କରାଇବା ବେଳେ, ସେମାନେ ଏପରି ବ୍ୟସ୍ତ, ଚକିତ ଓ ଭୟଭୀତ ହୋଇ ଉଠି ନ ଥା'ନ୍ତେ । ସେମାନେ ଶ୍ରୀମା'ଙ୍କୁ ସର୍ବଦା ତାଙ୍କରି ସ୍ତରରେ ରହିବାକୁ କଦାପି କହନ୍ତେ ନାହିଁ, ବରଂ ସେମାନେ ଧୀରେ ଧୀରେ ବା ଦ୍ରୁତଗତିରେ ଶ୍ରୀମା'ଙ୍କ ଆଡ଼କୁ ଊର୍ଦ୍ଧ୍ୱକୁ ଆକର୍ଷିତ ହେବାରେ ଅତ୍ୟନ୍ତ ଆନନ୍ଦ ଅନୁଭବ କରିଥା'ନ୍ତେ । ତାହାହେଲେ ବାଧାବିଘ୍ନ ଦଶଗୁଣ କମ୍ ପଡ଼ନ୍ତା ଏବଂ ଏକ ବ୍ୟାପକ, ସହଜତର ଓ ଅଧିକ ନିରାପଦ ପ୍ରଗତି ସମ୍ଭବ ହୋଇଥା'ନ୍ତା ।

''... ରୂପାନ୍ତରର ଅର୍ଥ ହେଲା ମଣିଷ ପ୍ରକୃତି ମଧ୍ୟରେ ଯାହା ଅସମଞ୍ଜସ ସେଗୁଡ଼ିକୁ ଜ୍ଞାନାଲୋକ ଦ୍ୱାରା ନିର୍ଣ୍ଣିହ୍ନ କରିଦେବା, ଯାହାକିଛି ସୁସମଞ୍ଜସର ସହାୟକ ସେସବୁକୁ ଦିବ୍ୟ ପ୍ରତିରୂପରେ ପରିବର୍ତ୍ତିତ କରି ବିଶୁଦ୍ଧତର, ବୃହତ୍ତର, ମହତ୍ତର ଓ ସୁନ୍ଦରତର କରିବା ଏବଂ ମାନବିକ ବିବର୍ତ୍ତନରେ ଯାହାକିଛି ଆଜି ପର୍ଯ୍ୟନ୍ତ ଅଭାବ ଥିଲା ସେସବୁକୁ ଯୁକ୍ତ କରିବା । ମୋ କହିବା ଅର୍ଥ ଏହିସବୁ ଦିଗରେ ଅଧିକ ଅଗ୍ରଗତି ସମ୍ଭବପର ହୋଇଥା'ନ୍ତା, ଯଦି ସାଧକମାନଙ୍କର ମନୋଭାବ କମ୍ ଅଜ୍ଞାନମୟ ହୋଇଥା'ନ୍ତା । ଯଦି ତଥାପି ସେମାନେ ସେପର୍ଯ୍ୟନ୍ତ ମଧ୍ୟ ପହଞ୍ଚି ନ ପାରନ୍ତି, ତେବେ ଯେପର୍ଯ୍ୟନ୍ତ ଅତିମାନସ ଅବତରଣ ଜଡ଼ସ୍ତରକୁ ଉତରି ନ ଆସିଛି, ଯେପରି ହେଉ ଆମକୁ ଅବଶ୍ୟ ଆଗେଇ ଯିବାକୁ ପଡ଼ିବ ।''

(ତତ୍ରୈବ : ପୃଷ୍ଠା, ୨୭୮ - ୨୭୯)

*

ତଦାନୀନ୍ତନ ବହୁ ସାଧକମାନଙ୍କ ମଧ୍ୟରେ ଉପରୋକ୍ତ ବିଭ୍ରାନ୍ତିମୂଳକ ମାନସିକ ଓ ପ୍ରାଣିକ ଗତିବିଧିସବୁର ଶନୈଃ ଶନୈଃ ଅନୁପ୍ରବେଶ ଘଟିବାର, କହିବାକୁ ଗଲେ ୧୯୨୮-୨୯ ମସିହାରୁ ଆରମ୍ଭ ହୋଇ ଯାଇଥାଏ । ଏଥିନିମିତ୍ତ ଶ୍ରୀଅରବିନ୍ଦ ଅହର୍ନିଶ ଘଣ୍ଟା ଘଣ୍ଟା ଧରି ବର୍ଷ ପରେ ବର୍ଷ ସାଧକମାନଙ୍କୁ ପତ୍ର ମାଧ୍ୟମରେ ସଚେତନ କରାଇଛନ୍ତି । କିନ୍ତୁ କ୍ରମଶଃ ଏହିସବୁ ସାଧନା-ବିରୋଧୀ ଗତିବିଧି ଆଶ୍ରମ ବାତାବରଣରେ ତୀବ୍ର ଗଣ୍ଡଗୋଳ ସୃଷ୍ଟି କରି ଶ୍ରୀମା'ଙ୍କର ଶାରୀରିକ ଅସୁସ୍ଥତାର ଏକ ପ୍ରଧାନ କାରଣ ହୋଇଉଠିଲା । ଫଳତଃ ସାଧକମାନଙ୍କର ସାଧନା ଜୀବନର ଉନ୍ନତି ଘଟାଇବା ସକାଶେ ଶ୍ରୀମା ଅନନ୍ୟୋପାୟ ହୋଇ ଅନ୍ତରାଳରେ ପ୍ରବେଶ କଲେ ।

୨୨. ୦୪.୧୯୩୩ ମସିହାରେ ଶ୍ରୀଅରବିନ୍ଦ ଏକ ପତ୍ରରେ ଉଲ୍ଲେଖ କରିଥିଲେ, ''କିଛି ବର୍ଷ ପୂର୍ବେ ଶ୍ରୀମା ମୁକ୍ତ ଭାବରେ ତାଙ୍କର ସ୍ଥୂଳ ସାନ୍ନିଧ ଦେଉଥିଲେ । ଯଦି ସାଧକମାନଙ୍କର ସମୁଚିତ ପ୍ରତିକ୍ରିୟା ଥାଆନ୍ତା ତା'ହେଲେ ତୁମେ କ'ଣ ଭାବୁଛ ସେ ଅନ୍ତରାଳକୁ ଅପସରି ଯାଇଥାଆନ୍ତେ ଓ ଦେଖା ସାକ୍ଷାତ୍‌କୁ ଏତେ କମ୍ କରି ଦିଅନ୍ତେ । ଅବଶ୍ୟ ଯଦି ଲୋକମାନେ ଜାଣନ୍ତି ଠିକ୍ କେଉଁ ଭାବ ନେଇ ତାଙ୍କ ଠାରୁ ଗ୍ରହଣ କରିବାକୁ ହୁଏ, ତେବେ ଶାରୀରିକ ସ୍ପର୍ଶ ଏକ ଅତି ମହାନ୍ ବିଷୟ – କିନ୍ତୁ ସେଥିପାଇଁ ନିରନ୍ତର ସ୍ଥୂଳ ସାମୀପ୍ୟର ପ୍ରୟୋଜନ ନାହିଁ, ବରଂ ତଦ୍ୱାରା ଉଚ୍ଚତମ ଶକ୍ତିର ଏକ ଚାପ ଆସେ, କେତେ ଜଣ ଏହାର ସମ୍ମୁଖୀନ ହୋଇ ପାରିବେ ବା ଏଥିପାଇଁ ସମର୍ଥ ହୋଇ ପାରିବେ ?''

(ତତ୍ରୈବ : ପୃଷ୍ଠା, ୪୦୯)

ଶ୍ରୀମା'ଙ୍କର ଏହି ଚାପ ସମ୍ବନ୍ଧେ କହିବାକୁ ଯାଇ ଶ୍ରୀଅରବିନ୍ଦ ଉଲ୍ଲେଖ କରିଥିଲେ : ''... ମୋର କହିବାର ଉଦ୍ଦେଶ୍ୟ ଏହା ନ ଥିଲା ଯେ ଶ୍ରୀମା କେବେ ବି ଚାପ ପ୍ରୟୋଗ କରନ୍ତି ନାହିଁ, କିନ୍ତୁ ଚାପ ମଧ୍ୟ ବିଭିନ୍ନ ପ୍ରକାରର ହୋଇପାରେ । ଯେତେବେଳେ ଦିବ୍ୟଶକ୍ତି ମନ, ପ୍ରାଣ ବା ଶରୀର ମଧ୍ୟକୁ ପ୍ରବେଶ କରୁଥାଏ ସେତେବେଳେ ତାହାର ଏକ ପ୍ରକାର ଚାପଥାଏ – ଅଧିକ ଦ୍ରୁତ ଗତିରେ ଆଗେଇବା ପାଇଁ ଏକ ଚାପ ଥାଏ, କୌଣସି ରୂପଦେବା ପାଇଁ ବା ଗଠନ କରିବା ପାଇଁ ଏକ ଚାପ ଥାଏ, ଭାଙ୍ଗିବା ପାଇଁ ମଧ୍ୟ ଏକ ଚାପ ଥାଏ ଓ ଆହୁରି ଅନେକ ପ୍ରକାରର ଚାପ ମଧ୍ୟ ରହିଛି । ତୁମ କ୍ଷେତ୍ରରେ ଯଦି କୌଣସି ଚାପ ଥାଏ ତେବେ ତାହା ସାହାଯ୍ୟ କରିବା ପାଇଁ ବା ସମର୍ଥନ କରିବା ପାଇଁ ବା କୌଣସି ଆକ୍ରମଣକୁ ଦୂର କରିବା ପାଇଁ, କିନ୍ତୁ ମୋର ମନେହୁଏ ନାହିଁ ଯେ ତାହାକୁ ଯଥାର୍ଥରେ ଚାପ ବୋଲି କୁହାଯାଇପାରେ ।''

(ତତ୍ରୈବ : ପୃଷ୍ଠା, ୩୭୯)

*

୧୪.୦୧.୧୯୩୨ ମସିହାରେ ଶ୍ରୀଅରବିନ୍ଦ ଜନୈକ ଶିଷ୍ୟଙ୍କୁ ଶ୍ରୀମାଙ୍କର ଅନ୍ତରାଳକୁ ଚାଲିଯାଇଥିବା ସମ୍ବନ୍ଧେ ଉଲ୍ଲେଖ କରି ଲେଖିଥିଲେ : ''ତୁମେ କହିବ, 'ବର୍ତ୍ତମାନ ଶ୍ରୀମା ଅନ୍ତରାଳକୁ ଚାଲିଯାଇଛନ୍ତି – ସେଥିପାଇଁ ଅତିମାନସକୁହିଁ ଦାୟୀ କରାଯିବ, କାରଣ ଜଡ଼ ମଧ୍ୟକୁ ଅତିମାନସର ଅବତରଣ କରାଇବାକୁ ସେ ଅନ୍ତରାଳରେ ରହିଛନ୍ତି ।' କିନ୍ତୁ ସେଥିପାଇଁ ଅତିମାନସକୁ ଦୋଷ ଦେବା ଉଚିତ ନୁହେଁ; ପୂର୍ବର ଅବସ୍ଥାରେ ମଧ୍ୟ ଅତିମାନସ ସହଜରେ ଜଡ଼ ମଧ୍ୟକୁ ଅବତରଣ

କରିପାରିଥା'ନ୍ତା; ଯଦି ଶାରୀରିକ ଓ ପ୍ରାଣିକ ସମ୍ପର୍କ ନିମନ୍ତେ ଶ୍ରୀମା'ଙ୍କ ଦ୍ୱାରା ସୃଷ୍ଟ ମାଧ୍ୟମ ଆଶ୍ରମ ବାତାବରଣରେ ଥିବା ଏକ ଭୁଲ୍ ମନୋଭାବ ଓ ଭ୍ରାନ୍ତିପୂର୍ଣ୍ଣ ପ୍ରତିକ୍ରିୟା ଦ୍ୱାରା କଳୁଷିତ ହୋଇ ନ ଥା'ନ୍ତା । ଯାହା କାର୍ଯ୍ୟ କରୁଥିଲା ତାହା ସାକ୍ଷାତ୍ ଅତିମାନସ ଶକ୍ତି ନୁହେଁ; କିନ୍ତୁ ଏକ ମଧ୍ୟବର୍ତ୍ତୀ ସ୍ତରର ଓ ପ୍ରସ୍ତୁତକାରୀ ଶକ୍ତି ଯାହାକି ନିଜ ମଧ୍ୟରେ ଅତିମାନସ ନିଃସୃତ ଏକ ମିଶ୍ରିତ ଜ୍ୟୋତିଃ ବହନ କରୁଥିଲା । କିନ୍ତୁ ଉଚ୍ଚତମ କ୍ରିୟା ପାଇଁ ମାର୍ଗ ଉନ୍ମୁକ୍ତ କରିବାରେ ଏହା ଯଥେଷ୍ଟ ହୋଇଥା'ନ୍ତା ଯଦି ଏପର୍ଯ୍ୟନ୍ତ ବିଜୟ ଲାଭ କରାଯାଇ ନ ଥିବା ନିମ୍ନତର (ସ୍ଥୂଳ) ପ୍ରାଣିକ ଜଡ଼ସ୍ତର ଉପରେ ଏହି ଅବାଞ୍ଛିତ ଶକ୍ତିସବୁର ଆକ୍ରମଣ ନ ହୁଅନ୍ତା । ଏଗୁଡ଼ିକର ହସ୍ତକ୍ଷେପ ଯୋଗୁଁ ଏପରି ସବୁ ପ୍ରତିକୂଳ ସମ୍ଭାବନା ସୃଷ୍ଟି ହେଲା ଯାହାକୁ ଆଦୌ ପ୍ରଶ୍ରୟ ଦିଆଯିବା ଉଚିତ ନ ଥିଲା । ତା' ନ ହୋଇଥିଲେ ଶ୍ରୀମା କଦାପି ଅନ୍ତରାଳକୁ ଚାଲିଯାଇ ନ ଥା'ନ୍ତେ ଏବଂ ବର୍ତ୍ତମାନ ଯେପରି ଚାଲିଛି ତାହାର ଅର୍ଥ କାର୍ଯ୍ୟକ୍ଷେତ୍ରରେ ପରିତ୍ୟାଗ ନୁହେଁ, କିନ୍ତୁ କେବଳ (ଏକ ଅଧିକ ବାହ୍ୟ ଅନୁଷ୍ଠାନରୁ ଗୃହୀତ ଏକ ପ୍ରଚଳିତ ବାକ୍ୟ ଅନୁସାରେ) ଏକ ଅସ୍ଥାୟୀ କୌଶଳପୂର୍ଣ୍ଣ ଏକାନ୍ତବାସ । ତେଣୁ ସେଥିପାଇଁ ଅତିମାନସ ଦାୟୀ ନୁହେଁ, ବରଂ ବିପରୀତପକ୍ଷେ ଦେଖିଲେ ଅତିମାନସ ଅବତରଣରେହିଁ ସମସ୍ତ ବାଧା ଓ ପ୍ରତିବନ୍ଧକର ସମାପ୍ତି ଘଟିବ ।''

(ତତ୍ରୈବ : ପୃଷ୍ଠା, ୨୭୯- ୨୮୦)

*

''ଏହା ହେଉଛି ସାଧକର ଅହଂକାର ଯାହାକି ପ୍ରସିଦ୍ଧ ହେବାରେ ବା ସ୍ୱତନ୍ତ୍ର ଭାବରେ ବିବେଚିତ ହେବାରେ ତୃପ୍ତି ଲାଭ କରିଥାଏ । ଏହି ଅହଂକାରୀ ପ୍ରାଣିକ ଦାବି ତା'ର ସମସ୍ତ ସ୍ୱାଭାବିକ ପରିଣାମ ଏବଂ ବିଶୃଙ୍ଖଳା ଓ ବିକ୍ଷୋଭହିଁ ଶ୍ରୀମା'ଙ୍କୁ ଅପରିହାର୍ଯ୍ୟ ଭାବରେ ତାଙ୍କୁ ତାଙ୍କର ସଶରୀରରେ ସାଧକଙ୍କର ନୈକଟ୍ୟ ହେବାର ସମ୍ଭାବନାକୁ ନ୍ୟୂନତମ କରାଇଛି ।''

(୧୭.୪.୧୯୩୫)

(CWSA, Vol. 25, p. 296)

*

୩୧.୦୩.୧୯୩୪ରେ ଶ୍ରୀଅରବିନ୍ଦଙ୍କ ଏକ ପତ୍ରରୁ ଉଦ୍ଧୃତି : ''... 'ଶ୍ରୀମା'ଙ୍କୁ ତାଙ୍କର କାର୍ଯ୍ୟ କରିବା ପାଇଁ ସମସ୍ତ ସାଧକଙ୍କୁ ନିଜର ବ୍ୟକ୍ତି ସତ୍ତା ଓ ଚେତନା ମଧ୍ୟକୁ ଗ୍ରହଣ କରିବାକୁ ହୋଇଛି । ତେଣୁ ବ୍ୟକ୍ତିଗତ ଭାବରେ (କେବଳ ନୈର୍ବ୍ୟକ୍ତିକ ରୂପେ ନୁହେଁ) ସାଧକମାନଙ୍କୁ ନିଜ ମଧ୍ୟରେ ଗ୍ରହଣ କରି ନେଇଥିବା ଯୋଗୁଁ, ସେମାନଙ୍କର ସମସ୍ତ ଗୋଳମାଳ, ବିଶୃଙ୍ଖଳା ଓ ବାଧାବିଘ୍ନକୁ, ଏପରିକି ସେମାନଙ୍କର ଅସୁସ୍ଥତା ମଧ୍ୟ ଶ୍ରୀମା'ଙ୍କ ଉପରେ ଅଜାଡ଼ି ହୋଇପଡ଼େ । ଏହା ଅସମ୍ଭବ ହୋଇ ଉଠନ୍ତା ଯଦି ଏକାକୀ ରହି ଆତ୍ମରକ୍ଷା କରିବାର ସୁଯୋଗକୁ ସେ ପରିହାର କରି ନଥା'ନ୍ତେ । କେବଳ ଅନ୍ୟମାନଙ୍କର ଅସୁସ୍ଥତା ଯେ ତାଙ୍କ ଶରୀର ମଧ୍ୟରେ ଆକ୍ରମଣର ରୂପ ନିଏ, ତା' ନୁହେଁ (ଏସବୁ କେଉଁ ଉତ୍ସରୁ ଓ କାହିଁକି ଆସିଛି, ତାହା ଜାଣିବା ମାତ୍ରେ ସାଧାରଣ ଭାବରେ ସେ ଏହା ଦୂରକୁ ଫିଙ୍ଗି ଦେଇ ପାରନ୍ତେ), ଆହୁରି ମଧ୍ୟ ସେମାନଙ୍କର ଆନ୍ତର ବାଧାବିଘ୍ନ, ବିଦ୍ରୋହ, ତାଙ୍କ ବିରୋଧରେ କ୍ରୋଧ ଓ ଘୃଣାର ଉଦ୍‌ଗାର ପ୍ରଭୃତିର ପ୍ରତିକ୍ରିୟା ମଧ୍ୟ ସେହି ପ୍ରକାର, ବରଂ ତାହା ଅପେକ୍ଷା ଅଧିକ ଆକ୍ରମଣର ରୂପ ନେଇଥାଏ । ଏହାହିଁ ତାଙ୍କ ସକାଶେ ଏକମାତ୍ର ବିପଦ (କାରଣ ସାଧକମାନଙ୍କର ଆନ୍ତର ବାଧାବିଘ୍ନକୁ ଅତିକ୍ରମ କରିବା ତାଙ୍କ ପକ୍ଷରେ ଅତି ସହଜ) । କିନ୍ତୁ ଆମ ଯୋଗରେ ଜଡ଼ବସ୍ତୁ ଓ ଶରୀର ହେଲା ସବୁଠୁ ଦୁର୍ବଳ କ୍ଷେତ୍ର ବା ସଙ୍କଟପୂର୍ଣ୍ଣ ସ୍ଥଳ ବା ସ୍ତର । କାରଣ ଏପର୍ଯ୍ୟନ୍ତ ଏହି କ୍ଷେତ୍ରଟି ଉପରେ ଆଧ୍ୟାତ୍ମିକ ଶକ୍ତିର ବିଜୟ ହାସଲ ହୋଇ ନାହିଁ । ପୁରାତନ ଯୋଗସବୁ ଏହାକୁ ହୁଏତ ଅଲଗା କରି ଛାଡ଼ି ଦେଉଥିଲେ କିଂବା ସାଧାରଣ ଆଧ୍ୟାତ୍ମିକ ଶକ୍ତି ପରିବର୍ତ୍ତେ କେବଳ ମାନସିକ ଓ ପ୍ରାଣିକ ଶକ୍ତି ଏହା ଉପରେ ପ୍ରୟୋଗ କରୁଥିଲେ । ସେହି କାରଣରୁ ଆଶ୍ରମ ବାତାବରଣର ଅତ୍ୟନ୍ତ ଶୋଚନୀୟ ଅବସ୍ଥା ଦ୍ୱାରା ସୃଷ୍ଟ ଶ୍ରୀମା'ଙ୍କର ଭୟଙ୍କର ଅସୁସ୍ଥତା ପରେ ମୁଁ ତାଙ୍କର ଆଂଶିକ ଅବସର ନେବା ଉପରେ ଏତେ ଜୋର୍ ଦେଇଥିଲି । ତଦ୍ଦ୍ୱାରା ଅନ୍ତତଃ ତାଙ୍କ ଉପରେ ପଡ଼ିଥିବା ଚାପର ସର୍ବାପେକ୍ଷା କଠିନତର ଅଂଶ ଟିକିଏ ଲଘୁ ହୋଇ ପାରନ୍ତା । ଏହା ସ୍ୱାଭାବିକ ଯେ ସ୍ଥୂଳ ଭୌତିକ ସ୍ତର ଉପରେ ପୂର୍ଣ୍ଣ ବିଜୟ ଜଡ଼ବସ୍ତୁ ସକଳ ଉପରେ ଆଣିଦେବ ଏକ ବୈପ୍ଳବିକ ପରିବର୍ତ୍ତନ, କିନ୍ତୁ ଏପର୍ଯ୍ୟନ୍ତ ସଂଗ୍ରାମହିଁ ଚାଲିଛି ।''

(CWSA, Vol. 25, pp. 317 - 318)

ପୁନଶ୍ଚ ୦୭.୧୨.୧୯୩୧ରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଥିଲେ: ''... ସାଧକମାନଙ୍କ ସହିତ ଶ୍ରୀମା'ଙ୍କର

ଗତାନୁଗତିକ ପୁରୁଣା କ୍ରିୟାଧାରାରୁ ନିଜକୁ ଅପସରାଇ ନେବା ହେଉଛି ଆଶ୍ରମର କର୍ମ ଏବଂ ସାଧନା ସକାଶେ ସମ୍ପୂର୍ଣ୍ଣ ରୂପେ ଏକ ଜରୁରୀ ଆବଶ୍ୟକତା । ଆଶ୍ରମର ସବୁକିଛି ଗତିବିଧି ଏକ ଭ୍ରାନ୍ତ ଘରା ଭିତରେ ପଡ଼ି ଯାଇଛି । ଯାବତୀୟ ମିଶ୍ର ଗତିବିଧି ତଥା ଭ୍ରାନ୍ତ ବୁଝାମଣାର ମନୋଭାବରେ ଭରପୂର ହୋଇ ଉଠିଛି — ଏବଂ ପରିଣାମତଃ ସବୁକିଛି ସେଇ ସମାନ ଧରଣର ରଜୋ-ତାମସିକ ଗୁଣର ପୁନରାବର୍ତ୍ତନ ଗତିପଥରେ, ଏକ ଯନ୍ତା ଭିତରେ ଗୁଣ୍ଡୁଚି ମୂଷାଟିଏ ଘୂରି ବୁଲୁଥିବା ସଦୃଶ, କୌଣସି ପ୍ରକାର ଅଭିନବ କିଛିର ପ୍ରବର୍ତ୍ତନର ସମ୍ଭାବନା ନରଖି ଗତି କରି ଚାଲିଛି । ଶ୍ରୀମା'ଙ୍କର ଅସୁସ୍ଥତା ଥିଲା ଏକ ଜ୍ୱଳନ୍ତ ସତର୍କ-ସଂକେତ ଯେ ଆଶ୍ରମର ଏହି ଧରଣର ଗତିବିଧି ଚାଲୁ ରଖିବାକୁ ଆଉ ଅନୁମତି ବା ପ୍ରଶ୍ରୟ ଦିଆଯିବା ନିଷେଧ ।

''ଏକ ଅଭିନବ ସ୍ଥିତିର କର୍ମଧାରା ଏବଂ ପାରସ୍ପରିକ ସମ୍ପର୍କ ଗଢ଼ିବାକୁ ହେବ ଯେଉଁଥିରେ ସ୍ଥୂଳ ଭୌତିକ (ଏକେବାରେ ଜଡ଼ ବସ୍ତୁର) ସ୍ତରର ସ୍ୱଭାବ ବା ପ୍ରକୃତିରେ ଦିବ୍ୟ ସତ୍ୟର ଅବତରଣରେ ବାଧାପ୍ରଦାନ କରୁଥିବା ସାଧକମାନଙ୍କର ସେଇ ପୁରାତନ ଗତାନୁଗତିକ ଭ୍ରାନ୍ତ ଗତିବିଧିକୁ ଅନୁମୋଦନ କରିବା କସ୍ମିନ୍‌କାଳେ ସମ୍ଭବ ନୁହେଁ । ଏହି ଅଭିନବ ସ୍ଥିତିର ନିର୍ମାଣ ଗୋଟିଏ ଦିନରେ ହୋଇ ପାରିବ ନାହିଁ, କିନ୍ତୁ ଶ୍ରୀମା'ଙ୍କୁ ପଛକୁ ଅପସରି ଯିବା ବିଧେୟ, ନଚେତ୍ ଏହି ନୂତନ ମିନାର ନିର୍ମାଣ ଏକେବାରେ ଅସମ୍ଭବ ହୋଇ ଉଠିବ ।''

(ତତ୍ରୈବ : ପୃଷ୍ଠା, ୩୨୧)

ପରିଶେଷରେ ଶ୍ରୀଅରବିନ୍ଦଙ୍କର ଅନ୍ୟ ଏକ ପତ୍ରରୁ ଉଦ୍ଧୃତି : ''ଏକଥା ସତ୍ୟ ନୁହେଁ ଯେ ଶ୍ରୀମା ଅଧିକରୁ ଅଧିକ ଅନ୍ତରାଳକୁ ଚାଲିଯାଉଛନ୍ତି କିଂବା ମୋ ସଦୃଶ ସମ୍ପୂର୍ଣ୍ଣ ରୂପେ ଅନ୍ତରାଳରେ ରହିବା ସକାଶେ ତାଙ୍କର ସେପରି କୌଣସି ଅଭିପ୍ରାୟ ରହିଛି । (ଶ୍ରୀମା'ଙ୍କୁ ସାକ୍ଷାତ୍ କରିବା ପାଇଁ) ବିଶେଷ ଅଧିକାର ପ୍ରାପ୍ତ କତିପୟ ସାଧକଙ୍କ ସମ୍ବନ୍ଧେ ତୁମର ମନ୍ତବ୍ୟସବୁ ମୋ ସକାଶେ ଅବୋଧ; ଆମେ କେବେହେଲେ ଅନ୍ୟମାନଙ୍କୁ ବାଦ୍ ଦେଇ କେବଳ କତିପୟଙ୍କ ସହିତ ବିଶ୍ୱସନୀୟ ହୋଇ ରହିଛୁ ଅଥବା ଘଟଣା-ପ୍ରବାହ ସମ୍ବନ୍ଧେ ତୁମମାନଙ୍କୁ ଆଦୌ କିଛି ନ କହି କେବଳ ସେହିମାନଙ୍କୁହିଁ ଜଣାଉଛୁ । ଏହା ହେଉଛି ତୁମର ସେଇ ପୁରୁଣା ଅଭିଯୋଗ ଏବଂ ଏହା ଅବାନ୍ତର । ଯଦି ଶ୍ରୀମା'ଙ୍କର କାହାରି ପ୍ରତି ସ୍ୱତନ୍ତ୍ର ବିଶ୍ୱସ୍ତତା ରହିଛି ବୋଲି ସେହି ବ୍ୟକ୍ତି ନିଜେ ଦୃଢ଼ତାର ସହ ଦାବି କରେ, ତେବେ ସେଇଟି ତା'ର ଅହଂକାର ପ୍ରସୂତ ଦାବି ଯାହା ଏକେବାରେ ନ୍ୟାୟସଂଗତ ନୁହେଁ । ମୋର ମନେହୁଏ ତୁମର ଅସଲ ଅଭିଯୋଗ ହେଉଛି ଶ୍ରୀମା ପୁଣି ସୁପ୍ ବିତରଣ କାର୍ଯ୍ୟ ତଥା ତା'ର ଆନୁଷଙ୍ଗିକ କ୍ରିୟାସବୁକୁ ଆରମ୍ଭ କରୁ ନାହାନ୍ତି କାହିଁକି । ମୁଁ ତୁମକୁ ଇତିପୂର୍ବରୁ କହିଛି ଶ୍ରୀମା ତାଙ୍କର ଅସୁସ୍ଥ ହୋଇପଡ଼ିବାର ଅଭିଜ୍ଞତାରୁ ନିଜର ପୁରୁଣା ରୁଟିନରୁ ନିଜକୁ ଅପସରାଇ ନେବାକୁ ବାଧ ହୋଇଥିଲେ — ଯାହାକି ଅଧିକାଂଶ ସାଧକଙ୍କ ସକାଶେ ଏହା (ସୁପ୍ ବିତରଣ) ହୋଇଉଠିଥିଲା ଏକପ୍ରକାର ଅର୍ଦ୍ଧ-ଯାଜନିକ ବା ଅର୍ଦ୍ଧ-ଧାର୍ମିକ ରୁଟିନ ବ୍ୟତୀତ ଅନ୍ୟ କିଛି ନୁହେଁ । ସାଧକମାନଙ୍କର ଏହି ଧରଣର ଭ୍ରାନ୍ତ ମନୋଭାବ ଯୋଗୁଁହିଁ (ଆଶ୍ରମରେ) ଯୋଗ-ବିରୋଧୀ ଗତିବିଧିରେ ଭରପୂର ପରିବେଶ ସୃଷ୍ଟ ହୋଇଥିଲା ଏବଂ ଘୋର ବିପତ୍ତି ଆଡ଼କୁ ମୁହାଁଇଥିଲା — ଯେପରି କହିବାକୁ ଗଲେ ଏହା ଘଟାଇବାକୁ ଆରମ୍ଭ କରିଦେଇଥିଲା । ସୁପ୍ ବିତରଣ କାର୍ଯ୍ୟଟିକୁ ପୁରୁଣା ଢାଞ୍ଚାରେ ପୁଣି ଆରମ୍ଭ କରିବା ହେବ ସେଇସବୁ ପୁରୁଣା ଗତିବିଧିକୁ ସ୍ମରଣ କରିବା ଏବଂ ସେଇସବୁ ଭ୍ରାନ୍ତ ଗତିବିଧିର ପୁନରାବୃତ୍ତି ଘଟାଇବା, ଫଳତଃ ସେଇ ସମାନ ପରିଣାମ । ଶ୍ରୀମା ତାଙ୍କର ଅସୁସ୍ଥତା ପରେ ଧୀରେ ଧୀରେ ଏବଂ ସତର୍କତା ଅବଲମ୍ବନପୂର୍ବକ ଅବସ୍ଥାସବୁ ଉପରେ ନିଜର ନିୟନ୍ତ୍ରଣ ଆଣି ଅନ୍ୟ ଏକ ଭିତ୍ତିଭୂମିରୁ କାର୍ଯ୍ୟାରମ୍ଭ କରିବା ସକାଶେ ଅଗ୍ର ପଦକ୍ଷେପ ନେବାକୁ ଆରମ୍ଭ କରିଛନ୍ତି । କିନ୍ତୁ ସେ କଦାପି ସେଇ ପୁରୁଣା ଅଦିବ୍ୟ ଗତିବିଧିସବୁର ପୁନରାବୃତ୍ତି ଘଟାଇବାକୁ ପ୍ରଶ୍ରୟ ଦେବେ ନାହିଁ — ଯେଉଁ କେତୋଟି ଭ୍ରାନ୍ତ ଗତିବିଧିର ଅନୁପ୍ରବେଶ ସମ୍ବନ୍ଧେ ମୋର ଧାରଣା ତୁମେ ନିଜେହିଁ ଲକ୍ଷ୍ୟ କରିବାକୁ ଆରମ୍ଭ କରିଛ । ପରବର୍ତ୍ତୀ ପଦକ୍ଷେପ ସାଧକମାନଙ୍କୁହିଁ ନେବାକୁ ପଡ଼ିବ; (ସେମାନେ ସେମାନଙ୍କର ମନୋଭାବର ପରିବର୍ତ୍ତନ ଘଟାଇ, ନିମ୍ନ ପ୍ରାଣ ଓ ଶାରୀରିକ ସ୍ତରରୁ ଯଥାର୍ଥ ଚେତନାକୁ ଉତ୍‌ଥିତ ହେବାରେ ଦୃଢ଼ ସଂକଳ୍ପ ନେଇ) ସେମାନେ ନିଶ୍ଚିତ ରୂପେ ଶ୍ରୀମା'ଙ୍କ ସହିତ ସେହି ଉର୍ଦ୍ଧ୍ୱ ଭୂମିରେ ମିଳିତ ହେବେ ଏବଂ **ଯଥାର୍ଥ ଧାରାରେ ଏବଂ ଯଥାର୍ଥ ଫଳାଫଳ ଲାଭ କରିବାରେ** ସଫଳକାମ ହୋଇ ଉଠିବେ । ...''

୨୮.୧୨. ୧୯୩୧

(ତତ୍ରୈବ : ପୃଷ୍ଠା, ୩୨୧ - ୩୨୨)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# ପାଠଚକ୍ର ସମ୍ମିଳନୀର ମହତ୍ତ୍ୱ

## ରାମକୃଷ୍ଣ ଦାସ

ଯେଉଁଠାରେ ସତ୍-ଚର୍ଚ୍ଚା, ସତ୍ୟଗୋଷ୍ଠୀ ହୁଏ ସେଠାରେ ସତ୍ୟ ବିଦ୍ୟମାନ ଥାଏ । ଯଥାର୍ଥ ସତ୍ୟ ସବୁ ସ୍ଥାନରେ ବିଦ୍ୟମାନ । କିନ୍ତୁ ବ୍ୟକ୍ତି ସଦାସର୍ବଦା ସାଂସାରିକ କାର୍ଯ୍ୟରେ ଆସକ୍ତ ଓ ବ୍ୟାପୃତ ରହିଥିବାରୁ ସେ ସତ୍ୟକୁ ଅନୁଭବ କରିପାରେ ନାହିଁ ।

ସଦ୍ ମଣ୍ଡଳୀରେ ସଦ୍-ଚର୍ଚ୍ଚା ହେଲେ ବ୍ୟକ୍ତି କିଛି ସମୟ ପାଇଁ ସଂସାର ଚିନ୍ତାରୁ ନିଷ୍କୃତି ପାଏ ଓ ଶାନ୍ତି, ଆନନ୍ଦ, ଭାଗବତ ଭକ୍ତି ଅନୁଭବ କରେ । ସେହି ସକାଶେ ଉତ୍ତମ ବିଚାରବାନ୍ ବ୍ୟକ୍ତିମାନେ ପାରିପାର୍ଶ୍ୱିକ ବ୍ୟକ୍ତିମାନଙ୍କ ପ୍ରତି ସଦ୍‌ଭାବନା ରଖି ଭଗବତ୍ ଚର୍ଚ୍ଚାର ସୁଯୋଗ ଆଣନ୍ତି, ଯାହାଦ୍ୱାରା ସଂସାର ପରିଶ୍ରାନ୍ତ ବ୍ୟକ୍ତିମାନେ ଭଗବତ୍ ଶାନ୍ତି ଅନୁଭବ କରି ପାରନ୍ତି ଏବଂ ସତ୍ୟମାର୍ଗର ପଥିକ ହେବାର ସୁଯୋଗ ପାଆନ୍ତି ।

ବହୁ ଲୋକଙ୍କର ଧାରଣା ତଥା ବହୁତ ଲୋକ ପ୍ରଶ୍ନ କରନ୍ତି, ''ଓଡ଼ିଶାରେ ଯେଉଁସବୁ ପାଠଚକ୍ର ବା ପାଠଚକ୍ର ସମ୍ମିଳନୀ ହେଉଛି ତାହା କ'ଣ ହରିହାଟର ଅନ୍ୟ ରୂପ ନୁହେଁ ?'' ଅର୍ଥାତ୍, ''ହରିହାଟରେ ବହୁତ ଲୋକଙ୍କର ସମାଗମ ହେଉଥିଲା, ଖିଆପିଆ ହେଉଥିଲା, ସେଥିରେ ବ୍ୟକ୍ତିକୁ କିଛି ସନ୍ତୋଷ ମଧ୍ୟ ମିଳୁଥିଲା । ଏହି ପାଠଚକ୍ର ସମ୍ମିଳନୀ ସେହିପରି ନୁହେଁ ତ ?''

ଯଦିଓ ହରିହାଟର ମୂଲ୍ୟ ଥିଲା, ସେଠାରେ ଭାଗବତ ଚର୍ଚ୍ଚା ହେଉଥିଲା, ବହୁତ ବ୍ୟକ୍ତିଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ ହେଉଥିବାରୁ ସେ ସ୍ଥାନର ଦୂଷିତ ବାତାବରଣ ପବିତ୍ର ହେଉଥିଲା, ତଥାପି ତା' ପଶ୍ଚାତରେ ମନୁଷ୍ୟକୁ ଗୋଟାଏ ଉଚ୍ଚତର ଚେତନା ଓ ଉଚ୍ଚତର ଅବସ୍ଥାକୁ ନେଇଯିବାର କୌଣସି ସଚେତ ପ୍ରେରଣା ନଥିଲା, ଏହାର କୌଣସି ସଚେତ ଲକ୍ଷ୍ୟ ନଥିଲା ।

ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହାର ପଶ୍ଚାତରେ ଅତିମାନସ ସତ୍ୟ ବିଦ୍ୟମାନ ଅଛି । ଏହା ସେହି ସତ୍ୟର ସନ୍ଧାନ ଦିଏ, ଯେଉଁ ସତ୍ୟକୁ କୋଟି କୋଟି ବର୍ଷ ଧରି ସଂସାର ଅପେକ୍ଷା କରି ରହିଅଛି । ଏହି ସମ୍ମିଳନୀରେ ଅଧ୍ୟାତ୍ମ ସତ୍ୟର ଆଲୋଚନା ଏବଂ ବ୍ୟକ୍ତିମାନଙ୍କ ସଦ୍‌ଭାବନା, ସଦ୍‌ବିଚାର ତଥା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ମା'ଙ୍କ ଉପସ୍ଥିତି ଥିବାରୁ ସେହି ସ୍ଥାନର ବାତାବରଣ ଶୁଦ୍ଧ ହୁଏ । ସେଥିରେ ଯୋଗ ଦେଉଥିବା ବ୍ୟକ୍ତିଙ୍କର ଜ୍ଞାତରେ ବା ଅଜ୍ଞାତରେ ହେଉ ମନରେ, ପ୍ରାଣରେ ପବିତ୍ରତା ଆସେ; ନୂତନ ସତ୍ୟର ସନ୍ଧାନରେ ହୃଦୟ ଆଶାନ୍ୱିତ ହୁଏ, ବହୁ ବ୍ୟକ୍ତିଙ୍କର ଏହି ସତ୍ୟ ଗ୍ରହଣ କରିବାର ଆଗ୍ରହ ଜନ୍ମେ । ନିରାଶାରେ ଆଶାର ସଞ୍ଚାର ହୁଏ, ପଥଭ୍ରାନ୍ତ ବ୍ୟକ୍ତିଙ୍କୁ ପଥର ନିର୍ଦ୍ଦେଶ ମିଳେ, ଲକ୍ଷ୍ୟହୀନ ବ୍ୟକ୍ତି ସମ୍ମୁଖରେ ଲକ୍ଷ୍ୟ ସ୍ପଷ୍ଟ ହୋଇଉଠେ । ସେ ଲକ୍ଷ୍ୟ ହେଉଛି ଚିରଅଭିଳଷିତ ବସ୍ତୁ – ସୁଖସମୃଦ୍ଧିଶାଳୀ, ଦୁଃଖଦ୍ୱନ୍ଦ୍ୱହୀନ ଆନନ୍ଦମୟ ଭଗବତ୍ ଜୀବନ ।

ଭଗବାନଙ୍କ ଅବତାର ସଂସାରକୁ ଆସନ୍ତି, ବ୍ୟକ୍ତିଙ୍କ ସମ୍ମୁଖରେ ସତ୍ୟ ରଖନ୍ତି – କିନ୍ତୁ ଦୁର୍ଭାଗ୍ୟବଶତଃ ବ୍ୟକ୍ତି ସତ୍ୟକୁ ଜାଣିପାରେ ନାହିଁ; ସନ୍ଦେହ, ଅବିଶ୍ୱାସ, ନିରାଶା, ମୋହନିଦ୍ରାରୁ ଜାଗ୍ରତ୍ ହୁଏ ନାହିଁ । ଗଙ୍ଗାକୂଳରେ ବନ୍ଧା ହୋଇଥିବା ତୃଷାପୀଡ଼ିତ ପଶୁ ସଦୃଶ, ଦରିଦ୍ର ଗୃହରେ ଅମୂଲ୍ୟ ରତ୍ନ ପୋତା ହୋଇଥିବା ସଦୃଶ, ବ୍ୟକ୍ତି ସମ୍ମୁଖରେ ପରମାନନ୍ଦ ବିଦ୍ୟମାନ ହୋଇଥିବା ସତ୍ତ୍ୱେ ସେ ଦୁଃଖକଷ୍ଟ ଭୋଗୁଥାଏ । ଏହିପରି ବରାବର ହୋଇଛି ଭଗବାନଙ୍କ ଅବତାର ତଥା ଆଚାର୍ଯ୍ୟମାନଙ୍କ ଆବିର୍ଭାବ ସମୟରେ । ସୁତରାଂ ସତ୍ୟର ସନ୍ଧାନ ଦେବା ସକାଶେ ଏହିପରି ଅନୁଷ୍ଠାନର ଆବଶ୍ୟକ । ଯଥାର୍ଥରେ ଏହି ପାଠଚକ୍ର ସମ୍ମିଳନୀ ହରିହାଟ ସଦୃଶ ନୁହେଁ, ସତ୍ୟର ସନ୍ଧାନ ଦେବାର ଏକ ଉପାୟ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ସବୁ କ୍ଷେତ୍ରରେ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ କମ୍ ବେଶୀ ପରିମାଣରେ ସ୍ୱାର୍ଥ, ଅହଂ, ଈର୍ଷା, ଦ୍ୱେଷର ସାମ୍ରାଜ୍ୟ । ସକଳ ଶ୍ରେଣୀର ବ୍ୟକ୍ତି ଦୁଃଖ-ଦ୍ୱନ୍ଦ୍ୱ ଭାରରେ ଭାରାକ୍ରାନ୍ତ । ଜୀବନ ଏକେବାରେ ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ । ଏହି ଅବସ୍ଥାରେ ଶ୍ରୀମାଶ୍ରୀଅରବିନ୍ଦ ପ୍ରପୀଡ଼ିତ ବ୍ୟକ୍ତିଙ୍କ ସକାଶେ ଅତିମାନସ ସତ୍ୟ ରୂପକ ଅମୃତ ନେଇ ଏହି ପୃଥିବୀକୁ ଆସିଅଛନ୍ତି । ଯେଉଁମାନେ ଏହି ଅମୃତକୁ ଗ୍ରହଣ କରିବେ ସେମାନେ ରୋଗ, ଜରା, ମୃତ୍ୟୁ ଓ ସମସ୍ତ ପ୍ରକାର ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବେ । ଏହା ଫଳରେ ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ସନ୍ଧାନ ଦେବା ହେଉଛି ଏହିସବୁ ପାଠଚକ୍ର ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ।

ଯେତେବେଳେ ସଂସାରରେ ଅନ୍ୟାୟ-ଅତ୍ୟାଚାରର ବୃଦ୍ଧି ହୁଏ ସେତେବେଳେ ଭଗବାନ୍ ଏହି ପୃଥିବୀକୁ ଆସି ଅନ୍ୟାୟ-ଅତ୍ୟାଚାରକୁ ଦୂର କରି ପୃଥିବୀରେ ସତ୍ୟ ସ୍ଥାପନ କରନ୍ତି । ଯେତେବେଳେ ହିରଣ୍ୟକଶିପୁ ଦ୍ୱାରା ପୃଥିବୀରେ ଅନ୍ୟାୟ, ଅସତ୍ୟର ତାଣ୍ଡବନୃତ୍ୟ ହୋଇଥିଲା, ସେହି ସମୟରେ ପରମଭକ୍ତ ପ୍ରହ୍ଲାଦ ହିରଣ୍ୟକଶିପୁର ପୁତ୍ର ରୂପେ ଆବିର୍ଭୂତ ହୋଇଥିଲେ । ଯେପରି ରାତ୍ରି ଆଉ ଦିବସ, ଅନ୍ଧକାର ଆଉ ଆଲୋକ ସେହିପରି ଅସତ୍ୟ ଆଉ ସତ୍ୟ ମଧ୍ୟରେ ସମ୍ବନ୍ଧ । ଏହି ଦୁଇଟି ମଧ୍ୟରେ ସାମଞ୍ଜସ୍ୟ କେବେ ବି ନଥାଏ । ସର୍ବଦା ଏକ ଅନ୍ୟକୁ ଗ୍ରାସ କରିବାକୁ ଚାହେଁ । ପ୍ରହ୍ଲାଦ ଯଦିଓ ହିରଣ୍ୟକଶିପୁର ପୁତ୍ର ଥିଲେ ତଥାପି ସେ ଆଶ୍ରୟ ନେଇଥିଲେ ସତ୍ୟର । ସେ ଥିଲେ ଭଗବାନଙ୍କର ଭକ୍ତ । ହିରଣ୍ୟକଶିପୁ ଥିଲା ଅସତ୍ୟପ୍ରିୟ । ଅସତ୍ୟର ସେ ଥିଲା ମୂର୍ତ୍ତିମାନ୍ ବିଗ୍ରହ ଓ ଯନ୍ତ୍ର । ସେହି ସକାଶେ ନିଜ ଅନ୍ତରରୁ ଜାତ ଆତ୍ମବତ୍ ପୁତ୍ର ପ୍ରହ୍ଲାଦ ହେଲେ ତା'ର ଶତ୍ରୁ । କାରଣ ସତ୍ୟ ସହିତ ଅସତ୍ୟର ସାମଞ୍ଜସ୍ୟ ହୁଏ ନାହିଁ । ପ୍ରହ୍ଲାଦଙ୍କୁ ବଧ କରିବାକୁ ହିରଣ୍ୟକଶିପୁ ନାନା ନୃଶଂସ ଉପାୟର ସାହାଯ୍ୟ ନେଲା । ସଦ୍‌ଗୁଣଯୁକ୍ତ, ଶାନ୍ତ, କୋମଳ, ସୁନ୍ଦର, ମନୋହର ଶିଶୁକୁ ମୃତ୍ୟୁ କବଳରେ କବଳିତ କରିବା ସକାଶେ କ୍ରୂର, ନୃଶଂସ, ବଜ୍ର ହୃଦୟ ପିତା ହିରଣ୍ୟକଶିପୁ ଦୁର୍ଜୟ ବିଷଧର ସର୍ପ ଦ୍ୱାରା ଦଂଶନ କରାଇଲା, ଦୁର୍ଦ୍ଧର୍ଷ ମତ୍ତଗଜ ପ୍ରେରଣ କଲା, ପ୍ରଜ୍ୱଳିତ ଅଗ୍ନିରେ ନିକ୍ଷେପ କଲା, ଉତ୍ତୁଙ୍ଗ ପାହାଡ଼ ଉପରୁ ଫୋପାଡ଼ି ଦେଲା, ଅଥଳ ସମୁଦ୍ରରେ ବୁଡ଼ାଇ ଦେଲା — ଏପରି ଭୟଙ୍କର ମୃତ୍ୟୁ-ପୀଡ଼ାରେ ମଧ୍ୟ ପ୍ରହ୍ଲାଦ ଅବିଚଳିତ ରହିଲେ । ତାଙ୍କୁ ସମସ୍ତ ପ୍ରକାର ଦାରୁଣ, ଅସହ୍ୟ ମୃତ୍ୟୁର ଆକ୍ରମଣରୁ ରକ୍ଷା କଲେ ଜଗତ୍‌କର୍ତ୍ତା ଭଗବାନ୍ । ଭଗବାନ୍ ସତ୍ୟସ୍ୱରୂପ, ଭଗବାନଙ୍କ ଆଶ୍ରୟ ନେଲେ କେବଳ ମନୁଷ୍ୟ ନିରାପଦରେ ରହିପାରେ । ଶେଷରେ ପ୍ରହ୍ଲାଦଙ୍କ ଯୋଗୁଁ ଭଗବାନ୍ ନରସିଂହ ଅବତାର ନେଇ ହିରଣ୍ୟକଶିପୁକୁ ବଧ କଲେ ଓ ପୃଥିବୀରେ ସତ୍ୟ ପ୍ରତିଷ୍ଠା କଲେ ।

ସେହି ସମୟଠାରୁ ବର୍ତ୍ତମାନର ସମୟ ବହୁଗୁଣରେ ଭୟଙ୍କର ଓ ଦୁଃସହ । ହିରଣ୍ୟକଶିପୁର ଅତ୍ୟାଚାର ଥିଲା କେବଳ ଗୋଟିଏ ପ୍ରାନ୍ତରେ ଆଉ କେତେକ ବ୍ୟକ୍ତିଙ୍କ ମଧ୍ୟରେ । ବର୍ତ୍ତମାନ ଅନ୍ୟାୟ, ଅସତ୍ୟ, ଦୁଃଖ, ଦ୍ୱନ୍ଦ୍ୱ ଖାଲି ଗୋଟିଏ ପ୍ରାନ୍ତରେ ନୁହେଁ, ସମସ୍ତ ସଂସାରରେ ବ୍ୟାପ୍ତ । ସମୃଦ୍ଧିଶାଳୀ ଦେଶମାନେ ମଧ୍ୟ ଏହି ଆତଙ୍କରୁ ମୁକ୍ତ ନୁହନ୍ତି । ବର୍ତ୍ତମାନ ବ୍ୟକ୍ତି ହିରଣ୍ୟକଶିପୁ ସଦୃଶ କୌଣସି ସ୍ଥୂଳକାୟ ଅସୁର ଦ୍ୱାରା ନିପୀଡ଼ିତ ନହେଲେ ମଧ୍ୟ ସଂସାରରେ ହିରଣ୍ୟକଶିପୁର ଗୁଣଧର୍ମ ନେଇ ଅସଂଖ୍ୟ ବ୍ୟକ୍ତି ବିଦ୍ୟମାନ । ଅଳ୍ପ କେତେକଙ୍କୁ ଛାଡ଼ି ଦେଲେ ଅସୁର ଶକ୍ତି କମ୍ ବେଶୀ ପରିମାଣରେ ସମସ୍ତଙ୍କ ଭିତରେ ସାମ୍ରାଜ୍ୟ ବିସ୍ତାର କରିଅଛି । ଅନ୍ୟାୟ, ଅସତ୍ୟ ଅବସ୍ଥାରେ ବ୍ୟକ୍ତି କଦାପି ସୁଖଶାନ୍ତି ଓ ଆନନ୍ଦ ପ୍ରାପ୍ତି କରିପାରେ ନାହିଁ, ସେହି କାରଣରୁ ପ୍ରତ୍ୟେକ ବ୍ୟକ୍ତି ପୂର୍ଣ୍ଣତଃ ଦୁଃଖତାପରେ ଦଗ୍ଧ ହେଉଛନ୍ତି । କୌଣସି ବ୍ୟକ୍ତି ଉପସ୍ଥିତ ଅବସ୍ଥାରେ ସନ୍ତୁଷ୍ଟ ନୁହନ୍ତି । ସଂସାରର ସମସ୍ତ ବ୍ୟକ୍ତି ଜ୍ଞାତ ଓ ଅଜ୍ଞାତ ଭାବରେ ଗୋଟିଏ ନୂତନ ଅବସ୍ଥା ଚାହୁଁ ଅଛନ୍ତି । ପୂର୍ବ ନିର୍ଦ୍ଧାରିତ ନୈତିକତା, ସାମାଜିକତା, ପରମ୍ପରା, ରୀତିନୀତି ଓ ନିୟମ ଭାଙ୍ଗି ଚୁରମାର୍ ହୋଇସାରିଛି । ବର୍ତ୍ତମାନ ମନୁଷ୍ୟ ବୁଦ୍ଧିଗତ ନୈତିକତାର ଶେଷ ପ୍ରାନ୍ତରେ ପହଞ୍ଚିଅଛି । ଏହି ଅବସ୍ଥାରେ ଆସେ ଗୋଟିଏ ନୂତନ ସତ୍ୟ ।

ଶ୍ରୀମାଶ୍ରୀଅରବିନ୍ଦ ନୂତନ ଅତିମାନସ ସତ୍ୟକୁ ପୃଥିବୀପୃଷ୍ଠରେ ସ୍ଥାପନ କରିବାକୁ ଆସିଅଛନ୍ତି । ବର୍ତ୍ତମାନ ପୁରାତନ ଅବସ୍ଥାର ଅବସାନ, ନୂତନ ଅବସ୍ଥା ଆଗମନର ସନ୍ଧିକ୍ଷଣ । ଏହି ସନ୍ଧିକ୍ଷଣରେ ଅସୁର ଶକ୍ତିର ଯନ୍ତ୍ର — ସ୍ୱାର୍ଥ, ହିଂସା, ଅହଂ, ଲୋଭ, ମୋହ, ସନ୍ଦେହାଦି ନୂତନ ସତ୍ୟର ପଥରୋଧ କରିବାକୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି, ନୂତନ ସତ୍ୟ ସେସବୁର ପ୍ରତିରୋଧକୁ ଭାଙ୍ଗିରୁଜି ଦେବାରେ ଲାଗିଥିବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଅଛି । ବିଶୃଙ୍ଖଳା, ଦ୍ୱନ୍ଦ୍ୱ, ଅନ୍ୟାୟ ଆଦି ଦୂର ହୋଇ ଶାନ୍ତି ଓ ଆନନ୍ଦ ପୃଥିବୀରେ ଶୀଘ୍ର ସ୍ଥାପିତ ହୋଇପାରେ ଯଦି ବ୍ୟକ୍ତି ସଚେତ ହୋଇ, ଅସତ୍ୟକୁ ତ୍ୟାଗ କରି ସତ୍ୟକୁ ଗ୍ରହଣ କରେ । ଏହି ନୂତନ ସତ୍ୟ ପ୍ରତିଷ୍ଠା କରିବା ସକାଶେ ଶ୍ରୀମା କାର୍ଯ୍ୟ କରୁଅଛନ୍ତି । ବ୍ୟକ୍ତିର କର୍ତ୍ତବ୍ୟ ହେଉଛି ନୂତନ ସତ୍ୟକୁ ଜାଣିବା ଓ ଗ୍ରହଣ କରିବା । ଏହାର ଉପାୟ ହେଲା ପ୍ରତ୍ୟେକ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ସ୍ଥାପନ କରି ଏହି ସତ୍ୟର ଆବିର୍ଭାବ ବିଷୟରେ ଚର୍ଚ୍ଚା କଲେ ସେଠାକାର ବାତାବରଣ ଶୁଦ୍ଧ ହେବ, ସେ ଗ୍ରାମର ବ୍ୟକ୍ତିମାନେ ସେଥିରେ ଅନୁପ୍ରାଣିତ ହେବେ ଏବଂ ତାହା ଗ୍ରହଣ କରିପାରିବେ । ତା' ଫଳରେ ଘରୁ, ଗ୍ରାମରୁ, ପ୍ରାନ୍ତରୁ, ଦେଶରୁ ଓ ସଂସାରରୁ ଅଶାନ୍ତି, ଦ୍ୱନ୍ଦ୍ୱ ଓ ଅନ୍ୟାୟ ଦୂର ହେବ ଏବଂ ପୃଥିବୀ ସ୍ୱର୍ଗରେ ପରିଣତ ହେବ ।

ଯେତେବେଳେ ଯେଉଁ ମହାନ୍ ଆତ୍ମା ବା ଅବତାର ପୃଥିବୀକୁ ଆସନ୍ତି ସେତେବେଳେ ମନୁଷ୍ୟଜାତି ସକାଶେ ଗୋଟାଏ ସୁଯୋଗ ଆସେ । ସେ ଅଳ୍ପ ପରିଶ୍ରମରେ ମହାନ୍

*(ଅବଶିଷ୍ଟାଂଶ ପୃଷ୍ଠା ୨୦ରେ ଦେଖନ୍ତୁ)*

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ଶରଣାଗତିର ପ୍ରତିମୂର୍ତ୍ତି ଶ୍ରୀ ପ୍ରପତ୍ତି


## ଡାକ୍ତର ସୁଧାକର ଆଚାର୍ଯ୍ୟ


ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ତ୍ରିଧାରାକୁ ସାଧାରଣ ଭାଷାରେ ଅଭୀପ୍ସା, ପ୍ରତ୍ୟାଖ୍ୟାନ ଓ ସମର୍ପଣ ନାମ ଦିଆ ଯାଇଥାଏ । ଏହାର ଭାରତୀୟ ଦର୍ଶନ ଶାସ୍ତ୍ରସିଦ୍ଧ ନାମକରଣ ହେଉଛି ସଙ୍କଳ୍ପ, ସଦାଚାର ଓ ଶରଣାଗତି । ଆମ ପ୍ରିୟ ପ୍ରପତ୍ତିଜି ଏହି ତତ୍ତ୍ୱତ୍ରୟୀରେ ସିଦ୍ଧି ଲାଭ କରିଥିଲେ ।

୧୯୨୪ ସାଲରୁ ୧୯୫୪ ସାଲ ପର୍ଯ୍ୟନ୍ତ ତାଙ୍କର ୩୦ ବର୍ଷର ସାଧାରଣ ସାଂସାରିକ ଜୀବନ । ସେହି ଜୀବନର ପରାକାଷ୍ଠା ସେ ଦେଖାଇଛନ୍ତି ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ପଣ୍ଡିତ ଅଧ୍ୟାପକ କାଙ୍ଗାଳି ଚରଣ ପତି ଭାବରେ । ଅଧ୍ୟାପକ ଜୀବନ ମାତ୍ର ୬ ବର୍ଷ । ୧୯୫୪ ସାଲରେ ଯୋଗସାଧନା ପଥର ସଙ୍କଳ୍ପ ଗ୍ରହଣ କରି ସଦାଚାରୀ ସାଧୁପୁରୁଷ କାଙ୍ଗାଳି ବାବୁ ଶ୍ରୀଅରବିନ୍ଦ ଆଶ୍ରମର ଶ୍ରୀମାଙ୍କ ଅନୁମତି ଓ ଆଶୀର୍ବାଦ ଲାଭ କରି ଆଶ୍ରମର ଅନ୍ତେବାସୀ ରୂପେ ତିରୋଧାନଅବଧି ଯୋଗ ଜୀବନଯାପନ କରନ୍ତି । ୧୯୫୮ ମସିହାରେ ନବଜ୍ୟୋତି ପତ୍ରିକାର ପ୍ରକାଶନ ଓ ନବଜ୍ୟୋତି କାର୍ଯ୍ୟାଳୟ ଆରମ୍ଭ ହୁଏ । ବାବାଜି ରାମକୃଷ୍ଣ ଦାସଙ୍କ ନିର୍ଦ୍ଦେଶରେ କାଙ୍ଗାଳିବାବୁ ତାଙ୍କ ମାତୃଭୂମି ଓଡ଼ିଶାରେ ମାତୃକାର୍ଯ୍ୟ ଆରମ୍ଭ କରି ତୀବ୍ର ବେଗରେ ଅଗ୍ରସର ହୁଅନ୍ତି । ଆଶ୍ରମରେ ୬ ବର୍ଷ ମାତ୍ର ଅବସ୍ଥାନ ପରେ ୧୯୬୦ ମସିହା ମେ ମାସ ୧ ତାରିଖରେ ଶ୍ରୀମା ତାଙ୍କର ନାମକରଣ କରନ୍ତି ପ୍ରପତ୍ତି, ଯାହାର ଅର୍ଥ ହେଉଛି ଶରଣାଗତି । ଶ୍ରୀମାଙ୍କ ଆଶୀର୍ବାଦ ରୂପକ ସମର୍ପଣ ସିଦ୍ଧି ଲାଭ କରି ଯେ ମାତୃ-କର୍ମାଗ୍ନିରେ ନିଜକୁ ଆହୁତି ଦିଅନ୍ତି ଏବଂ ଓଡ଼ିଶାରେ ବର୍ତ୍ତମାନର ସମଗ୍ର ମାତୃ କର୍ମାନୁଷ୍ଠାନ ଓ ଆଶ୍ରମର ନବଜ୍ୟୋତି କାର୍ଯ୍ୟାଳୟ, ଓଡ଼ିଶା ବିଭାଗ ଓ ନବଜ୍ୟୋତି ପ୍ରେସର ସେ ହେଉଛନ୍ତି ପ୍ରାଣ ପ୍ରତିଷ୍ଠାତା । ଏସବୁର ବାବାଜି ମହାରାଜ ହେଲେ ଦିଗ ନିର୍ଦ୍ଦେଶକ ଓ ପ୍ରପତ୍ତି ହେଲେ ଦିବ୍ୟ ସଙ୍ଗଠକ । ଶ୍ରୀ ପ୍ରପତ୍ତି ଆଜି ଆମ ମଧ୍ୟରେ ନାହାନ୍ତି କହିଲେ ଅଯଥାର୍ଥ ହେବ, କାରଣ ଏହି ଏକାଧିକ ମାତୃ-ଅନୁଷ୍ଠାନ ଓ ଆତ୍ମମାନଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ମାଧ୍ୟମରେ ତାଙ୍କ ରୋକଠୋକ କଥା, ଏବେ ବି ଆମ କାନରେ ବାଜୁଛି ।

୧୯୬୫ ମସିହାରୁ ଶ୍ରୀ ପ୍ରପତ୍ତିଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ । ରେଭେନ୍ସା କଲିଜିଏଟ ସ୍କୁଲ ଓ ରେଭେନ୍ସା କଲେଜରେ ସେ ଆମର ଦୁଇଟି କ୍ଲାସ ଉପରେ ପଢୁଥିବାର ସ୍ମୃତିଚାରଣ କରି ଛାତ୍ରଜୀବନ କଥା ମନେ ପକାନ୍ତି । କିନ୍ତୁ ସମସ୍ତ ପ୍ରକାର ସଂସାର, ଜୀବନ ଓ ସାଧାରଣ କଥାବାର୍ତ୍ତା ବେଳେ ସେ ବାହାରେ ଆନ୍ତରିକତା ଦେଖାଉଥିଲେ ମଧ୍ୟ ଭିତରେ ତାଙ୍କର ପୂର୍ଣ୍ଣ ଖାପଛଡ଼ା ବା ନିରାସକ୍ତ ଭାବ ମୁଁ ସବୁବେଳେ ଦେଖିବାକୁ ପାଇଛି । କିନ୍ତୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଦର୍ଶନ ତଥା ମାତୃ-କର୍ମାନୁଷ୍ଠାନ ଆଲୋଚନା ବେଳେ ସେ ଯେଉଁ ତୀବ୍ରତା, ବ୍ୟାକୁଳତା ଓ ଅଗ୍ରଗାମୀ ମନୋଭାବ ଦେଖାନ୍ତି ତାହା ଆମ ସମସ୍ତଙ୍କୁ ବିସ୍ମିତ କରେ । ଅର୍ଜୁନଙ୍କ ପରି ଶ୍ରୀକୃଷ୍ଣଙ୍କ ବାଣୀରେ ତାଙ୍କର ଗାଣ୍ଡୀବ ଟଙ୍କାର ଆମକୁ ବେଳେ ବେଳେ ଚମତ୍କୃତ କରିଦିଏ । ହତାଶା, ବ୍ୟର୍ଥତା ବା ନହେଲା ମନୋଭାବ ତାଙ୍କର ସାମାନ୍ୟ ଟିକେ ବି ନଥାଏ ମାତୃକର୍ମ ପାଳନରେ । ପ୍ରକୃତରେ ମାତୃକର୍ମ ପାଳନରେ ସେ ସବୁବେଳେ ପ୍ଲାବନ ମନୋଭାବ ଦେଖାଇଥା'ନ୍ତି । ଅର୍ଥ କେଉଁଠୁ ଆସିବ, କିପରି କାମଟି ଚାଲିବ, କିଏ ଚଳାଇବ, ଯୋଜନା କିପରି ହେବ କିଛି ନଭାବି ସେ କର୍ମ ସମ୍ପାଦନ କରି ଚାଲନ୍ତି ବେପରୁଆ ଭାବରେ । ଆମେ ବିସ୍ମିତ ହେଉ, ଯୁକ୍ତି କରୁ, ବିରୋଧ ଭାବ ଦେଖାଉ ମାତ୍ର, ସେ ଭ୍ରୂକ୍ଷେପ କରନ୍ତି ନାହିଁ । ଏପରିକି ମାଡ଼ି ମକଚି ଆଗକୁ ଚାଲିବାକୁ ସେ ଯେପରି ସଙ୍କଳ୍ପବଦ୍ଧ ସତ୍ୟାଗ୍ରହୀ । ଆଜି ତାଙ୍କର ମାତୃକର୍ମ ପ୍ଲାବନ ବନ୍ୟାରେ ଓଡ଼ିଶାର ପୁରପଲ୍ଲୀ, ନଗରବାସୀ ମାତୃନାମ ଗାନରେ ପ୍ରମତ୍ତ ହୋଇ ଉଠିଛନ୍ତି ଓ ମାତୃ କରୁଣା ଆମ ପରି ଅଗଣିତ ଓଡ଼ିଆ ଭାଇ ଭଉଣୀଙ୍କୁ କବଚ ରୂପେ ଘେରି ରହିଛି । ଧନ୍ୟ ତୁମେ ପ୍ରପତ୍ତି । ତୁମେହିଁ ଭଗୀରଥଙ୍କ ପରି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ପ୍ରବାହିଣୀ ଗଙ୍ଗାଙ୍କୁ ଓଡ଼ିଶା ଶ୍ମଶାନରେ ବୁହାଇ ଦେଇଛ ଓ ଆମ ପରି ପଙ୍ଗୁ, ମୃତକଳ୍ପ, ଅଯୋଗ୍ୟ ମନୁପୁତ୍ରଙ୍କୁ ସେହି ଅମୃତ ପାନରେ ସଞ୍ଜୀବିତ କରିଛ । ଯେଉଁଠି ଥାଅ ପଛେ – ବୃଦ୍ଧ, ବୟସ୍କ, ସମବୟସ୍କ ଓ କନିଷ୍ଠ ଆମ ସମସ୍ତ ଓଡ଼ିଆ ଭାଇ ଭଉଣୀଙ୍କ ପ୍ରଣାମ ଗ୍ରହଣ କର ।

ମୋ ସଙ୍ଗେ ତାଙ୍କ ସମ୍ପର୍କ ଅତି ଅନ୍ତରଙ୍ଗ ଓ ନିବିଡ଼ରୁ ନିବିଡ଼ତର । ସେ ମୋତେ ଯେତେ ଭଲପାଆନ୍ତି, ସ୍ନେହ କରନ୍ତି ଓ ସମ୍ମାନ ଦିଅନ୍ତି ମୁଁ ଏ ସଂସାରରେ ଆଉ କେଉଁଠୁ ପାଇନି । କଟକ ଆସିଲେ ଉଚ୍ଛବ ବାବୁଙ୍କ ଘରୁ ନିଶ୍ଚୟ ଫୋନ୍ ଆସିବ, 'ସୁଧାକର ବାବୁ, ବେଳ ହେବ କି, ଆସି ପାରିବେ ? ବହୁତ କଥା ଅଛି ।' ମୁଁ ଯାଇ ପହଞ୍ଚିଲେ ସେହି ମାତୃ କର୍ମାନୁଷ୍ଠାନ ସବୁର କଥା ଓ ସେକଥା ସବୁ ଯେପରି ଆତ୍ମା ମଧ୍ୟରୁ ଆସୁଛି ଓ ନିହାତି ବ୍ୟସ୍ତ ଓ ବ୍ୟାକୁଳ ଆଗ୍ରହ ସବୁବେଳେ । ଆମ କଥା ଶୁଣନ୍ତି, ଆଲୋଚନା କରନ୍ତି । ଆମ ବିଚାର, ଯୁକ୍ତିତର୍କ ଅଗ୍ରାହ୍ୟ କରନ୍ତି ଏବଂ ତାଙ୍କରି ନିଷ୍ପତ୍ତି କାଏମ ରୁହେ । ନିତାନ୍ତ କଥା କଟାକଟି ଅବସ୍ଥା ହେଲେ ବାବାଜି ମହାରାଜ ଏପରି କହିଛନ୍ତି କହି ଆମକୁ ନୀରବ କରି ଦିଅନ୍ତି । ସତକୁ ସତ ମୁଁ ବହୁବାର ପରଖି ଦେଖିଛି ବାବାଜି ମହାରାଜ ସବୁ ଶୁଣିଲା ପରେ ପ୍ରପତ୍ତିଙ୍କୁ ସମର୍ଥନ କରନ୍ତି ।

ମୋତେ ସେ କହନ୍ତି ରକ୍ଷଣଶୀଳ ଓ ସଂସ୍କାରବାଦୀ । ପୁରାତନ ନୀତିବାଦ ସଂସ୍କାର ମୋଠୁ ଯାଇନି ବୋଲି କୁହନ୍ତି । ମୋର ସ୍ତବ, ସ୍ତୁତି, ପ୍ରାର୍ଥନା ଓ ଗୀତିକାବ୍ୟଗୁଡ଼ିକ ଶୁଣି ଥରେ କହିଲେ ତୁମ ଭିତରେ ନବଦ୍ୱୀପର ବୈଷ୍ଣବ ସାଧୁଟିଏ ରହିଛି । ଭଲ କଥା ଥାଉ । ମାତ୍ର ଆମ ଯୋଗରେ କାହାରିକୁ ନଚାହିଁ, ନୀତି ପାଖରେ ଅଟକି ନଯାଇ ଆଗକୁ ଚାଲିବାକୁ ହେବ । ଆପଣଙ୍କ ଗତି ମନ୍ଥର ହେଇ ଯାଉଛି । ଆଉ ଥରେ କହିଲେ, 'ସୁଧାକର ବାବୁ ଆପଣ ଶ୍ରୀମାଙ୍କର ଯେତେ ଥର ବିଶେଷ ଦର୍ଶନ ପାଇଛନ୍ତି, ଖୁବ୍ କମ୍ ଲୋକ ସେତେ ଥର ଶ୍ରୀମାଙ୍କ ପାଖକୁ ଯାଇଛନ୍ତି । ମୁଁ ଆପଣଙ୍କ ଅନୁରୋଧ ଏଡ଼ି ପାରେ ନାହିଁ । ଆପଣଙ୍କୁ ଦେଖିଲେ ପୂର୍ବଜନ୍ମର ସହକର୍ମୀ ପରି ଲାଗେ ।' ମୋତେ ଶୁଣିବାକୁ ଆତ୍ମଶ୍ଳାଘା ପରି ଲାଗେ । ଏପର୍ଯ୍ୟନ୍ତ ବି ବୁଝିପାରୁନି କାହିଁକି ସେ ଏପରି କହନ୍ତି । ଆମେ ସବୁ ତ ବିଷୟାସକ୍ତ, ସଂସାର ଭୋଗରେ ରୋଗଗ୍ରସ୍ତ ହତଭାଗ୍ୟ ସାଧାରଣ ମନୁଷ୍ୟ ମାତ୍ର । ସେ ନାହାନ୍ତି, କିଏ ଆଉ ଏପରି ଉତ୍ସାହ ଓ ଆତ୍ମବଳ ଆଣି ଦେବ ଆମକୁ । ତେବେ ତାଙ୍କ ରୂପ ଏବେ ବି ଆଖି ଆଗରେ ଭାସୁଛି । ତାଙ୍କ କଥାବାର୍ତ୍ତା ଏବେ ବି କାନରେ ଶୁଭୁଛି ।

ପ୍ରିୟବନ୍ଧୁ ଯଦୁନାଥ ଓ ସ୍ୱର୍ଗୀୟ ଗୋପକୃଷ୍ଣଙ୍କ ସହଯୋଗରେ ମୋ ଗୃହରେ ଶ୍ରୀଅରବିନ୍ଦ ଜ୍ଞାନମନ୍ଦିର ଓ ଗ୍ରାମ କୃଷି ନିବାସରେ ଶ୍ରୀଅରବିନ୍ଦ ବିଦ୍ୟାମନ୍ଦିର ତାଙ୍କରି ପ୍ରେରଣାରେ ପ୍ରତିଷ୍ଠା ହୋଇଛି । ତାଙ୍କ ମାଧ୍ୟମରେ ମା'ଙ୍କର ଅହେତୁକ କରୁଣାର ପ୍ଲାବନ ମୁଁ, ମୋର ସହଧର୍ମିଣୀ ସୁଜାତା ଦେବୀ ଓ ସନ୍ତାନଗଣ ଲାଭ କରିଛୁ । ଓଡ଼ିଶାର ସମସ୍ତ ମାତୃଭକ୍ତ ଭାଇ ଭଉଣୀ ଆମେ ବାବାଜି ମହାରାଜ ଓ ତାଙ୍କ ସୁଯୋଗ୍ୟ ଅନୁଗାମୀ ଶ୍ରୀ ପ୍ରପତ୍ତିଙ୍କ ନିକଟରେ ଏଥିପାଇଁ ଆଜୀବନ ଋଣୀ ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା
ପ୍ରକାଶିତ "A Flame of Gratitude"
ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑

---

*(ପୃଷ୍ଠା ୧୮ର ଅବଶିଷ୍ଟାଂଶ)*

ସତ୍ୟକୁ ଉପଲବ୍ଧି କରିପାରେ । ବର୍ତ୍ତମାନ ସେହି ଶୁଭମୁହୂର୍ତ୍ତ ଆସିଛି । ଶ୍ରୀମା ପୃଥିବୀରେ ବିଦ୍ୟମାନ ରହି ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । ବ୍ୟକ୍ତି ସମର୍ପଣ ଓ ଅଭୀପ୍ସା କରି ପ୍ରତିକୂଳ କ୍ରିୟା, କର୍ମ, ଭାବନା, ବିଚାର ଆଦି ତ୍ୟାଗ କଲେ ସହଜରେ ସେ ଶ୍ରୀମା'ଙ୍କ ଅତିମାନସ ଶକ୍ତିର କ୍ରିୟା ଦ୍ୱାରା ମନ, ପ୍ରାଣ, ଶରୀରର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ସାଧନ କରିପାରେ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟପ୍ରାପ୍ତି ସକାଶେ ବ୍ୟକ୍ତି ଏହି ପୃଥିବୀକୁ ଆସିଅଛି । ଏଥିରେହିଁ ଜୀବନ ହେବ ପୂର୍ଣ୍ଣ । ଏହାରି ଫଳରେ ପୃଥିବୀ ହେବ ସ୍ୱର୍ଗ । ଏହାହିଁ ଦେବମୁହୂର୍ତ୍ତ । ଏହି ଦିବ୍ୟ-ମାନବଜାତି ପୃଥିବୀରେ ପ୍ରତିଷ୍ଠା କରିବା ହେଉଛି ପରମେଶ୍ୱରଙ୍କର ଇଚ୍ଛା । ବ୍ୟକ୍ତିକୁ ଏହି ସତ୍ୟର ସନ୍ଧାନ ଦେବା ହେଉଛି ଯଥାର୍ଥରେ ଭଗବାନଙ୍କ ସେବା ।

ଏହାର ସାଧନା ହେଉଛି ଅଭୀପ୍ସା, ସମର୍ପଣ ଓ ପ୍ରତିକୂଳ ବସ୍ତୁର ତ୍ୟାଗ । ଅନ୍ତରାତ୍ମା ଜାଗ୍ରତ୍ ହେବା ସକାଶେ ହୃଦୟରେ ଧ୍ୟାନ, ରୂପାନ୍ତର ସକାଶେ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଆବାହନ କରିବା ।

❑❑❑

# ଅତିମାନସ : ଅନସ୍ୱୀକାର୍ଯ୍ୟ

## ସୁନାମଣି ରାଉତ

"It is at work here, and one day will come when the most blind, the most unconscious, even the most unwilling shall be obliged to recognise it."

(MCW, Vol. 8, p. 126) – The Mother

''ଏହା ବର୍ତ୍ତମାନ ଏଠାରେ ସକ୍ରିୟ ହୋଇଛି ଏବଂ ଏପରି ଏକ ଦିନ ଆସିବ ଯେତେବେଳେ ସମ୍ପୂର୍ଣ୍ଣ ଅନ୍ଧ, ଅତ୍ୟନ୍ତ ଅଚେତନ, ଏପରିକି ଅତ୍ୟନ୍ତ ଅନିଚ୍ଛୁକ ବ୍ୟକ୍ତି ମଧ୍ୟ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବ ।''

— ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଅତିମାନସ : ଅନସ୍ୱୀକାର୍ଯ୍ୟ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ବାଇମନ ବସି ହଂସ ଖେଳାଉଛି
ଜରା, ବ୍ୟାଧି, ଦୁଃଖ, କଷଣ ସହି
ହଂସ ଉଡ଼ିଗଲେ ବୁଡ଼ିଯିବ ଭେଳା
ସାଧୁ ଯାଇଛନ୍ତି ଗୀତରେ କହି ॥

ବେଳ ଥାଉଁ ବନ୍ଧ ବାନ୍ଧରେ କୁମର
ସେହି କାଳ ଯମ ଦାରୁଣ ଅତି
କଞ୍ଚା ପାଚିଲାରେ ନଥାଏ ତା' ଭେଦ
ବଡ଼ ନିରିଦୟ ସେ ଜନ୍ତୁପତି ॥

ମାନସ ହଂସ ତୁ ମାନସେ ନ ଉଡ଼ି
ଅତିମାନସକୁ ଯାଆରେ ଉଡ଼ି
ସଇତାନି ଶକ୍ତି ହଟିବ ଧରାରୁ
କରୁଣାର ବାରି ପଡ଼ିବ ଝରି ॥

ଅତିମାନସର ଚିନ୍ତା, ଚେତନା
ପ୍ରତିଶ୍ରୁତି ହୋଇ ରହିନି ଆଜି
ପ୍ରକୃତ ଘଟଣା ଜୀବନ୍ତ ସତ୍ୟରେ
ରୂପାୟନ ପାଇଁ ହୋଇଛି ରାଜି ॥

ଏ କାଳଖଣ୍ଡରେ ସକ୍ରିୟ ହୋଇଛି
ଅତିମାନସର ଚେତନାଚୟ
ସେଦିନ ଆସିବ ଯେଉଁ ଦିନ ଅନ୍ଧ,
ଅନିଚ୍ଛୁକ ମନୁ ହଟିବ ଭୟ ॥

ସଭିଏଁ ହେଜିବେ ସଭିଏଁ ଭଜିବେ
ଅତିମାନସର କୀର୍ତ୍ତି ଓ କୃତି
ମାତୃଶକ୍ତିର ତୂର୍ଯ୍ୟନାଦରେ
ଉଲ୍ଲସିତ ହେବ ସବୁରି ଶ୍ରୁତି ॥

କାୟା-ମହାତରୁ ମଧରୁ ଛେଦିଦେ'
ମାୟା ବନ୍ଧନର ପାଞ୍ଚଟି ଡାଳ
ଗୁରୁ ଆଶ୍ରା କଲେ ଏ ଭବ-ଭୁବନେ
ପୂର୍ଣ୍ଣ ହେବ ତୋର ଅକ୍ଷୟ ଥାଳ !! ❑



# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

**(୮୫)**

**ମହେନ୍ଦ୍ରନାଥ ସ୍ୱାଇଁ**

**ପ୍ରେମ ଅଗ୍ନିଶିଖା :**

ଆମେ ଆମ ଜୀବନର ଲକ୍ଷ୍ୟ ଦିଗରେ ଲମ୍ବିଥିବା ପରିସରକୁ ବାରଂବାର ପରିବର୍ତ୍ତନ କରି ଚାଲିଛୁ । ଏହା ହେଉଛି ଆମ ଭାବପ୍ରବଣତାର ପରିଣାମ, ଆମ ମନ ଭିତରେ ମୁଣ୍ଡ ଟେକୁଥିବା ସମ୍ବେଦନାର ଫଳ ଯାହାକୁ ମନ ଅତ୍ୟନ୍ତ ସ୍ପର୍ଶକାତର ଭାବରେ ଏକ ନିର୍ଦ୍ଦିଷ୍ଟ କାରଣକୁ ଉପଯୁକ୍ତ ବୋଲି ଧରି ନେଇ ଆମ ଜୀବନର ଅନେକ ସୁବର୍ଣ୍ଣ ସମୟ ନଷ୍ଟ କରିବାରେ ଆମକୁ ବାଧ କରିଥାଏ । ଫଳରେ ଆମେ ଆମର ଅନେକ ଶକ୍ତି ସେହି କାର୍ଯ୍ୟ ନିମନ୍ତେ ବିନିଯୋଗ କରି ଦେଇଥାଉ ଏବଂ ପରବର୍ତ୍ତୀ ଜୀବନ କାଳ ମଧ୍ୟରେ ଆମେ ଏହା ଜାଣିପାରୁ, କିନ୍ତୁ ସେତେବେଳକୁ ନେଡ଼ିଗୁଡ଼ କହୁଣି ପର୍ଯ୍ୟନ୍ତ ବୋହି ଆସି ଥାଏ । ଏହି କାରଣରୁ ଅନେକ ଜୀବନ ନଷ୍ଟ ହୋଇଯାଇଛି, ହେଉଛି ଏବଂ ଭବିଷ୍ୟତରେ ମଧ୍ୟ ହୋଇପାରେ । ଅନେକ ଅସଫଳତା ଭିତରେ କ୍ଷତବିକ୍ଷତ ହୋଇ ଆମେ ଆବିଷ୍କାର କରୁ ଯେ ଆମର ସକଳ ସ୍ୱପ୍ନ ବୃଥା ହୋଇ ଯାଇଛି । ଯେଉଁ ଶାମୁକାଗୁଡ଼ିକ ଭିତରେ ମୁକ୍ତା ଅଛି ବୋଲି ଭାବି ଆମେ ସେସବୁକୁ ସଂଗ୍ରହ କରୁଛୁ, ସେଗୁଡ଼ିକ ଭିତରେ ମୁକ୍ତା ତ ଦୂରର କଥା, ପାଉଁଶ ଟିକିଏ ବି ନଥାଏ ।

ଆମ ଜଗତର ଚଲାପଥ ଖୁବ୍ ଜଟିଳ, ଛନ୍ଦାଛନ୍ଦି, ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରୁ ଚାଲିବା ଆରମ୍ଭ କଲେ ବୁଲିବୁଲି ପୁଣି ସେହି ସ୍ଥାନରେ ପହଞ୍ଚି ଯାଉଛେ, ଯାହାକୁ ''ଭୁଲଭୁଲେୟା'' ବା "Labyrinthine" ବୋଲି କୁହାଯାଏ । ଏଥିରୁ ମୁକ୍ତି ପାଇବାକୁ ହେଲେ ଏକ ପରିଷ୍କାର ନକ୍ସା ଏବଂ ଦକ୍ଷ ପଥପ୍ରଦର୍ଶକଙ୍କର ଆବଶ୍ୟକତା ରହିଛି । ଯଦି ଏହା ପ୍ରାପ୍ତ ହୋଇଯାଏ, ତାହାହେଲେ ସଂସାର ସାଗରର ଜଳ ଭିତରେ ନିମଜ୍ଜିତ ହୋଇ ରହିଥିବା ଅନେକ ପାହାଡ଼ ଆମର ଦୃଷ୍ଟି ପଥାରୂଢ଼ ହେବେ ଏବଂ ଆମ୍ଭମାନଙ୍କର ଜୀବନ-ତରୀ ସେଥିରେ ପିଟି ହୋଇ ଜଳମଗ୍ନ ହେବାର ଆଉ ଭୟ ନଥିବ ଏବଂ ତତ୍ ସହିତ ପ୍ରଭୂତ ସମୟ ଏବଂ ଚେତନାର ଅପବ୍ୟୟରୁ ଆମେ ରକ୍ଷା ପାଇଯିବା ।

ସୁରକ୍ଷିତ ପଥରେ ଆଗକୁ ବଢ଼ିବାକୁ ହେଲେ ଆମକୁ ଆମ ପଥପ୍ରଦର୍ଶକ ପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମାଙ୍କୁ ସଦାସର୍ବଦା ସ୍ମରଣ କରିବାକୁ ହେବ । ଏକ ନିରବଚ୍ଛିନ୍ନ ସ୍ମରଣ ଆମକୁ ଅନେକ ବିପଦ ଏବଂ ଚୋରାବାଲିର ବିପଦରୁ ରକ୍ଷା କରିଦେବ । ଆମର ଅଗ୍ରଗତିକୁ କ୍ଷିପ୍ରତର କରି ଦେବ । ଏଥିପାଇଁ ଆମକୁ କ'ଣ କରିବାକୁ ହେବ, କିପରି ପ୍ରାର୍ଥନା କରିବାକୁ ହେବ ତାହା ଦିବ୍ୟଜନନୀ ଶ୍ରୀମା ଫେବ୍ରୁଆରୀ ୧୫, ୧୯୧୪ ପ୍ରାର୍ଥନାଟିରେ ଉଲ୍ଲେଖ କରିଛନ୍ତି । ତାହା ହେଲା –

''O THOU, sole Reality, Light of our light and Life of our life, Love supreme, Saviour of the world, grant that more and more I may be perfectly awakened to the awareness of Thy constant presence. Let all my acts conform to Thy law; let there be no difference between my will and Thine. Extricate me from the illusory consciousness of my mind, from its world of fantasies; let me identify my consciousness with the Absolute Consciousness, for that art Thou.

"Give me constancy in the will to attain the end, give me firmness and energy and the courage which shakes off all torpor and lassitude.

"Give me the peace of perfect disinterestedness, the peace that makes Thy presence felt and Thy intervention effective, the peace that is ever victorious over all bad will and every obscurity.

"Grant, I implore Thee, that all in my being may be identified with Thee. May I be nothing else any more than a flame of love utterly awakened to a supreme realisation of Thee.''

''ହେ ପ୍ରଭୁ, ତୁମେହିଁ ଏକମାତ୍ର ବାସ୍ତବ ସତ୍ୟ, ଆମ ଆଲୋକର ଆଲୋକ, ଆମ ଜୀବନର ଜୀବନ, ସର୍ବୋତ୍ତମ ପ୍ରେମ, ଜଗତର ତ୍ରାଣକର୍ତ୍ତା, ଏହି ବରଦାନ କରନ୍ତୁ ଯେପରି ମୁଁ ତୁମର ନିରବଚ୍ଛିନ୍ନ ଦିବ୍ୟ ଉପସ୍ଥିତି ସମ୍ପର୍କରେ ପୂର୍ଣ୍ଣ ରୂପେ ସଚେତନ ହୋଇଉଠେ । ମୋର ସକଳ କାର୍ଯ୍ୟକଳାପ ତୁମ ବିଧାନ ଅନୁସାରେ ଅନୁଷ୍ଠିତ ହେଉ; ତୁମ ଇଚ୍ଛା ଏବଂ ମୋ ଇଚ୍ଛା ମଧ୍ୟରେ କୌଣସି ପାର୍ଥକ୍ୟ ନରହୁ । ମୋ ମନର ଅବାସ୍ତବ ଚେତନାରୁ ମୋତେ ମୁକ୍ତ କରି ଦିଅନ୍ତୁ, ମୋ ମନର ପୁରୁଣା ମନଗଢ଼ା ଓ ବିଚିତ୍ର ଜଗତରୁ ମଧ୍ୟ ମୋତେ ମୁକ୍ତି ପ୍ରଦାନ କରନ୍ତୁ; ମୋର ଏହି ଚେତନାକୁ ଅନନ୍ତ ଦିବ୍ୟ-ଚେତନା ସହିତ ଏକାକାର କରି ଦିଅନ୍ତୁ, କାରଣ ସେହି ଦିବ୍ୟ-ଚେତନା ହେଉଛ ସ୍ୱୟଂ ତୁମେ ।

''ହେ ପ୍ରଭୁ, ମୋର ସର୍ବଶେଷ ଲକ୍ଷ୍ୟରେ ପହଞ୍ଚିବା ନିମନ୍ତେ ମୋ ସଂକଳ୍ପକୁ ଦୃଢ଼ନିଷ୍ଠ କର ଏବଂ ମୋତେ ଏପରି ଦୃଢ଼ତା,ସାହସ ଏବଂ ଶକ୍ତି ପ୍ରଦାନ କର ଯାହା ମୋ ଭିତରେ ସ୍ଥିତ ସକଳ ପ୍ରକାରର ନିଷ୍କ୍ରିୟ ଭାବ ଏବଂ ଅବସାଦ "torpor and lassitude"ର ମୂଳଦୁଆ ଦୋହଲାଇ ଦେବ ।

''ହେ ପ୍ରଭୁ, ମୋତେ ସମ୍ପୂର୍ଣ୍ଣ ନିର୍ବିକାର ରହିବା ନିମନ୍ତେ ଶାନ୍ତି ପ୍ରଦାନ କର, ଯେଉଁ ପ୍ରଶାନ୍ତି ତୁମର ଉପସ୍ଥିତିକୁ ଅନୁଭୂତ କରାଇଦେବ, ତୁମର ହସ୍ତକ୍ଷେପକୁ କ୍ରିୟାଶୀଳ କରିବ, ଯେଉଁ ପ୍ରଶାନ୍ତି ସକଳ ପ୍ରକାର ଅମଙ୍ଗଳକର ଇଚ୍ଛା, ଭାବନା ଏବଂ ଅନ୍ଧକାର ଉପରେ ସର୍ବଦା ବିଜୟ ହାସଲ କରିବ ।

''ହେ ପ୍ରଭୁ, ମୁଁ ତୁମକୁ ମିନତି କରୁଛି, ଯେପରି ମୋର ସମଗ୍ରସତ୍ତା ତୁମ ସହିତ ଏକାକାର ହୋଇଯାଉ । କେବଳ ମାତ୍ର ଏକ ପ୍ରେମର ଅଗ୍ନିଶିଖା ଯାହା ତୁମର ସର୍ବୋତ୍ତମ ଅନୁଭବ ଆଡ଼କୁ ସମ୍ପୂର୍ଣ୍ଣ ରୂପେ ସଦାଜାଗ୍ରତ୍ ହୋଇ ରହିଛି ତାହାଠାରୁ ଅଧିକ କିଛି ମୋତେ କର ନାହିଁ ।''

ପରମପ୍ରଭୁ ସର୍ବତ୍ର ବିଦ୍ୟମାନ । ଆମେ ସେ ବିଷୟରେ ସଚେତନ ନୁହଁ, ତାହାର କାରଣ ହେଉଛି ଆମର ଅଜ୍ଞାନତା ଏବଂ ପ୍ରଚେଷ୍ଟାହୀନତା । ପ୍ରଭୁ ସଂସାର ଚଳାଇବା ନିମନ୍ତେ ନିୟମମାନ ତିଆରି କରିଛନ୍ତି । କିନ୍ତୁ ଆମେ ସେହି ନିୟମକୁ ମାନି ଚଳୁ ନାହୁଁ, ଫଳତଃ ସର୍ବଦା ଅସୁବିଧାର ସମ୍ମୁଖୀନ ହେଉଛୁ । ବିରୋଧୀ ଶକ୍ତିମାନେ ଆମକୁ ବିଭିନ୍ନ ଦିଗକୁ ଆକର୍ଷିତ କରୁଛନ୍ତି । ଆମେ ସର୍ବଦା ଏକ ପ୍ରକାର ଅବାସ୍ତବତା ଭିତରେ ରହିଯାଉଛୁ ଯାହାର କୌଣସି ଅର୍ଥ ନାହିଁ; କେବଳ ବସ୍ତୁମାନଙ୍କର ଚାକଚକ୍ୟର ବାହ୍ୟିକ କପୋଳକଳ୍ପିତ, ଅତିରଞ୍ଜିତ ଦିଗ ଉପରେ ଦୃଷ୍ଟି ନିବଦ୍ଧ କରି ବାଟ ଚାଲୁଛେ । ଶ୍ରୀମା କହୁଛନ୍ତି ମନର ଏକ "illusory consciousness" ରହିଛି, ଯାହା ତା' ଭିତରେ ଥିବା କପୋଳକଳ୍ପିତ ଜଗତରୁ ଆସିଥାଏ । ଏହା ହେଉଛି ମନର ଏକ faculty ବା ପ୍ରବଣତା ଯାହା ଅସମ୍ଭବ, ଅବାସ୍ତବ ଜିନିଷଗୁଡ଼ିକ ବିଷୟରେ ଭାବିଥାଏ, ଚିନ୍ତା କରିଥାଏ, ଶେଷରେ ଫଳ କିଛି ମିଳି ନଥାଏ ।

ଆଲୋଚ୍ୟ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ପ୍ରଭୁଙ୍କୁ ପ୍ରାର୍ଥନା କରୁଛନ୍ତି – ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଇଚ୍ଛାଶକ୍ତି, ଦୃଢ଼ତା, ସାହସର ଆବଶ୍ୟକତା ରହିଛି, ଯଦ୍ଦ୍ୱାରା ଆମର ସକଳ ଯନ୍ତ୍ରଣା ଏବଂ ଅବସାଦ ଦୂରୀଭୂତ ହୋଇଯିବ । ଏହାର ଆଉ ଦୁଇଟି ଦିଗ ହେଉଛି ପ୍ରଶାନ୍ତି (peace) ଏବଂ ନୈର୍ବ୍ୟକ୍ତିକତା (disinterestedness); ଯେଉଁ ପ୍ରଶାନ୍ତିକୁ ଯନ୍ତ୍ର ରୂପେ ବ୍ୟବହାର କରି ତୁମର ଦିବ୍ୟ ଉପସ୍ଥିତିକୁ ଆମେ ଦର୍ଶନ କରି ପାରିବୁ, ତୁମର ଦିବ୍ୟ-ପଦଦ୍ୱୟକୁ ସ୍ପର୍ଶ କରି ଅନୁଭବ କରିପାରିବୁ ତୁମର ଦିବ୍ୟ-ଲାବଣ୍ୟ, ଜ୍ୟୋତିର୍ମୟ କଳେବରର ଉଷ୍ମତାକୁ; ଯାହା ଆମ ମାନବ ଜୀବନକୁ ଧନ୍ୟ କରିଦେବ ଏବଂ ଆମ ସୀମିତ ଚେତନାକୁ ଅନନ୍ତ ଦିବ୍ୟ-ଚେତନା ସହିତ ଏକାକାର କରିଦେବ ।

ଆମକୁ ସମ୍ପୂର୍ଣ୍ଣ ନୈର୍ବ୍ୟକ୍ତିକ ଶାନ୍ତି 'Peace of perfect disinterestedness' ପ୍ରଦାନ କରିବାକୁ ଶ୍ରୀମା ପ୍ରଭୁଙ୍କ ନିକଟରେ କୃତାଞ୍ଜଳିପୁଟରେ ପ୍ରାର୍ଥନା କରୁଛନ୍ତି । ଏହି 'perfect disinterestedness' ହେଉଛି – 'not influenced by considerations of personal advantage'; ମୋର ପାଇବା ନ ପାଇବାର ଭାବନା, ଚିନ୍ତା ଦ୍ୱାରା ଯେପରି ଆମେ ପ୍ରଭାବିତ ନ ହେଉ । ସର୍ବଦା ଆମେ ନିଃସ୍ୱାର୍ଥ ଓ ନିର୍ବିକାର ରହିବା । ପ୍ରଭୁ ଆମ ଭିତରେ କ'ଣ କରୁଛନ୍ତି, କେଉଁ ଦିଗ୍‌ଦର୍ଶନ ଦେଉଛନ୍ତି, ଆମ ଚେତନାକୁ ଉର୍ଦ୍ଧ୍ୱକୁ ଟେକି ନେବା ନିମନ୍ତେ କିପରି ହସ୍ତକ୍ଷେପ କରୁଛନ୍ତି ତାକୁ ସଚେତନ ଭାବରେ ଲକ୍ଷ୍ୟ କରି ଦିବ୍ୟାନନ୍ଦରେ ବୁଡି ଯିବା । ମା' ସ୍ୱୟଂ ପ୍ରେମର ଏକ ଅଗ୍ନିଶିଖା (a flame of love) ହୋଇଯିବା ନିମନ୍ତେ ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ମସ୍ତକ ଅବନତପୂର୍ବକ ବିନମ୍ର ନିବେଦନ ଜଣାଉଛନ୍ତି, ମିନତି କରୁଛନ୍ତି । ଆସନ୍ତୁ ଆମେ ସମସ୍ତେ ଏହି ମାତୃ-ପ୍ରେମାଗ୍ନିଶିଖାରୁ ବିଚ୍ଛୁରିତ ହେଉଥିବା ଉଷ୍ମତାରେ ଅବଗାହନ କରି ନିଜକୁ ଧନ୍ୟ ମନେ କରିବା । ଏହି ପରିପ୍ରେକ୍ଷୀରେ ମା'ଙ୍କର ପ୍ରେମ-ଅଗ୍ନିଶିଖା

କିପରି ବିପଦ-ଆପଦ ସମୟରେ ସୁରକ୍ଷାର ବଳୟ ହୋଇ ଚତୁଃପାର୍ଶ୍ୱରେ ଘେରି ରହିଥାଏ ତାହା ଆମେ ନିମ୍ନରେ ଆଲୋଚନା କରିବା । ତାହା ହେଲା –

''କଲିକତାର ଜନୈକ ଭକ୍ତ 'C' ଏବଂ ତାଙ୍କ ସହଧର୍ମିଣୀ 'S' ୧୯୫୬ ମସିହାରେ ପଣ୍ଡିଚେରୀ ଆସିଥା'ନ୍ତି । 'S'ଙ୍କର ଏହା ପ୍ରଥମ ପଣ୍ଡିଚେରୀ ଯାତ୍ରା । ସେମାନେ ଯେଉଁଦିନ ଆଶ୍ରମରେ ପହଞ୍ଚିଲେ ମା' ସେମାନଙ୍କୁ ପ୍ଲେ-ଗ୍ରାଉଣ୍ଡରେ ଥିବା ତାଙ୍କ ପ୍ରକୋଷ୍ଠ, ଯେଉଁଠାରେ ସେ ଛୋଟ ପିଲାମାନଙ୍କର କ୍ଲାସ ନେଉଥିଲେ ସେଠାକୁ ଡକାଇ ପଠାଇଲେ । 'C' ମା'ଙ୍କୁ ପ୍ରଥମେ ଦର୍ଶନ କରି ପ୍ରଣାମ କଲେ ଏବଂ ମା'ଙ୍କର ମଧୁର ସ୍ପର୍ଶ ଓ ଆଶୀର୍ବାଦ ଲାଭ କଲେ । ତତ୍ପରେ ତାଙ୍କ ସହଧର୍ମିଣୀ 'S' ଦିବ୍ୟଜନନୀଙ୍କ ସମ୍ମୁଖରେ ଠିଆ ହୋଇ ଦର୍ଶନ କଲେ । ମା' ତାଙ୍କ ହାତକୁ ଅତ୍ୟନ୍ତ ପ୍ରେମ ଓ ଆନନ୍ଦ ସହକାରେ ଟିକିଏ ଚାପି ଦେଲେ, 'pressed her hand most lovingly' – ହଠାତ୍ 'S'ଙ୍କୁ ଘୁମେଇଲା ଭଳି ଲାଗିଲା, ତାଙ୍କର ଚକ୍ଷୁ ସମ୍ମୁଖରେ ପୃଥିବୀ ଘୂରିବାକୁ ଲାଗିଲା । ତାଙ୍କ ସ୍ୱାମୀ ସେ ପଡ଼ିଯିବା ପୂର୍ବରୁ ହଠାତ୍ ତାଙ୍କୁ ଧରି ପକାଇଲେ । ମା' ତାଙ୍କର ଏହି ଅବସ୍ଥା ଦେଖି 'C'ଙ୍କୁ କହିଲେ, ''Go straight to the guest house.'' ସେମାନେ ମା'ଙ୍କ ଆଦେଶ ମାନି ଗେଷ୍ଟ ହାଉସକୁ ଚାଲିଗଲେ । ଅଳ୍ପ ସମୟ ବିଶ୍ରାମ ନେଲା ପରେ 'S' ତାଙ୍କ ସ୍ୱାମୀଙ୍କୁ କହିଲେ, ''ମୁଁ ଠିକ୍ ଅଛି, ତୁମେ ପ୍ଲେ-ଗ୍ରାଉଣ୍ଡକୁ ଯାଅ ଏବଂ ପ୍ରସାଦ ବିତରଣରେ ଯୋଗ ଦିଅ, ଏଠାରେ ମୋତେ ଦିବ୍ୟଜନନୀଙ୍କର ଦିବ୍ୟ-କରୁଣା ଏବଂ ଆନନ୍ଦକୁ ଏକାକୀ ଉପଭୋଗ କରିବାକୁ ସୁଯୋଗ ପ୍ରଦାନ କର ।'' 'C' ଦେଖିଲେ 'S' ସମ୍ପୂର୍ଣ୍ଣ ଭାବେ ସାଧାରଣ ଅବସ୍ଥାକୁ ଆସି ଯାଇଛନ୍ତି । ତେଣୁ ସେ ପ୍ଲେ-ଗ୍ରାଉଣ୍ଡକୁ ଯଥାଶୀଘ୍ର ଗଲେ ଏବଂ ପ୍ରସାଦ ବିତରଣ ପାଇଁ ହେଉଥିବା ଧାଡ଼ିରେ ଠିଆ ହୋଇଗଲେ । ମା' ତାଙ୍କୁ ଦେଖି ସବୁକଥା ଜାଣିଲା ପରି ଟିକିଏ ଅମୃତବୋଳା ସ୍ମିତହାସ୍ୟ ପ୍ରଦାନ କଲେ । ପରବର୍ତ୍ତୀ ସମୟରେ ମା' କହିଥିଲେ, " 'S' was very frail and weak, could not bear the Force and that is why she felt dizzy."; ''S' ବହୁତ ନରମ ଏବଂ ଦୁର୍ବଳ, ସେଥିପାଇଁ ସେ 'ଶକ୍ତି'କୁ ସହ୍ୟ କରି ପାରିଲେ ନାହିଁ, ସେହି କାରଣରୁ ସେ ମୁଣ୍ଡ ବୁଲାଇବାର ଅନୁଭବ କଲେ ।'' ଗେଷ୍ଟ ହାଉସରେ ଥିବା ସମୟରେ 'S' ବହୁ ସମୟ ଧରି ସ୍ୱର୍ଗୀୟ ଦିବ୍ୟଆନନ୍ଦ ଭିତରେ ବୁଡ଼ି ରହୁଥିଲେ ।

'S' ତାଙ୍କ ସ୍ୱାମୀଙ୍କ ସହିତ କଲିକତାକୁ ଫେରିଗଲେ, କିନ୍ତୁ ପ୍ରତ୍ୟହ ଅସଂଖ୍ୟ ଅନୁଭୂତିମାନ ତାଙ୍କୁ ପ୍ରାପ୍ତ ହେଉଥିଲା । ସର୍ବଦା ତାଙ୍କ ଚାରିପଟରେ ମା'ଙ୍କର ସୁରକ୍ଷା ବଳୟଟିକୁ ସେ ଅନୁଭବ କରୁଥିଲେ । ଏହିପରି କିଛିଦିନ କଟିଗଲା । ଇତିମଧ୍ୟରେ ତାଙ୍କର ସନ୍ତାନଟିଏ ମଧ୍ୟ ଜନ୍ମ ହୋଇ ସାରିଥାଏ । ଦିନେ ରାତିରେ ସେ ଦେଖିଲେ ଏକ ଦୁଷ୍ଟ ଶକ୍ତି (an evil force) ତାଙ୍କୁ ମାଡ଼ି ବସିଲା, ତା'ର ଉଦ୍ଦେଶ୍ୟ ଥିଲା ତାଙ୍କୁ ଜୀବନରେ ମାରିଦେବା । ସେହି ଦୁଷ୍ଟ ଶକ୍ତି ସହିତ ସମସ୍ତ ଶକ୍ତି ଲଗାଇ ସେ ସଂଘର୍ଷ କଲେ । ଠିକ୍ ସେତିକି ବେଳେ ତାଙ୍କ ଘର କାନ୍ଥରେ ଲଗା ଯାଇଥିବା ଦିବ୍ୟଜନନୀ ଶ୍ରୀମା'ଙ୍କର ଏକ କ୍ୟାଲେଣ୍ଡର ଫଟୋ ଉପରେ ତାଙ୍କର ଦୃଷ୍ଟି ପଡ଼ିଗଲା; ସେ ହଠାତ୍ ଚିତ୍କାର କରି ଖୁବ୍ ଜୋର୍‌ରେ ତାଙ୍କ ହୃଦୟର ଅନ୍ତଃପ୍ରଦେଶରୁ କହି ଉଠିଲେ, 'Mother' । ତତ୍‌କ୍ଷଣାତ୍ ମା'ଙ୍କର ସେହି ଫଟୋ ଭିତରୁ ଏକ ଖୁବ୍ ଶକ୍ତିଶାଳୀ ଆଲୋକ ରେଖା ('a strong beam of light') ନିର୍ଗତ ହେଲା ଏବଂ ତାହା ତାଙ୍କ ବିଛଣା ଉପରେ ଠିଆ ହୋଇଥିବା ସେହି ଦୁଷ୍ଟ ଶକ୍ତି ଉପରେ ପଡ଼ି ତାକୁ ପୋଡ଼ି ପାଉଁଶ କରିଦେଲା, ତା' ଉପରେ ସମ୍ପୂର୍ଣ୍ଣ ବିଜୟ ହାସଲ କଲା । ଏହି ଘଟଣା ଘଟିବା ପରେ ମା'ଙ୍କ ଉପରେ 'S'ଙ୍କର ଆସ୍ଥା ଏବଂ ବିଶ୍ୱାସ ଆହୁରି ବଢ଼ିଗଲା, ଦୃଢ଼ ହୋଇଗଲା । ଏହି ଘଟଣା ପରଠାରୁ ମା' ଏବଂ ତାଙ୍କ ଭିତରେ ଏକ ସିଧାସଳଖ ସମ୍ପର୍କ ସ୍ଥାପିତ ହୋଇଗଲା ।

ଏହାହିଁ ଶ୍ରୀମା'ଙ୍କର ଅଭୟ ହସ୍ତର ସୁରକ୍ଷା ।

('How they came to Sri Aurobindo and The Mother' ପୁସ୍ତକର ପୃଷ୍ଠା. ୧୬୧-୧୬୨)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. I, Shyam Kumari

# ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ

## (୨)

### ପ୍ରପତ୍ତି

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ନୈତିକ ଜୀବନ ଆଧ୍ୟାତ୍ମିକ ଜୀବନ ନୁହେଁ ଏବଂ ପୂର୍ବରୁ ସ୍ପଷ୍ଟ ହୋଇଛି ଯେ ଧର୍ମ ଜୀବନ ଆଧ୍ୟାତ୍ମିକ ଜୀବନ ନୁହେଁ। ବର୍ତ୍ତମାନ ଆମ୍ଭେମାନେ ଆଧ୍ୟାତ୍ମିକ ଜୀବନ କ'ଣ ସେ ସମ୍ବନ୍ଧରେ ସ୍ପଷ୍ଟ ସୂଚନା ଦେବା । ଶ୍ରୀଅରବିନ୍ଦ ଏ ବିଷୟ ଗଭୀରଭାବେ ଆଲୋଚନା କରି ଦିବ୍ୟ-ଜୀବନ ଗ୍ରନ୍ଥରେ ''ଆଧ୍ୟାତ୍ମିକ ମାନବର ବିବର୍ତ୍ତନ'' (ଦ୍ୱିତୀୟ ଖଣ୍ଡ, ଚତୁର୍ବିଂଶ ଅଧ୍ୟାୟ)ରେ ଆଧ୍ୟାତ୍ମିକତାର ଏକ ଅତି ସୁସ୍ପଷ୍ଟ ବ୍ୟାଖ୍ୟା ଦେଇଛନ୍ତି :

''ଏହା ଜୋର୍ ଦେଇ କହିବା ଆବଶ୍ୟକ ଯେ ଆଧ୍ୟାତ୍ମିକତା ଗୋଟିଏ ଉଚ୍ଚକୋଟିର ବୁଦ୍ଧିବାଦ ନୁହେଁ, ଆଦର୍ଶବାଦ ନୁହେଁ । ମନର ନୈତିକ ଦୃଷ୍ଟି ଅଥବା ନୈତିକ ଶୁଦ୍ଧି ଅଥବା ତପସ୍ୟା ନୁହେଁ, ଧାର୍ମିକତା ଅଥବା ଗୋଟିଏ ତୀବ୍ର ଭାବମୟ ପ୍ରେରଣା ନୁହେଁ, ଏପରିକି ଏହିସବୁ ମହାନ୍ ସୁନ୍ଦର ବସ୍ତୁଗୁଡ଼ିକର ସମ୍ମିଶ୍ରଣ ନୁହେଁ । ଗୋଟିଏ ମାନସିକ ଧାରଣା ଅଥବା ବିଶ୍ୱାସ, ଗୋଟାଏ ଭାଗବତ ପ୍ରେରଣା, ଧର୍ମ ବା ନୈତିକତାର ସୂତ୍ର ଦ୍ୱାରା ଚରିତ୍ରର ନିୟମନ ଓ ନିର୍ଦ୍ଧାରଣ ଆଧ୍ୟାତ୍ମିକ ସିଦ୍ଧି ବା ଉପଲବ୍ଧି ନୁହେଁ । ... ଆମ୍ଭମାନଙ୍କ ଆନ୍ତର ସତ୍ତାରେ ଜାଗ୍ରତ ହେବା, ଆତ୍ମାରେ, ଆତ୍ମପୁରୁଷରେ, ଚୈତ୍ୟପୁରୁଷରେ ଜାଗ୍ରତ ହେବା ଯାହା ଆମ୍ଭର ମନ-ପ୍ରାଣ-ଦେହଠାରୁ ପୃଥକ୍, ସେହି ବସ୍ତୁକୁ ଜାଣିବା, ଅନୁଭବ କରିବା ଏବଂ ତାହାହିଁ ହେବା ସକାଶେ ଗୋଟାଏ ଆନ୍ତର ଅଭୀପ୍ସା କରିବା, ସେହି ବୃହତ୍ତର ସତ୍ୟ, ଯାହା ବିଶ୍ୱାତୀତ, ବିଶ୍ୱଗତ ଏବଂ ଆମ୍ଭମାନଙ୍କ ସତ୍ତା ମଧ୍ୟରେ ଅବସ୍ଥିତ, ତାହାର ସଂସ୍ପର୍ଶରେ ଆସିବା, ତାହା ସହିତ ସଂଯୁକ୍ତ ହେବା, ଏକୀଭୂତ ହେବା ଏବଂ ସେହି ଅଭୀପ୍ସା ଫଳରେ ସମଗ୍ର ସତ୍ତାର ଗତିଧାରା ପରିବର୍ତ୍ତନ, ରୂପାନ୍ତର ଓ ସତ୍ତାନ୍ତର ଏବଂ ସେହି ସଂସ୍ପର୍ଶରୁ ଜାତ ନବଜନ୍ମ, ନୂତନ ସତ୍ତା, ନୂତନ ପ୍ରକୃତି ଓ ନୂତନ ଜାଗରଣ ... ଏହିସବୁହିଁ ଆଧ୍ୟାତ୍ମିକତାର ସାରତତ୍ତ୍ୱ ।''

ଏଥିରୁ ସ୍ପଷ୍ଟହିଁ ବୁଝାଯିବ ଯେ ଆଧ୍ୟାତ୍ମିକତାର ଗୂଢ଼ ଅର୍ଥ ହେଲା ଅନ୍ତରରେ, ଦିବ୍ୟ-ଚୈତନ୍ୟରେ ଅଭିଷିକ୍ତ ହେବା, ସେହି ଚେତନାକୁ ଜୀବନରେ ପ୍ରକଟ କରିବା ଏବଂ ତଦ୍ୱାରା ଜୀବନର ବିଭିନ୍ନ ଗତିବୃତ୍ତିର ରୂପାନ୍ତର ସାଧନ କରିବା ।

ଅବଶ୍ୟ ଏହା ମୂଳରୁ ସ୍ମରଣ ରଖିବା ଉଚିତ ଯେ ଶ୍ରୀଅରବିନ୍ଦ ଯେଉଁ ଆଧ୍ୟାତ୍ମିକତାର ସ୍ୱରୂପ ଏଠାରେ ବ୍ୟାଖ୍ୟା କରୁଛନ୍ତି, ତାହା ଆଧ୍ୟାତ୍ମିକ ରୂପାନ୍ତର । ଆମ୍ଭେମାନେ ଅନ୍ୟତ୍ର ଏକଥା ବିସ୍ତୃତଭାବେ ଆଲୋଚନା କରିଛୁ ଯେ ଆଧ୍ୟାତ୍ମିକତା ଦୁଇ ପ୍ରକାରର : ସ୍ଥିତିଶୀଳ ଆଧ୍ୟାତ୍ମିକତା ଏବଂ ଗତିଶୀଳ ଆଧ୍ୟାତ୍ମିକତା । ପ୍ରାଚୀନ ଧର୍ମ ଓ ଆଧ୍ୟାତ୍ମିକତା ସ୍ଥିତିଶୀଳ । ତାହା ମୁକ୍ତି, ମୋକ୍ଷ ବା ନିର୍ବାଣମୁଖୀ । ଅନ୍ୟ ଏକ ପ୍ରକାର ଆଧ୍ୟାତ୍ମିକତା ଅଛି ଯାହା ଆମ୍ଭମାନଙ୍କର ଏ ଜଗତ୍, ସଂସାର ଓ ମାନବ ପ୍ରକୃତିର ରୂପାନ୍ତର ଚାହେଁ, ଯାହା ଏହି ଜଗତର ଅଭ୍ୟୁତ୍ଥାନ ପଥରେ ଅନ୍ୟ ଏକ ନୂତନ ପାବଚ୍ଛ, ଏକ ନୂତନ ସୃଷ୍ଟିର ପ୍ରତିଷ୍ଠା ଚାହେଁ, ଯାହା ଅନ୍ୟ ଏକ ଆଲୋକ, ଗୁଣ, ଧର୍ମର ପ୍ରଘଟ ଚାହେଁ । ଅନ୍ୟ କଥାରେ କହିବାକୁ ଗଲେ ଗତିଶୀଳ ଆଧ୍ୟାତ୍ମିକତା ଏହି ସଂସାର ଓ ଜୀବନର ମୂଳ ସ୍ୱରୂପକୁ ବିକଶିତ କରାଇ ପ୍ରତିଷ୍ଠା କରିବାକୁ ଚାହେଁ । ତଦ୍ୱାରା ମନୁଷ୍ୟୋତ୍ତର ଅତିମାନବ ସ୍ତରର ବିକାଶ ଘଟିବ ଏବଂ ଏହି ପୃଥିବୀରେ ମାନସୋତ୍ତର, ଅତିମାନସ ଶକ୍ତିର ପ୍ରତିଷ୍ଠା ହେବ । ଏହି ନୂତନ ଶକ୍ତିର ପ୍ରତିଷ୍ଠା ଘଟିବ ସମଗ୍ର ଜଗତରେ, ସକଳ ସ୍ତରରେ । ଏବଂ ଗୋଟାଏ ସର୍ବବ୍ୟାପୀ ରୂପାନ୍ତର ଅବଶ୍ୟମ୍ଭାବୀ ରୂପେ ଘଟିବ । ଏହି ଆଲୋକ ଓ ଶକ୍ତିର ଅବତରଣ ପୂର୍ବେ କେବେ ଘଟି ନାହିଁ ବା ଏହି ଶକ୍ତି ପୂର୍ବେ କେବେ ପ୍ରଘଟ ହୋଇ ନାହିଁ । ଶ୍ରୀଅରବିନ୍ଦ ସ୍ୱୀୟ ସାଧନା ଦ୍ୱାରା ଏହି ଅତିମାନସ ଦିବ୍ୟଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ଆଣିଥିଲେ ଏବଂ ଶ୍ରୀମା ସେହି ଶକ୍ତିକୁ ଧାରଣ କରି ବର୍ତ୍ତମାନ କାର୍ଯ୍ୟ କରୁ ଅଛନ୍ତି । ପୃଥିବୀ ଚିରଦିନ ଗୋଟାଏ ଅନ୍ଧକାର ଓ ଦୁଷ୍ଟ ଶକ୍ତିର ଲୀଳାଭୂମି ହୋଇଛି ଏବଂ ଅଜ୍ଞାନ ଶକ୍ତି କବଳରୁ ମୁକ୍ତ ହୋଇ ପାରି ନାହିଁ । ପୂର୍ବେ କୌଣସି ଉଚ୍ଚତର ଆଧ୍ୟାତ୍ମିକ ଶକ୍ତି ଯାହା ପ୍ରଘଟ ହୋଇ

କାର୍ଯ୍ୟକାରୀ ହୋଇଥିଲା, ତାହା ଏହି ଅନ୍ଧକାର ଶକ୍ତି ଓ ଅଜ୍ଞାନ ଶକ୍ତିର ମୁକାବିଲା କରିପାରିଲା ନାହିଁ । କିନ୍ତୁ ବର୍ତ୍ତମାନ ଧରାପୃଷ୍ଠରେ ଅତିମାନସ ଶକ୍ତିର କ୍ରିୟା ହେବା ଫଳରେ ସମଗ୍ର ପାର୍ଥିବ ଜୀବନରୁ ମିଥ୍ୟା, ଅନ୍ଧକାର, ଦୁର୍ନୀତି ଦୂର କରିବା ସମ୍ଭବ ହେବ । ଏ ସମ୍ବନ୍ଧରେ ଶ୍ରୀମା'ଙ୍କ ଏକ ସୁସ୍ପଷ୍ଟ ଘୋଷଣାର ଉଲ୍ଲେଖ କରୁଛି :

"Because until now evil has been opposed by weakness, by a spiritual force without any power for transformation in the material world, this tremendous effort of goodwill has ended only in deplorable failure and left the world in the same state of misery and corruption and falsehood. It is on the *same* plane as the one where the adverse forces are ruling that one must have a greater power than theirs, a power which can conquer them totally *in that very domain*. To put it otherwise, a spiritual force which would be capable of transforming both the consciousness and the material world. This force is the supramental force. What is necessary is to be receptive to its action on the physical plane, and not to run away into a distant Nirvana leaving the enemy with full power over what one abandons."

(`MCW, Vol. 9, pp. 4-5)

ଅର୍ଥାତ୍ : ''ଯେହେତୁ ଏପର୍ଯ୍ୟନ୍ତ ଏହି ପାର୍ଥିବ ଜଗତରେ ରୂପାନ୍ତର-ଶକ୍ତିବିହୀନ ଏକ ଅଧ୍ୟାତ୍ମ ଶକ୍ତି ଦ୍ୱାରା ଅସତ୍ୟର ବିରୋଧ କରାଯାଉଥିଲା, ତେଣୁ ହଜାର ହଜାର ବର୍ଷ ଧରି ମାନବଜାତିର ସଦିଚ୍ଛାମୂଳକ ଉଦ୍ୟମ ଯେତେ ଶକ୍ତିଶାଳୀ ହେଲେ ବି ତାହାର ପରିଣତି ହେଉଥିଲା ଏକ ଶୋଚନୀୟ ପରାଜୟ ଏବଂ ତାହା ଜଗତକୁ ସେହି ଏକହିଁ ଦୁର୍ନୀତି ଓ ମିଥ୍ୟାର କ୍ଷେତ୍ର ରୂପେ ଛାଡ଼ି ଯାଉଥିଲା । ଏହାର ଯଥାର୍ଥ ଏବଂ ଏକମାତ୍ର ପ୍ରତିକାର ହେଲା ଏହି ଯେ ଯେଉଁ ପାର୍ଥିବ ସ୍ତରରେ ବିରୋଧୀ ଶକ୍ତିସବୁ ସର୍ବଶକ୍ତିମାନ୍ ହୋଇ ବିଦ୍ୟମାନ, ସେଠାରେ ସେମାନଙ୍କ ଅପେକ୍ଷା ଏକ ବୃହତ୍ତର ଶକ୍ତି ହାସଲ କରିବାକୁ ହେବ ଯାହା ସେମାନଙ୍କୁ ସେହି କ୍ଷେତ୍ରରେହିଁ ସମ୍ପୂର୍ଣ୍ଣ ରୂପେ ପରାସ୍ତ କରି ପାରିବ । ଅନ୍ୟ କଥାରେ କହିବାକୁ ଗଲେ ଏହା ପାର୍ଥିବ ଜଗତ୍ ଓ ଚେତନାକୁ ରୂପାନ୍ତର କରିବାକୁ ସକ୍ଷମ ଏକ ଆଧ୍ୟାତ୍ମିକ ଶକ୍ତି ଲାଭ କରିବାକୁ ହେବ । ଏହି ଶକ୍ତିହିଁ ହେଲା ଅତିମାନସ ଶକ୍ତି । ଯାହା ଆବଶ୍ୟକ ତାହାହେଲା ପାର୍ଥିବ ସ୍ତରରେ ଏହାର କ୍ରିୟା ପ୍ରତି ଗ୍ରହଣଶୀଳ ହେବା ଏବଂ ସୁଦୂର ନିର୍ବାଣ ଲାଭ ନିମିତ୍ତ ପଳାୟନପୂର୍ବକ ଏହି ପରିତ୍ୟକ୍ତ ସାମ୍ରାଜ୍ୟକୁ ଅପ୍ରତିରୋଧ ଭାବେ ଶତ୍ରୁ ହାତରେ ଛାଡ଼ି ନଦେବା ।''

ସୁତରାଂ ଆମ୍ଭେମାନେ ସାମାଜିକ ଜୀବନରେ ଯେଉଁ ଆଧ୍ୟାତ୍ମିକ ଶକ୍ତିର ପ୍ରୟୋଗ କଥା କହୁଛୁ ତାହା ବାସ୍ତବରେ ଅତିମାନସ ଶକ୍ତିର ପ୍ରୟୋଗ ଏବଂ କ୍ରିୟା, କାରଣ ଏହାହିଁ ଏକମାତ୍ର ଶକ୍ତି ଯାହା ମାନବ ପ୍ରକୃତି ଓ ଭୌତିକ ଜଗତର ରୂପାନ୍ତର ସାଧନ କରିବ । କେହି ଯଦି ଭାବୁଥାଏ ଅନ୍ୟ କୌଣସି ପ୍ରକାର ପ୍ରାଚୀନ ଆଧ୍ୟାତ୍ମିକ ଶକ୍ତିର ପ୍ରୟୋଗ ଦ୍ୱାରା ବର୍ତ୍ତମାନ ସମାଜର ଦୁଷ୍ଟ ଓ ଅଜ୍ଞାନ ଶକ୍ତିର ମୁକାବିଲା କରିପାରିବ ତେବେ ଏହା କେବେ ବି ସମ୍ଭବପର ହେବ ନାହିଁ । ପ୍ରାଚୀନ ଆଧ୍ୟାତ୍ମିକ ଧାରାରେ ମୁକ୍ତି, ନିର୍ବାଣ, ଶାନ୍ତି, ଆଲୋକ ଓ ଭଗବତ୍ ପ୍ରାପ୍ତି ହୁଏ ଏବଂ ହେବ, ମାତ୍ର ଏହା ଦ୍ୱାରା ଭୌତିକ ସ୍ତରରେ, ସ୍ଥୂଳ ଜଗତରେ କୌଣସ ପରିବର୍ତ୍ତନ ଦେଖା ଦେବ ନାହିଁ । ଯଦି ଆମ୍ଭେମାନେ ଏହି ଜଡ଼ ଜଗତରେ ସ୍ଥୂଳ ପ୍ରକୃତି ଓ ନିମ୍ନ ଶାରୀରିକ ଭୂମିରେ ଭଗବତ୍ ପ୍ରକାଶ ଚାହୁଁ, ସତ୍ୟ, ନ୍ୟାୟ, ଆଲୋକ ଓ ଜ୍ଞାନର ପ୍ରତିଷ୍ଠା ଚାହୁଁ, ତେବେ ତାହା ଏକମାତ୍ର ଅତିମାନସ ଶକ୍ତିର କ୍ରିୟା ଓ ପ୍ରତିଷ୍ଠା ଦ୍ୱାରା ସମ୍ଭବ ହେବ ।

ବର୍ତ୍ତମାନ ଆମ୍ଭେମାନେ ମୁଖ୍ୟ ପ୍ରଶ୍ନର କେତେକ ଦିଗ ଆଲୋଚନା କରି ଏହି ପ୍ରବନ୍ଧ ସମାପ୍ତ କରିବା : ବର୍ତ୍ତମାନ ସମାଜ ଓ ଜୀବନ ଯେଉଁ ସ୍ତରରେ ରହିଛି ସେହି କ୍ଷେତ୍ରରେ ଅତିମାନସ ଶକ୍ତିର ପ୍ରୟୋଗ କରାଯିବ କିପରି ? ଏ ବିଷୟରେ କୌଣସ ଯୋଜନା କରାଯାଇପାରେ କି ? ଶିକ୍ଷା, ରାଜନୀତି, ଶାସନ, କଳା, ସାହିତ୍ୟ, ଶିଳ୍ପ, ବାଣିଜ୍ୟ, ମାନବିକ ନ୍ୟାୟ, ବିଚାର, ଆଚାରପଦ୍ଧତି – ସବୁ କ୍ଷେତ୍ରରେ ଏକ ନୂତନ ଦୃଷ୍ଟିକୋଣ ଏବଂ ନୂତନ ଧାରାର ପ୍ରବର୍ତ୍ତନ ହେବ । ମନୁଷ୍ୟର ବୁଦ୍ଧିଗତ ବିକାଶର ଊର୍ଦ୍ଧ୍ୱରେ ଏକ ଆତ୍ମିକ ବୋଧିର ବିକାଶ ହେବ ଯାହା ତାହାର ଜୀବନ ଓ କର୍ମକୁ ପରିଚାଳିତ କରିବ ।

ଏହି ପରିବର୍ତ୍ତନ ଓ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବାକୁ ହେଲେ ସର୍ବପ୍ରଥମେ ତିନୋଟି କାର୍ଯ୍ୟକ୍ରମ ସାମାଜିକ ଜୀବନରେ ଗ୍ରହଣ କରାଯାଇପାରେ । ପ୍ରଥମତଃ, କେତେକ ବ୍ୟକ୍ତି, ଯେଉଁମାନେ ଏହିପରି ଏକ ନୂତନ ସତ୍ୟ ଓ ଜ୍ୟୋତିଃକୁ ଗ୍ରହଣ କରିବା ନିମିତ୍ତ ଉତ୍ସାହୀ ଏବଂ ଜୀବନର ପ୍ରତ୍ୟେକ କର୍ମ ଓ ବିଚାର ମଧ୍ୟରେ ଏହାକୁ ପ୍ରୟୋଗ କରିବାକୁ ଉଦ୍ୟମଶୀଳ, ସେମାନେ ନିଜକୁ ପ୍ରସ୍ତୁତ କରିବେ । ଏହି ବ୍ୟକ୍ତିଗତ ଜୀବନର ପ୍ରସ୍ତୁତି ଓ ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାମାଜିକ ଜୀବନର ପରିବର୍ତ୍ତନ ସମ୍ଭବ ହେବ ଏବଂ କେତେକ କ୍ଷେତ୍ରରେ ଏକ ପରିବର୍ତ୍ତନ ଦେଖା ଦେବ । ଅଧିକ ସଦ୍‌ଭାବ, ଅଧିକ ସହଯୋଗ, ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ, ସମନ୍ୱୟ ଓ ଐକ୍ୟ ଦିଗରେ କିଛି କିଛି ଅଗ୍ରଗତି ଜ୍ଞାତ ବା ଅଜ୍ଞାତସାରରେ ଦେଖାଦେବ ।

ଦ୍ୱିତୀୟତଃ, କ୍ରମଶଃ ସାମାଜିକ ଜୀବନରେ ଗୋଟାଏ ଗୁରୁତର ବିଶୃଙ୍ଖଳା ଏବଂ ବିପର୍ଯ୍ୟୟ ଦେଖା ଦେବ । ଅସ୍ୱସ୍ତି ଓ ବିକ୍ଷୋଭ ମଧ୍ୟରେ କେହି ରହିବାକୁ ଚାହିଁବେ ନାହିଁ । ଏହି ନୂତନ ଚେତନା, ଶକ୍ତି ଓ ଆଲୋକ ଗ୍ରହଣ କରିବା ଦ୍ୱାରା ଶାନ୍ତି ଓ ସମାଧାନର ପଥ ଖୋଲିଯିବ । ସୁତରାଂ ପୂର୍ଣ୍ଣାଙ୍ଗ ଅତିମାନସ ସିଦ୍ଧିର ବାଣୀ ସାମାଜିକ ଜୀବନରେ ପ୍ରଚାରିତ ହେବା ଏକାନ୍ତ ଆବଶ୍ୟକ । ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ-ଜୀବନର ସ୍ୱରୂପ କ'ଣ, ଲକ୍ଷ୍ୟ କ'ଣ — ଏ ସମ୍ବନ୍ଧରେ ସାମାଜିକ ଜୀବନର ବିଭିନ୍ନ ସ୍ତରରେ ଏକ ପ୍ରକାର ଆନ୍ଦୋଳନ ଓ ପ୍ରଚାର ଦ୍ୱାରା ଏକ ମହତ୍ କାର୍ଯ୍ୟ ସାଧିତ ହେବ । ଯେଉଁ ଜିନିଷ ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ରୂପେ ସମାଜରେ ପ୍ରତିଷ୍ଠିତ ହେବ, ସେହି ବସ୍ତୁକୁ ସଚେତନ ରୂପେ ଗ୍ରହଣ କରିବା ନିମିତ୍ତ ସାମାଜିକ ସ୍ତରରେ ଏକ ଆନ୍ଦୋଳନ ସୃଷ୍ଟି କରିବାରେ କୌଣସି କ୍ଷତି ହେବ ନାହିଁ ।

ତୃତୀୟତଃ, ଯେଉଁଠାରେ ଏହି ନୂତନ ସତ୍ୟ ଓ ନୂତନ ଜ୍ୟୋତିଃର କ୍ରିୟା ହେବ, ଯେଉଁମାନେ ଏହାକୁ ଗ୍ରହଣ କରିବାକୁ ଚାହିଁବେ, ସେମାନେ ସାମାଜିକ ଜୀବନରେ ଏକ ଏକ କେନ୍ଦ୍ର ପ୍ରତିଷ୍ଠା କରି ଏକ ସଙ୍ଘବଦ୍ଧ ବା ଗୋଷ୍ଠୀଗତ ନୂତନ ଜୀବନର ପ୍ରସାର ଦିଗରେ କାର୍ଯ୍ୟ କରିବେ ।

ସମାଜରେ ଏହି ନୂତନ ଆଧ୍ୟାତ୍ମିକ ବିପ୍ଳବ ସମ୍ଭବପର କରାଇବା ନିମିତ୍ତ ସେହିମାନେ ଅଗ୍ରସର ହେବେ ଯେଉଁମାନେ ପ୍ରକୃତରେ ସାହସୀ, ବୀର ଓ ଯୋଦ୍ଧା ଏବଂ ପୂର୍ଣ୍ଣ ରୂପେ ନିଃଶେଷରେ ଏହି ଲକ୍ଷ୍ୟ ପାଖରେ ସମର୍ପିତ ।

(ସମାପ୍ତ)

❑❑❑

କେତେକ ଲୋକ ଅଛନ୍ତି ଯେଉଁମାନଙ୍କ ଭିତରେ ଚୈତ୍ୟସତ୍ତା କ୍ରିୟାଶୀଳ ହୋଇଥାଏ ଏବଂ ସେମାନଙ୍କର ବୌଦ୍ଧିକ ବୁଝାମଣା ଅପେକ୍ଷା ଭାବାବେଗଜନିତ ବୁଝାମଣା ଅଧିକ ହୋଇଥାଏ । ଏମାନେ ଈଶ୍ୱରଙ୍କୁ ଜାଣି ନ ଥା'ନ୍ତି, ଈଶ୍ୱରଙ୍କ ସମ୍ବନ୍ଧେ ସେମାନଙ୍କର ସାମାନ୍ୟତମ ଧାରଣା ମଧ୍ୟ ନ ଥାଏ — ଈଶ୍ୱର କ'ଣ ହୋଇପାରନ୍ତି, ଈଶ୍ୱର କହିଲେ କ'ଣ ସବୁ ବୁଝାଏ — ଏସବୁ ସେମାନଙ୍କୁ କିଛି ମାଲୁମ ନ ଥାଏ — ଏସବୁ ସମ୍ବନ୍ଧେ ବି ସେମାନଙ୍କର କୌଣସି ବୌଦ୍ଧିକ ଧାରଣା ନ ଥାଏ — କିନ୍ତୁ ସେମାନଙ୍କର ଈଶ୍ୱରଙ୍କ ପ୍ରତି ଥାଏ ଏକ ଗଭୀର ଆକର୍ଷଣ, ଥାଏ ଏକ ଆକୁଳ ପ୍ରବେଗ, ଏକ ବ୍ୟାକୁଳ ଅନୁରକ୍ତି, ସେମାନେ ଈଶ୍ୱରଙ୍କର ଆବଶ୍ୟକତା ଅନୁଭବ କରନ୍ତି — ଅନୁଭବ କରନ୍ତି ଏକ ଅନିବାର୍ଯ୍ୟ ଆବଶ୍ୟକତା ।

ଏବଂ ଏହି ଧରଣର ଲୋକମାନେ, ଯେଉଁମାନଙ୍କର ଏହିପରି ଭାବାବେଗପୂର୍ଣ୍ଣ ଈଶ୍ୱର-ଆକର୍ଷଣ ରହିଛି, ଏବଂ ମୁଁ କହିପାରେ, ଈଶ୍ୱରଙ୍କ କୃପାରୁ ସେମାନଙ୍କର ମନ ଏସବୁ ବ୍ୟାପାରରେ କିଛି ବ୍ୟାଘାତ ଘଟାଏ ନାହିଁ, କୌଣସି ପ୍ରଶ୍ନ କରେ ନାହିଁ, କିଛି ବିଚାର ବିମର୍ଶ କରେ ନାହିଁ — ଏବଂ ଏହି ଲୋକମାନେ ଏହି ପଥରେ ଶୀଘ୍ର ଆଗେଇ ଯାଆନ୍ତି । ...

— ଶ୍ରୀମା

# ଦ୍ୱୀପାନ୍ତରର କଥା

## (ସପ୍ତମ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଧର୍ମଘଟର ଫଳାଫଳ

### (୧)

ବିଧି ଯାହା ପ୍ରତି ବିମୁଖ ତା'ର ମରି ମଧ୍ୟ ନିସ୍ତାର ନାହିଁ । ଆମେ ବାହାରେ ରହିଲୁ ସତ, ସୁଖ ଦୁଃଖରେ ଏଇ ପ୍ରକାରରେ ଦିନ ବିତିବାକୁ ଲାଗିଲା, କିନ୍ତୁ ଅଳ୍ପ ଦିନ ମଧ୍ୟରେହିଁ ପୁଣି ଜେଲଖାନାରେ ଗୋଳମାଳ ହେବାର ସମ୍ବାଦ ପାଇଲି । ଉତ୍ପୀଡ଼ିତ ହୋଇ ନନିଗୋପାଳ ପୁନର୍ବାର କର୍ମତ୍ୟାଗ କରି ବସିଛି । ଶାସ୍ତି ସ୍ୱରୂପ ତାକୁ ଝୋଟର ମୋଟା କପଡ଼ା ପିନ୍ଧିବାକୁ ଦେବାରୁ ସେ ତାହା ପିନ୍ଧିବାକୁ ଅସ୍ୱୀକାର କଲା; ଜୋର୍ କରି ତା'ର ଜଙ୍ଘିଆ କାଢ଼ି ଦେଇ ତା'ର କୋଠରି ମଧ୍ୟରେ ଝୋଟର ଜଙ୍ଘିଆ ଦିଆଗଲା । କିନ୍ତୁ ସେ ''Naked we came out of our mother's womb and naked shall we return.''– ''ମାଆ ପେଟରୁ ନଗ୍ନ ହୋଇ ଆସିଛୁ, ନଗ୍ନ ହୋଇ ଫେରିଯିବୁ ।'' ଏଇ ମନ୍ତ୍ର ଜପି ଜପି ଝୋଟର ଜଙ୍ଘିଆ ଫୋପାଡ଼ି ଦେଇ ଉଲଗ୍ନ ହୋଇ ବସି ରହିଲା ! ଗଳାରେ ବନ୍ଧା ଲୁହା ଫ୍ରେମର ପରିଚୟ ପତ୍ରଟିକୁ ଛିଣ୍ଡାଇ ଫୋପାଡ଼ି ଦେଲା, ଚିଫ୍ କମିଶନର ପାଖକୁ ଆସିଲେ ଛିଡ଼ା ବି ହୁଏନା, ସଲାମ ବି କରେନା । କ'ଣ ଚାହଁ ପଚାରିଲେ କହେ – ''କିଛି ଚାହେଁନା'' ଇତ୍ୟାଦି ଇତ୍ୟାଦି ।

ପିଲାଟା କ'ଣ ଶେଷରେ ପାଗଳ ହୋଇଗଲା ?– ଏଇ ଭାବନାହିଁ ସମସ୍ତଙ୍କ ମନକୁ ଆସିଲା । କିନ୍ତୁ ଅନୁସନ୍ଧାନ ଫଳରେ ଜଣାଗଲା – ନା, ଜ୍ଞାନ ଖୁବ୍ ତୀକ୍ଷ୍ଣ ଅଛି । ଇଂରେଜ ଯେତେବେଳେ ନିଜର ଖୁସି ଅନୁସାରେ ଆଇନ ଅଦାଲତ ତିଆରି କରିଛି, ସେ ସମସ୍ତ ବ୍ୟବସ୍ଥା ସହିତ ଯେତେବେଳେ ତା' ଦେଶର ଲୋକଙ୍କର କୌଣସି ସମ୍ବନ୍ଧ ନାହିଁ, ସେତେବେଳେ ସେ ବା କାହିଁକି ସେ ସମସ୍ତ ଆଇନକୁ ନ୍ୟାୟତଃ, ଧର୍ମତଃ ମୁଣ୍ଡପାତି ମାନି ନେବାକୁ ବାଧ୍ୟ ହେବ, ଏଇ ପ୍ରଶ୍ନର ମୀମାଂସାକୁ ନେଇ ସେ ବ୍ୟସ୍ତ । ତା'ର ଧର୍ମବୁଦ୍ଧିରେ ଯାହା ତାକୁ ସମ୍ମତି ଦିଏନି, କେବଳ ପ୍ରାଣ ବଞ୍ଚାଇବା ପାଇଁ ସେ କାହିଁକି ସେ କାର୍ଯ୍ୟ କରିବାକୁ ଯିବ ? ପ୍ରାଣ ରକ୍ଷା କରିବା ପାଇଁ ଯେଉଁଠି ପ୍ରାଣାନ୍ତକ ହେବାକୁ ହୁଏ, ସେଠାରେ ପ୍ରାଣର ମୂଲ୍ୟ ବା କ'ଣ ?

ଭଗବାନ୍ ଯାହାର ମନ ଉପରେ ସ୍ୱାଧୀନତାର ଛାପ ଲଗାଇ ଦେଇଛନ୍ତି, ଅତି ଶକ୍ତ ପ୍ରଚଣ୍ଡ ଶାସନକର୍ତ୍ତା ବି ତା'ର ଶରୀରକୁ ଚିରଦିନ ପରାଧୀନ କରି ରଖି ପାରେନା; ଏଇ ଆଶ୍ୱାସନା ଓ ଅଭୟ ବ୍ୟତୀତ ଆମେ ତା'ର ପ୍ରଶ୍ନର ଆଉ ଯେ କି ପ୍ରକାର ଉତ୍ତର ଦେବୁ ତା' ଖୋଜି ପାଇଲୁ ନାହିଁ ।

ଏପଟେ ଆମର ବି କପାଳ ଫାଟିଲା । କଲିକତାର ଖବର କାଗଜରେ ଏଇ ସମୟରେ ଆଣ୍ଡାମାନରେ ରାଜନୈତିକ କଏଦୀମାନଙ୍କର ଅବସ୍ଥା ସମ୍ବନ୍ଧରେ ଆଲୋଚନା ହେଉଥାଏ; କର୍ତ୍ତୃପକ୍ଷଙ୍କର ଧାରଣା ଯେ ଆମେହିଁ ସେଇ ସମସ୍ତ ସଂବାଦ ପଠାଉଥିଲୁ । ଆମେମାନେ ମଧ୍ୟ ଯେ ସେସବୁ ବିଷୟରେ ଆଇନ କାନୁନ ମାନି ଚାଲି ପାରିଥାଆନ୍ତୁ ତାହା ବି ନୁହେଁ । ପେଟର ଜ୍ୱାଳାରେ ବିଭିନ୍ନ ସ୍ଥାନ ବୁଲି ବୁଲି ଆମକୁ ଫଳ ମୂଳ ଆଉ ମୁଖରୋଚକ କିଛି କିଛି ଆହାର୍ଯ୍ୟ ସଂଗ୍ରହ କରିବାକୁ ହୁଏ । ଆଉ ସାଧାରଣ କଏଦୀ ସହ ମିଶିବା ଏକ ପ୍ରକାର ଅସମ୍ଭବ ବୋଲି ଆମକୁ ଲୁଚି ଲୁଚି ବନ୍ଧୁବାନ୍ଧବଙ୍କ ସହ ଦେଖା ସାକ୍ଷାତ୍ ନକଲେ ଅଣନିଃଶ୍ୱାସୀ ଲାଗେ । କର୍ତ୍ତୃପକ୍ଷ ହୁଏତ ତାହା ବୁଝି ପାରିଲେନି, ଅଥବା ନବୁଝିବାର ଆଳ ଦେଖାଇ ଆମକୁ ବିପଦରେ ପକାଇବାକୁ ଚେଷ୍ଟା କରିବାରେ ଲାଗିଲେ । ସେକଥା ଭଗବାନହିଁ ଜାଣନ୍ତି ।

ଦିନେ ସକାଳୁ ସକାଳୁ ଖାନତଲାସର କୋଳାହଳ ଆରମ୍ଭ ହୋଇଗଲା । ଆମର ରହିବା, ବସିବା, ଶୋଇବାର ସବୁ ସ୍ଥାନକୁ ପୋଲିସମାନେ ଘେରାଉ କରିପକାଇଲେ । ମାଣିକତଲା ବଗିଚାର ଏକ ପ୍ରକାର ପ୍ରହସନାତ୍ମକ ପୁନରାଭିନୟ – tempest in a tea pot ଆରମ୍ଭ ହୋଇଗଲା । ଖଣ୍ଡେ ଦୁଇଖଣ୍ଡ ବାଜେ ଚିଠି ଏବଂ ଗୋଟିଏ ଅଧେ କବିତା ବ୍ୟତୀତ ଆଉ କିଛି ମିଳିଲା ନାହିଁ, କିନ୍ତୁ ଚିଫ୍ କମିଶନରଙ୍କ ଆଦେଶ ଅନୁସାରେ ଆମ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଗଲା । କ୍ରମେ କ୍ରମେ ନାନା ପ୍ରକାରର ଗୁଜବ ଶୁଣିବାକୁ ପାଇଲୁ ଯେ ଆମେ

ଛୋଟ ଛୋଟ ବୋମା ତିଆରି କରି ପୋର୍ଟ ବ୍ଲେୟାରକୁ ଉଡ଼ାଇ ଦେଇ ଏଠାକାର ଏକ ସରକାରୀ ଜାହାଜ ଧରି ପଳାଇବାର ସଂକଳ୍ପ କରିଥିଲୁ, ଆଉ ଅନ୍ତର୍ଯାମୀ ଚିଫ୍ କମିଶନର ଲାଲ ମୋହନ ସାହା ନାମକ ଜଣେ ହିତୈଷୀ କଏଦୀର କଥାରେ ସେଇ ଆସନ୍ନ ବିପଦରୁ ତାଙ୍କ ରାଜ୍ୟଟିକୁ ରକ୍ଷା କରିବା ନିମନ୍ତେ ଏଇ ସୁବନ୍ଦୋବସ୍ତ କରିଛନ୍ତି ! ଚିଫ୍‌କମିଶନର ମହାଶୟ ଜେଲକୁ ଆସିବାବେଳେ ଆମେ ପ୍ରଶ୍ନ କଲୁ — ''କଥାଟି କ'ଣ ? ବନ୍ଦୀମାନଙ୍କ ଉପରେ ଏଇ ଅଯଥା ଆକ୍ରମଣ କାହିଁକି ?'' ଜେଲର ମହାଶୟ ନିହାତି ଭଲ ମଣିଷ ପରି କହିଲେ — ''ମୁଁ କିଛି ବି ଜାଣେନି । ଭାରତ ସରକାର ଠାରୁ ଯେପରି ଆଦେଶ ପାଇଛି ସେହିପରି କରୁଛି ।''

ଭଲ, ଏ କଥାର ଆଉ ଉତ୍ତର କ'ଣ ? କିନ୍ତୁ କିଛିଦିନ ପରେ ଶୁଣିଲି, ଆମ ସହ ମିଳାମିଶା କରିବାରୁ ଏବଂ କଥାବାର୍ତ୍ତା କରିବାରୁ ବାହାରର ଅନେକ ଲୋକଙ୍କୁ ଶାସ୍ତି ଦିଆ ହୋଇଛି, ଏବଂ ପୋଲିସର ଜଣେ ସାକ୍ଷୀ କେଉଁଠାରୁ ଗ୍ରାମୋଫୋନ୍‌ର ପିନ୍, ଲୁହାର ଟୁକୁରା ପ୍ରଭୃତି ସଂଗ୍ରହ କରି ନିଃସଂଶୟରେ ଆମମାନଙ୍କୁ ବୋମା ସୃଷ୍ଟିର ଦୁରଭିସନ୍ଧି ବୋଲି ପ୍ରମାଣ କରିଦେଇଛି । ନାରାୟଣଗଡ଼ରେ ଲାଟ ସାହେବର ଟ୍ରେନ୍ ଓଲଟାଇବାର ପ୍ରସଙ୍ଗକୁ ନେଇ ଯେତେବେଳେ କେତେଜଣ ନିରପରାଧ ଲୋକ ଦଣ୍ଡିତ ହେଲେ, ସେତେବେଳ ଠାରୁ ଆମେ ପୋଲିସର ଅପାର ମହିମା କଥା ବେଶ୍ ଜାଣିଥିଲୁ । ସୁତରାଂ କର୍ତ୍ତୃପକ୍ଷଙ୍କୁ ପଚାରିଲୁ ''ଆମ ବିରୋଧରେ ଯଦି କୌଣସି ସନ୍ଦେହ ବା ପ୍ରମାଣ ଅଛି, ତା'ହେଲେ ଏପରି ଲୁଚାଛପା ଫନ୍ଦି ନ ଚଳେଇ ଆମମାନଙ୍କର ପ୍ରକାଶ୍ୟ ଅଦାଲତରେ ବିଚାର କରାଯାଉନି କାହିଁକି ?'' ଅଧିକାରୀମାନେ କିନ୍ତୁ ଏଇ କଥାର କୌଣସି ଉତ୍ତର ନଦେଇ ମୁହଁକୁ ଚାପିରଖି ଚାଲିଗଲେ । ଆମେ କିଂକର୍ତ୍ତବ୍ୟବିମୂଢ଼ ହୋଇ ରହିଲୁ ।

କେତେମାସ ପରେ ସାର୍ ରେଜିନାଲ୍ଡ୍ କ୍ରାଡ଼କ୍ (Sir Reginald Craddock) ପୋର୍ଟ ବ୍ଲେୟାର ପରିଦର୍ଶନ କରିବାକୁ ଆସିଲେ । ଆମେ ଭାବିଲୁ ସଠିକ୍ ବ୍ୟକ୍ତିକୁ ଆମେ ଧରିଛୁ; ଏଥର ଆମର ଯା' ହେଉ ଗୋଟିଏ ବ୍ୟବସ୍ଥା ହେବ । ତାଙ୍କ ନିକଟରେ ଦୁଃଖର କାହାଣୀ ଆରମ୍ଭ କରିବା ମାତ୍ରେ ଚିଫ୍ କମିଶନର ନିଜ ସ୍ୱରୂପ ଧରି କହିଲେ, ''ତୁମେମାନେ ବାହାରେ ରାଜଦ୍ରୋହର ପରାମର୍ଶ (conspiracy) କରୁଥିଲ ।''

ଆମେ ଜବାବ ଦେଲୁ, ''ତାହା ଯଦି ଆପଣଙ୍କର ଧାରଣା, ତେବେ ପ୍ରଥମେ ଯେତେବେଳେ ଆପଣଙ୍କୁ ପଚାରିଥିଲୁ, ସେତେବେଳେ ଭଲ ମଣିଷ ହୋଇ ମୁଁ ଜାଣେ ନାହିଁ ବୋଲି କହିଥିଲେ କାହିଁକି ? ପୁଣି ସେ କଥା କହିବା ପରେ ଯଦି ଆମର ଅପରାଧର ପ୍ରମାଣ ପାଇଥାଆନ୍ତି, ତେବେ ପ୍ରକାଶ୍ୟ ଅଦାଲତରେ ଆମର ବିଚାର କରିବାକୁ ଏତେ ସଙ୍କୋଚ ବୋଧ କଲେ କାହିଁକି ?'' ସାର୍ ରେଜିନାଲ୍ଡ୍ ମୁହଁ ଚାପି ହସି ହସି ଉତ୍ତର ଦେଲେ,— ''ତୁମେ କ'ଣ ଜାଣିଛ, ଏସବୁ କଥାର ପ୍ରମାଣ ହୁଏ ନାହିଁ ।''

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ତୁମ ପ୍ରକୃତିରେ କ'ଣ ସବୁ ତ୍ରୁଟି ରହିଛି ସେଥିରେ କିଛି ଯାଏ ଆସେ ନାହିଁ । ଯେଉଁ ଏକମାତ୍ର କଥା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ନିଜକୁ ଦିବ୍ୟଶକ୍ତି ଦିଗରେ ଉନ୍ମୀଳିତ ରଖିବା । ଦିବ୍ୟ ସାହାଯ୍ୟ ବିନା କେହି କେବେ ନିଜକୁ ନିଜ ଚେଷ୍ଟାରେ ରୂପାନ୍ତର କରିପାରିବ ନାହିଁ । କେବଳ ଦିବ୍ୟଶକ୍ତିହିଁ ବ୍ୟକ୍ତିକୁ ରୂପାନ୍ତର କରିପାରେ । ଯଦି ତୁମେ ନିଜକୁ ଉନ୍ମୁକ୍ତ ରଖ, ଅନ୍ୟ ସବୁକିଛି ତୁମ ପାଇଁ କରି ଦିଆଯିବ ।

(୨୮.୬.୧୯୩୨) — ଶ୍ରୀଅରବିନ୍ଦ

# ନୂତନ ଶିକ୍ଷାର ଆହ୍ୱାନ

## (୮)

**ଗୟାଧର ଦାଶ**

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ବୌଦ୍ଧ ଯୁଗୀୟ ଶିକ୍ଷା

ଗୌତମ ବୁଦ୍ଧ ଖ୍ରୀ.ପୂ. ୫୬୩ରେ ବୈଶାଖ ପୂର୍ଣ୍ଣିମାରେ ଜନ୍ମଗ୍ରହଣ କରିଥିଲେ । ସେ ୩୫ ବର୍ଷ ବୟସରେ ଖ୍ରୀ.ପୂ. ୫୨୮ରେ ବୈଶାଖ ପୂର୍ଣ୍ଣିମା ଦିନ ବୁଦ୍ଧତ୍ୱ ଲାଭ କଲେ ଏବଂ ୪୫ ବର୍ଷକାଳ ନିଜର ଉପଲବ୍ଧ ଜ୍ଞାନକୁ ସାରା ଭାରତବର୍ଷରେ ପ୍ରଚାର କରି ୮୦ ବର୍ଷ ବୟସରେ ଖ୍ରୀ. ପୂ. ୪୮୩ରେ ବୈଶାଖ ପୂର୍ଣ୍ଣିମାରେ ଇହଲୀଳା ସମ୍ବରଣ କରିଥିଲେ । ବୈଶାଖ ପୂର୍ଣ୍ଣିମାରେ ଜନ୍ମ, ସିଦ୍ଧି ଓ ମହାପ୍ରୟାଣ ଘଟିଥିବାରୁ ଏହି ପୂର୍ଣ୍ଣିମାଟି ବୁଦ୍ଧ ପୂର୍ଣ୍ଣିମା ରୂପେ ପରିଚିତ । ଚାରୋଟି ଆର୍ଯ୍ୟ ସତ୍ୟ ହେଉଛି ତାଙ୍କ ଦର୍ଶନର ମୂଳତତ୍ତ୍ୱ ଏବଂ ଅଷ୍ଟାଙ୍ଗ ମାର୍ଗ ହେଉଛି ତାଙ୍କର ପ୍ରଦର୍ଶିତ ମାର୍ଗ ଓ ମଧ୍ୟମ ପନ୍ଥା ।

ବୌଦ୍ଧଧର୍ମ ବେଦ, ଆତ୍ମା ଓ ଈଶ୍ୱର ଉପରେ ବିଶ୍ୱାସ ରଖେ ନାହିଁ । ଜାତି ପ୍ରଥା, ଯଜ୍ଞାନୁଷ୍ଠାନ ଆଦିକୁ ଅର୍ଥହୀନ ବୋଲି ସ୍ୱୀକାର କରେ; କିନ୍ତୁ କର୍ମ, ମୁକ୍ତି, ନିର୍ବାଣ ଉପରେ ବିଶ୍ୱାସ ରଖେ । ବୌଦ୍ଧଧର୍ମର ମୂଳନୀତି ହେଲା ଅହିଂସା । କାମନାହିଁ ଦୁଃଖର କାରଣ । କାମନାର ବିନାଶରେ ଦୁଃଖର ବିନାଶ ହୁଏ । ନିର୍ବାଣହିଁ ଜୀବନର ଅନ୍ତିମ ଲକ୍ଷ୍ୟ ।

ବୁଦ୍ଧଦେବଙ୍କ ସମୟରେ ବ୍ରାହ୍ମଣମାନଙ୍କର ଆଧିପତ୍ୟ ରହିଥିଲା ଏବଂ ନାନା ଧାର୍ମିକ କ୍ରିୟା, ଅନ୍ଧବିଶ୍ୱାସ ଓ ଅଧିବିଦ୍ୟାର ଅର୍ଥହୀନ ତତ୍ତ୍ୱମାନ ମାନବ ସମାଜକୁ ଆଚ୍ଛାଦିତ କରି ରଖିଥିଲା । ବୁଦ୍ଧଦେବ ଏସବୁକୁ ବିରୋଧ କରି ଯେଉଁ ଶିକ୍ଷା ପ୍ରଦାନ କଲେ, ତାହା ମାନବ ସମାଜକୁ ନାନା କୁସଂସ୍କାର, ଅନ୍ଧବିଶ୍ୱାସ, ଭ୍ରାନ୍ତଧାରଣା, ପ୍ରଥା ଓ କ୍ରିୟାନୁଷ୍ଠାନରୁ ମୁକ୍ତ କରିବାରେ ଏକ ବିକଳ୍ପ ବ୍ୟବସ୍ଥା ଥିଲା । ଚେତନାର ବିକାଶ ଧାରାରେ ଏହାର ଆବଶ୍ୟକତା ଥିଲା । ବ୍ରାହ୍ମଣ୍ୟଧର୍ମର କଠୋର ପନ୍ଥା ବିରୋଧରେ ସେ ସ୍ୱର ଉତ୍ତୋଳନ କରିଥିଲେ ବି ତାଙ୍କର ଦର୍ଶନରେ ହିନ୍ଦୁଧର୍ମର ନୈତିକ ବିଚାର ଧାରା ଏବଂ ଉପନିଷଦ୍‌ର ନୀତିବାଣୀର ଗଭୀର ପ୍ରଭାବ ପଡ଼ିଥିଲା । ସେ ଉପନିଷଦ୍‌ର ଚିନ୍ତାଧାରାକୁ ନୂତନ ଦୃଷ୍ଟିଭଙ୍ଗୀରେ ପ୍ରକାଶ କରିଥିଲେ । ସେଥିପାଇଁ ବୌଦ୍ଧ ଯୁଗୀୟ ଶିକ୍ଷାର ବିକାଶ ଧାରାରେ ଏକ ନୂତନ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହୋଇଛି । ଜୀବନର ବାସ୍ତବ ସମସ୍ୟାକୁ ନେଇ ବୌଦ୍ଧ ଦର୍ଶନ ପ୍ରତିଷ୍ଠିତ ହୋଇଥିବାରୁ ଏହା ମାନବତାବାଦୀ ଓ ବାସ୍ତବବାଦୀ ଦର୍ଶନ ରୂପେ ପରିଚିତ । ବୁଦ୍ଧଦେବ ଜଣେ ନୀତିବାଦୀ ଓ ସମାଜ ସଂସ୍କାରକ ଥିଲେ । ତାଙ୍କର ଦର୍ଶନ ବାସ୍ତବରେ ତର୍କଶାସ୍ତ୍ର ଓ ନୀତିଶାସ୍ତ୍ର ଉପରେ ଆଧାରିତ । ପାଲି ଭାଷା ଥିଲା ଶିକ୍ଷାଦାନର ମାଧ୍ୟମ । ବୁଦ୍ଧଦେବ କଥୋପକଥନ ମାଧ୍ୟମରେ ଶିକ୍ଷା ପ୍ରଦାନ କରୁଥିଲେ । ତାଙ୍କର ମହାପ୍ରୟାଣ ପରେ ତାଙ୍କର ଶିଷ୍ୟଗଣ ଉପଦେଶଗୁଡ଼ିକୁ ସଂଗ୍ରହ କରି ପାଲି ଭାଷାରେ ଗ୍ରନ୍ଥ ଆକାରରେ ପ୍ରକାଶ କରିଥିଲେ ଯାହା 'ତ୍ରିପିଟକ' ନାମରେ ପରିଚିତ ।

ବୌଦ୍ଧଧର୍ମ ପରି ଜୈନଧର୍ମ ମଧ୍ୟ ମହାବୀରଙ୍କ ଦ୍ୱାରା ସେହି ଏକା ସମୟରେ ପ୍ରଚାରିତ ହୋଇଥିଲା । ଜୈନଧର୍ମର ଶ୍ୱେତାମ୍ବର ପନ୍ଥୀମାନେ ସମାଜର ଦାୟିତ୍ୱ ନିର୍ବାହ କରୁଥିଲେ । ଦିଗମ୍ବର ପନ୍ଥୀମାନେ କଠୋର ଥିଲେ ଏବଂ ଉପବାସ, କଠୋର ତପସ୍ୟା ଓ ତ୍ୟାଗରେ ବିଶ୍ୱାସ କରୁଥିଲେ । ଅହିଂସା ପରମଧର୍ମ ଥିଲା ଏବଂ କୈବଲ୍ୟ ପ୍ରାପ୍ତିହିଁ ଜୀବନର ଅନ୍ତିମ ଲକ୍ଷ୍ୟ ଥିଲା । ବୌଦ୍ଧଧର୍ମ ପରି ଜୈନଧର୍ମ ବେଦ, ଈଶ୍ୱର, ଯଜ୍ଞାନୁଷ୍ଠାନ ଆଦିରେ ବିଶ୍ୱାସ କରେ ନାହିଁ । ସମ୍ୟକ୍ ଦର୍ଶନ, ସମ୍ୟକ୍ ଜ୍ଞାନ ଓ ସମ୍ୟକ୍ ଚରିତ୍ରକୁ ତ୍ରି-ରତ୍ନ କୁହାଯାଏ ଯାହା ଜୈନଧର୍ମାନୁସାରେ ମୋକ୍ଷ ପ୍ରାପ୍ତିର ମାର୍ଗ ଅଟେ । ଜୈନଧର୍ମ ପରି ବୌଦ୍ଧଧର୍ମର ମାର୍ଗ କଠୋର ନଥିଲା । ଏହି ମାର୍ଗ ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସହଜ ସାଧ୍ୟ ଥିବାରୁ ବହୁଳ ଭାବେ ପ୍ରସାରିତ ହୋଇ ପାରିଥିଲା । ବୁଦ୍ଧଦେବଙ୍କର ଅଷ୍ଟାଙ୍ଗ ମାର୍ଗ ଉପନିଷଦ୍ ପ୍ରତିପାଦିତ ମାର୍ଗରୁ ଭିନ୍ନ ନଥିଲା । ଉପନିଷଦୀୟ ଶିକ୍ଷା ପରି ବୌଦ୍ଧ ଯୁଗୀୟ ଶିକ୍ଷାରେ ନୈତିକ ଶିକ୍ଷା ଓ ଆତ୍ମଶୃଙ୍ଖଳାର ନିଦାନଗୁଡ଼ିକ ରହିଥିଲା । ଯିଏ ନିର୍ବାଣକୁ ଲାଭ କରେ ସେହିଁ ଅର୍ହତ ବା ମୁକ୍ତ ପୁରୁଷ ବୋଲି ବୌଦ୍ଧ ଦର୍ଶନରେ କୁହାଯାଇଛି ।

ବୌଦ୍ଧ ଯୁଗୀୟ ଶିକ୍ଷା ସମସ୍ତଙ୍କ ପାଇଁ ସହଜସାଧ୍ୟ ଥିଲେ ମଧ୍ୟ ଭୌତିକ ବିକାଶକୁ ଅବହେଳା କରାଯାଇଥିଲା । ଯେଉଁମାନେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ଭିକ୍ଷୁ ହେଉଥିଲେ, ସେମାନେ ମୁଖ୍ୟତଃ ସଂସାରକୁ ତ୍ୟାଗ କରୁଥିଲେ ଯଦ୍ୱାରା ସମାଜରେ ଏହାର କୁପ୍ରଭାବ ପଡ଼ିଲା । ବୌଦ୍ଧ ବିହାର ଥିଲା ଶିକ୍ଷାର କେନ୍ଦ୍ରସ୍ଥଳ । ବୌଦ୍ଧ ସନ୍ନ୍ୟାସୀ ଏବଂ ଶ୍ରମଣମାନେ ଶିକ୍ଷାଦାନ କରୁଥିଲେ । ପ୍ରାଥମିକ ଶିକ୍ଷାକୁ ପ୍ରାଧାନ୍ୟ ଦିଆ ଯାଉଥିଲା । ବୁଦ୍ଧ, ଧର୍ମ ଓ ସଂଘ ପ୍ରତି ଅନୁରକ୍ତ ହେବା ପାଇଁ ଶିକ୍ଷା ଦିଆ ଯାଉଥିଲା । ଶୀଳ, ସମାଧି ଓ ପ୍ରଜ୍ଞା ଥିଲା ବୌଦ୍ଧଧର୍ମର ମୂଳତତ୍ତ୍ୱ ।

ବୌଦ୍ଧଧର୍ମ ଓ ଜୈନଧର୍ମର ପ୍ରସାର ପୂର୍ବରୁ ଜଡ଼ବାଦ ବା ଚାର୍ବାକ ଦର୍ଶନର ପ୍ରଭାବରୁ ସମାଜରେ ଭୋଗବାଦ ବା ଅସୁର ଚେତନାର ବିକାଶ ଘଟିଥିଲା ଯାହା ମାନବସମାଜର ବିକାଶ କ୍ଷେତ୍ରରେ ଘୋର ଅନ୍ତରାୟ ସୃଷ୍ଟି କରିଥିଲା । ଏହି ଜଡ଼ବାଦର ଆଦର୍ଶଟି ଭାରତୀୟ ଆଧ୍ୟାତ୍ମିକ ସଂସ୍କୃତିର ପରିପନ୍ଥୀ ଅଟେ । ବୌଦ୍ଧଧର୍ମର ଆବିର୍ଭାବରେ ଏହି ଜଡ଼ବାଦ ଦର୍ଶନଟି ପ୍ରଭାବଶୂନ୍ୟ ହୋଇ ପଡ଼ିଲା, ତଥାପି ମାନବ ଚେତନାରୁ ଏହା ଅନ୍ତର୍ହିତ ହୋଇ ନାହିଁ ।

ବୌଦ୍ଧ ଯୁଗରେ ରାଜା ତଥା ସମାଜ ଶିକ୍ଷାର ବିକାଶ ଦିଗରେ ଆଗ୍ରହ ପ୍ରକାଶ କରୁଥିଲେ । ଉଚ୍ଚଶିକ୍ଷା ନିମିତ୍ତ ଅନେକ ବିଶ୍ୱବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠା ହୋଇଥିଲା । ତକ୍ଷଶିଳା, ନାଳନ୍ଦା, ବଲ୍ଲଭି, ବିକ୍ରମଶିଳା, ଓଦନ୍ତପୁରୀ ଏବଂ ଜଗଦଳା ଶିକ୍ଷାର କେନ୍ଦ୍ରସ୍ଥଳ ଥିଲେ । ନାଳନ୍ଦା ଓ ତକ୍ଷଶିଳା ବିଶ୍ୱବିଦ୍ୟାଳୟ ଦ୍ୱୟ ଉଚ୍ଚଶିକ୍ଷା ନିମିତ୍ତ ବିଶ୍ୱବିଖ୍ୟାତ ଥିଲେ । ଏହି ଦୁଇଟି ବିଶ୍ୱବିଦ୍ୟାଳୟରେ ବୌଦ୍ଧଦର୍ଶନ ଓ ଅନୁଶାସନଗୁଡ଼ିକୁ ପ୍ରୟୋଗ କରାଯାଉଥିଲା । ବିଶ୍ୱର ଭିନ୍ନ ଭିନ୍ନ ପ୍ରାନ୍ତରୁ ସହସ୍ରାଧିକ ଶିକ୍ଷାର୍ଥୀ ଏଠାରେ ଶିକ୍ଷାଲାଭ କରୁଥିଲେ । କଳା, ସଂସ୍କୃତି, ଧର୍ମ, ରାଜନୀତି, ଭେଷଜବିଦ୍ୟା, ଦର୍ଶନ, ଜ୍ୟୋତିଷବିଦ୍ୟା, ଅର୍ଥନୀତି, ତର୍କ ବା ନ୍ୟାୟ, ସାମରିକ ବିଜ୍ଞାନ, ବାଣିଜ୍ୟ ସହ ଅଠର ପ୍ରକାର ଶିଳ୍ପବିଦ୍ୟା ମଧ୍ୟ ପାଠ୍ୟ ଖସଡ଼ାର ଅନ୍ତର୍ଭୁକ୍ତ ଥିଲା । ତକ୍ଷଶିଳାର ଶିକ୍ଷକମାନେ ବିଶ୍ୱବିଖ୍ୟାତ ଥିଲେ । ପାଣିନି, ଜୀବକ, ଚାଣକ୍ୟ ଆଦି ମହାନ୍ ବ୍ୟକ୍ତିମାନେ ତକ୍ଷଶିଳାର ଛାତ୍ର ଥିଲେ । ତକ୍ଷଶିଳା ବିଶ୍ୱବିଦ୍ୟାଳୟଟି ଖ୍ରୀ.ପୂ. ୬୦୦ରେ ଗାନ୍ଧାର ରାଜ୍ୟରେ ପ୍ରତିଷ୍ଠା କରାଯାଇଥିଲା ଏବଂ ଖ୍ରୀଷ୍ଟାବ୍ଦ ୫୦୦ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା । ଶିକ୍ଷାଦାନ ପାଇଁ ଶିକ୍ଷାର୍ଥୀମାନଙ୍କଠାରୁ କୌଣସି ଅର୍ଥ ନିଆଯାଉ ନଥିଲା । ରାଜା ତଥା ସମାଜର ବଦାନ୍ୟ ବ୍ୟକ୍ତିମାନଙ୍କର ସାହାଯ୍ୟରେ ବିଶ୍ୱବିଦ୍ୟାଳୟଟିର ଶିକ୍ଷାଦାନ ତଥା ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ଅନୁଷ୍ଠିତ ହେଉଥିଲା । ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବା ମଧ୍ୟ ସହଜ ସାଧ୍ୟ ନଥିଲା ।

ସେହି ସମୟରେ ଦକ୍ଷିଣ ଭାରତରେ 'ଅଗ୍ରହର' (Agrahara), ଘାଟିକା (Ghatika) ଓ ବ୍ରହ୍ମପୁରୀ (Brahmapuri) ମଠ, ଜୈନ ବସତି ଓ ବୌଦ୍ଧ ବିହାର ଆଦି ବିଦ୍ୟାପୀଠ ରୂପେ ପ୍ରତିଷ୍ଠା ଲାଭ କରିଥିଲା । ସମସ୍ତ ବିଦ୍ୟାପୀଠଗୁଡ଼ିକୁ ସମାଜରୁ ପ୍ରୋତ୍ସାହନ ଓ ଆର୍ଥିକ ସାହାଯ୍ୟ ମିଳୁଥିଲା । ଶିକ୍ଷାର ବିକାଶ ନିମନ୍ତେ ସମାଜର ବିଭିନ୍ନ ବର୍ଗର ସଂପୃକ୍ତିହିଁ ଭାରତୀୟ ଶିକ୍ଷାର ମାନକୁ ସୁଦୃଢ଼ କରିଥିଲା ।

ଖ୍ରୀ.ପୂ. ୪ର୍ଥ ଶତାବ୍ଦୀ ବେଳକୁ ନନ୍ଦବଂଶର ସାମ୍ରାଜ୍ୟ ରହିଥିଲା । ନନ୍ଦବଂଶର ଶେଷ ରାଜା ଧନନନ୍ଦଙ୍କୁ ପରାସ୍ତ କରି ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେ ଆଲେକ୍‌ଜାଣ୍ଡାରଙ୍କ ସେନାପତି ସେଲିଉକସ୍‌ଙ୍କୁ ପରାସ୍ତ କରି ଗ୍ରୀକ୍ ଅଧିକୃତ ସମସ୍ତ ରାଜ୍ୟ ଦଖଲକୁ ଆଣିଥିଲେ । ବିଚକ୍ଷଣ ପଣ୍ଡିତ, ଅର୍ଥନୀତି ଓ କୂଟନୀତି ବିଶାରଦ ଚାଣକ୍ୟଙ୍କ ପରାମର୍ଶରେ ସେ ରାଜ୍ୟଶାସନ କରି ଖ୍ରୀ.ପୂ. ୨୯୮ରେ ମୃତ୍ୟୁବରଣ କରିଥିଲେ । ତାଙ୍କ ପରେ ତାଙ୍କର ପୁତ୍ର ବିନ୍ଦୁସାର ଏବଂ ବିନ୍ଦୁସାରଙ୍କ ପରେ ତାଙ୍କ ପୁତ୍ର ଅଶୋକ ରାଜ୍ୟଶାସନ କରିଥିଲେ ଏବଂ କଳିଙ୍ଗ ଯୁଦ୍ଧ ପରେ ସେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ଚନ୍ଦ୍ରଗୁପ୍ତଙ୍କ ସମୟରେ ଗ୍ରୀକ୍‌ର ରାଜଦୂତ ମେଘାସ୍ଥିନିସ୍ ଆସିଥିଲେ ଏବଂ ସେ ତାଙ୍କ ଇଣ୍ଡିକା (Indica) ପୁସ୍ତକରେ ସେ ସମୟର ଶାସନ ବ୍ୟବସ୍ଥା ତଥା ଶିକ୍ଷା ବିଷୟରେ ଲେଖିଛନ୍ତି । ପ୍ରାଥମିକ ଶିକ୍ଷା ସହିତ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ଥିଲା । ବୁଦ୍ଧଦେବଙ୍କ 'ଧମ୍ମପଦ' ବେଦ, ଉପନିଷଦ୍ ପରି ଉଚ୍ଚକୋଟିର ଶାସ୍ତ୍ର ରୂପେ ପରିଗଣିତ ହେଉଥିଲା । ଅଶୋକସ୍ତମ୍ଭ ଏବେ ବି ଜାତୀୟ ମାନ୍ୟତା ଲାଭ କରିଛି । ସଂସ୍କୃତ ଭାଷାକୁ ଗୁରୁତ୍ୱ ଦିଆଯାଉ ଥିବାରୁ ଅନ୍ୟ ଭାଷାଗୁଡ଼ିକ ଅବହେଳିତ ହୋଇ ରହିଥିଲା । ନାରୀଶିକ୍ଷାକୁ ପ୍ରୋତ୍ସାହନ ମିଳୁ ନଥିଲା । ସାମାଜିକ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବା ସକାଶେ ବୃତ୍ତିଗତ ଶିକ୍ଷାର ବ୍ୟବସ୍ଥା ରହିଥିଲା । ବିଶେଷତଃ ବୌଦ୍ଧଧର୍ମର ନୀତି ଓ ବାଣୀ ବହୁଳ ଭାବେ ପ୍ରସାରିତ ହେଉଥିଲା ।

ମୌର୍ଯ୍ୟ ସାମାଜ୍ର୍ୟ ପରେ ଶକ ସାମ୍ରାଜ୍ୟ ଏବଂ ତା'ପରେ କୁଶାଣ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇଥିଲା । କନିଷ୍କ କୁଶାଣ ରାଜବଂଶର ସର୍ବଶ୍ରେଷ୍ଠ ରାଜା ଥିଲେ । ସେ ୭୮ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ ଏବଂ ସେହି ବର୍ଷଠାରୁ ଶକାବ୍ଦ ଗଣନା କରାଗଲା । ସେ ମଧ୍ୟ ଅଶ୍ୱଘୋଷଙ୍କ ଦ୍ୱାରା ପ୍ରଭାବିତ ହୋଇ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ତାଙ୍କ ରାଜସଭାରେ ଚରକ, ଅଶ୍ୱଘୋଷ ଓ ନାଗାର୍ଜୁନ ଆଦି ପଣ୍ଡିତମାନେ ସ୍ଥାନ ପାଇଥିଲେ । ସେ ସମୟରେ ଦାକ୍ଷିଣାତ୍ୟରେ ସାତବାହନ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇଥିଲା । କୃଷି, ବାଣିଜ୍ୟ, କଳା, ସାହିତ୍ୟ କ୍ଷେତ୍ରରେ ସାତବାହନ ସାମ୍ରାଜ୍ୟ ଅଗ୍ରଣୀ ଥିଲା । ତୃତୀୟ ଶତାବ୍ଦୀର ମଧ୍ୟ ଭାଗରେ ଗୁପ୍ତ ସାମ୍ରାଜ୍ୟ ପ୍ରତିଷ୍ଠା ହେଲା । ଏହି ଗୁପ୍ତ ସାମ୍ରାଜ୍ୟର ସର୍ବଶ୍ରେଷ୍ଠ ରାଜା ଥିଲେ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବା ବିକ୍ରମାଦିତ୍ୟ । ସେ ଖ୍ରୀଷ୍ଟାବ୍ଦ ୩୮୦ ରୁ ୪୧୫ ପର୍ଯ୍ୟନ୍ତ ରାଜ୍ୟଶାସନ କରିଥିଲେ । ତାଙ୍କର ଶାସନକାଳକୁ ଗୁପ୍ତଯୁଗର ସୁବର୍ଣ୍ଣଯୁଗ ବୋଲି କୁହାଯାଏ । ଏହି ସମୟରେ ଶିକ୍ଷା, ସାହିତ୍ୟ, ସଂଗୀତ, କଳା ଓ ସ୍ଥାପତ୍ୟ, କୃଷି, ବାଣିଜ୍ୟ କ୍ଷେତ୍ରରେ ଅଭୂତପୂର୍ବ ବିକାଶ ଘଟିଥିଲା । ବିକ୍ରମାଦିତ୍ୟ ଜ୍ଞାନୀ ଓ ପଣ୍ଡିତମାନଙ୍କୁ ତାଙ୍କ ଦରବାରରେ ସ୍ଥାନ ଦେଇଥିଲେ । ବରାହମିହିର, ଅମର ସିଂହ, କାଳିଦାସ, ଘଟକର୍ପର, ଧନ୍ୱନ୍ତରୀ, କ୍ଷପଣକ, ଶଙ୍କୁ, ବରରୁଚି ଓ ବେତାଳଭଟ୍ଟ ଆଦି ନବରତ୍ନ ରାଜଦରବାରର ଶୋଭା ମଣ୍ଡନ କରୁଥିଲେ ଏବଂ ରାଜାଙ୍କୁ ଉଚିତ ପରାମର୍ଶ ମଧ୍ୟ ଦେଉଥିଲେ । ବିକ୍ରମାଦିତ୍ୟଙ୍କ ସମୟରେ ଚୀନ୍ ପରିବ୍ରାଜକ ଫାହିୟାନ୍ ଆସିଥିଲେ ଏବଂ ସମଗ୍ର ଭାରତବର୍ଷ ଭ୍ରମଣ କରି ଶିକ୍ଷା ବ୍ୟବସ୍ଥା, କଳା, ସଂସ୍କୃତି ସହ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ବ୍ୟବସ୍ଥା ତଥା ଧର୍ମ ସମ୍ବନ୍ଧରେ ମୂଲ୍ୟବାନ୍ ବିବରଣୀ ପ୍ରଦାନ କରିଥିଲେ । ତାଙ୍କ ବିବରଣୀରୁ ଜଣାପଡ଼େ ଭାରତ ଏକ ସ୍ୱର୍ଣ୍ଣପ୍ରସୂ ଦେଶ ଥିଲା । ବିଦ୍ୟା, ଧର୍ମ ଓ ସଂସ୍କୃତି ଉଚ୍ଚକୋଟିର ଥିଲା । ସମଗ୍ର ଭାରତବର୍ଷରେ ଶିକ୍ଷା ବ୍ୟବସ୍ଥା ମଧ୍ୟ ସୁଦୃଢ଼ ଥିଲା । ଆର୍ଯ୍ୟଭଟ୍ଟଙ୍କ ପରି ତାଙ୍କ ରାଜସଭାରେ ପ୍ରଖ୍ୟାତ ଗଣିତ ଓ ଜ୍ୟୋତିଷ ଶାସ୍ତ୍ର ବିଶାରଦ ଥିବାରୁ ଗଣିତ ଓ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଭାରତର ସୁଖ୍ୟାତି ରହିଥିଲା ।

ଗୁପ୍ତବଂଶ ପରେ କ୍ରମାନ୍ୱୟରେ ପଲ୍ଲବ ବଂଶ, ଚାଲୁକ୍ୟ ବଂଶ ଓ ବର୍ଦ୍ଧନବଂଶର ରାଜାମାନେ ରାଜ୍ୟଶାସନ କରୁଥିଲେ । ବର୍ଦ୍ଧନ ବଂଶର ଶ୍ରେଷ୍ଠରାଜା ହର୍ଷବର୍ଦ୍ଧନ ଖ୍ରୀ.ଅ. ୬୦୬ ରୁ ୬୪୭ ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ । ତାଙ୍କ ସମୟରୁ ହର୍ଷାବ୍ଦ ପ୍ରଚଳନ ଆରମ୍ଭ ହୋଇଥିଲା । ସେ ଏକ ବିଶାଳ ସାମ୍ରାଜ୍ୟର ଅଧିପତି ଥିଲେ । ଦକ୍ଷିଣ ଭାରତର ଅନେକ ରାଜ୍ୟ ମଧ୍ୟ ତାଙ୍କର ସାମ୍ରାଜ୍ୟଭୁକ୍ତ ଥିଲା । ତାଙ୍କ ସମୟରେ ଚୀନ୍ ପରିବ୍ରାଜକ ଜୁଆଙ୍ଗ-ଜାଙ୍ଗ (ହୁଏନ୍‌ସାଂ) ୬୨୯ ଖ୍ରୀଷ୍ଟାବ୍ଦରେ ସ୍ଥଳପଥରେ ଭାରତ ଆସିଥିଲେ । ସେ ଭାରତବର୍ଷର ବିଭିନ୍ନ ସ୍ଥାନ ଭ୍ରମଣ କରି 'ସି-ୟୁ-କି' ନାମକ ଗ୍ରନ୍ଥ ରଚନା କରିଥିଲେ । ସେତେବେଳେ ବିଶ୍ୱବିଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଶୀର୍ଷ ସ୍ଥାନରେ ଥିଲା । ଦେଶ ବିଦେଶରୁ ୧୦,୦୦୦ ବିଦ୍ୟାର୍ଥୀ ଆସି ସେଠାରେ ଅଧ୍ୟୟନ କରୁଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରବେଶ ପଥରେ ମହା ପଣ୍ଡିତମାନେ ଥିଲେ ଏବଂ ସେମାନଙ୍କର ପ୍ରଶ୍ନର ଉତ୍ତର ଯିଏ ଦେଇ ପାରୁଥିଲେ, ସେପରି ଯୋଗ୍ୟ ବ୍ୟକ୍ତିଙ୍କୁ ବିଦ୍ୟାର୍ଥୀ ରୂପେ ଗ୍ରହଣ କରାଯାଉଥିଲା । ନାଳନ୍ଦା ସମ୍ପୂର୍ଣ୍ଣ ଭାବେ ଆବାସିକ ବିଶ୍ୱବିଦ୍ୟାଳୟ ଥିଲା ଏବଂ ପ୍ରାୟ ୨୦୦୦ ଆଚାର୍ଯ୍ୟ ବିଭିନ୍ନ ବିଷୟରେ ଶିକ୍ଷାଦାନ କରୁଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟର ଲୋଗୋ(logo)ରେ ଏହା ଲିପିବଦ୍ଧ ହୋଇଛି – The Nalanda way "Man living in harmony with man, man living in harmony with Nature, and man living as part of Nature."

ପ୍ରଥମ ଭାଗ – ''ମନୁଷ୍ୟ ମନୁଷ୍ୟ ସହିତ ସଂଗତି ରକ୍ଷା କରି ଜୀବନ ବଞ୍ଚିବ ।'' ଏହି ବିଷୟରେ ଅଧ୍ୟୟନ ଓ ଗବେଷଣା କରିବାକୁ ହେଲେ ଜଣେ କଳା (Humanities) ବିଷୟକୁ ନିର୍ବାଚନ କରୁଥିଲା ।

ଦ୍ୱିତୀୟ ଭାଗ – ''ମନୁଷ୍ୟ ପ୍ରକୃତି ସହିତ ସଂଗତି ରକ୍ଷା କରି ଜୀବନ ବଞ୍ଚିବ ।'' ଏହି ବିଷୟରେ ଅଧ୍ୟୟନ ଓ ଗବେଷଣା ପାଇଁ ବିଜ୍ଞାନ ବିଷୟଗୁଡ଼ିକୁ ନିର୍ବାଚନ କରିବାକୁ ପଡୁଥିଲା ।

ତୃତୀୟ ଭାଗ – ''ମନୁଷ୍ୟ ପ୍ରକୃତିର ଏକ ଅଂଶ ରୂପେ ଜୀବନ ବଞ୍ଚିବ ।'' ଏପରି ଏକ ଗୋଷ୍ଠୀ ବା ସଂଘ ସୃଷ୍ଟି କରିବ ଯାହା ଏହାର ସ୍ଥାନୀୟ ପରିବେଶ ସହିତ ସଂଗତି ସ୍ଥାପନ କରିପାରିବ । ଏହି ବିଶ୍ୱବିଦ୍ୟାଳୟଟିରେ ବିଭିନ୍ନ ଧର୍ମ, ସଂସ୍କୃତି, ସାହିତ୍ୟ, ଭାଷା, କଳା, ସ୍ଥାପତ୍ୟ ଶିକ୍ଷାର ପାରସ୍ପରିକ ବିନିମୟ ତଥା ସାରଗର୍ଭକ ଆଲୋଚନା କରାଯାଉଥିଲା । ତେଣୁ ଏହା 'ବସୁଧୈବ କୁଟୁମ୍ବକମ୍'ର ପରିଭାଷାକୁ ବାସ୍ତବ ରୂପ ଦେବାରେ ପ୍ରୟାସ ରତ ଥିଲା । ଏହି ବିଶ୍ୱବିଦ୍ୟାଳୟଟି ଖ୍ରୀ.ଅ. ୪୨୭ରେ

କୁମାର ଗୁପ୍ତଙ୍କ ଦ୍ୱାରା ମଗଧ ରାଜ୍ୟ (ବିହାର)ର ରାଜଗୃହ ବା ରାଜଗିରି ଠାରେ ସ୍ଥାପନ କରାଯାଇଥିଲା ଏବଂ ଏହା ଖ୍ରୀ.ଅ. ୧୨୦୦ ପର୍ଯ୍ୟନ୍ତ କ୍ରିୟାଶୀଳ ଥିଲା । ଏପରିକି ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ନାଳନ୍ଦାର ପ୍ରସିଦ୍ଧ ଯୋଗ ଗୁରୁ ଶିଳଭଦ୍ରଙ୍କ ଠାରୁ ଯୋଗଶିକ୍ଷା କରିଥିଲେ ଏବଂ ଗଲାବେଳେ ଅନେକ ପୁସ୍ତକ ଚୀନ୍‌କୁ ନେଇଥିଲେ ଯାହା ପରବର୍ତ୍ତୀ ସମୟରେ ଚୀନ୍ ଭାଷାରେ ଅନୁବାଦ ହୋଇଥିଲା ।

ହୁଏନ୍‌ସାଂଙ୍କ ବିବରଣୀରୁ ଜଣାଯାଏ ଯେ ଲୋକମାନଙ୍କ ଜୀବନ ସରଳ ଥିଲା । ଅଧିକାଂଶ ଲୋକ ନିରାମିଷ ଖାଦ୍ୟ ଖାଇବାକୁ ଭଲ ପାଉଥିଲେ । ସମାଜରେ ଭ୍ରାତୃଭାବ, ବନ୍ଧୁତା ରହିଥିଲା । ଧର୍ମସଭାମାନ ଅନୁଷ୍ଠିତ ହେଉଥିଲା । ସାମାଜିକ, ଅର୍ଥନୈତିକ, ଧର୍ମ, ଶିକ୍ଷା ଓ ଶାସନବ୍ୟବସ୍ଥା ଉଚ୍ଚକୋଟିର ଥିଲା । ସେ ସମୟରେ ଭାରବୀ, ଦଣ୍ଡି, ବାଣଭଟ୍ଟଙ୍କ ପରି ମହାନ୍ ପଣ୍ଡିତମାନେ ଥିବାରୁ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିଷ୍ଠା ହୋଇ ପାରିଥିଲା । ଉତ୍ତର ଭାରତରେ ହର୍ଷବର୍ଦ୍ଧନ, ଦକ୍ଷିଣ ଭାରତରେ ପଲ୍ଲବ ରାଜା ନରସିଂହ ବର୍ମନ ଓ ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀନ୍ ଶାସନ କରୁଥିବା ବେଳେ ସୁଦୂର ଆରବ ମରୁଭୂମିରେ ଷଷ୍ଠ ଶତାବ୍ଦୀର ଶେଷ ଭାଗରେ ମହମ୍ମଦଙ୍କ ଦ୍ୱାରା ଇସଲାମ ଧର୍ମ ପ୍ରତିଷ୍ଠା କରାଯାଇଥିଲା । ସେହି ସମୟରେ ଭାରତବର୍ଷରେ ରାଜ୍ୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ହୋଇ ପାରିଥିଲା । ତାମିଲନାଡୁର କାଞ୍ଚି (କାଞ୍ଚିପୁରମ୍) କଳା, ସଂସ୍କୃତି ଓ ଧର୍ମ କ୍ଷେତ୍ରରେ ଅଗ୍ରଗଣ୍ୟ ଥିଲା । ସମାଜରେ ନୈତିକ ଶୃଙ୍ଖଳା ଉପରେ ପ୍ରାଧାନ୍ୟ ଦିଆ ଯାଉଥିଲା । କାଶୀ ଓ ବାରାଣାସୀରେ ମଧ୍ୟ ଗୁରୁକୁଳ ଶିକ୍ଷା ପ୍ରଚଳିତ ଥିଲା ।

ନାଳନ୍ଦା ଓ ବିକ୍ରମଶିଳା ବିଦ୍ୟାମନ୍ଦିରରେ ଭାରତ ସମେତ କୋରିଆ, ଚୀନ୍, ଜାପାନ, ତିବ୍ବତ, ତୁର୍କୀ, ବ୍ରହ୍ମଦେଶ ଆଦି ବିଭିନ୍ନ ଦେଶର ଶିକ୍ଷାର୍ଥୀମାନେ ଅଧ୍ୟୟନ କରୁଥିଲେ । ଖ୍ରୀ.ଅ. ୬୪୭ରେ ହର୍ଷବର୍ଦ୍ଧନଙ୍କ ମୃତ୍ୟୁ ପରେ ତାଙ୍କର ବଂଶଧରମାନେ ଦୁର୍ବଳ ହୋଇ ପଡ଼ିଲେ । ଫଳରେ ତାଙ୍କର ସାମ୍ରାଜ୍ୟ ଛୋଟ ଛୋଟ ସ୍ୱାଧୀନ ରାଜ୍ୟରେ ପରିଣତ ହେଲା । ଏଗୁଡ଼ିକ ମଧ୍ୟରେ ସବୁବେଳେ ବିବାଦ ଲାଗି ରହିଲା । ଏହାର ସୁଯୋଗ ନେଇ ତୁର୍କୀର ସୁଲତାନମାନେ ଭାରତ ଆକ୍ରମଣ କରି ଶାସନଭାର ହାତକୁ ନେଇଥିଲେ ।

(କ୍ରମଶଃ) ❑


**ବିଶେଷ ସୂଚନା**

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩-୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ମାତୃଭାଷା ଓ ବ୍ୟକ୍ତିତ୍ୱ

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ମାତୃଭାଷା ଓ ବ୍ୟକ୍ତିତ୍ୱ**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

''ମୋତେ ଓରିଆ Language ଖୁବ୍, good, ମତ୍‌ଲବ୍ – ଖୁବ୍ ଚମତ୍କାର ବୋଲି ଆସେନା । Sorry, from the begining English medium schoolରେ ପାଠ ପଢ଼ିଲି । କିଛି mind କରିବେ ନାହିଁ ।'' ନମ୍ର ଭାବରେ କହିଲେ ଯୁବକ ।

''ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିଲେ ଯେ, କିନ୍ତୁ ଘରେ ମାଆବାପାଙ୍କ ସହ କେଉଁ ଭାଷାରେ କଥା ହେଉଥିଲେ ?'' – ପ୍ରଶ୍ନ କଲି ।

ଯୁବକ ଟିକିଏ ଅପ୍ରତିଭ ହେଲେ । କହିଲେ, ''ଡାଡିଙ୍କୁ ତ ଆପଣ ଜାଣିଥିଲେ ... Very grave; କଥା କହୁଥିଲେ very little । ଡାଡି ଅଫିସ ପଳେଇଲେ ମାମି T.V. ଧରି ବସୁଥା'ନ୍ତି । Indiaରେ ନୂଆ very new – T.V. ଆସିଥାଏ । ମାମିଙ୍କ Neighbourhoodର ଜଣେ Lady, ମାମିଙ୍କ Friend ଆସି ତାଙ୍କୁ Join ଦିଅନ୍ତି ... ।''

ଯୁବକ ସବିଶେଷ କହିବାକୁ ଅସ୍ୱସ୍ତି ବୋଧ କରୁଥା'ନ୍ତି । ମୁଁ ମଧ୍ୟ ଆଉ ବିଶେଷ ଜାଣିବାକୁ ଆଗ୍ରହ ଅନୁଭବ କରୁ ନଥିଲି । ଏହା ତିନି ବର୍ଷ ତଳର କଥା । ଯୁବକ ଜଣକ ଚାହା ପିଇବା ଅବସରରେ ମୁଁ ଏତିକି ସଂଳାପ ଟିପି ପକାଉଥିଲି – ପରେ ଏ ସମ୍ପର୍କରେ ତାଙ୍କ ଉଦାହରଣ ଦେଇ କିଛି ଲେଖିବି ବୋଲି । ସେ ବିଦାୟ ନେଲା ବେଳେ ସଂଳାପର ଖସଡ଼ା ପଢ଼ି ଶୁଣାଇ ଦେଲି ଓ କହିଲି, ''ମୁଁ ଆପଣଙ୍କ ନାମ ନଦେଇ ଆପଣଙ୍କର ଏ ଚିତ୍ତାକର୍ଷକ ବାକ୍ୟ ସବୁ ଉଦ୍ଧୃତ କଲେ – ଯଦି ଦୈବାତ୍ ତାହା ଆପଣଙ୍କ ଆଖିରେ ପଡ଼େ – ଆପଣ ବିରକ୍ତ ହେବେ କି ? ଆପଣ ଅନୁମତି ନଦେଲେ ସେମିତି କାମ କରିବି ନାହିଁ ।''

ସେ କହିଲେ, ''Sir, ଆପଣ ମୋ name ମାନେ ନାମ Put କରି ଲେଖିଲେ ମଧ୍ୟ ମୁଁ mind କରିବି ନାହିଁ – ମତ୍‌ଲବ୍ ଆପଣ ତ good purposeରେ ଏହା କରିବେ ।''

ଅତି ସରଳ ଓ ସୁନ୍ଦର ସ୍ୱଭାବର ଯୁବକ । ସେ ବିଦେଶରେ ଥିଲେ ଏବଂ ଅଛନ୍ତି । ତିନି ବର୍ଷ ଭିତରେ, ବିଦେଶରେ ଥିବା ସତ୍ତ୍ୱେ, ସେ ଶୁଦ୍ଧ ଓଡ଼ିଆରେ କଥା କହିପାରିଲେଣି – ଫୋନ୍ ଯୋଗେ । ଓଡ଼ିଶାରୁ ଭଲ ଭଲ ବହି ମଗାଇ ପଢ଼ନ୍ତି । ସେଦିନ ମୋ' ସହ ଦେଢ଼ ଘଣ୍ଟା ଆଲୋଚନା ଭିତରେ ସେ ପ୍ରତିଶ୍ରୁତି ଦେଇଥିଲେ, ମାତୃଭାଷାକୁ ଯଥାର୍ଥ ମର୍ଯ୍ୟାଦା ଦେବେ । ସେହି ପ୍ରତିଶ୍ରୁତି ସେ ରକ୍ଷା କରିଛନ୍ତି ।

ବଡ଼ ଉତ୍ସାହଜନକ ଏ ଦୃଷ୍ଟାନ୍ତ । କିନ୍ତୁ ଦୁଃଖ ତଥା ଲଜ୍ଜାର କଥା, ଓଡ଼ିଶାର ବହୁ ତରୁଣ ତରୁଣୀ ଭାରତବର୍ଷର ବିଭିନ୍ନ ନଗରୀରେ ଥାଇ ଏଭଳି ମିଶ୍ରିତ ଓ ମଧ୍ୟେ ମଧ୍ୟେ ଅଖାଡୁଆ ଓଡ଼ିଆରେ କଥାବାର୍ତ୍ତା କରନ୍ତି, ଯାହା ପଛରେ ଥାଏ ନିରୋଳା ଅବହେଳା ବରଂ ଗୋଟାଏ ପ୍ରକାର ନ୍ୟୂନ ମନୋଭାବ । ଓଡ଼ିଶା ବାହାରେ କାହିଁକି, ଓଡ଼ିଶାରେ ଆବାଲ୍ୟ ଥାଇ ମଧ୍ୟ ସେଦିନ ଜଣେ ତରୁଣୀ ଏମିତି ଢଙ୍ଗରେ କଥା କହୁଥିଲେ, ସତେ ଯେପରି ସେ ଦୟା କରି ଭାଷାଟି ପ୍ରତି ସୌଜନ୍ୟ ପ୍ରକାଶ କରୁଛନ୍ତି – ତାଙ୍କ ଖାସ୍ ମାତୃଭାଷା ସତେ ଯେପରି କୌଣସି ସୁଦୂର ଗ୍ରହ ଗ୍ରହାନ୍ତରର ସଂସ୍କୃତି ।

ମନସ୍ତତ୍ତ୍ୱବିଦ୍‌ମାନେ ସ୍ପଷ୍ଟ ଭାବରେ କହିଛନ୍ତି – ମାତୃଭାଷାରେ ଯିଏ ଅପରିଣତ ରହିବ, ତା'ର ମାନସିକ ବିକାଶ ବାଧାପ୍ରାପ୍ତ ହେବ । ମୋର ତରୁଣତରୁଣୀ ପାଠକମାନେ ନିଜେ ପରୀକ୍ଷା କରି ଦେଖନ୍ତୁ – ଯେତେବେଳେ ସେମାନେ ସ୍ପଷ୍ଟ ଓ ନିର୍ଭୁଲ ଭାବରେ ଓଡ଼ିଆରେ କଥାବାର୍ତ୍ତା କରିବେ – ଶୁଦ୍ଧ ଉଚ୍ଚାରଣ ସହକାରେ – ନିଜ ଆତ୍ମବିଶ୍ୱାସରେ ସେମାନେ ଅନୁଭବ କରିବେ ଏକ ନୂତନ ବଳିଷ୍ଠତା ।

୨୦୧୨ ମସିହାରେ 'ନିଉୟର୍କ ଟାଇମ୍‌ସ୍' ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତରେ ପହଞ୍ଚିଲେ – ନିର୍ଭରଯୋଗ୍ୟ ସମୀକ୍ଷା ମାଧ୍ୟମରେ । ସିଦ୍ଧାନ୍ତଟି ହେଲା – ଯେଉଁ କିଶୋର କିଶୋରୀମାନେ ଦୁଇଟି ଭାଷାରେ ବ୍ୟୁତ୍ପତ୍ତି ଲାଭ କରନ୍ତି, ସେମାନେ କର୍ମକ୍ଷେତ୍ରରେ ଅଧିକ ସାଫଲ୍ୟ ଅର୍ଜନ କରନ୍ତି, ସେମାନଙ୍କ ଚିନ୍ତା ଶକ୍ତି ଅପେକ୍ଷାକୃତ ପ୍ରଖର ହୁଏ । ସେମାନଙ୍କ ବ୍ୟକ୍ତିତ୍ୱରେ ଆତ୍ମବିଶ୍ୱାସ ଫୁଟିଉଠେ ।

('ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ'ରୁ ସଂଗୃହୀତ, ପୃ. ୪୭ - ୫୦) ❑

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଅମୃତ

## (୩)

୧୨ ଫେବ୍ରୁଆରୀ ୧୯୪୯, ଶ୍ରୀଅରବିନ୍ଦଙ୍କର ପ୍ରାତଃଭୋଜନ ସମୟ । ମା ଟିକିଏ ଆଗରୁ ଆସିଛନ୍ତି, ସକାଳ ୧୦ଟା ୩୩ ମିନିଟ । ମା ଅମୃତଙ୍କୁ ଡ୍ରିଲ, ଶାରୀରିକ ବ୍ୟାୟାମ କେମିତି କରିବାକୁ ହେବ ନିଜେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକାରର ଅଙ୍ଗଚାଳନା କରି ଦେଖାଉଥିଲେ । ଯେହେତୁ ଚମ୍ପକଲାଲ ଶ୍ରୀଅରବିନ୍ଦଙ୍କୁ ଖାଦ୍ୟ ପରିବେଷଣ କରି ଦେଉଥିଲେ ତେଣୁ ମା ମୁକ୍ତ ଥିଲେ । ଅମୃତ ମା'ଙ୍କର ଅଙ୍ଗଚାଳନାକୁ ଯେତେଟା ପାରନ୍ତି ଅନୁକରଣ କରିବାକୁ ଚେଷ୍ଟା କରୁଥିଲେ କିନ୍ତୁ ପରିଣାମ କେବଳ କୌତୁକପ୍ରଦହିଁ ହେଉଥିଲା । ଚମ୍ପକଲାଲଙ୍କ ଉକ୍ତିରେ, ''ତାଙ୍କ ଶରୀର ଆଦୌ ସହଯୋଗ କରୁ ନଥିଲା, ଆଉ ତାଙ୍କର ସେତେବେଳକାର ମୁଖଭଙ୍ଗୀ ଦେଖିବାର କଥା ! ଶ୍ରୀଅରବିନ୍ଦଙ୍କ ସମେତ ମା ଓ ମୁଁ ଏହି ଦୃଶ୍ୟକୁ ବେଶ୍ ଉପଭୋଗ କରୁଥିଲୁ ।''

ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣ ପରେ ନିଷ୍ଠାପର ସାଧକଗଣଙ୍କ ଭିତରେ ଏକ ଜାଗରଣ ଦେଖା ଦେଲା ଯେ ଅତିମାନସ ସିଦ୍ଧିଲାଭ କରିବାକୁ ହେଲେ ଶାରୀରିକ ପୂର୍ଣ୍ଣତାକୁ ଯେକୌଣସି ପ୍ରକାରେ ଅର୍ଜନ କରିବାକୁ ହେବ । ନଳିନୀ, ଅମୃତ, ଦିଲ୍ଲୀପ ଇତ୍ୟାଦି ସମସ୍ତେ ଏହି ଅନତିକ୍ରମଣୀୟ ଯୌଗିକ ସାଧନାରେ ସିଦ୍ଧିଲାଭ କରିବାକୁ ଝାମ୍ପ ଦେଲେ । ଅମୃତ ସଦାବେଳେ ଯାହା କରିଥା'ନ୍ତି, ଏହି ଦୁଃସାହସିକ ଅଭିଯାନରେ ଯୋଗ ଦେବା ପୂର୍ବରୁ ମା'ଙ୍କର ଅନୁମତି ପ୍ରାର୍ଥନା କଲେ । ମା'ଙ୍କର ସରଳ ଉତ୍ତର ଥିଲା, 'ଷ୍ଟୁପିଡ୍ (ବୋକା)' । କିଛିଦିନ ପରେ ସେ ମା'ଙ୍କୁ ପୁଣି ଥରେ ପଚାରିଲେ ଏବଂ ମା'ଙ୍କର ସେହି ସମାନ ସରଳ ଉତ୍ତର ପାଇଲେ । ବେଶ୍ କିଛିଦିନ ଚାଲିଗଲା । ପୁଣି ଅନ୍ୟ ସାଧକମାନଙ୍କର ଉତ୍ସାହରେ ଆଗ୍ରହାନ୍ୱିତ ହୋଇ ତୃତୀୟ ଥର ମା'ଙ୍କୁ ପଚାରିଲେ । ମା ଏଥର ରାଜି ହେଲେ । କିନ୍ତୁ ତାଙ୍କର ଶାରୀରିକ ସାଧନାରେ ଉତ୍ସାହ ବେଶୀ ଦିନ ଟେକିଲା ନାହିଁ । ଏମିତି ହେଲା ଯେ କେବଳ ଦିଲ୍ଲୀପ ଓ ଅମୃତଙ୍କର ବେଶ୍ ଉପଭୋଗ୍ୟ ଶରୀର-ଚର୍ଚ୍ଚା ଦେଖିବା ପାଇଁ ପ୍ଲେ-ଗ୍ରାଉଣ୍ଡରେ ଅଧିକରୁ ଅଧିକ ଆଶ୍ରମବାସୀ ରୁଣ୍ଡ ହେବାକୁ ଲାଗିଲେ । ଗ୍ରୁପ୍ ପ୍ୟାଣ୍ଟ୍ ପିନ୍ଧି ବେତାଳରେ ମାର୍ଚ୍ଚିଂ କରିବା; ହାତ ପାଦର ନିୟମକାନୁନ ତ ଦୂରର କଥା, ଡାହାଣକୁ ବୁଲିବାକୁ ଅର୍ଡ଼ର ଆସିଲେ ବାମକୁ ନା ଡାହାଣକୁ ବୁଲିବାକୁ ହେବ, ସ୍ଥିର କରୁ କରୁ ପୁଣି ଦ୍ୱିତୀୟ ଅର୍ଡର ଆସିଗଲେ କ'ଣ କରିବାକୁ ହେବ – ଏସବୁ ସମ୍ବନ୍ଧେ ମସ୍ତିଷ୍କରେ ଘୂରପାକ ଖାଇବା; ଚଟ୍‌କରି ବସାଉଠା କରିବା, ଅର୍ଥାତ୍ ବୈଠକ ବ୍ୟାୟାମର ବିଚିତ୍ର ରୂପ ଦର୍ଶନ କରିବା, ଆଉ ଅନ୍ୟମାନଙ୍କ ସହିତ ଦୌଡ଼ିବା କଥା ଛାଡ଼ି ଦିଅନ୍ତୁ – ଏସବୁ ବିଚିତ୍ର ଶାରୀରିକ ଅଙ୍ଗଭଙ୍ଗି ଦେଖି ସାରା ପ୍ଲେ-ଗ୍ରାଉଣ୍ଡ ହାସ୍ୟରୋଳରେ ଉଠୁଥାଏ, ପଡୁଥାଏ । ଖୁବ୍ ଶୀଘ୍ର ବିଚରା ଦୁଇ ବନ୍ଧୁଙ୍କୁ ଉପରୋକ୍ତ ଦୃଢ଼ ସଂକଳ୍ପ ପରିତ୍ୟାଗ କରିବାକୁ ପଡ଼ିଲା ଏବଂ ଅତିମାନସ ସିଦ୍ଧିଲାଭର ଆଶାକୁ ମନ-ପ୍ରାଣ-ଶରୀରରୁ ଭୁଲିଯିବାକୁ ହେଲା ।

ମା ସେତେବେଳେ ପ୍ରଥମ ମହଲା ଘରେ ରହୁଥିଲେ, ଅର୍ଥାତ୍ ଦ୍ୟୁମାନ୍‌ଙ୍କ ଘରର ଠିକ୍ ଉପରେ । ତାଙ୍କ ଘର ସଂଲଗ୍ନ ଅଳିନ୍ଦରେ ଅର୍ଥାତ୍ ନୀରଦଙ୍କ ଘରର ଠିକ୍ ଉପରେ ଥିବା ଅଳିନ୍ଦରେ ସାଧକମାନେ ମା'ଙ୍କ ହାତରୁ ଟଫି ନେବାକୁ ସେତେବେଳେ ଅପେକ୍ଷା କରୁଥିଲେ । ମା ଟଫି ବାଣ୍ଟୁ ନଥିଲେ; ସେ ପ୍ରତ୍ୟେକଙ୍କ ପାଖକୁ ଖେଳିବା ଢଙ୍ଗରେ ଜୋର୍‌ରେ ଟଫି ଫିଙ୍ଗି ଦେଉଥିଲେ, ଯେମିତି ପ୍ରତ୍ୟେକେ ଧରି ନେବେ । ବିଚରା ଅମୃତ ! ଖେଳାଖେଳିରେ ତ ଏକେବାରେ ଶୂନ, କେବେହେଲେ ଟଫିଟିକୁ ଧରି ପାରୁ ନଥିଲେ । ଟଫିଟିକୁ ଧରିବାକୁ ଯାଇ ସେ ବିଚିତ୍ରଭଙ୍ଗି କରୁଥିଲେ, ଅତ୍ୟନ୍ତ ଆନ୍ତରିକତାର ସହ କିନ୍ତୁ । ଫଳ ହେଉଥିଲା ଅନ୍ୟମାନଙ୍କର ତଥା ମା'ଙ୍କର ହାସ୍ୟରୋଳ । ପ୍ରକୃତରେ ଥରେ ସେ ଏକ ବିଚିତ୍ରଭଙ୍ଗି କଲେ । ଟଫିଟିକୁ ଧରିବାକୁ ଯାଇ ଦୁଇ ବାହୁକୁ ଏକେବାରେ ବିସ୍ତାର କରି କୁଣ୍ଢାଇ ଧରିବାକୁ ଚାହିଁଲେ । ମା କହିଲେ, ''ଅମୃତ, ତୁମେ ଏ କ'ଣ କରୁଛ ?''– ''ମା, ମୁଁ ଚେଷ୍ଟା କରୁଛି ଟଫିର ପଶ୍ଚାତରେ ତୁମେ ଯେଉଁ ଜିନିଷଟି ମୋ ପାଖକୁ ପଠାଉଛ, ସେଇଟିକୁ ପୂରା ଧରି ରଖିବାକୁ ।''...

ମା'ଙ୍କର ଏହି ପ୍ରଥମ ମହଲା ଘରକୁ ପ୍ରବେଶ କରିବା ବେଳେ ସେତେବେଳେ ବଡ଼ ଆଲମାରିଟିଏ କାନ୍ଥରୁ ଟିକିଏ ଦୂରତାରେ ରହିଥିଲା । ଅଧିକାଂଶ ସମୟରେ ସାଧକ-ସାଧିକାମାନେ ଘର ଭିତରକୁ ପ୍ରବେଶ କରିବା ମାତ୍ରେ ସେଥିରେ

ଧକ୍କା ଖାଉଥିଲେ ଏବଂ ବେଳେ ବେଳେ କାହାରି କାହାରି ଛୋଟକାଟର ଜଖମ ବି ହେଉଥିଲା । ଯେତେବେଳେ କେତେକ ସାଧକ ମା'ଙ୍କୁ ପ୍ରବର୍ତ୍ତାଇଲେ ଯେ ସେହି ଆଲମାରିଟିକୁ ଅନ୍ୟ କେଉଁଠି ରଖି ଦେଲେ ଭଲ ହୁଅନ୍ତା, ମା ସେଥିରେ ରାଜି ନ ହୋଇ କହିଲେ, ''ଏହା ଲୋକମାନଙ୍କୁ ସଚେତ କରାଇବ ।'' ତେଣୁ ଆଲମାରିଟି ନିଜସ୍ୱ ସ୍ଥାନରେ ସମସ୍ତଙ୍କ ସକାଶେ ଏକ ପ୍ରହରୀ ସଦୃଶ ରହିଥିଲା । ଥରେ କ'ଣ ହୋଇଛି ନା କର୍ମଭାରରେ ସଦା ବ୍ୟସ୍ତ ଆଶ୍ରମର ଜେନେରାଲ ମ୍ୟାନେଜର ଅମୃତ ଏକ ବଡ଼ ଟ୍ରେ-ଭର୍ତ୍ତି ଜିନିଷ ନେଇ (ସେଥିରେ ଚିଠିପତ୍ର, ପ୍ରାର୍ଥନାପତ୍ର, କେତେକ ନକ୍ସା, ମା'ଙ୍କ ସ୍ପର୍ଶ ପାଇଁ ଆହୁରି ଅନେକ କିଛି ସବୁ ସୁନ୍ଦର ଭାବରେ ସଜା ହୋଇ ରଖାହୋଇଥାଏ) ମା'ଙ୍କ ରୁମ୍‌କୁ ପ୍ରବେଶ କରୁଥା'ନ୍ତି ସେତେବେଳେ ଅନଭିପ୍ରେତ ଭାବରେ ତାଙ୍କ କପାଳରେ ଆଲମାରିଟି ବେଶ୍ ଜୋର୍‌ରେ ଚୁମ୍ବନଟିଏ ଆଙ୍କି ଦେଲା । ତତ୍‌କ୍ଷଣାତ୍ କପାଳରେ ଆବୁଟିଏ ବାହାରି ପଡ଼ିଲା । ଅମୃତ କିନ୍ତୁ ଯଥାରୀତି ନୀରବରେ ଭିତରକୁ ଟ୍ରେ ଧରି ପ୍ରବେଶ କଲେ ଏବଂ ମା'ଙ୍କ ସାମନାରେ ସରଳ ଶିଶୁଟିଏ ଭଳି ବସି ଗୋଟିଏ ପରେ ଗୋଟିଏ କାମ ଶେଷ କରୁଥିବା ବେଳେ ହଠାତ୍ ମା'ଙ୍କ ନଜର ସେହି ଆବୁଟି ଉପରେ ପଡ଼ିଲା । ମା ତତ୍‌କ୍ଷଣାତ୍ ଅଳ୍ପ ହସି ଅମୃତଙ୍କୁ ପଚାରିଲେ, ''ଅମୃତ, କଥା କ'ଣ ?'' ସେମିତି ଯତ୍ନର ସହିତ ମା'ଙ୍କ ହାତକୁ କାମ ସମ୍ବନ୍ଧୀୟ କିଛି ଜିନିଷ ବଢ଼ାଇ ଦେଉ ଦେଉ ମନ୍ଦହାସ୍ୟରେ ଅମୃତ ଉତ୍ତର ଦେଲେ, ''ନିଜକୁ ସଚେତ କରାଉଛି, ମା !''...

ଥରେ ମା ଅମୃତଙ୍କୁ କହିଲେ, ''କାଲି ସକାଳେ ତୁମେ ଯାହାଙ୍କୁ ପ୍ରଥମେ ଦେଖିବ ତାଙ୍କୁ ଡାକ୍ତର 'ଡି'ଙ୍କୁ ଡାକି ଆଣିବାକୁ ତୁରନ୍ତ ପଠାଇବ ।'' ଅମୃତ ତତ୍‌କ୍ଷଣାତ୍ ''ଠିକ୍ ଅଛି, ମା !'' କହି ଚାଲି ଆସିଲେ । ତଳକୁ ଆସି ଠିକ୍ ପର ମୁହୂର୍ତ୍ତରେ ଅମୃତ ପୁଣି ମା'ଙ୍କ ପାଖରେ ହାଜିର ହେବାର ଦେଖି ମା ପଚାରିଲେ, ''କ'ଣ ହେଲା ?''– ''ମା, ଯଦି ଏମିତି ଘଟେ, କାଲି ସକାଳେ ତୁମକୁହିଁ ମୁଁ ପ୍ରଥମେ ଭେଟେ ! ...'' ଦୁହିଁଙ୍କର ସେ କି ହସ !

ମା ସେତେବେଳେ ପ୍ଲେ-ଗ୍ରାଉଣ୍ଡରେ ସନ୍ଧ୍ୟାରେ ଫ୍ରେଞ୍ଚ୍ ଅନୁବାଦ କ୍ଲାସ ନେଉଥିଲେ । ଅମୃତ ଏହି କ୍ଲାସକୁ ନିୟମିତ ଯାଉଥିଲେ । କିନ୍ତୁ କାମର ଚାପରେ ସେ ପ୍ରାୟ ଟିକିଏ ବିଳମ୍ବରେ ଯାଇ ପହଞ୍ଚୁ ଥିଲେ । ତେଣୁ ସେ ଚାଲାକି କରି ଚୁପ୍‌ଚାପ୍ ସମସ୍ତଙ୍କର ଅଜାଣତରେ ଯାଇ କ୍ଲାସରେ ବସି ପଡୁଥିଲେ । କିନ୍ତୁ ମା'ଙ୍କର ତ ଚାରିଆଡ଼େ ଆଖି ! ଥରେ ଏମିତି କରୁଥିବା ବେଳେ ମା କହିଉଠିଲେ, ''ଅମୃତ, ସେଇଠି ଠିଆ ହୁଅ, ମୋ ପ୍ରଶ୍ନର ଉତ୍ତର ନ ଦେଇ କ୍ଲାସକୁ ପଶି ପାରିବ ନାହିଁ !'' ବିଚରା ଅମୃତ, ଆଉ କରିବେ କ'ଣ, ସମସ୍ତଙ୍କ ଆଖି ତାଙ୍କ ଉପରେ ନିବଦ୍ଧ, ସେଇଠି ଚୁପ୍ କରି ଛିଡ଼ା ହୋଇ ରହିଲେ । ମା ପଚାରିଲେ, ''ମଣିଷ ଓ ଭଗବାନଙ୍କ ମଧ୍ୟରେ ଦୂରତା କେତେ ?'' ଅମୃତ କ'ଣ କଲେ ନା ସମସ୍ତଙ୍କୁ ଏପରିକି ମା'ଙ୍କୁ ବି ଅବାକ୍ କରି ଦେଇ ନୀରବରେ ଅଥଚ ଦୃଢ଼ ପଦକ୍ଷେପରେ ସିଧା ସିଧା ମା'ଙ୍କ ଆଡ଼କୁ ମନେ ମନେ ଗଣି ଗଣି ଲମ୍ବା ଲମ୍ବା ପାଦ ପକାଇ ତାଙ୍କର ଠିକ୍ ସାମନାରେ ପହଞ୍ଚି, ''କେବଳ ଏତିକି (ଛ' କି ସାତ) ପାଦ ମା !'' କହି ଲଥ କରି ସେଇଠିହିଁ ବସି ପଡ଼ି କହିଲେ, ''ତୁମେ ଭଗବାନ୍ ଏବଂ ମୁଁ ମଣିଷ !'' ସମସ୍ତ କ୍ଲାସ ଏବଂ ମା ହସରେ ଫାଟି ପଡ଼ିଲେ । ଅମୃତଙ୍କର ଓଠରେ କେବଳ ମନ୍ଦହାସ୍ୟ ।

ଆଉ ଥରେ ସେମିତି ସେ କ୍ଲାସକୁ ସମସ୍ତଙ୍କର ଅଜାଣତରେ ଯାଇ ବସିବାକୁ ଯାଉଛନ୍ତି ମା'ଙ୍କ ନଜରରେ ପଡ଼ିଗଲେ, ଆଉ ବସିବେ କ'ଣ ! ଛିଡ଼ା ହୋଇ ରହିବାକୁ ବାଧ୍ୟ ହେଲେ । ସେତେବେଳେ କ୍ଲାସରେ ଅଧିମାନସ ଏବଂ ଅତିମାନସ ଭିତରେ ସମ୍ପର୍କ ନେଇ ଆଲୋଚନା ଚାଲିଥିଲା । ଆଉ ଠିକ୍ ସେହି ସମୟରେ ଅମୃତଙ୍କର ପ୍ରବେଶ ! ମା କହିଉଠିଲେ, ''ଆଃ ! ଏଇ ଯେ ଅମୃତ ! ଆମେ ଅମୃତକୁ ପଚାରିବା ! ଆଚ୍ଛା, ଅମୃତ, କହିଲ ଦେଖି, ଅଧିମାନସ ଆଉ ଅତିମାନସ ଭିତରେ ସମ୍ପର୍କ କ'ଣ ?'' ସମସ୍ତ କ୍ଲାସର ନଜର ତାଙ୍କରି ଉତ୍ତର ଉପରେ । ଅମୃତ ତତ୍‌କ୍ଷଣାତ୍ ନିର୍ଭୟରେ ନିଜର ବାହୁ ପ୍ରସାରିତ କରି କହିଲେ, ''ଭେରି ଗୁଡ୍ ସମ୍ପର୍କ ମା, ଭେରି ଗୁଡ୍ ସମ୍ପର୍କ !'' ଏବଂ କ୍ଲାସରେ ବସି ପଡ଼ିଲେ । ଅମୃତଙ୍କର ସରସ ପ୍ରତ୍ୟୁତ୍ତରରେ ସମସ୍ତ କ୍ଲାସରେ ହାସ୍ୟରୋଳ ।

ଆଉ ଥରେ କ୍ଲାସରେ ପଶିବାକୁ ଯାଉଛନ୍ତି । ମା'ଙ୍କ ନଜରରେ ପୁଣି ଧରା ପଡ଼ିଗଲେ । ସେତେବେଳକୁ ଶିଳ୍ପକଳା ଓ ଯୋଗ ସମ୍ବନ୍ଧରେ ଆଲୋଚନା ଚାଲିଥିଲା । ମା କହିଲେ, ''ଅମୃତ, ଏ ସମ୍ବନ୍ଧେ ତୁମେ କିଛି ମନ୍ତବ୍ୟ ଦିଅ ।'' ଅମୃତ ସେପରି ଛିଡ଼ା ହୋଇ ତତ୍‌କ୍ଷଣାତ୍ ଉତ୍ତର ଦେଲେ, ''ମା, ଶିଳ୍ପକଳା ଯୋଗ ହୋଇପାରେ, କିନ୍ତୁ ଯୋଗ ହେଉଛି ଶିଳ୍ପକଳା ।'' ଏହା କହି ବସି ପଡ଼ିଲେ । ଏଥର କିନ୍ତୁ କ୍ଲାସରେ

ହାସ୍ୟରୋଳ ନୁହେଁ, କ୍ଲାସରେ ଗମ୍ଭୀରତା ! ମା'ଙ୍କର ମନ୍ଦହାସ୍ୟ ସହ ନୀରବ ସମ୍ମତି ।

'ପି'ଙ୍କର ପରିବାର ଆଶ୍ରମ ସହିତ ସଂପୃକ୍ତ ଥିଲେ । ନୈଷ୍ଠିକ ରକ୍ଷଣଶୀଳ ଦାକ୍ଷିଣାତ୍ୟ ବ୍ରାହ୍ମଣ ପରିବାର । ସେ ତାଙ୍କ ମୃତ୍ୟୁଶଯ୍ୟାରେ ପୁଅକୁ ଡାକି କହିଲେ ଯେ ମୋର ମୃତ୍ୟୁର ଅନ୍ତ୍ୟେଷ୍ଟିକ୍ରିୟା ସମାପନ ପରେ ଷୋହଳ ଦିନରେ ବାରଜଣ ବ୍ରାହ୍ମଣଙ୍କୁ ଭୋଜନ ଦେବୁ । ପିତାଙ୍କ ମୃତ୍ୟୁ ପରେ ପୁତ୍ର ଅମୃତଙ୍କ ପାଖକୁ ଆସି ପିତାଙ୍କର ଅନ୍ତିମ ଇଚ୍ଛା କଥା ପ୍ରକାଶ କଲେ । କାହିଁକି ନା ଅମୃତ ଏ ସମ୍ବନ୍ଧେ ବିଚାର କରିବାଟାହିଁ ଶ୍ରେଷ୍ଠ ହେବ ବୋଲି ପୁତ୍ର ଭାବିଲେ । ରସିକ ଅମୃତ ଆପାତ-ପ୍ରତୀୟମାନ ସରଳତା ସହିତ କହିଲେ, ''ଠିକ୍ ଅଛି, ମୁଁ ତ ଜଣେ ଉଚ୍ଚକୋଟିର ବ୍ରାହ୍ମଣ ବଂଶରୁ ଆସିଛି । ତେଣୁ ମୁଁ ସେହି ବାରଜଣଙ୍କ ଭିତରୁ ନିଶ୍ଚୟ ଜଣେ ହୋଇ ପାରିବି । କିନ୍ତୁ ମୁଁ ମୋର ଶିଖା ବା ଯଜ୍ଞୋପବୀତ ଇତ୍ୟାଦି କିଛି ରଖି ନାହିଁ !'' ବ୍ୟକ୍ତିଜଣଙ୍କ ସ୍ୱଚକ୍ଷୁରେ ଦେଖି ପାରୁଛନ୍ତି : ଅମୃତଙ୍କର ଶିଖା ନାହିଁ, ଯଜ୍ଞୋପବୀତ ନାହିଁ, ତିଳକ ବି ନାହିଁ । କିନ୍ତୁ ସେ ଏକଥା ପୂର୍ଣ୍ଣମାତ୍ରାରେ ବିଶ୍ୱାସ କରନ୍ତି ଯେ ଅମୃତ ଜଣେ ଉଚ୍ଚକୋଟିର ଆତ୍ମା, ଆଉ ସେଇଥିପାଇଁ ତ ତାଙ୍କ ପାଖକୁ ପଚାରିବାକୁ ଆସିଥିଲେ । କିନ୍ତୁ ଅମୃତଙ୍କ ମୁଖରୁ ଉପରୋକ୍ତ କଥା ଶୁଣି ସେ ଗଭୀର ଭାବରେ ଅପ୍ରତିଭ ହୋଇ ପଡ଼ିଲେ । ବଡ଼ ବିପଦରେ ପଡ଼ିଗଲେ । ଆଉ ବ୍ୟକ୍ତି ଜଣକୁ ଅପ୍ରୀତିକର ଅବସ୍ଥାରେ ପକାଇଦେଇ ଅମୃତ କେବଳ ମୁରୁକି ହସି ତାଙ୍କ ଉତ୍ତରକୁ ଅପେକ୍ଷା କରିଛନ୍ତି । ବିଚରା ବ୍ୟକ୍ତିଟି କିଛି ସିଦ୍ଧାନ୍ତ ନେଇ ପାରୁ ନାହାନ୍ତି । ତାଙ୍କ ପାଇଁ ବା ତାଙ୍କ ପରିବାର ପାଇଁ ଏହା କେବେହେଲେ ଏକ ଖାମଖିଆଲି ବ୍ୟାପାର ନୁହେଁ । ଏମିତି ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ସେ ଶାସ୍ତ୍ରର ନିୟମ କେମିତି ଭଙ୍ଗ କରିବେ ? ... ଶେଷରେ ଅମୃତ ନିଜ ତରଫରୁ କହି ପକାଇଲେ ଯେ ଏକଥା ମା'ଙ୍କୁ ପଚାରିଲେ ସେ ଯାହା କହିବେ ତାହାହିଁ କରାଯିବ । ମା ଅମୃତଙ୍କଠାରୁ ସବୁକଥା ଶୁଣି କହିଲେ, ''ମୋର ଯେତେ ସନ୍ତାନ ଅଛନ୍ତି ସେମାନେ ସମସ୍ତେ ହେଉଛନ୍ତି ଜଣେ ଜଣେ ବ୍ରାହ୍ମଣ ।''...

ଆଶ୍ରମରେ ଦୁଇଜଣଙ୍କର ନାମ ଥିଲା କୈଳାସ । ଜଣେ ଭଦ୍ରବ୍ୟକ୍ତି, ଅନ୍ୟଜଣଙ୍କ ଭଦ୍ରମହିଳା । ଅମୃତଙ୍କର ଦରକାର ବେଳେ କାହାକୁ ପଠାଇ 'କୈଳାସକୁ ଡାକି ଦେବ ତ' ବୋଲି କହି ଦେଉଥିଲେ । ବିଚରା ଡାକିବା ଲୋକଟି ବାଟରେ ଯାଉ ଯାଉ ଦ୍ୱନ୍ଦ୍ୱରେ ପଡ଼ି ନିଜର ବୁଦ୍ଧି ଖଟାଇ କୌଣସି ଜଣଙ୍କୁ ଖବର ଦେଉଥିଲେ । ସବୁବେଳେ ଆବଶ୍ୟକ ଥିବା କୈଳାସ ଆସି ହାଜର ହୋଇ ପାରୁ ନଥିଲେ । ତେଣୁ ଆଗକୁ କାମରେ ଏ ପ୍ରକାର ଅସୁବିଧା ଯେପରି ନ ଉପୁଜିବ ସେଥିପାଇଁ ଅମୃତ ଜଣଙ୍କର ନାମ ଦେଲେ, 'ପୁରୁଷ କୈଳାସ' ଏବଂ ଅନ୍ୟ ଜଣଙ୍କ ନାମ ରଖିଲେ 'ପ୍ରକୃତି କୈଳାସ' । ତା'ପରେ ସବୁ ଠିକ୍ ।

ଥରେ ଉଦାର ଅମୃତଙ୍କୁ ପ୍ରଶ୍ନ କଲେ, ''ଅମୃତ, ସଂସ୍କୃତ ଅକ୍ଷରକୁ 'ଦେବନାଗରୀ' ବୋଲି କାହିଁକି କୁହାଯାଏ ? ଦେବତାମାନଙ୍କ ଅକ୍ଷର ! କାହିଁକି ?'' ଅମୃତ ସରସ ଭାବରେ ତାଙ୍କୁ ବୁଝାଇ ଦେଲେ, ''ସଂସ୍କୃତ ମଣିଷମାନଙ୍କ ଦ୍ୱାରା ଆବିଷ୍କୃତ ହୋଇ ନାହିଁ । ଦେବତାମାନଙ୍କ ଦ୍ୱାରାହିଁ ଆବିଷ୍କୃତ ହୋଇଛି । ସେମାନେହିଁ ଏହି ଅକ୍ଷରଗୁଡ଼ିକୁ ବ୍ୟବହାରଯୋଗ୍ୟ କରିଛନ୍ତି — ଏବଂ ଏହି ଅକ୍ଷରଗୁଡ଼ିକ ପୃଥିବୀରେ ସବୁଠାରୁ ପୂର୍ଣ୍ଣାଙ୍ଗ ଅକ୍ଷର ବୋଲି ବିବେଚିତ ... ତେଣୁ ଏହାକୁ ଦେବତାମାନଙ୍କର ଅକ୍ଷର ବୋଲି କୁହାଯାଏ ।'' ଅମୃତ ମଧ୍ୟ ତାମିଲକୁ ବିଶେଷ ଭଲ ପାଉଥିଲେ ଏବଂ ଏହାର ବି ଖୁବ୍ ପ୍ରଶଂସା କରୁଥିଲେ । ତେଣୁ ଉଦାର ଏହି ସୁଯୋଗରେ ତତ୍‌କ୍ଷଣାତ୍ ଏକଥା ବି ପଚାରି ବସିଲେ, ''ତା'ହେଲେ ତାମିଲ ଅକ୍ଷର ସମ୍ବନ୍ଧରେ ଆପଣଙ୍କ ମତାମତ କ'ଣ ?'' — ''ଓ ! ତାମିଲ ଅକ୍ଷର ! ଦେବତାମାନେ ପୃଥିବୀ ପାଇଁ ସଂସ୍କୃତ ଭାଷା ଆବିଷ୍କାର କରିଥିଲେ ମଣିଷ ମଣିଷମାନଙ୍କ ଭିତରେ କଥାବାର୍ତ୍ତା ହେବା ପାଇଁ; କିନ୍ତୁ ସେମାନେ ନିଜ ନିଜ ଭିତରେ ତାମିଲରେହିଁ କଥାବାର୍ତ୍ତା ହେଉଥିଲେ !!''

ସେଦିନ ନଳିନୀ ଆସି କହିଲେ, ''ଅମୃତ, ଆଜି ମେଡ଼ିକାଲ ଚେକ୍-ଅପ୍ ପାଇଁ ପ୍ରଣବଙ୍କର ଜାଗାକୁ ଯାଇଥିଲି । ଡା. ବ୍ୟାସ୍ କହିଲେ ଯେ ମୁଁ ପ୍ରତ୍ୟେକ କ୍ଷେତ୍ରରେ ବେଶ୍ ଉନ୍ନତି କରିଛି; ଏପରିକି ମୋର ଛାତି ବି ବଢ଼ିଛି !'' — ''ଏହା ତ ଖୁବ୍ ଭଲ କଥା ! ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ !'' — ''କିନ୍ତୁ ଅମୃତ, ତୁମେ ଜାଣ, ବେଶ୍ ଅନେକ ବର୍ଷ ଧରି ମୁଁ ଗୋଟିଏ ବିଷୟ ବଢ଼ାଇ ପାରୁ ନାହିଁ ।'' —''କ'ଣ ସେଇଟା ?'' —''ମୋର ଉଚ୍ଚତା ଆଦୌ ବଢୁନି ।'' ମୁରୁକି ହସି ଅମୃତ କହିଲେ, ''ମୁଁ ଏହାର ଖୁବ୍ ଭଲ ଆରୋଗ୍ୟ ବିଧାନ ଜାଣେ !'' — ''ଏକ ଆରୋଗ୍ୟ ବିଧାନ ! ମୋ ଉଚ୍ଚତା ବଢ଼ାଇବା ପାଇଁ !!'' — ''ହଁ, ମେଡ଼ିକାଲ ଚେକ୍-ଅପ୍ ସମୟରେ ଯେତେବେଳେ ଉଚ୍ଚତାର ମାପ ନିଆଯିବ ତୁମେ କେବଳ ତୁମ ଦୁଇ ଗୋଇଠିକୁ

ଧୀରେ, ଅତି ସନ୍ତର୍ପଣରେ, ଗୋପନରେ ଉପରକୁ ଉଠାଇଦେବ ! ...''

ପ୍ରତିଥର ଅମୃତ ସମସ୍ତଙ୍କୁ ହସାଉ ଥିଲେ, ମା'ଙ୍କୁ ହସାଉ ଥିଲେ, ଗୁରୁଦେବଙ୍କୁ ବି ହସାଉ ଥିଲେ । କିନ୍ତୁ ଥରେ ହୋଇଥିଲା ଓଲଟା । ନୀରଦବରଣଙ୍କ ଉକ୍ତିରେ – ''ଶ୍ରୀଅରବିନ୍ଦଙ୍କ ସହିତ ଅମୃତଙ୍କୁ ଥରେ ଦୁଇଥର କାମ କରିବାର ଦେଖିଛି । ଥରେ ମୋର ମନେଅଛି, ସେ ତାଙ୍କର ନଥିପତ୍ରସବୁ ଧରି ଗୁରୁଙ୍କ ପାଖକୁ ଆସିଥିଲେ ତାଙ୍କ ଦସ୍ତଖତ ନେବା ପାଇଁ । ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ଅପେକ୍ଷାରେ ରହିଥିଲେ । ଅନୁମତି ବିନା ସେ କେବେହେଲେ ଭିତରକୁ ପ୍ରବେଶ କରୁ ନଥିଲେ । ପ୍ରବେଶ କଲେ । ଗୁରୁଦେବ ବିଛଣାରେ ଉଠି ବସିଲେ । ଅମୃତ ଛୋଟ ପିଲା ଭଳି ଚଟାଣରେ ତାଙ୍କ ଖଟ ପାଖରେ ବସି ପଡ଼ିଲେ ଏବଂ ଗୋଟିଏ ପରେ ଗୋଟିଏ କାଗଜ ଗୁରୁଙ୍କ ହାତକୁ ବଢ଼ାଇ ଅଙ୍ଗୁଳିରେ ନିର୍ଦ୍ଦିଷ୍ଟ ଜାଗାଟି ଦର୍ଶାଇ ଦେଉଥିଲେ ଏବଂ କହୁଥିଲେ, 'ଆପଣଙ୍କୁ ଏହି ଜାଗାରେ ଦସ୍ତଖତ କରିବାକୁ ହେବ ।' – 'କ'ଣ ଲେଖିବି ?' – 'ପୂରା ନାମ ।' ତା'ପରେ ଅନ୍ୟ କେତେକ କାଗଜରେ ସେ କେତେବେଳେ କହୁଥିଲେ, 'କେବଳ ପ୍ରଥମ ଅକ୍ଷର ଏ. ଜି. ଲେଖିବାକୁ ହେବ ।' ସବୁ ଶେଷ କରିବା ପରେ ଗୁରୁଦେବ ସହାସ୍ୟରେ ପଚାରିଲେ, 'ଆଉ କିଛି ଅଛି ?' – 'ନା', ଅମୃତ ଗମ୍ଭୀର ହୋଇ କହିଲେ । କାହିଁକି ଯେ ସେ ତାଙ୍କର ଶାଶ୍ୱତ ରସିକତା ଏଠାରେ ପ୍ରୟୋଗ କଲେ ନାହିଁ, ତା' ମୁଁ ବୁଝିପାରିଲି ନାହିଁ । କିନ୍ତୁ ମୁଁ ଏହା ସ୍ପଷ୍ଟ ଅନୁଭବ କରିପାରୁଥିଲି ଯେ ପ୍ରତ୍ୟେକ ଥର ସେ ଅଙ୍ଗୁଳି ବଢ଼ାଇ ଗୁରୁଦେବଙ୍କୁ ଦସ୍ତଖତ କରିବା ଜାଗାଟି ସୂଚାଇ ଦେବାବେଳେ ତାଙ୍କର ଅଙ୍ଗୁଳିଟି ଗୁରୁଙ୍କର ଅଙ୍ଗୁଳି ସ୍ପର୍ଶ କରିବାକୁ ଖୁବ୍ ବ୍ୟଗ୍ର ହୋଇ ଉଠୁଥିଲା ।''

ତାଙ୍କ ଶେଷ ଜୀବନର ବିଚକ୍ଷଣ ବ୍ୟଙ୍ଗୋକ୍ତି କଥା ଶୁଣାଇବାକୁ ଯାଇ ନୀରଦବରଣ କହିଥିଲେ, ''ମୁଁ ଜାଣିଥିଲି ଶେଷ ଆଡ଼କୁ ଅମୃତଙ୍କର ରକ୍ତଚାପ ଏବଂ ମୂତ୍ରଗ୍ରନ୍ଥି ରୋଗର ଲକ୍ଷଣ ଦେଖାଦେଇ ଥିଲା । କିନ୍ତୁ ତାଙ୍କର ପ୍ରଥମ ହୃଦ୍‌ରୋଗ କଥା ଶୁଣି ଟିକିଏ ଚିନ୍ତିତ ହେଲି । ... ଦ୍ୱିତୀୟ ଥର ସେଇ ହୃଦ୍‌ରୋଗ । ଏଥର କିନ୍ତୁ ମୋତେ ବେଶ୍ ଅସ୍ୱସ୍ତି ଲାଗିଲା । ମା'ଙ୍କ କୃପାରୁ ଏଥରକ ବି ସେ ଅତିକ୍ରମ କରିଗଲେ । ... ଦିନେ ଖୁବ୍ ସକାଳେ ତାଙ୍କୁ ତାଙ୍କ ଘରେ ବସି ଥିବାର ଦେଖି ପାଖକୁ ଯାଇ ପଚାରିଲି, 'କେମିତି ଅଛନ୍ତି ?' – 'ବେଶ୍ ଭଲ ଅଛି, କିନ୍ତୁ ବେଳେ ବେଳେ ମୋର sweet heart (ହୃତ୍‌ପିଣ୍ଡ) ଟିକିଏ ଅସୁବିଧାରେ ପକାଉଛି ।' ସହାସ୍ୟ ବଦନରେ ଏହାହିଁ ଥିଲା ତାଙ୍କର ଶେଷ ରସିକତା । ମୁଁ ତତ୍‌କ୍ଷଣାତ୍ ସ୍ପଷ୍ଟ ଅନୁଭବ କରି ପାରିଲି ସେ କେବେ ବି ଭଲ ନାହାନ୍ତି । ... ଦୁଇ, ତିନିଦିନ ପରେ ଗୋଧୂଳିର ପ୍ରାୟାନ୍ଧକାରରେ ସେ ଚେତାଶୂନ୍ୟ ହୋଇ ପଡ଼ିଲେ... ଖବର ପାଇ ଶୀଘ୍ର ଯାଇ ଦେଖିଲି ପିଣ୍ଡରୁ ପ୍ରାଣପକ୍ଷୀ ଉଡ଼ି ଯାଇଛି । ... ଛଳ ଛଳ ଆଖିରେ ମୁହଁ ଫେରାଇ ନେଲି । ଆଶ୍ରମ ପ୍ରାଙ୍ଗଣରେ ପ୍ରତି ପ୍ରଭାତରେ ଉତ୍ସାହୀ ଅଭିବାଦନ, 'ସୁପ୍ରଭାତ' ଆମ କାନରେ ଆଉ ବାଜିବ ନାହିଁ କି ବଙ୍ଗାଳୀ ଢାଞ୍ଚାରେ ଶୁଭ୍ରଧୋତି ଓ ଗେଞ୍ଜି ପରିହିତ ତାଙ୍କୁ ଆମ ଚକ୍ଷୁ ଆଉ ଦେଖିବ ନାହିଁ । ... ଅବିରାମ କର୍ମରତ, ତଥାପି ଚିର ହାସ୍ୟମୁଖ, ସଦା ସାଦର ସମ୍ଭାଷଣ ଓ ପରିହାସପ୍ରିୟ ଅମୃତଙ୍କ ସ୍ଥାନ ବୋଧହୁଏ ଆଉ କେହି ପୂରଣ କରି ପାରିବେ ନାହିଁ ।''

ଅମୃତଙ୍କର ଜୀବନ-ବୀଣାରେ ଯେଉଁ ବିଶେଷ ରାଗିଣୀଟି ଅନୁକ୍ଷଣ ଝଙ୍କୃତ ହୋଇ ଉଠୁଥିଲା ତାହା ହେଲା ତାଙ୍କର ପ୍ରାଣବନ୍ତ ରସିକତା, ବିଚକ୍ଷଣ ବ୍ୟଙ୍ଗୋକ୍ତି ପ୍ରତି ତାଙ୍କର ଅନୁରାଗ । ବିଶେଷ କରି ଲକ୍ଷ୍ୟ କରୁ ଦିବ୍ୟ ଜନନୀଙ୍କ ସହିତ ଦିବ୍ୟପୁତ୍ରର ଲୀଳାଖେଳା । ମା ତାଙ୍କର କୌତୁକକୁ କେତେବେଳେ ସହାସ୍ୟରେ ଗ୍ରହଣ କରୁଥିଲେ, କେତେବେଳେ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଟାକ୍ଷପାତ କରୁଥିଲେ, କେତେବେଳେ ଆପତ୍ତି ବା ଅଭିଯୋଗ କରୁଥିଲେ, କେତେବେଳେ କଠୋର ହୋଇ ଭର୍ତ୍ସନା କରୁଥିଲେ ଆଉ କେତେବେଳେ ବା କ୍ରୋଧ ପ୍ରକାଶ କରି ପୁତ୍ରର ଗାଲରେ ଚାପୁଡ଼ା ମାରୁଥିଲେ । କିନ୍ତୁ ଜନନୀ ଯାହା ବି କରୁଥିଲେ ନା କାହିଁକି ପୁତ୍ରର ମୁଖମଣ୍ଡଳରେ କେବେ ବି ବିଷଣ୍ଣତା ବା ଅବସାଦର ଛାୟା ପର୍ଯ୍ୟନ୍ତ ବି ପ୍ରତୀୟମାନ ହେଉ ନଥିଲା । ମା'ଙ୍କ ଚେତନା-ପ୍ରାଙ୍ଗଣରେ ସଦାପ୍ରଫୁଲ୍ଲ ଖେଳାରତ ଦିବ୍ୟଶିଶୁ ହୋଇ ସେ ରହିଥିଲେ ।

ସର୍ବଶେଷରେ, ଅମୃତଙ୍କର 'ଅତୀତ-ସ୍ମୃତି' ଲେଖା ଉପରେ ମୁଖବନ୍ଧ ଦେବାକୁ ଯାଇ ପ୍ରିୟ ସଖା ନଳିନୀ ଲେଖିଥିଲେ, ''ଅମୃତର ଲେଖାରେ ମୁଁ ବା କି ମୁଖବନ୍ଧ ଦେବି – ମୁଖ ବନ୍ଦହିଁ ଥାଉ – କେବଳ ଏତିକି କହିପାରେ – 'This is Amrita.' (ଏହାହିଁ ଅମୃତ ।)''

(ସମାପ୍ତ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଭବିଷ୍ୟତ୍ ନିମନ୍ତେ ଶିକ୍ଷାହିଁ ପ୍ରକୃତ ଶିକ୍ଷା

## ପ୍ରସାଦ ତ୍ରିପାଠୀ

ଅନେକ ସମୟରେ ଧାରଣା ହୁଏ ଆମେ ସବୁ ଶିକ୍ଷିତ । କାରଣ ହେଲା ଆମେ କହିପାରୁଛୁ, ପଢ଼ିପାରୁଛୁ, ଲେଖିପାରୁଛୁ, ବୁଝିପାରୁଛୁ । ସାଧାରଣ ଭାବରେ ଏହାକୁ ଶିକ୍ଷିତର ସଂଜ୍ଞା ବୋଲି କୁହାଯାଏ । ମୁଁ ଜନଗଣନା ବିଭାଗରେ କାର୍ଯ୍ୟ କରୁଥିବା ସମୟରେ ଆମକୁ ପ୍ରତ୍ୟେକ ବ୍ୟକ୍ତିର ସାକ୍ଷରତା ବା ଶିକ୍ଷା ସମ୍ପର୍କରେ ବୁଝିବାକୁ ପଡୁଥିଲା । ପ୍ରଥମେ ସେମାନେ ସାକ୍ଷର କି ନୁହେଁ ଏହା ଜାଣିବା ଦରକାର । ଯଦି ସାକ୍ଷର ବୋଲି କହିଲେ, ତା'ପରେ ଶିକ୍ଷାଗତ ଯୋଗ୍ୟତା ପଚାରି ଶିକ୍ଷାର ସ୍ତର ଅନୁଯାୟୀ ସେମାନଙ୍କୁ ଶ୍ରେଣୀ ବିଭାଗ କରାଯାଏ । ଅର୍ଥାତ୍ ସାକ୍ଷର ଏବଂ ଶିକ୍ଷିତ ଏ ଦୁଇଜଣ ଭିନ୍ନ ଭିନ୍ନ ପ୍ରକାରର । ଶିକ୍ଷିତମାନେ ସାକ୍ଷର ହେବାକୁ ବାଧ୍ୟ, ମାତ୍ର ସାକ୍ଷରମାନେ ଶିକ୍ଷିତ ହୋଇପାରନ୍ତି ବା ନହୋଇ ପାରନ୍ତି । କୌଣସି ଏକ ନିର୍ଦ୍ଦିଷ୍ଟ ଭାଷାରେ ଲେଖି, ପଢ଼ି, ବୁଝି ପାରିଲେ ଜଣେ ସାକ୍ଷର, ମାତ୍ର ଶିକ୍ଷାର ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରକୁ ଗଲେହିଁ ଶିକ୍ଷିତ ।

ଶିକ୍ଷାର ବିଭିନ୍ନ ସ୍ତର ରହିଛି । ସମସ୍ତ ଡିଗ୍ରୀ କୋର୍ସକୁ ଡିଗ୍ରୀ କହିଲେ ମଧ୍ୟ ଡାକ୍ତରୀରେ ଡିଗ୍ରୀ (M.B.B.S), ଇଞ୍ଜିନିୟରିଂରେ ଡିଗ୍ରୀ (B.Tech), ଫାର୍ମାସୀରେ ଡିଗ୍ରୀ (B.Pharm), କଳାରେ ଡିଗ୍ରୀ (B.A.), ବିଜ୍ଞାନରେ ଡିଗ୍ରୀ (B.Sc.), ବାଣିଜ୍ୟରେ ଡିଗ୍ରୀ (B.Com.), ଶିକ୍ଷାରେ ଡିଗ୍ରୀ (B.Ed.) ପ୍ରଭୃତି ଅନେକ ଅଛି । B.A. ପାସ୍ କଲା ପରେ ଆଉ ଦୁଇବର୍ଷ ପରେ B.Ed., ମାତ୍ର ଉଭୟଟି ହେଲା ଡିଗ୍ରୀ ।

ପୁଣି ଡିପ୍ଲୋମା ଆଉ ଗୋଟିଏ ପ୍ରକାର । ବେଳେବେଳେ ଗୋଟିଏ ଡିପ୍ଲୋମାର ମୂଲ୍ୟ ଗୋଟିଏ ଡିଗ୍ରୀର ମୂଲ୍ୟଠାରୁ ଅଧିକ ପୁଣି ବେଳେବେଳେ କମ୍ । B.Pharm, M.B.B.S, B.Sc. (Engg.), B.Tech, B.D.S, ଇତ୍ୟାଦି B.A., B.Sc., B.Com. ଠାରୁ ଅନେକ ଅଧିକ ।

ଜଣେ ଯଦି ବି.ଏ. ପାସ୍ କରିଥିବେ ତାଙ୍କୁ ଶିକ୍ଷାଗତ ଯୋଗ୍ୟତା ପଚାରିଲେ ସେ କହିବେ, ''ମୁଁ ଜଣେ ଗ୍ରାଜୁଏଟ୍, ମାତ୍ର, ଏମ.ବି.ବି.ଏସ୍. ପାସ୍ କରିଥିଲେ କହିବେ ମୁଁ ଜଣେ ଡାକ୍ତର ।'' ଏହାର କାରଣ ଉଭୟେ ଡିଗ୍ରୀ ପାସ୍ କରିଥିଲେ ମଧ୍ୟ ସମାଜରେ କାହାର ମୂଲ୍ୟ ଅଧିକ, କାହାର କମ୍ ।

ଆଉ ଗୋଟିଏ ମଜା କଥା ଅଛି । ଜଣେ M.A. ପରେ Ph. D. କରି ପାରିବେ । ଜଣେ ଆହୁରି ଅଧିକ ପଢ଼ି ମଧ୍ୟ Ph. D. କରି ପାରିବେ – ସେଗୁଡ଼ିକର ଡିଗ୍ରୀ ହେଲା Doctorate in Philosophy । ତା'ପରେ ପୁଣି D.Sc, Post Doc ପ୍ରଭୃତି ଅନେକ ଯୋଗ୍ୟତା ଅଛି ।

ଏସବୁ ଜଣାଇବାର କାରଣ ହେଲା ଏହି ସବୁ ଯୋଗ୍ୟତାମାନଙ୍କ ଉପରେ ଖୁବ୍ ମାଡ଼ । ଆଗେ ଆମ ପିଲାଦିନେ B.A. ପାସ୍ କରିଥିଲେ ଘର ଆଗରେ ଲେଖା ହେଉଥିଲା Nabaghan Sahoo, B.A. । ମାତ୍ର ବର୍ତ୍ତମାନ M.B.B.S. ପାସ୍ କରି ମଧ୍ୟ ଘର ଆଗରେ ନାମ ଲେଖି ଯୋଗ୍ୟତା M.B.B.S. ଲେଖିବାକୁ ସଙ୍କୋଚ ବୋଧ କରୁଛନ୍ତି । କାରଣ ରାସ୍ତାରେ ଯାହା ମୁଣ୍ଡରେ ହାତ ପକାଇଦେବ ସେ ନିଶ୍ଚେ ଅତି କମ୍‌ରେ B.A./B.Sc. ଇତ୍ୟାଦି ହୋଇଥିବ; ତେଣୁ ଘର ଆଗରେ ନାମ ଫଳକରେ ସାଧାରଣ ଡିଗ୍ରୀ ଲେଖିଲେ ଲୋକେ ଦେଖିକରି ହସିବେ । ଡାକ୍ତରଖାନାରେ ଯଦିଓ ଚିକିତ୍ସା କରୁଥିବେ, ମାତ୍ର M.B.B.S. ହୋଇଥିଲେ ନିଜ ନାମରେ ପ୍ୟାଡ୍ ଛାପିବାକୁ ଲାଜ ଲାଗିବ । କାରଣ M.B.B.S. ଠାରୁ ମଧ୍ୟ ଆହୁରି ଅନେକ ଯୋଗ୍ୟତା ସଂପନ୍ନ ଡାକ୍ତର ଅଛନ୍ତି । ଅସଲ କଥା ହେଲା ଯାହା ଯେପରି ଥିଲା, ସେ ସେପରି ଅଛି, ମାତ୍ର ଅନ୍ୟ ଶିକ୍ଷାଗୁଡ଼ିକର ମୂଲ୍ୟ ଆସ୍ତେ ଆସ୍ତେ ବଢ଼ିଯାଉଛି । ଜଣେ ଯେତେ ଅଧିକ ଜାଣିଲେ ମଧ୍ୟ ଦେଖୁଛି ତା'ପରେ ମଧ୍ୟ ଆହୁରି ଅନେକ ଜାଣିବାକୁ ଅଛି ।

ଏହାହିଁ ହେଉଛି ଅସଲ ସମସ୍ୟା । ମୋର ଜାଣିବା ଆଦୌ ଯଥେଷ୍ଟ ହୋଇ ନାହିଁ । ମୁଁ ଆଉ ବହୁତ କିଛି ଜାଣିପାରିବି ଏବଂ ମୋତେ ଯାହା ଜାଣିବାକୁ ହେବ ତାହା ମୁଁ ଯାହା ଜାଣିଛି ତା'ଠାରୁ ଅନନ୍ତ ଗୁଣରେ ଅଧିକ, ଏକଥାର ଅନୁଭବ ହେଉଅଛି ।

ଶ୍ରୀମା ଥରେ କହିଲେ, ଜଣେ ଯେତେବେଳେ ପ୍ରକୃତରେ ଅନୁଭବ କରିବ ଯେ ସେ ଆଦୌ କିଛି ବି ଜାଣି ନାହିଁ ସେତିକି ବେଳେହିଁ ତା'ର ପ୍ରକୃତ ଶିକ୍ଷା କରିବା ଆରମ୍ଭ ହେବ । ଅର୍ଥାତ୍, ସେ ଅନୁଭବ କରିବ ଯେ ତା'ର ମୁଣ୍ଡ ପୂରା ଖାଲି ଅଛି, ସେ ଯେତେ ଚାହିଁବ ସେଥିରେ ଭରି ପାରିବ ।

ଯଦି ବହୁତ କିଛି ଜାଣିଛି ବୋଲି ତା'ର ବିଶ୍ୱାସ ବା ଦାୟିକତା ଥିବ ତେବେ ବାକି ଜାଣିବାଟା ବିଶେଷ ଗୁରୁତ୍ୱ ବହନ କରିବ ନାହିଁ ।

ଆମେ ଜାଣିଥିବୁ ରାମାୟଣ, ମହାଭାରତ ତଥା ମହାକବି କାଳିଦାସଙ୍କ ଲେଖା କୁମାର ସମ୍ଭବ, ରଘୁବଂଶ, ମେଘଦୂତ, ଅଭିଜ୍ଞାନ ଶକୁନ୍ତଳା ପ୍ରଭୃତି ରଚନା ଉପରେ ଅନେକ ବ୍ୟକ୍ତି ପିଏଚ୍.ଡି ଡିଗ୍ରୀ ହାସଲ କରିଥିବେ, ମାତ୍ର ଏହାର ରଚୟିତାମାନେ କୌଣସି ସ୍କୁଲ, କଲେଜ ବା ବିଶ୍ୱବିଦ୍ୟାଳୟରେ ଶିକ୍ଷା ଲାଭ କରି ନାହାନ୍ତି ।

ଉପରୋକ୍ତ ଆଲୋଚନାରୁ ଆମେ ନିଶ୍ଚୟ ଜାଣିପାରିବା ଯେ ପ୍ରକୃତ ଶିକ୍ଷା କୌଣସି ସ୍କୁଲ କଲେଜରେ ପ୍ରଦାନ କରାଯାଏ ନାହିଁ । ତାହା ଅନ୍ୟ କୌଣସିଠାରୁ ପାଇବାକୁ ହୁଏ । ମାତ୍ର ଏତକ ନିଶ୍ଚୟ କହିହେବ ଯେ ସ୍କୁଲ, କଲେଜ ଶିକ୍ଷା କେବେହେଲେ ଅନାବଶ୍ୟକ ନୁହେଁ । ଯଦିଓ ସେହି ଶିକ୍ଷା ପ୍ରକୃତରେ ଆମକୁ ମାର୍ଗଦର୍ଶନ କରାଇ ପାରିବ ନାହିଁ; କିନ୍ତୁ ସେଇକଥା ଜାଣିବା ପାଇଁ ସେହି ଶିକ୍ଷାର ଆବଶ୍ୟକତା ଅଛି । ଆମେ ଯେ ଅପୂର୍ଣ୍ଣ, ଆମର ଶିକ୍ଷା ଯେ ଅପୂର୍ଣ୍ଣ ସେତକ ଜାଣିବା ପାଇଁ ସ୍କୁଲ କଲେଜର ଶିକ୍ଷା ଲୋଡ଼ା । ମାତ୍ର ତାହା ଯେ ପ୍ରକୃତ ଶିକ୍ଷା ନୁହେଁ ଏବଂ ଯେଉଁ ସମୟରେ ପ୍ରକୃତ ଶିକ୍ଷା କ'ଣ ଜାଣିବାରେ ଯଦି ସେ ଶିକ୍ଷା ବାଧା ସୃଷ୍ଟି କରେ ତେବେ ତା' ଉପରେ ଅଙ୍କୁଶ ଲଗାଇବା ଉଚିତ । ନଚେତ୍ ପାଇଥିବା ସମସ୍ତ ଜ୍ଞାନ ବ୍ୟକ୍ତି ମୁଣ୍ଡରେ ଏକ ବୋଝ କିଂବା ସମ୍ଭାଳି ପାରୁ ନଥିବା ଗୋଟିଏ ମୁକୁଟ ଭଳି ଲାଗିବ । ମନେହୁଏ ଯେପରି ଏସବୁର ସେ ଯୋଗ୍ୟ ନୁହେଁ, ଅଯଥା ତା' ମୁଣ୍ଡରେ ଲଦି ଦିଆଯାଇଛି । ସେ ଅଯଥାରେ ବିଶିଷ୍ଟ ବ୍ୟକ୍ତି ଭଳି ଆଚରଣ କରୁଥିବ, ମାତ୍ର ବାସ୍ତବରେ ଆଦୌ ବିଶିଷ୍ଟ ହୋଇ ନଥିବ । ପ୍ରକୃତରେ ଏହା ଏକ ଅତ୍ୟନ୍ତ ଦୟନୀୟ ଅବସ୍ଥା । ଆମ ଶିକ୍ଷା କ'ଣ ଆମକୁ ଦୟନୀୟ କରି ରଖିବ ବୋଲି ଆମେ ଏହାକୁ ପ୍ରାପ୍ତ ହୋଇଥିଲେ ?

ଆମେ ଜାଣିଛୁ ବାବାଜି ମହାରାଜଙ୍କ ପ୍ରେରଣାରୁ ପ୍ରପତ୍ତି ମହାଶୟ ଆଶ୍ରମରେ ରହି, ମା'ଙ୍କୁ ଦର୍ଶନ କରି ତାଙ୍କ ପାଇଁ ସରକାରୀ କଲେଜରେ ଅଧ୍ୟାପକ ଚାକିରି ଛାଡ଼ି ପୂର୍ଣ୍ଣ ସମୟ ପାଇଁ ମା'ଙ୍କ କାର୍ଯ୍ୟରେ ନିୟୋଜିତ ହେଲେ । ସ୍ୱାମୀ ବିବେକାନନ୍ଦ ଅତ୍ୟନ୍ତ ଜ୍ଞାନୀ ହେଲେ ମଧ୍ୟ ପ୍ରକୃତ ଜ୍ଞାନର ସନ୍ଧାନ ପାଇଁ ଶ୍ରୀରାମକୃଷ୍ଣ ପରମହଂସଙ୍କ ନିକଟରେ ଶରଣାପନ୍ନ ହୋଇଥିଲେ । ଏମାନେ ସବୁ ନିଜର ଅନ୍ୟାନ୍ୟ ଶିକ୍ଷା ମାଧ୍ୟମରେ ଏହି ପ୍ରକୃତ ଜ୍ଞାନର ସନ୍ଧାନ ପାଇଲେ । ଯଦି ସେମାନଙ୍କର ସାଧାରଣ ଶିକ୍ଷା ଏହାର ସନ୍ଧାନ ଦେଇ ନଥା'ନ୍ତା କିଂବା ବିରୋଧ କରିଥାଆନ୍ତା, ତେବେ ଏକ ଆଧ୍ୟାତ୍ମିକ ଜୀବନ ପାଇଁ ତାହା ମୂଲ୍ୟହୀନ ବୋଲି ବିବେଚିତ ହୋଇଥା'ନ୍ତା । ତେଣୁ ଅସଲ ଶିକ୍ଷା ହେଲା ଯେଉଁ ଶିକ୍ଷା ମାଧ୍ୟମରେ ଜଣେ ନିଜକୁ ଚିହ୍ନିପାରେ, ନିଜର ଅନ୍ତରକୁ ଆବିଷ୍କାର କରିପାରେ । ବାବାଜି ମହାରାଜ ସମସ୍ତଙ୍କୁ ଉତ୍ସାହିତ କରନ୍ତି ଅଧିକ ପାଠ ପଢ଼ିବା ପାଇଁ । କହିବେ, ସ୍କୁଲରେ ଶିକ୍ଷକତା କରୁଥିବା ଅବସ୍ଥାରେ ଯଦି ସୁଯୋଗ ଅଛି ଅଧିକ ପଢ଼ । ତାଙ୍କରି ପ୍ରେରଣାରୁ କେବଳ ମାଟ୍ରିକ ପାସ କରି ଶିକ୍ଷାକେନ୍ଦ୍ରମାନଙ୍କରେ ଯୋଗଦେଇ, ଶିକ୍ଷାକେନ୍ଦ୍ରରେ କାମ କରୁଥିବା ଅବସ୍ଥାରେ ପାଠପଢ଼ି M.A. B.Ed. ହେବାର ଅନେକ ଦୃଷ୍ଟାନ୍ତ ଅଛି । ମାତ୍ର ସେ ଜ୍ଞାନ ତାକୁ ଯଦି ନିଜକୁ ଆବିଷ୍କାର କରିବାକୁ ସାହାଯ୍ୟ କରେ ତେବେ ତା'ର ମୂଲ୍ୟ ଅଛି । ବେଳେବେଳେ ସ୍କୁଲରେ B.Ed. ନଥିଲେ ସ୍କୁଲ Recognition ପାଇବା ଅସୁବିଧା ହେବ ବୋଲି ଜଣେ B.Ed. ଶିକ୍ଷକ ରଖା ଯାଆନ୍ତି । ତାଙ୍କର ଆମ ଧାରା ପ୍ରତି, ଆଦର୍ଶ ପ୍ରତି, ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରତି କୌଣସି ଶ୍ରଦ୍ଧା, ସହାନୁଭୂତି ନଥିଲେ ମଧ୍ୟ ଆମେ ବାଧ୍ୟ ହୋଇ ତାଙ୍କୁ ରଖିଥାଉ ଏବଂ ପରେ ଦେଖାଯାଏ ଯେ ସେହିଁ ତାଙ୍କର B.Ed. ଯୋଗ୍ୟତାର ଦ୍ୱାହି ଦେଇ ସ୍କୁଲର ସବୁଠାରୁ ଅଧିକ କ୍ଷତି କରନ୍ତି ଏବଂ ସମସ୍ତଙ୍କୁ ସେଥିପାଇଁ ଅନେକ କଷ୍ଟ ସହିବାକୁ ପଡ଼େ ।

ଗୋସ୍ୱାମୀ ତୁଳସୀ ଦାସଙ୍କ ତୁଳସୀ ସ୍ତବକର ଓଡ଼ିଆ ଅନୁବାଦରେ କବିବର ରାଧାନାଥ ରାୟ ଲେଖିଛନ୍ତି, ''ବର୍ଷନ୍ତି ମହିମୁଖେ ନଇଁ ଅମ୍ବୁଦେ – ବିଦ୍ୟା ସମ୍ପଦେ ଯଥା ନମନ୍ତି ବୁଧେ ।'' ଅର୍ଥାତ୍, ବର୍ଷାଋତୁରେ ମେଘଗୁଡ଼ିକ ପୃଥିବୀ ଦିଗରେ ନଇଁ ଆସି ବର୍ଷା କରନ୍ତି, ଠିକ୍ ଯେପରି ଜ୍ଞାନୀ ଲୋକମାନେ ନିଜ ବିଦ୍ୟାର ପ୍ରଭାବରେ ବିନମ୍ର ହୋଇ ଉଠନ୍ତି । ତେଣୁ ଶିକ୍ଷା ପାଇ ଯେଉଁମାନେ ବିନମ୍ର ହୁଅନ୍ତି – ସେମାନେହିଁ ପ୍ରକୃତ ଶିକ୍ଷିତ ।

ବର୍ତ୍ତମାନ ଆମେ ବିଚାର କରିବା ପ୍ରକୃତରେ ଆମ ଅନୁଷ୍ଠାନମାନଙ୍କରେ ଶିକ୍ଷାର ଧାରା ଏବଂ ଶିକ୍ଷାର ପ୍ରୟୋଗ କିପରି ହେବା ଉଚିତ । ଆମେ ସମସ୍ତେ ସ୍ୱୀକାର କରିବା ଯେ ପ୍ରକୃତରେ ଆମ ଶିକ୍ଷାର ଲକ୍ଷ୍ୟ ଏକ ଭବିଷ୍ୟତ୍ ଦିଗରେ ଅଗ୍ରଗତି କରିବା । ଏକ ନୂତନ ଭବିଷ୍ୟତ୍‌କୁ ଚିହ୍ନିବା, ଜାଣିବା ଏବଂ ତା' ଦିଗରେ ଅଗ୍ରସର ହେବା, କେବେହେଲେ ଅତୀତ ପ୍ରତି ବାନ୍ଧି ହୋଇ ରହିବା ନାହିଁ । ଏସବୁ ଯଦି ସ୍ଥିର ରହେ, ତେବେ ଆମେ

ଯେତେ ଶିକ୍ଷା ପାଇଲେ ସେ ଶିକ୍ଷା ସବୁ ଆମ ପାଇଁ ବୋଝ ନହୋଇ ସହାୟକ ହେବେ – ପ୍ରକୃତରେ ନିଜ ମଧ୍ୟରେ ଭଗବାନଙ୍କୁ ଆବିଷ୍କାର କରିବା ହେଲା ଭବିଷ୍ୟତ୍‌ର ଶିକ୍ଷା – ଆମେ ତାହାକୁ ଅବଶ୍ୟ ହାସଲ କରିପାରିବା । ତେଣୁ ପ୍ରଚଳିତ ଶିକ୍ଷାକୁ ଗୋଟିଏ ସୋପାନ ଭଳି ଗ୍ରହଣ କଲେ ତାହା ଆମକୁ ଊର୍ଦ୍ଧ୍ୱକୁ, ଅର୍ଥାତ୍ ଭବିଷ୍ୟତ୍‌ରେ ଶିକ୍ଷାକୁ ଜାଣିବାରେ ସହାୟକ ହେବ ବୋଲି ଅନୁଭବ କରିହେବ । କେବେହେଲେ ବର୍ତ୍ତମାନର ଶିକ୍ଷା ଶିକ୍ଷାରେ ଏକ ପୂର୍ଣ୍ଣଛେଦ ନୁହେଁ । ଏଥିରେ ଥିବା ଅପୂର୍ଣ୍ଣତାକୁ ଚିହ୍ନିବା, ଜାଣିବା ଏବଂ ତାକୁ ଦୂର କରିବାକୁ ଚେଷ୍ଟା କରିବାହିଁ ଆମ ଶିକ୍ଷାର ଉଦ୍ଦେଶ୍ୟ, ଯାହା ପ୍ରକୃତରେ ଏକ ଭବିଷ୍ୟତ୍‌ର ଶିକ୍ଷା ଦିଗରେ ଉଦ୍ଦେଶ୍ୟ ହେବ ।

❑❑❑

# ନୈଶବ୍ଦ୍ୟର ବାଣୀ

## ଶ୍ରୀଅରବିନ୍ଦ

ମନ ମୋର ନୈର୍ବ୍ୟକ୍ତିକ ଶୂନ୍ୟ ନିସ୍ତବ୍ଧତା,
ସ୍ୱଚ୍ଛ ଦୃଷ୍ଟିମାନ ଏକ ଅନୁପମ ଧରା,
ଦେବତାର ସ୍ୱାକ୍ଷରିତ ନୀରବ ପୁସ୍ତିକା,
ପବିତ୍ର ମହାନ୍ ଚିନ୍ତା, ବିଶୁଦ୍ଧ କାମନା ।

ପୃଷ୍ଠା ପରେ ଥିଲା ତା'ର ଅବିଦ୍ୟା ଲିଖନ
ବୁଦ୍ଧିର ଅସ୍ପଷ୍ଟ ଲିପି କାଳାନ୍ଧ କଳ୍ପନା
ସ୍ଫୁରି କ୍ଷଣିକ ଆଲୋକ ବାଣୀ କ୍ଷୀଣପ୍ରଭ,
ପ୍ରକୃତି ଚକ୍ରେ ଘୂର୍ଣ୍ଣିତ ସତ୍ତାର ଆହାର ।

ଅଧୁନା ମୁଁ ଶୁଣେ ଏକ ମହତ୍ତର ବାଣୀ
ଅଦୃଶ୍ୟ ସେ ମୂକ ସର୍ବଦର୍ଶୀ ରଶ୍ମି, ପ୍ରସବିଲା ତା'ରେ :
ମହାମୌନତାର କର୍ଣ୍ଣେ ସେ ଧ୍ୱନି ଗୁଞ୍ଜିତ
ସାଧେ ଦିବସର ଚିରନ୍ତନ ମହାବ୍ରତ ।

ସୁବିଶାଳ ଅବିଭକ୍ତ ଶାନ୍ତି ପ୍ରତି ସ୍ଥାନେ
ଗତି କରେ ହର୍ଷୋଲ୍ଲାସ ମୁକ୍ତି ପାରାବାରେ ।

[ଶ୍ରୀଅରବିନ୍ଦଙ୍କ ରଚିତ **"The Word of the Silence"** କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋସ୍ନା ମହାନ୍ତି ❑

ପ୍ରଣାମ ନାରୀଶକ୍ତି (୧୫) :

# ମାରୀ କ୍ୟୁରି

## ସୂର୍ଯ୍ୟକାନ୍ତି ମହାନ୍ତି

ଯେଉଁ ବିନମ୍ର ବିଜ୍ଞାନବିତ୍‌ଙ୍କର ମାନବଜାତି ପାଇଁ ଥିଲା ଉତ୍ସର୍ଗୀକୃତ ଜୀବନ, ଯିଏ ଯନ୍ତ୍ର ବିଜ୍ଞାନ, ଜୀବ ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନର ଅଧିକ ବିକାଶ ପାଇଁ ଦ୍ୱାର ଉନ୍ମୁକ୍ତ କରିଥିଲେ, ଯାହାଙ୍କର ଜୀବନୀ ହେଉଛି ବିଂଶ ଶତାବ୍ଦୀର ବିଜ୍ଞାନ ଇତିହାସରେ ଏକ ବୃହତ୍ ଅଧ୍ୟାୟ ଏବଂ ଏଯାବତ୍ ଯିଏ ହେଉଛନ୍ତି ବିଶ୍ୱରେ ବିଜ୍ଞାନର ବିଭିନ୍ନ ବିଷୟରେ ଦୁଇଟି ନୋବେଲ ପୁରସ୍କାର ପ୍ରାପ୍ତ କରିଥିବା ଏକମାତ୍ର ବ୍ୟକ୍ତିତ୍ୱ, ସେ ହେଉଛନ୍ତି ମାରୀ ସ୍କ୍ଲୋଡ଼ୋଓସ୍କା କ୍ୟୁରି ବା ମାରୀ କ୍ୟୁରି ।

ତାଙ୍କର ଜନ୍ମ ହୋଇଥିଲା ୧୮୬୭ ମସିହା ନଭେମ୍ବର ୭ ତାରିଖ ଦିନ ପୋଲାଣ୍ଡର ୱ୍ାରସ୍‌ଠାରେ । ପାଞ୍ଚ ଭାଇଭଉଣୀଙ୍କ ମଧ୍ୟରେ ସେ ଥିଲେ ସର୍ବକନିଷ୍ଠ । ତାଙ୍କର ଡାକ ନାମ ଥିଲା ମାନ୍ୟା । ସେ ଯେତେବେଳେ ଛୋଟ ଥିଲେ ତାଙ୍କ ମା' ଯକ୍ଷ୍ମା ରୋଗରେ ପୀଡ଼ିତ ହେଲେ । ସେ ସମୟରେ ଏହି ରୋଗର ଉପଚାର ନଥିଲା । ମାନ୍ୟାଙ୍କୁ ତାଙ୍କର ମା' କେବେ ବି ସ୍ନେହରେ କୋଳାଗ୍ରତ କରୁ ନଥିଲେ, କାରଣ ତାଙ୍କ ରୋଗ ଶିଶୁ କନ୍ୟାଟିକୁ ସଂକ୍ରମିତ ହେବାର ଭୟ ଥିଲା । ତେବେ ବଡ଼ ଭଉଣୀ ଯୋସିଆ ମାନ୍ୟାଙ୍କୁ ଅନେକ ସମୟରେ ଗଳ୍ପ ଓ ଗୀତ ଶୁଣାଉ ଥିଲେ । ଥରେ ମାତ୍ର ଶୁଣିଥିବା କୌଣସି ଗଳ୍ପ ମାନ୍ୟା କେବେ ଭୁଲି ଯାଉ ନଥିଲେ । ବହୁ ଦିନ ପରେ ବି ସେ ସେହିସବୁ କାହାଣୀକୁ ସଠିକ୍ ଭାବରେ କହି ପାରୁଥିଲେ ।

ମାନ୍ୟାଙ୍କର ସ୍ମୃତି ଶକ୍ତି କେତେ ପ୍ରଖର ଥିଲା ତାହା ଏକ ଘଟଣାରୁ ଜଣାଯାଏ । ତାଙ୍କର ଚାରିବର୍ଷ ବୟସ ବେଳେ ସାତ ବର୍ଷର ବଡ଼ ଭଉଣୀ ବ୍ରୋନ୍ୟା ଶିକ୍ଷାରତ ଥିଲେ । ଦିନେ ବ୍ରୋନ୍ୟା ମା' ଓ ବାପାଙ୍କୁ ନିଜ ବହି ପଢ଼ି ଶୁଣାଇବା ବେଳେ କିଛି ଭୁଲ୍ କରିଥିଲେ । ଏହା ଦେଖି ମାନ୍ୟା ହଠାତ୍ ଉଠି ପଡ଼ି ଭଉଣୀଙ୍କ ହାତରୁ ବହି ନେଇଯାଇ ସହଜରେ ଓ ନିର୍ଭୁଲ ଭାବରେ ପଢ଼ିବା ଆରମ୍ଭ କରିଦେଲେ । ଏଥିରେ ମାତାପିତା ଆଶ୍ଚର୍ଯ୍ୟ ହୋଇଥିଲେ । ମାତ୍ର ବ୍ରୋନ୍ୟା ଖୁବ୍ କ୍ରୋଧ ପ୍ରକାଶ କରିବାରୁ ଛୋଟ ମାନ୍ୟା କହିଥିଲେ ଯେ ଏହା ତାଙ୍କର ଇଚ୍ଛାକୃତ ଭୁଲ୍ ନୁହେଁ । କେବଳ ଏହା ପଢ଼ିବା ପାଇଁ ସହଜ ଥିଲା ବୋଲି ପଢ଼ି ଦେଲେ ।

ତାଙ୍କର ମାତାପିତା ଉଭୟ ବିଦ୍ୟାଳୟର ଶିକ୍ଷକ ଥିଲେ । ମାନ୍ୟା ସ୍ଥାନୀୟ ବିଦ୍ୟାଳୟରୁ ତଥା ପିତାଙ୍କଠାରୁ ଗଣିତ ଓ ପଦାର୍ଥ ବିଜ୍ଞାନରେ ଶିକ୍ଷା ପ୍ରାପ୍ତ ହୋଇଥିଲେ । ଶୈଶବାବସ୍ଥାରୁହିଁ ସେ ବିଜ୍ଞାନ ପ୍ରତି ଅହେତୁକ ଆକର୍ଷଣ ପ୍ରଦର୍ଶନ କରିଥିଲେ । ତାଙ୍କର ଥିଲା ତୀକ୍ଷ୍ଣ ବୁଦ୍ଧି ଓ ଅସାଧାରଣ ସାମର୍ଥ୍ୟ । ମାତ୍ର ଋଷିଆନ୍ ଶାସନାଧୀନ ପୋଲାଣ୍ଡରେ ଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ବିଦ୍ୟାଳୟରେ ଗ୍ରହଣ କରାଯାଉ ନଥିଲା । ଏଥିରେ ତାଙ୍କ ମାତପିତା ଭାଙ୍ଗି ପଡ଼ିଲେ । ଏଥି ମଧ୍ୟରେ ରୁଷିଆ ସରକାର ତାଙ୍କ ପିତାଙ୍କୁ ଚାକିରିରୁ ଛଟେଇ କରିଦେଲେ । ଫଳରେ ଅର୍ଥର ଘୋର ଅଭାବ ପାଇଁ ମାନ୍ୟା ଉଚ୍ଚଶିକ୍ଷାରୁ ବଞ୍ଚିତ ହେଲେ । ମାତ୍ର ସେ ଜଣେ ବୈଜ୍ଞାନିକ ହେବାକୁ ଦୃଢ଼ ପ୍ରତିଜ୍ଞ ଥିଲେ । ସେହି ସମୟରେ ମାତାଙ୍କର ସ୍ୱାସ୍ଥ୍ୟ ଅଧିକ ଖରାପ ହେବା ସଙ୍ଗେ ସଙ୍ଗେ ୧୮୭୮ ମସିହା ମେ ୭ ତାରିଖରେ ସେ ଆରପାରିକୁ ଚାଲିଗଲେ । ପୁନଶ୍ଚ ବଡ଼ ଭଉଣୀ ଯୋସିଆଙ୍କର ମଧ୍ୟ ମୃତ୍ୟୁ ହେଲା । ଏଣୁ ମାନ୍ୟା ଖୁବ୍ ଏକୁଟିଆ ହୋଇଗଲେ ।

ଏହିପରି ଦୁଃଖଦ ସମୟ ମଧ୍ୟରେ ମାନ୍ୟା ପୁସ୍ତକ ଭିତରେ ସମୟ ଅତିବାହିତ କରି ଚାଲିଲେ । ସେ ପୋଲିସ୍ (ପୋଲାଣ୍ଡର ଭାଷା), ଋଷିଆନ୍, ଫରାସୀ ଏବଂ ଜର୍ମାନ ଭାଷାରେ ଦକ୍ଷତା ଅର୍ଜନ କଲେ । ପୁସ୍ତକ ଯେତେ କଠିନ ହେଉଥିଲା, ମାନ୍ୟା ପଢ଼ିବା ପାଇଁ ସେତେ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ । ପଢ଼ାରେ ତାଙ୍କର ଏକାଗ୍ରତା ଏପରି ଥିଲା ଯେ କେହି ତାଙ୍କୁ ଡାକିଲେ କି କଥା ହେଲେ, ସେ ଶୁଣିପାରୁ ନଥିଲେ । ଶବ୍ଦର କୋଳାହଳ ଭିତରେ ବି ଯେପରି ସେ ନୀରବ ସମୁଦ୍ରରେ ଭାସୁଥିଲେ । ଏହା ଦେଖି ଭାଇ ଭଉଣୀମାନେ ଖୁବ୍ ହସୁଥିଲେ । ଏପରିକି ତାଙ୍କ ସହ ମଜ୍ଜା କରିବା ପାଇଁ ସେମାନେ ଏକ ଯୋଜନା ପ୍ରସ୍ତୁତ କଲେ ।

ଦିନେ ମାନ୍ୟା ବସି ପଢୁଥିବା ସମୟରେ ସେମାନେ ତାଙ୍କ ଚାରି ପାଖରେ ଗୁଡ଼ିଏ ଚେୟାର ରଖିଦେଲେ ଏବଂ ସବା ଉପରେ ବି ଆଉ ଗୋଟିଏ ଚୌକି ରଖିଦେଲେ । ଲାଗିଲା ଯେପରି ସେ ବହୁ ଚେୟାରର ଏକ ପିରାମିଡ଼ ମଧ୍ୟରେ ବସିଛନ୍ତି ।

ତେବେ ବି ଛୋଟ ଶିଶୁ ମାନ୍ୟା ଏସବୁ କ'ଣ କରାଯାଇଛି ତାହା ଜାଣିପାରୁ ନଥିଲେ । ସେ ଉଠି ଛିଡ଼ା ହେଲେ କ'ଣ ଘଟୁଛି ସେଇ ମଜା ଦେଖିବା ପାଇଁ ଭାଇଭଉଣୀମାନେ ଅପେକ୍ଷା କଲେ । ମାତ୍ର ହାୟ ! ଦୀର୍ଘ ସମୟ ଧରି ଅପେକ୍ଷା କଲା ପରେ ବି ମାନ୍ୟା ତାଙ୍କ ବହିରୁ ଆଖି ଉଠାଇଲେ ନାହିଁ କି ଉଠି ଛିଡ଼ା ହେଲେ ନାହିଁ । ଏଥିରେ ସେମାନେ ହେଲେ ଧୈର୍ଯ୍ୟଚ୍ୟୁତ । ଯାହା ହେଉ ସବାଶେଷରେ ବହୁ ସମୟ ପରେ ଯେତେବେଳେ ମାନ୍ୟା ଉଠିଲେ, ଚେୟାରସବୁ ଧଡ଼ଧାଡ଼ ହୋଇ ଗଡ଼ି ପଡ଼ିଲା । ଏଥିରେ ସେ ଆଦୌ ରାଗିଲେ ନାହିଁ ବରଂ ଟିକେ ହସି ଦେଇ ପୁଣି ବସି ପଡ଼ିଲେ ବହି ଧରି । ଏହିପରି ଥିଲା ବହି ପଢ଼ାରେ ତାଙ୍କର ଅସୀମ ଆଗ୍ରହ ଓ ଏକାଗ୍ରତା ।

ଏହାରି ମଧ୍ୟରେ ଶୈଶବ ଅତିକ୍ରାନ୍ତ କରି ମାନ୍ୟା ମାଧ୍ୟମିକ ଶିକ୍ଷା ପରୀକ୍ଷାରେ ସ୍ୱର୍ଣ୍ଣପଦକ ଲାଭ କରି ଉତ୍ତୀର୍ଣ୍ଣ ହେଲେ, ମାତ୍ର ତାଙ୍କ ପାଇଁ ଆଉ ଅଧିକ ପଢ଼ିବାର ବ୍ୟବସ୍ଥା ନଥିଲା । ପୂର୍ବରୁ ବଡ଼ ଭଉଣୀ ବ୍ରୋନ୍ୟା ବି ସ୍କୁଲ ପଢ଼ା ପରେ ଘରେ ରହୁଥିଲେ । ତେବେ ଦୁଇ ଭଉଣୀ କଥାବାର୍ତ୍ତା ହୋଇ ଉଚ୍ଚଶିକ୍ଷା ପାଇଁ ଏକ ଉପାୟ ବାହାର କଲେ । ସେହି ଅନୁଯାୟୀ ବ୍ରୋନ୍ୟା ପ୍ୟାରିସରେ ମେଡ଼ିକାଲ ପଢ଼ିବାକୁ ଯିବେ ଏବଂ ଘରୋଇ ଟିଉସନ୍ କରି ମାନ୍ୟା ବଡ଼ ଭଉଣୀଙ୍କୁ ଆର୍ଥିକ ସହାୟତା ଦେବେ । ପରେ ବଡ଼ ଭଉଣୀ ମାନ୍ୟାର ପଢ଼ା ବ୍ୟବସ୍ଥା କରିବେ । ଏହିପରି ଭାବରେ ବ୍ରୋନ୍ୟା ମେଡ଼ିକାଲ ଶିକ୍ଷା ସମାପ୍ତ କରିବା ପରେ ଛୋଟ ଭଉଣୀ ମାନ୍ୟାଙ୍କର ଉଚ୍ଚଶିକ୍ଷାର ସମସ୍ତ ଦାୟିତ୍ୱ ନେଲେ ।

ମାନ୍ୟା ୧୮୯୧ ମସିହା ନଭେମ୍ବର ୩ ତାରିଖରେ ଫ୍ରାନ୍ସର ସର୍‌ବୋନ (Sorbonne)ରେ ମାରୀ ସ୍କୋଡ଼ୋଓସ୍କା (Marie Sklodowska) ଭାବରେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ । ଏହିଠାରୁହିଁ ଆରମ୍ଭ ହେଲା ମାରୀଙ୍କ ଜୀବନର ଜୟଯାତ୍ରା । ସେ ବିଶ୍ୱବିଦ୍ୟାଳୟର ଶେଷ ପରୀକ୍ଷାରେ ପଦାର୍ଥ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ୱର୍ଣ୍ଣପଦକ ଲାଭ କରି ଉତ୍ତୀର୍ଣ୍ଣ ହୋଇଥିଲେ । ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରି ଉପରକୁ ଉଠି ଶୀର୍ଷରେ ପହଞ୍ଚିଥିଲେ ମଧ୍ୟ ଶେଷ ଜୀବନ ପର୍ଯ୍ୟନ୍ତ ବିଜ୍ଞାନରେ ନୂତନ ନୂତନ ଗବେଷଣା କାର୍ଯ୍ୟ କରିବାରେ ତାଙ୍କର ଆଗ୍ରହ ଆଦୌ କମ୍ ହୋଇ ନଥିଲା ।

ବିଶ୍ୱବିଦ୍ୟାଳୟରେ ପଢ଼ିବା ସମୟରେ ପଦାର୍ଥ ବିଜ୍ଞାନର ପ୍ରଫେସର ତଥା ସେ ସମୟର ବୈଜ୍ଞାନିକ ପିଏର୍ କ୍ୟୁରି (Pierre Curie)ଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ପରବର୍ତ୍ତୀ ସମୟରେ ପିଏର୍ କ୍ୟୁରିଙ୍କୁ ସେ ୧୮୯୫ ମସିହା ଜୁଲାଇ ୨୫ରେ ବିବାହ କରିଥିଲେ । ଦୁହେଁ ମିଶି ବିଜ୍ଞାନ ପରୀକ୍ଷାଗାରରେ ଗବେଷଣା କାର୍ଯ୍ୟରେ ଲାଗି ପଡ଼ିଲେ । ସେମାନେ ଆବିଷ୍କାର କଲେ ଦୁଇଟି ମୌଳିକ ପଦାର୍ଥ ।

ପିଚ୍‌ବ୍ଲେଣ୍ଡ (Pitchblend) ନାମକ ଖଣିଜ ପଦାର୍ଥରେ ନିହିତ ଥିବା ୟୁରାନିଅମ୍ (Uranium) ପର୍ଯ୍ୟବେକ୍ଷଣ କାଳରେ ମାରୀ ଜାଣିଲେ ଯେ ମୌଳିକ ୟୁରାନିଅମ୍ ଠାରୁ ଏହି ଖଣିଜ ପଦାର୍ଥ ଅତ୍ୟଧିକ ବିକିରଣଶୀଳ । ଅଧିକ ପରୀକ୍ଷାରୁ ପ୍ରମାଣିତ ହେଲା ଯେ ଏହି ବିକିରଣ କେବଳ ୟୁରାନିୟମ୍‌ରୁ ନୁହେଁ, ବରଂ ପିଚ୍‌ବ୍ଲେଣ୍ଡରେ ଥିବା ଅନ୍ୟ କିଛିରୁ ବିକିରିତ ହେଉଛି । ଯେହେତୁ ପୂର୍ବରୁ ଏହା କେହି ଜାଣି ନଥିଲେ, ତେଣୁ ତାଙ୍କର ମନେ ହେଲା ଯେ ଅତ୍ୟଧିକ ବିକିରିତ ହେଉଥିବା ଅଜଣା ପଦାର୍ଥର ପରିମାଣ ଖୁବ୍ କମ୍ ଅଛି । ଏଣୁ ସେ ଏକ ନୂତନ ମୌଳିକ ପଦାର୍ଥ ପାଇବାକୁ ଯାଉଛନ୍ତି ବୋଲି ଆଶା କଲେ ।

କ୍ୟୁରି ଦମ୍ପତି ଏହି ଅଜ୍ଞାତ ପଦାର୍ଥ ଉପରେ କାର୍ଯ୍ୟ କରିବାକୁ ଲାଗି ପଡ଼ିଲେ । ସେ ସମୟରେ ଥିବା ରସାୟନ ବିଜ୍ଞାନର ଯାନ୍ତ୍ରିକ କୌଶଳ ବ୍ୟବହାର କରି ସେମାନେ ଅମ୍ଳରେ ପିଚବ୍ଲେଣ୍ଡକୁ ଦ୍ରବୀଭୂତ କରି ସେଥିରେ ଥିବା ବିଭିନ୍ନ ଉପାଦାନକୁ ପୃଥକ୍ କରିବାକୁ ଆରମ୍ଭ କଲେ । ଏଥିରୁ ନିଷ୍କାସନ ହେଲା ୟୁରାନିଅମ୍ ଅପେକ୍ଷା ୩୩୦ ଗୁଣ ଅଧିକ ବିକିରିତ ହେଉଥିବା କିଛି କଳା ପାଉଡର, ଯାହାର ନାମ ଦିଆଗଲା ପୋଲୋନିୟମ୍ (Polonium) । ଏହା ଏକ ନୂତନ ମୌଳିକ ପଦାର୍ଥ ଥିଲା, ଯାହାର ପାରମାଣବିକ ସଂଖ୍ୟା ୮୪ । ମାରୀଙ୍କର ନିଜ ଦେଶ ପୋଲାଣ୍ଡର ନାମାନୁସାରେ ଏହାର ନାମକରଣ କରିଥିଲେ ।

ଆହୁରି ଆଶ୍ଚର୍ଯ୍ୟର କଥା ଥିଲା ଯେ ପିଚ୍‌ବ୍ଲେଣ୍ଡରୁ ୟୁରାନିଅମ୍ ଓ ପୋଲୋନିଅମ୍ ବାହାର କରିବା ପରେ ବି ଏହା ଥିଲା ଅତ୍ୟନ୍ତ ତେଜସ୍କ୍ରିୟ । ଏଣୁ ସେମାନେ ଅନୁଭବ କଲେ ଯେ ପିଚ୍‌ବ୍ଲେଣ୍ଡରେ ନିହିତ ଅଛି ଅନ୍ୟ କିଛି ମୌଳିକ ପଦାର୍ଥ, ଯାହା ପୋଲୋନିଅମ୍ ଠାରୁ ବି ଯଥେଷ୍ଟ ଅଧିକ ବିକିରଣଶୀଳ । ମାତ୍ର ଏହାର ପରିମାଣ ଏକଦମ କମ୍ ବୋଲି ଅନୁମାନ କଲେ । ଏଣୁ ଅଧିକ ପରୀକ୍ଷଣ ପାଇଁ ପିଚ୍‌ବ୍ଲେଣ୍ଡର ଆବଶ୍ୟକତା ଥିଲା । ମାତ୍ର ପିଚ୍‌ବ୍ଲେଣ୍ଡରେ ମୂଲ୍ୟବାନ୍ ୟୁରାନିଅମ୍ ଥିବାରୁ ଏହା ଖୁବ୍ ମହାର୍ଘ ଥିଲା । ତେବେ ଅଷ୍ଟ୍ରିଆରେ ଏକ ଶିଳ୍ପାଞ୍ଚଳରୁ ଏହା ମିଳିପାରିବ ବୋଲି ସେମାନେ ଜାଣିବାକୁ ପାଇଲେ । ସେଠାରେ

ପିଚ୍‌ବ୍ଲେଣ୍ଡରୁ ୟୁରାନିଅମ୍ ବାହାର କରିବା ପରେ ଏହାକୁ ନଷ୍ଟ ଦ୍ରବ୍ୟ ଭାବରେ ବ୍ୟବହୃତ କରାହେଉଥିଲା । ଏଣୁ ସେମାନେ ଏହାକୁ ଖୁବ୍ ଶସ୍ତାରେ କିଣିଲେ । ପ୍ରାୟ ୨୦ କେ.ଜି. ଅବ୍ୟବହୃତ ପିଚ୍‌ବ୍ଲେଣ୍ଡକୁ ପରୀକ୍ଷା କରି ସେମାନେ କୃତକାର୍ଯ୍ୟ ହେଲେ ଏବଂ ଏକ ନୂତନ ମୌଳିକ ପଦାର୍ଥ ପାଇଲେ, ଯାହାର ନାମ ଦେଲେ ରେଡ଼ିଅମ୍ (Radium), ଯାହାର ପାରମାଣବିକ ସଂଖ୍ୟା ୮୮ । ୧୮୯୮ରେ ଏହି ଆବିଷ୍କାର ଉପରେ ପ୍ରମାଣ ସହ ପ୍ରବନ୍ଧ ମଧ୍ୟ ପ୍ରକାଶିତ କଲେ । ବିଜ୍ଞାନ କ୍ଷେତ୍ରରେ ତାଙ୍କୁ ଏହି ବୃହତ୍ ସଫଳତା ପ୍ରାପ୍ତ ହୋଇଥିଲା; ଯେତେବେଳେ କି ଉଚ୍ଚଶିକ୍ଷା ନାରୀମାନଙ୍କୁ ମନା ଥିଲା ଏବଂ କେବଳ ପୁରୁଷମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା ।

ତେବେ ଏତେ ପରିମାଣର ପିଚ୍‌ବ୍ଲେଣ୍ଡକୁ ପରୀକ୍ଷା କରିବା ସମୟରେ ଏହାକୁ ଚୂର୍ଣ୍ଣ କରିବା, ଦ୍ରବୀଭୂତ କରିବା, ପରିସ୍ରବଣ କରିବା, ଅବକ୍ଷେପଣ କରି ସଂଗ୍ରହ କରିବା, ପୁନଃ ଦ୍ରବୀଭୂତ କରିବା, ସ୍ଫଟିକୀକରଣ କରିବା ଏବଂ ପୁନଃ ସ୍ଫଟିକୀକରଣ କରିବା ଆଦି ପ୍ରକ୍ରିୟାରେ ସେମାନେ ବହୁ ସମୟ ବିତାଇ ଥିଲେ । ଆବିଷ୍କାରର ଏହି ଯାତ୍ରା ଥିଲା ଲମ୍ବା ଏବଂ କଷ୍ଟସାଧ୍ୟ ମଧ୍ୟ । ଏହି କାର୍ଯ୍ୟ କରୁଥିବା ସମୟରେ ସେମାନେ ଅସୁସ୍ଥତା ଅନୁଭବ କରୁଥିଲେ ଏବଂ ଶାରୀରିକ ଭାବେ କ୍ଳାନ୍ତ ହୋଇ ପଡୁଥିଲେ । ପରୀକ୍ଷଣ କାର୍ଯ୍ୟ ସମୟରେ ସେମାନେ ଏହି ତେଜସ୍କ୍ରିୟ ପଦାର୍ଥକୁ ନିଜ ହାତରେ ବାରଂବାର ବ୍ୟବହାର କରୁଥିଲେ । ବାସ୍ତବରେ ସେମାନଙ୍କର ଅସୁସ୍ଥତା ଯେ ରେଡ଼ିଅମ୍‌ର ତେଜସ୍କ୍ରିୟତା ପାଇଁ ଥିଲା, ସେବିଷୟରେ ସେମାନେ ସେତେବେଳେ ଅଜ୍ଞ ଥିଲେ ।

ମାତ୍ର ତାଙ୍କର ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ଯେଉଁ ପୋଲୋନିଅମ୍ ଓ ରେଡ଼ିଅମ୍ ଉପରେ ହୋଇଥିଲା, ସେହି ଦୁଇଟି ହେଉଛି ବିକିରଣଶୀଳ ପଦାର୍ଥ । ଅର୍ଥାତ୍, ଯେତେବେଳେ ତାହାର ଅଣୁଗୁଡ଼ିକ ଭାଙ୍ଗିଯାଏ, ତାହା ଅଦୃଶ୍ୟ କିରଣ ବିକିରଣ କରେ, ଯାହା କଠିନ ବସ୍ତୁ (solid matter) ଏବଂ ଆଲୋକ ଚିତ୍ର ପରଦା (photographic film) ମଧ୍ୟ ଦେଇ ପ୍ରବେଶ କରିପାରେ ଏବଂ ବିଦ୍ୟୁତ୍ ଶକ୍ତି ପରିବହନ କରିପାରେ । ଏହାକୁ ସେ ଏକ୍ସ-ରେ (X-ray)ରେ ବ୍ୟବହାର କରି ଅଧିକ ସଠିକ୍ ତଥ୍ୟ ପାଇ ପାରିଲେ । ଏହା ନିର୍ଭୁଲ ଭାବରେ ମନୁଷ୍ୟ ଶରୀର ମଧ୍ୟରେ ଫଟୋ ନେଇପାରେ । ଏହା ଥିଲା କର୍କଟ ରୋଗର ଚିକିତ୍ସା ପାଇଁ ତାଙ୍କର ବିରାଟ ଅବଦାନ ।

୧୯୦୩ ମସିହାରେ ପଦାର୍ଥ ବିଜ୍ଞାନରେ କ୍ୟୁରି ଦମ୍ପତି ମିଳିତ ଭାବରେ ନୋବେଲ ପୁରସ୍କାର ଲାଭ କଲେ । ସେହି ବର୍ଷ ମଧ୍ୟ ସେମାନେ ଲାଭ କରିଥିଲେ 'Davy Medal of the Royal Society'; ପୁନଶ୍ଚ ସେହି ବର୍ଷ ଜଣେ ମହିଳା ହିସାବରେ ପଦାର୍ଥ ବିଜ୍ଞାନରେ ତାଙ୍କର ଡକ୍‌ଟରେଟ୍ ଥେସିସ୍‌ରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇ Doctor of Science ଲାଭ କରିଥିଲେ ।

ଏହାର କିଛି ବର୍ଷ ପରେ ୧୯୦୬ ମସିହାରେ ଏକ ଘୋଡ଼ାଗାଡ଼ି ଦୁର୍ଘଟଣାରେ ପିଏର୍ କ୍ୟୁରିଙ୍କର ମୃତ୍ୟୁ ହେଲା । ଏଥିରେ ମାଡ଼ାମ୍ କ୍ୟୁରି ମାନସିକ ଭାବରେ ଭାଙ୍ଗି ପଡ଼ିଲେ । ସେହି ବର୍ଷ ପିଏର୍‌ଙ୍କ ସ୍ଥାନରେ ପଦାର୍ଥ ବିଜ୍ଞାନ ବିଭାଗରେ ମାରୀ କ୍ୟୁରି ପ୍ରଥମ ମହିଳା ପ୍ରଫେସର ଭାବେ ଯୋଗ ଦେଲେ । ୧୯୦୯ ମସିହାରେ ପ୍ୟାରିସ ବିଶ୍ୱବିଦ୍ୟାଳୟରେ ତାଙ୍କୁ ଏକ ନିଜସ୍ୱ ଗବେଷଣାଗାର ପ୍ରଦାନ କରାଯାଇଥିଲା । ସେ ହୋଇ ଥିଲେ 'The Curie Laboratory in the Radium Institute of the University of Paris'ର ନିର୍ଦ୍ଦେଶିକା ।

୧୯୧୧ ମସିହାରେ ସେ ପୁନଶ୍ଚ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରାପ୍ତ ହେଲେ । ଉଭୟ ମହିଳା ବା ପୁରୁଷଙ୍କ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ଭିନ୍ନ ଭିନ୍ନ ବିଜ୍ଞାନ କ୍ଷେତ୍ରରେ ଜଣେ ଦୁଇ ଦୁଇଟି ନୋବେଲ ପୁରସ୍କାର ଲାଭ କରିବାରେ ସେ ହିଁ ଏକମାତ୍ର ବ୍ୟକ୍ତି ।

୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ସେ ମୋବାଇଲ ଏକ୍ସ-ରେ ୟୁନିଟ୍‌ସ (mobile x-ray units) ସୃଷ୍ଟି କଲେ, ଯାହା ଫ୍ରାନ୍ସର ଯୁଦ୍ଧ କ୍ଷେତ୍ରରେ ଥିବା ଚିକିତ୍ସାଳୟରେ ବ୍ୟବହାର କରାଗଲା । ଏହା ଦ୍ୱାରା ଚିକିତ୍ସକମାନେ ସୈନ୍ୟ-ମାନଙ୍କର ଭାଙ୍ଗିଥିବା ହାଡ଼ ଓ ଶରୀର ମଧ୍ୟରେ ରହି ଯାଇଥିବା ବୁଲେଟ୍‌କୁ ଦେଖି ପାରିଲେ ।

୧୯୧୮ରେ ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବା ପରେ ମାରୀ କ୍ୟୁରି ନିଜ ଗବେଷଣାଗାରକୁ ପ୍ରତ୍ୟାବର୍ତ୍ତନ କରି ପୁନଶ୍ଚ ବିକିରଣଶୀଳ ମୌଳିକ ପଦାର୍ଥର କାର୍ଯ୍ୟକାରିତା ଉପରେ ଗବେଷଣା ଜାରି ରଖିଲେ ।

୧୯୨୨ ମସିହା ଠାରୁ 'Committee of Intellectual Co-operation of League of Nation' ରେ ସେ ଜଣେ ସଭ୍ୟା ଭାବରେ ଯୋଗ ଦେଲେ । ତାଙ୍କ କାର୍ଯ୍ୟର ଗୁରୁତ୍ୱ ପ୍ରତିଫଳିତ ହୋଇଥିଲା ତାଙ୍କୁ ପ୍ରଦାନ କରାଯାଉଥିବା ଅସଂଖ୍ୟ ପୁରସ୍କାର ସମୂହରେ । ସେ ମଧ୍ୟ

*(ଅବଶିଷ୍ଟାଂଶ ପୃଷ୍ଠା ୪୮ରେ ଦେଖନ୍ତୁ)*

କାହାଣୀ :

# ନିଆଁ ସହ ଖେଳ

## ମନୋଜ ଦାସ

ଏକ ଛୋଟ ସହରରେ ରହିଥାଏ ଜଣେ କମାର ବା ଲୁହା-କାରିଗର । କମାର ଭାବରେ ସେ ଯେତିକି ସୁନାମ ଅର୍ଜନ କରିଥାଏ, ତାହାଠୁଁ ବହୁତ ଅଧିକ ଖ୍ୟାତି ଅର୍ଜି ଥାଏ ଗୋଟାଏ ଅଦ୍ଭୁତ ଶକ୍ତି ଯୋଗୁଁ; ସେ ଖାଲି ହାତରେ ଜଳନ୍ତା ଅଙ୍ଗାର ମୁଠେଇ ଧରିଲେ ଅଥବା ନିଆଁରେ ହାତ ଦେଲେ ତା'ର କିଛି କ୍ଷତି ହୁଏ ନାହିଁ ।

ତା'ର ସେ ଅପୂର୍ବ ଶକ୍ତି ଦେଖିବା ନିମନ୍ତେ ଦୂର-ଦୂରାନ୍ତରରୁ ଆସୁଥା'ନ୍ତି କୌତୂହଳୀ ଲୋକେ । ଥରେ ଜଣେ ସାଧୁ ସେକଥା ଶୁଣିଲେ । ତାଙ୍କର ଧାରଣା ହେଲା କମାର ଜଣକ ନିଶ୍ଚୟ ଜଣେ ବିଶିଷ୍ଟ ସାଧକ । ନହେଲେ ସେ ଏଭଳି ଅଦ୍ଭୁତ ଶକ୍ତି ଆୟତ୍ତ କରନ୍ତା କିପରି ?

ସେ ଆସି କମାର ସହ ସାକ୍ଷାତ୍ କଲେ । କମାର ସାଧୁଙ୍କୁ ସ୍ୱାଗତ କରି ନିଜ ଅତିଥି ଭାବରେ ରଖିଲା । କେଇଦିନ ଭିତରେ ଦୁହିଁଙ୍କ ମଧ୍ୟରେ ବେଶ୍ ସୌଖ୍ୟ ପ୍ରତିଷ୍ଠା ହୋଇଗଲା ।

ଦିନେ ସାଧୁ କମାରକୁ କହିଲେ, ''ଭାଇ ! ମୁଁ ଏ କେତେ ଦିନ ହେବ ତୁମ କାର୍ଯ୍ୟକଳାପ ଉପରେ ଆଖି ରଖିଛି । କିନ୍ତୁ ତୁମେ ତୁମର ଦୈନନ୍ଦିନ କାର୍ଯ୍ୟ ଯଥାବିଧି କରିଚାଲିଛ – ଯେକୌଣସି ସାଧାରଣ ମଣିଷ ଭଳି । ନିଆଁରେ ପୋଡ଼ି ହେବ ନାହିଁ – ଏଭଳି ଅତୀନ୍ଦ୍ରିୟ ଶକ୍ତି ଲାଭ କରି ତାକୁ ବଜାୟ ରଖିବା ନିମନ୍ତେ ତୁମେ କୌଣସି ବିଶେଷ କର୍ମ ବା ସାଧନା କରିବାର ତ ଦେଖୁ ନାହିଁ !''

କମାର ନିରବ ରହିଲା । କ୍ରମେ ତା'ର ନୟନ ଯୁଗଳ ସଜଳ ହେଲା । ସେ କହିଲା, ''ଆଜ୍ଞା ! ମୁଁ ତା'ର ରହସ୍ୟ କାହାକୁ କହେ ନାହିଁ । କିନ୍ତୁ ଆପଣ ଜଣେ ସାଧୁ; ପୁଣି ମୋର ଅତିଥି । ଆପଣଙ୍କୁ ମୋର ଏଭଳି ଗୁଣର ରହସ୍ୟ କହିଦେବାରେ କୁଣ୍ଠା ନାହିଁ । ବାସ୍ତବିକ ଏ ଶକ୍ତି ମୋତେ ଆଉଜଣଙ୍କ ଦାନ । ଏହା ଲାଭ କରିବା ନିମନ୍ତେ ମୁଁ ନିଜେ କୌଣସି ବ୍ରତ ପାଳନ ଅଥବା ସାଧନା କରି ନାହିଁ ।''

ଏହା ପରେ କମାର ଗପିଲା ସେଭଳି ଶକ୍ତି ସେ ଲାଭ କରିବାର ପଟଭୂମି :

ତା' ଘରର ଅଦୂରରେ ଜଣେ ଧନିକଙ୍କ ଅଟ୍ଟାଳିକା । ତାଙ୍କର ଅନେକ କ୍ରୀତଦାସ କ୍ରୀତଦାସୀ ଥିଲେ । ଦିନେ ଜଣେ ତରୁଣୀ କ୍ରୀତଦାସୀ ଉପରେ କମାରର ଆଖି ପଡ଼ିଲା । ତରୁଣୀ ଖାଲି ସୁନ୍ଦରୀ ନୁହେଁ, ତା' ଚେହେରାରୁ ଏଭଳି ଏକ ଶାନ୍ତ ସୁନ୍ଦର ଦ୍ୟୁତି ବାହାରୁ ଥାଏ, ଯାହା କମାରକୁ ମୁଗ୍ଧ କଲା ।

ସେ ଦିନେ ସୁଯୋଗ ପାଇ ସେ ତରୁଣୀକୁ କହିଲା, ''ମୁଁ ତୁମକୁ ତୁମ ମାଲିକଙ୍କଠାରୁ କିଣିନେବାକୁ ମନସ୍ଥ କରିଛି ।''

''ତାହା ଆପଣ ଓ ମାଲିକ ଭିତରର କଥା । ମୋର ସେଥିରେ କିଛିହିଁ କହିବାର ନାହିଁ ।'' ତରୁଣୀ କହିଲା ।

''ମୋର କିଛି ବିଶେଷ ଉଦ୍ଦେଶ୍ୟ ରହିଛି । ମୁଁ ତୁମକୁ କିଣି ଆଣି ବିବାହ କରିବି ।''

''ଆପଣ ସେଭଳି ଉଦ୍ଦେଶ୍ୟ ପରିହାର କରନ୍ତୁ । ମୁଁ ନିଜକୁ ଭଗବାନଙ୍କ ପାଖରେ ସମର୍ପଣ କରିଛି । ବିବାହ କରିବା ମୋ ପକ୍ଷରେ ସମ୍ଭବପର ନୁହେଁ ।''

ତରୁଣୀଠୁଁ କମାର କୃତଜ୍ଞତା ଆଶା କରୁଥିଲା । ଜଣେ ଥିଲାବାଲା ଯୁବକର ପତ୍ନୀ ହେବାର ସୁଯୋଗ ପାଇଲେ କେଉଁ କ୍ରୀତଦାସୀ ଆପ୍ୟାୟିତ ଅନୁଭବ ନ କରିବ ? ତେଣୁ ତରୁଣୀର ପ୍ରତିକ୍ରିୟାରେ କମାର ହତାଶ ଏବଂ କ୍ରୁଦ୍ଧ ହେଲା । ସେ ତାକୁ ଥଟ୍ଟା କରି କହିଲା, ''ତୁ ପୁଣି ଭଗବାନଙ୍କୁ ଜାଣିଛୁ ? ଶୁଣ, ମୋତେ ତ ଜାଣିଛୁ । ମୋ ପାଖରେ ଆରାମରେ ରହନ୍ତୁ । ତୁ ଏଡ଼େ ମୂର୍ଖ ବୋଲି ମୁଁ ଜାଣି ନଥିଲି ।''

ତରୁଣୀ କିଛି କହିଲା ନାହିଁ । ନିଜ ବାଟରେ ଚାଲିଗଲା ।

ବର୍ଷକ ପରର କଥା । ସେ ମୁଲକରେ ଦେଖାଦେଲା ଭୟଙ୍କର ଦୁର୍ଭିକ୍ଷ । ଲୋକେ ଖାଦ୍ୟ ବିନା ମରିବାକୁ ଲାଗିଲେ । କ୍ରୀତଦାସୀର ମାଲିକ ତାଙ୍କର ସମସ୍ତ ପରିଚାରକ ପରିଚାରିକାଙ୍କୁ ବିଦା କରିଦେଲେ – ଯେହେତୁ ସେମାନଙ୍କୁ ଖାଇବାକୁ ଦେବା ତାଙ୍କ ପକ୍ଷରେ ସମ୍ଭବପର ହୋଇ ନଥା'ନ୍ତା ।

''ମୁଁ ଏବେ ମଧ୍ୟ ତୋତେ ବିଭା ହେବାକୁ ପ୍ରସ୍ତୁତ !'' କମାର ଯାଇ ସେ ତରୁଣୀକୁ ଆଶ୍ୱାସନା ଦେବା ଭଙ୍ଗିରେ କହିଲା ।

''ନା, ବାବୁ ନା । ମୁଁ କାହାକୁ ବି ବିଭା ହେବା ସମ୍ଭବ ନୁହେଁ ।'' ଭଦ୍ର ଭାବରେ ଜଣାଇଲା ତରୁଣୀ ।

କମାର ଭୀଷଣ ରାଗିଯାଇ ତାକୁ ଯାହା ମନ ତାହା କହି ଗାଳି ଦେଲା । ତରୁଣୀ କିନ୍ତୁ କୌଣସି ଜବାବ ଦେଲା ନାହିଁ ।

ଦିନ ଗଡ଼ି ଚାଲିଲା । ଦୁର୍ଭିକ୍ଷର କରାଳ ଲୀଳା ଅଧିକରୁ ଅଧିକ ଭୟଙ୍କର ହେବାକୁ ଲାଗିଲା । ଦିନ ଦିନ ଧରି କ୍ରୀତଦାସୀ ତରୁଣୀଟି ଆଖପାଖର କୌଣସି ଘରେ ମୁଠାଏ ଖାଦ୍ୟ ବଦଳରେ ଖଟିବାର ସୁଯୋଗ ପାଇଲା ନାହିଁ । ଦିନେ ଖରାବେଳେ କମାର ତା' କବାଟରେ କେହି ଶବ୍ଦ କରୁ ଥିବାର ଶୁଣିଲା । କବାଟ ଖୋଲି ସେ ଦେଖିଲା, ତରୁଣୀଟି ଠିଆ ହୋଇଛି । ତା' ଚେହେରା ଅତ୍ୟନ୍ତ ମଳିନ ।

''ମୋତେ ଦେଲା ଭଳି କିଛି କାମ ଅଛି କି ? ସେ ବାବଦରେ ମୁଠାଏ ଖାଦ୍ୟ ମିଳିଲେ ତାହାହିଁ ହେବ ଯଥେଷ୍ଟ'' — ସେ କହିଲା ।

''ମୁଠାଏ କାହିଁକି, ତୁମର ଯେତିକି ଆବଶ୍ୟକ ସେତିକି ଖାଦ୍ୟ ଦେବି । କିନ୍ତୁ ମୋତେ ବିଭା ହେବାକୁ ପଡ଼ିବ ।'' କମାର ଶୁଣାଇ ଦେଲା ।

''ନା, ବାବୁ, ତାହା ସମ୍ଭବ ନୁହେଁ !'' କହି ତରୁଣୀ ବୁଲିପଡ଼ି ଚାଲିଗଲା । ଭୀଷଣ ଅପମାନ ବୋଧ କଲା କମାର ।

ଦୁଇ ଦିନ ପରେ ତରୁଣୀଟି ପୁଣି ଆସି ମୁଠାଏ ଖାଦ୍ୟ ପାଇଁ କାମଦାମ କରିଦେବାର ପ୍ରସ୍ତାବ ଦେଲା ।

''ଅପେକ୍ଷା କର !'' କହି ଗୋଟାଏ ଥାଳିରେ ଦୁଇ ତିନି ପ୍ରକାର ଖାଦ୍ୟ ସଜାଇ କମାର ତାକୁ ଦେଖାଇଲା । ତରୁଣୀଟିର ଶୁଖିଲା ମୁହଁରେ ଟିକିଏ ହସ ଚହଟି ଉଠିଲା । ସେ ଥାଳି ଧରିନେବା ପାଇଁ ହାତ ବଢ଼ାଇଲା ।

''କିନ୍ତୁ ମୋ ସର୍ତ୍ତ ତୁମେ ଗ୍ରହଣ କରୁଛଟି ?'' କମାର ପଚାରିଲା ।

''ନା, ତାହା ତ ସମ୍ଭବ ନୁହେଁ ବୋଲି କହିଛି !''

''ତେବେ ମୋଠୁଁ ଆହାର ପାଇବା ମଧ୍ୟ ସମ୍ଭବ ନୁହେଁ !'' କହି କମାର ଥାଳିଟି ଘୁଞ୍ଚାଇ ଆଣିଲା ।

କିଛି ନ କହି ତରୁଣୀଟି ଫେରିଗଲା । କିନ୍ତୁ କମାର ମନରୁ ଶାନ୍ତି ଉଭେଇଗଲା । ସେ ଝରକା ଦେଇ ଦେଖିଲା, କିଛି ଦୂରରେ ଗୋଟାଏ ଗଛ ମୂଳରେ କ୍ରୀତଦାସୀଟି ଶୋଇପଡ଼ିଛି । ହୁଏତ ସେଇଠାରେ ପଡ଼ି ରହି ମରିଯିବ । ମନେ ହେଲା ତା'ର ଆଉ ଚାଲିବା ଭଳି ଶକ୍ତି ନାହିଁ ।

କମାର ଖାଦ୍ୟ ଭର୍ତ୍ତି ଥାଳିଟି ଧରି ତା' ପାଖରେ ପହଞ୍ଚିଲା ଓ କହିଲା, ''ମୋର ଆଉ କୌଣସି ସର୍ତ୍ତ ନାହିଁ । ତୁମେ ଖାଅ ।''

ଝିଅଟି କଷ୍ଟ କରି ଉଠି ବସିଲା ଓ ଖାଇବା ପୂର୍ବରୁ କହିଲା, ''ଭଗବାନ୍ ଆପଣଙ୍କର ମଙ୍ଗଳ କରନ୍ତୁ । ଆପଣଙ୍କ କାରବାର ତ ନିଆଁ ସହିତ । ମୁଁ ପ୍ରାର୍ଥନା କରୁଛି, ନିଆଁ ଯୋଗେ ଆପଣଙ୍କର ଯେଭଳି କୌଣସି ଅନିଷ୍ଟ ହେବ ନାହିଁ, ଭଗବାନ୍ ଆପଣଙ୍କୁ ସେହି ସୁରକ୍ଷା ବର ଦିଅନ୍ତୁ ।''

ତରୁଣୀଟି ଖାଇବାକୁ ଆରମ୍ଭ କଲା । ''ଖାଇ ସାରି ମୋ କବାଟ ପାଖରେ ଥାଳି ଥୋଇଦେବୁ'' କହି କମାର ଫେରି ଆସିଲା । ଝିଅର ପ୍ରାର୍ଥନା ତା'ର ତୁଚ୍ଛା ଆବେଗ ବୋଲି ସେ ଧରିନେଲା ।

ସେ ନିଜ କମାରଶାଳ ଭିତରେ ପଶିଛି, ହଠାତ୍ ପବନର ଗୋଟାଏ ପ୍ରଚଣ୍ଡ ଢେଉ ଆସି ଚୁଲା ଉପରେ ବସିଥିବା ଫୁଟନ୍ତା ଲୁହା କରେଇକୁ ଓଲଟାଇ ଦେଲା । ସେହି ଭୀଷଣ ତତଲା ତରଳ ଲୁହାର ଛିଟା ଆସି ପଡ଼ିଲା ତା' ଦେହ ଉପରେ । ଆଶ୍ଚର୍ଯ୍ୟର କଥା, କମାର ସେସବୁର ଉତ୍ତାପ ଅନୁଭବ କଲା ନାହିଁ ।

ତେବେ ସେ ତରୁଣୀ କ'ଣ ସତରେ ଭଗବାନଙ୍କ ଠାରୁ ବର ଆଦାୟ କରି ତାକୁ ଦେଲା ? ଧୀରେ ଧୀରେ ସେ ଖଣ୍ଡିଏ ଅଙ୍ଗାର ଛୁଇଁଲା; ତା'ପରେ ତାକୁ ଉଠାଇ ନିଜ ପାପୁଲିରେ ଧରିଲା କିନ୍ତୁ ପାପୁଲିରେ ଫୋଟକା ହେଲା ନାହିଁ ।

କିଛି ସମୟ ସ୍ତବ୍ଧ ହୋଇ ରହି ସେ ଘର ବାହାରକୁ ଆସି ଦେଖିଲା, କ୍ରୀତଦାସୀ ଥାଳିଟି ତା' ଘର ଆଗରେ ଥୋଇ ପୁଣି ସେ ଗଛ ମୂଳରେ ଯାଇ ଶୋଇ ପଡ଼ିଛି ।

କମାର ଦୌଡ଼ିଯାଇ କ୍ରୀତଦାସୀ ପାଖରେ ଠିଆହେଲା । ତରୁଣୀଟି ଉଠି ବସି ତା' ଆଡ଼େ ଅନାଇବାରୁ ସେ ଆଣ୍ଠୁମାଡ଼ି ବସି ପଡ଼ି କହିଲା, ''ହେ ଦେବକନ୍ୟା ! ତୁମ କଥା ଫଳିଗଲା । ନିଆଁରେ ମୋର ତିଳେ ମଧ୍ୟ କ୍ଷତି ହେଉ ନାହିଁ ।''

''ସତେ ?'' କହି ତରୁଣୀଟି ଗମ୍ଭୀର ହୋଇଗଲା । ଶୂନ୍ୟକୁ ଅନାଇ ସେ କହିଲା, ''ହେ ଭଗବାନ୍ ! ମୁଁ କଲି କ'ଣ ! ମୁଁ କିଏ ତୁମକୁ ବରାଦ କରିବା ପାଇଁ ? ଯାହାର ଯାହା ଆବଶ୍ୟକ ସେକଥା ତୁମଠାରୁ ଅଧିକ କିଏ ଜାଣେ ? ମୋ ମନରେ କ'ଣ ଏ ଯୁବକ ପ୍ରତି ସାମାନ୍ୟ ଅନୁରାଗ ଆସି ଯାଇଥିଲା ବୋଲି ମୋ କଥା ଫଳିଲା ? ହେ ଭଗବାନ୍ !

ଯଦି ଥରେ ମୁଁ ତୁମଠାରୁ କିଛି ମାଗି ଆଣି ଶୃଙ୍ଖଳା ଭଙ୍ଗ କରିଛି, ତେବେ ଆଉ ଥରେ ମାଗୁଛି ଅନ୍ୟ ଏକ ମାଗୁଣି : ହେ ଭଗବାନ୍ ! ମୋତେ ତୁମ ପାଖକୁ ନେଇଯାଅ ।''

ତରୁଣୀଟି ମୁହୂର୍ତ୍ତକ ପରେ ଟଳି ପଡ଼ିଲା ।

ଏ ବୃତ୍ତାନ୍ତ ଗପି ସାରି କମାର ତା'ର ଅତିଥି ସାଧୁଙ୍କୁ କହିଲା, ''ମୁଁ ଅଜ୍ଞାନ । କେମିତି ସେ ଦେବକନ୍ୟାକୁ ଚିହ୍ନିଥା'ନ୍ତି ? କିନ୍ତୁ ସେ ମୋ ପାଇଁ ଭଗବାନଙ୍କଠାରୁ ଆଣି ଦେଇଥିବା ବର ମୁଁ ଉପଭୋଗ କରୁଛି । ଥରେ ଥରେ ଭାବେ, ଯେତେବେଳେ ମୁଁ କ୍ରୀତଦାସୀଟି ସହ ନିର୍ମମ ବ୍ୟବହାର କରୁଥିଲି, ସେତେବେଳେ ସେ ଯଦି ମୋତେ କୌଣସି ଅଭିଶାପ ଦେଇଥା'ନ୍ତା ! ଅର୍ଥାତ୍, ସେତେବେଳେ ବି ମୁଁ ନ ଜାଣି ନିଆଁ ସହ ଖେଳୁଥିଲି ।''

('ମନୋଜ କିଶୋର ସାହିତ୍ୟ ସଙ୍କଳନ'ରୁ ସଂଗୃହୀତ, ପୃଷ୍ଠା ୭୨୧ - ୭୨୫)

❑❑❑

---

*(ପୃଷ୍ଠା ୪୫ର ଅବଶିଷ୍ଟାଂଶ)*

ସମଗ୍ର ବିଶ୍ୱରେ ବିଭିନ୍ନ ସ୍ଥାନରେ ଲାଭ କରିଥିଲେ ବିଜ୍ଞାନ, ଚିକିତ୍ସା ଓ ଆଇନ କ୍ଷେତ୍ରରେ ବହୁ ସମ୍ମାନଜନକ ଡିଗ୍ରୀ ଓ ସଭ୍ୟାପଦ । ବିଜ୍ଞାନକୁ ତାଙ୍କର ସେବା ନିମିତ୍ତ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଲର୍ଡ଼ ହାର୍ଡ଼ିଞ୍ଜ ଆମେରିକାର ମହିଳାମାନଙ୍କ ତରଫରୁ ତାଙ୍କୁ ପ୍ରଦାନ କରିଥିଲେ ଏକ ଗ୍ରାମ୍ ରେଡ଼ିଅମ୍ ।

ତାଙ୍କର ଦୁଇ କନ୍ୟା ଇରେନ୍ (Irène) ଓ ଏଭ୍ (Eve) ଏବଂ ଜଣେ ଜ୍ୱାଇଁ ମଧ୍ୟ ପରବର୍ତ୍ତୀ ସମୟରେ ନୋବେଲ ପୁରସ୍କାର ଲାଭ କରିଥିଲେ । ଏହିପରି ଭାବରେ ଏହି କ୍ୟୁରି ପରିବାରହିଁ ପାଞ୍ଚଟି ନୋବେଲ ପୁରସ୍କାର ପ୍ରାପ୍ତ ପରିବାର ଭାବରେ ପରିଚିତ ।

ତେବେ ଅତ୍ୟଧିକ ଭାବରେ ତେଜସ୍କ୍ରିୟ ପଦାର୍ଥ ସହ କାର୍ଯ୍ୟ କରିବା ଫଳରେ ମାରୀ କ୍ୟୁରି ରୋଗାକ୍ରାନ୍ତ ହୋଇ ୧୯୩୪ ମସିହା ଜୁଲାଇ ୪ ତାରିଖରେ ପାର୍ଥିବ ଶରୀର ତ୍ୟାଗ କଲେ । ଫଳରେ ବିଜ୍ଞାନାକାଶର ଏକ ଉଜ୍ଜ୍ୱଳ ତାରକା ସବୁଦିନ ପାଇଁ ଅଦୃଶ୍ୟ ହୋଇଗଲା । ମାତ୍ର ସେ ମାନବଜାତିକୁ ଦେଇଗଲେ ବିଜ୍ଞାନ ମହାସମୁଦ୍ରରେ ସନ୍ତରଣ କରିବା ପାଇଁ ଅସୀମ ପ୍ରେରଣା । ତେବେ ପିଏର୍ ଓ ମାରୀ ଦୁଇଜଣଙ୍କୁ ସମାଧି ଦିଆ ଯାଇଥିଲା – ସୀସା ନିର୍ମିତ ସମାଧି ପ୍ରକୋଷ୍ଠରେ । କାରଣ, ସେମାନଙ୍କର ଥିଲା ତେଜସ୍କ୍ରିୟ ଶବ । ଏପରିକି ତାଙ୍କର ଗବେଷଣାଗାରର ଯନ୍ତ୍ରପାତି, ତାଙ୍କ ବ୍ୟବହୃତ କାଗଜପତ୍ର ମଧ୍ୟ ବିକିରଣଶୀଳ ଜିନିଷ ଭାବରେ ସତର୍କତା ସହିତ ବ୍ୟବହୃତ ହେଲା ।

ମାରୀ କ୍ୟୁରିଙ୍କ ଉପରେ ଫ୍ରାନ୍ସ ସରକାର ତିନୋଟି ସ୍ମାରକ (commemorative) ଡାକଟିକଟ ପ୍ରକାଶ କରିଛନ୍ତି ।

୧. ୧୮୯୫ ମସିହାରେ ପିଏର୍ ଓ ମାରୀଙ୍କ ଛବି ଥିବା ଏବଂ ୧.୭୫ ଫ୍ରାଁ+୫୦ ମୂଲ୍ୟର ଏକ ଡାକଟିକଟ ।
୨. ୧୯୬୭ ମସିହାରେ ତାଙ୍କର ଫଟୋ ସହିତ ଏକ Marie Sklodo Wska Curie ଲେଖାଥିବା ୬୦ ସେଣ୍ଟିମ୍ ମୂଲ୍ୟର ଏକ ଡାକଟିକଟ ତାଙ୍କର ଶତବାର୍ଷିକୀ ଉପଲକ୍ଷେ ବାହାରି ଥିଲା ।
୩. ୨୦୧୧ ମସିହାରେ International Year of Chemistry ଲେଖାଥିବା ଏବଂ ତାଙ୍କର ଫଟୋ ସହ .୮୭ ୟୁରୋ ମୂଲ୍ୟର ଏକ ଡାକଟିକଟ ପ୍ରଚଳନ ହୋଇଥିଲା ।

ଭାରତରେ ମଧ୍ୟ ୧୯୬୮ ମସିହାରେ ତାଙ୍କର ଶତବାର୍ଷିକୀ ଉପଲକ୍ଷେ ୨୦ ପଇସା ମୂଲ୍ୟର ଏକ ଡାକଟିକଟ ପ୍ରକାଶିତ ହୋଇଛି ।

ଏହା ବ୍ୟତୀତ ପୃଥିବୀର ବହୁ ଦେଶ ମଧ୍ୟ ମାରୀ କ୍ୟୁରିଙ୍କ ଉପରେ ଡାକଟିକଟ ପ୍ରକାଶ କରିଛନ୍ତି । ତାଙ୍କ ଜୀବନୀକୁ ନେଇ ଫରାସୀ ଓ ଇଂରାଜୀରେ ସିନେମା କରାଯାଇଛି ।

ବିଜ୍ଞାନ କ୍ଷେତ୍ରରେ ସେ ହେଉଛନ୍ତି ବିଶ୍ୱର ବହୁ ବିଷୟରେ ଜଣେ ପ୍ରବୀଣା ପ୍ରଥମ ମହିଳା । ଯଥା :

୧. ଫ୍ରାନ୍ସରେ Doctor of Science Degree ଲାଭ କରିବା ।
୨. ଫ୍ରାନ୍ସର Sorbonne ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିବା ।
୩. ନୋବେଲ ପୁରସ୍କାର ଲାଭ କରିବା ବିଶେଷ କରି ଭିନ୍ନ ଦୁଇଟି ବିଜ୍ଞାନ ବିଷୟରେ ଦୁଇଟି ନୋବେଲ ପୁରସ୍କାର ଲାଭ କରିବା ।
୫. ଜଣେ ନୋବେଲ ପୁରସ୍କାର ପ୍ରାପ୍ତ ମହିଳା, ଯାହାଙ୍କର ସନ୍ତାନମାନେ ମଧ୍ୟ ନୋବେଲ ପୁରସ୍କାର ଲାଭ କରି ଥିଲେ ।

ଏହି ମହାନ୍ ଅସାଧାରଣ ବ୍ୟକ୍ତିତ୍ୱ ମାରୀ କ୍ୟୁରିଙ୍କ ପଦଯୁଗଳରେ ସମସ୍ତ ବିଜ୍ଞାନପ୍ରେମୀଙ୍କର ଭକ୍ତିଭରା କୋଟି କୋଟି ପ୍ରଣାମ । ❑

# ଚା' କପଟିଏ ପାଇଁ
## ସନ୍ତୋଷ ରଥ

ଖାଲି ଶିଖର ନୁହେଁ, ସାନୁଦେଶ ମଧ୍ୟ ହରାଇ ସାରିଥାଏ ହରିତ୍ ବର୍ଣ୍ଣର ମଧୁରିମା । ଚତୁର୍ଦ୍ଦିଗ ବରଫମୟ । ମୁଲାଏମ ଆସ୍ତରଣ ତଳେ ହିମାଳୟ ଦିଶୁଥାଏ, ସତେ ଯେମିତି ଶୁଭ୍ର ଭସ୍ମଧାରୀ ଶିବଙ୍କର ବିସ୍ତୃତ କଳେବର । ଚତୁର୍ଦ୍ଦିଗ ନିକାଞ୍ଚନ । ତୁହାକୁ ତୁହା ହେମାଳ ପବନ ବିଘଟିତ କରୁଥାଏ ତାପମାତ୍ରାକୁ । ବଡ଼ ଅସହ୍ୟ ସେ ପାଣିପାଗ । ତଥାପି ଉପତ୍ୟକା ମଣ୍ଡଳରୁ ଆରୋହୀ ସାଜିଥା'ନ୍ତି ଭାରତୀୟ ସେନାବାହିନୀର ଗୋଟିଏ ଦଳ । ହାତ ଗଣତିରେ ପନ୍ଦର ଜଣ । ଯବାନଙ୍କ ସାଥିରେ ଦଳପତି ଭାବେ ଥା'ନ୍ତି ମେଜର ସାହେବ; ବଳିଷ୍ଠ ଚେହେରା, ଶାଣିତ କଟାକ୍ଷ । ସାହସିକତାର ସାଞ୍ଜୁହିଁ ତାଙ୍କର କବଚ କୁଣ୍ଡଳ, ଯାହାକୁ ସାମ୍ନା କରିବା ପାଇଁ ଯମର ସମନ ମଧ୍ୟ ପଛଘୁଞ୍ଚା ଦିଏ ।

ଭାରତୀୟ ସେନାବାହିନୀ ତରଫରୁ ହିମାଳୟ ସୀମାନ୍ତରେ କର୍ତ୍ତବ୍ୟରତ ଯବାନମାନଙ୍କୁ ପ୍ରତି ତିନି ମାସରେ ଥରେ ପାଲଟାଇ ଦିଆଯାଏ । ଅର୍ଥାତ୍ ନୂଆ ଦଳ ନିଯୁକ୍ତ ହେଲେ ପୁରୁଣା ଦଳ ବେସ୍ କ୍ୟାମ୍ପକୁ ଫେରି ଆସନ୍ତି । ଏଥର କୁପ୍‌ୱାରା ସେକ୍ଟରର ପାଳି । ଠିକ୍ ସମୟରେ ପହଞ୍ଚି ଯିବା ପାଇଁ ସଭିଏଁ ତତ୍ପର ଥା'ନ୍ତି, ହେଲେ କୋହଲା ପାଗକୁ ବରଫ ବତାସୀ ବାଟ ରୋକି ଦେଉଥାଏ । ବେଳ ସେତେବେଳକୁ ସଞ୍ଜ ଲେଉଟାଣି, ଥଣ୍ଡାରେ ହାତଗୋଡ଼ କେମ୍ପା ମାରି ଯାଉଥାଏ ଯବାନମାନଙ୍କର ।

''ଗରମ ଚା' କପେ ମିଳି ଯାଆନ୍ତାନି'' – ଭାବିଲେ ମେଜର । ଅନ୍ୟମାନଙ୍କର ଇଚ୍ଛା ଥିଲେ ବି ଶୃଙ୍ଖଳା ଦୃଷ୍ଟିରୁ ଅପରିଗ୍ରହ । ଯୋଗକୁ କିଛି ସମୟ ପରେ ଚା' ଦୋକାନର ସନ୍ଧାନ ମିଳିଲା, ଦରଭଙ୍ଗା ସାଇନ୍ ବୋର୍ଡ଼ରୁ । ସଭିଁଏ ଖୁସି ।

ସବୁ ଆଶା ମରୀଚିକା ପାଲଟି ଗଲା । ଦୋକାନ ସାମନାରେ ଝୁଲୁଥିଲା ଗୋଟିଏ କଳଙ୍କି ଲଗା ତାଲା, ଆଉଜା ତାଟି କବାଟ ଦୁଇଟିକୁ ଜାବୁଡ଼ି ଧରି । ପାଖଆଖରେ ଦୋକାନୀର ଟେର୍ ମିଳିଲାନି ଯେତେ ଖୋଜିଲେ ବି ।

''ଦୋକାନୀ ନଥିଲେ ବି ଦୋକାନ ତ ଅଛି । ତାଲାଟାକୁ ଯଦି ଭାଙ୍ଗି ଦିଆଯାଏ ?'' ସାହସ ବାନ୍ଧି ଯବାନ ଜଣେ ପ୍ରସ୍ତାବ ବାଢ଼ିଲେ । ଅନ୍ୟମାନେ ନୀରବ ଦ୍ରଷ୍ଟା, ଅପେକ୍ଷା କରି ରହିଲେ ମେଜରଙ୍କ ଆଜ୍ଞାକୁ ।

ବଡ଼ ଧର୍ମ ସଙ୍କଟରେ ପଡ଼ିଲେ ମେଜର ସାହେବ । ତାଙ୍କୁହିଁ ବାଛି ନେବାକୁ ହେବ ନୈତିକତା ଓ ଆବଶ୍ୟକତା ମଧ୍ୟରୁ ଗୋଟିକୁ । କେଉଁଟି ଠିକ୍ ବାରଂବାର ପ୍ରଶ୍ନ କରୁଥା'ନ୍ତି ନିଜକୁ ନିଜେ । ଚଉଦ ଜଣ ଯବାନଙ୍କର ପ୍ରାଣର ଆତୁରତା, ଯେଉଁମାନେ ଦେଶ ପାଇଁ ସମର୍ପିତ ନା ଚୌର୍ଯ୍ୟ ବୃତ୍ତିରୁ ନିସ୍ତାର ଲାଭ କରିବାର ନିଜର ଧାର୍ମିକ ଆତ୍ମ ତୃପ୍ତି ।

''ମୁଁ ପଛେ ନର୍କ ଭୋଗେ, ଦେଶର କଲ୍ୟାଣ ହେଉ'' – ବିବେକ ଧପ୍ କରି ଜାଗି ଉଠି ଚେତାବନୀ ଦେଇଗଲା । ନୀରବେ ସମ୍ମତି ଦେଲେ ମେଜର ତାଲା ଭାଙ୍ଗିବା ପାଇଁ । ଆଶ୍ଚର୍ଯ୍ୟ ! ଚା' ପ୍ରସ୍ତୁତିର ସମସ୍ତ ଉପକରଣ ସହ ବିସ୍କୁଟ ଡବା ସଜିଲ ହୋଇ ରହିଥିଲା ଦୋକାନ ଭିତରେ । ଉଷୁମ ଚା' ଓ ବିସ୍କୁଟ ଖାଇ ସଭିଏଁ ପ୍ରାଣବନ୍ତ । ହେଲେ ମେଜର ଦ୍ୱିଧା ମୁକ୍ତ ନଥା'ନ୍ତି । ମନୁଆଁ ମନଟା ତାଙ୍କର ଟେଙ୍କା ଦେଉଥାଏ – ''କପେ ଚା' ପାଇଁ କଳଙ୍କ ଲାଗିବ ନି ତ !'' ଯବାନମାନଙ୍କର ଝିମା ପାଦ ଅସ୍ଥିର ହୋଇ ଉଠୁଥାଏ ଆଗେଇ ଯିବା ପାଇଁ । ଯଥା ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଗଲେ ଦାୟିତ୍ୱ ଜୁଆଳି କାନ୍ଧେଇବା ପାଇଁ ।

କର୍ତ୍ତବ୍ୟରତ ଯବାନମାନଙ୍କର ନିଷ୍ଠା ଅଣତଉଲ । ନିଜର ସୁରକ୍ଷା କିଂବା ସ୍ୱଚ୍ଛନ୍ଦ ପ୍ରତି ଭ୍ରୂକ୍ଷେପ ନଥାଏ । ଲକ୍ଷ୍ୟ କେବଳ ଦେଶମାତୃକାର ସୁରକ୍ଷା । ମେଜରଙ୍କ ସଜାଗ ଦୃଷ୍ଟି ଶତ୍ରୁସେନାଙ୍କ ଉପରେ । କେତେବେଳେ ଯେ ସେମାନେ କେଉଁ ବ୍ୟୂହ ରଚିବେ ତା'ର କିଛି ଇୟତ୍ତା ନାହିଁ, ତଥାପି ସଭିଏଁ ତତ୍ପର ପ୍ରତିଆକ୍ରମଣର ତତ୍ପରତା ପ୍ରତି ।

ଶୀତ ସହିତ ଶୀତଳ ଲଢ଼େଇ କରୁ କରୁ ତିନିମାସ ବିତିଗଲା ହେଲେ ଶୀତ ସରି ନଥାଏ । ନିର୍ବିଘ୍ନରେ ଫେରିଲେ ପନ୍ଦର ଜଣ ଯାକ ସୀମାନ୍ତ ସୁରକ୍ଷା ଦାୟିତ୍ୱରୁ ମୁକ୍ତ ହୋଇ ।

''ଘର ମୁହାଁ ବଳଦର ଫୁର୍ତ୍ତି ଟିକେ ନିଆରା'' – କଥାଟା ବାରି ହୋଇ ପଡୁଥାଏ ସେମାନଙ୍କ ଚାଲିରୁ । ଠାଏ ଠାଏ ପାଦ ଗଳି ପଡୁଥାଏ ବରଫ ଢଙ୍କା ଖମା ଭିତରକୁ; ତଥାପି ଭ୍ରୂକ୍ଷେପ

ନାହିଁ । ଓଭର କୋଟ୍ ଓ ମୁଣ୍ଡର ଲୋମଶ ଟୋପିକୁ ସଜାଡ଼ିସୁଜୁଡ଼ି ଚାଲିଥା'ନ୍ତି ସେନା ଦଳ, ଦଳପତିଙ୍କ ସହ ।

ବାଟ ଅଧା ପନ୍ତରିଆ, ସଭିଏଁ ଅଟକିଲେ ସେହି ଚା' ଦୋକାନରେ । ଏଥର କିନ୍ତୁ ଦୋକାନ ଖୋଲା ଥିଲା । କୋତରା କମ୍ବଳଟାକୁ କାନ୍ଧରୁ ଖସାଇ ଦେଇ ଦୋକାନି ବାପୁଡ଼ା ସଜାଡ଼ି ହୋଇଗଲା ଏତେ ଗରାଖଙ୍କୁ ଦେଖି । ପାଛୋଟି ନେଲା ସେହି ଅଧା କାନ୍ଥିଆ ଚାଳିଆ ଭିତରକୁ । ମୁହଁରେ ତା'ର ଅଧା ଖୁଲିଆ ହସ; ମାନ୍ଦା ବେପାରଟା ତା'ର ଏବେ ଭରଣା ପଡ଼ି ଯିବ ।

ଗରମ ଚା' ଓ ବିସ୍କୁଟ ଖାଉ ଖାଉ ଦୋକାନିଙ୍କ ସହ ଗଳ୍ପ ଜମାଇଥା'ନ୍ତି ଯବାନମାନେ । ''ମଉସା, ଏଇ ଛୋଟ ଚା' ଦୋକାନରୁ କ'ଣ ଆପଣଙ୍କ ପରିବାରର ଗୁଜୁରାଣ ମେଣ୍ଟି ଯାଉଛି ।'' — ପ୍ରଶ୍ନ କଲେ କେହି ଜଣେ ।

ପେଜୁଆ ଆଖି ଦୁଇଟା ଛଳ ଛଳ ହୋଇ ଉଠିଲା । ''ବାବାରେ — ଭଗବାନ୍ ବଡ଼ ଦୟାଳୁ । କେତେ ବାଧାବିପତ୍ତିରୁ ସେ ମୋତେ ବଞ୍ଚାଇଛନ୍ତି, କହିଲେ କଥା ସରିବନି । ଏଇ ଚା' ଦୋକାନହିଁ ମୋର ଭାତ ହାଣ୍ଡି ।'' — ମୁଣ୍ଡର ଠେକୋଟାକୁ ପୁଣି ଥରେ ସଜାଡ଼ି ଦେଲେ ମଉସା । କଥା କଥାକେ ହାତ ଦୁଇଟା ଉପରକୁ ଉଠି ଯାଉଥାଏ କୃତଜ୍ଞତାରେ ।

''ଘରେ ଆପଣଙ୍କର ଆଉ କିଏ ସବୁ ?''

''ଭେଣ୍ଡିଆ ପୁଅ, ହେଲେ ଅକର୍ମଣ୍ୟ । ଏଇ ତିନିମାସ ତଳର କଥା, ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ପୁଅ ଚେତା ହରାଇ ପଡ଼ିଥିବା ଖବର ଶୁଣି ଘରକୁ ଧାଇଁଲି ଦୋକାନ ଚାବି ପକାଇ । ପୁଅର ଚେତା ଫେରିଲା, ହେଲେ ଶରୀର ରକ୍ତାକ୍ତ ଗୁଳି ମାଡ଼ରେ । ଡାକ୍ତରଖାନା ନେଇ ଚିକିତ୍ସା କରିବା ପାଇଁ ମୋ' ପାଖରେ ସେତେବେଳେ ପଇସାଟିଏ ନଥାଏ । କ'ଣ ବା କରିବି । ଟୁଣୁକା ଚିକିତ୍ସା ସାରି ପରଦିନ ସକାଳୁ ଫେରି ଆସିଲି ଦୋକାନରୁ ସଞ୍ଚିତ ଦି' ପଇସା ନେଇ ଯିବା ପାଇଁ । ଦେଖି ଅବାକ୍ — ଭଙ୍ଗା ତାଲାଟା ଝୁଲୁଛି ଦର ଆଉଜା ଦୋଫାଳି କବାଟରେ । ମନକୁ ପାପ ଛୁଇଁଲା । କେତେ କ'ଣ ଭାବି ଗଲି । ହେଲେ ଭିତରକୁ ଯାଇ ଦେଖେ ଚିନି ଡବା ଭିତରେ ଅଛି ସବୁଠୁ ବଡ଼ ନୋଟ ଖଣ୍ଡେ ।'' — କଣ୍ଠ ତାଙ୍କର ରୁଦ୍ଧ ହୋଇଗଲା ।

''ତା'ପରେ ... ?''

''ଜାଣିଲି, ମୋ' ଭଗବାନଙ୍କ ଦାତାପଣ । ଚା' ବିସ୍କୁଟ ଖାଇ ରଖି ଦେଇ ଯାଇଛନ୍ତି ସେ ଟଙ୍କା । ମୋର ମାସକର ଅର୍ଜନ । ସେଇ ଟଙ୍କାରେ ପୁଅର ଚିକିତ୍ସା କଲି, ବଞ୍ଚିଗଲା । ହେଲେ ଭାବିଲେ ଦୁଃଖ ଲାଗେ, ମୋ' ପାଇଁ ଭଗବାନଙ୍କୁ ତାଲା ଭାଙ୍ଗିବା କଷ୍ଟ ସହିବାକୁ ହେଲା ।'' — କଥା ସହ ଆଖିରୁ କୃତଜ୍ଞତାର ଅଶ୍ରୁ ପୋଛି ମଉସା ବାଟେଇ ଦେବା ପାଇଁ ସଜ ହେଲେ ।

ସମ୍ପୂର୍ଣ୍ଣ ଘଟଣାଟି ସମସ୍ତଙ୍କୁ ଜଣାଥିଲେ ବି ପ୍ରକାଶ ନକରିବା ପାଇଁ ଇସାରା ଦେଲେ ମେଜର । ସଭିଏଁ ସ୍ତବ୍ଧ, ମାତ୍ର ମେଜରଙ୍କ ଆନନ୍ଦ ଶିଖର ଛୁଆଁ । ଚିନି ଡବାରେ ରଖି ଦେଇ ଯାଇଥିବା ଦୁଇ ହଜାର ଟଙ୍କାର ନୋଟ ଖଣ୍ଡିକ ଯେ ଏଡ଼େ ମହତ୍ କାର୍ଯ୍ୟ ସାଧନ କରିବ, ତାହା କଳ୍ପନାତୀତ । ସମସ୍ତ ଦ୍ୱିଧା ଓ ଦ୍ୱନ୍ଦ୍ୱରୁ ଆଜି ସେ ମୁକ୍ତ ।

ଅକୁହା ଆନନ୍ଦକୁ ପ୍ରକାଶ କଲେ ମେଜର — ଆନନ୍ଦରେ କୁଣ୍ଢାଇ ପକାଇ ବୁଢ଼ା ମଉସାଙ୍କୁ ।

(କାହାଣୀଟି ଜଣେ ଯବାନଙ୍କ ବର୍ଣ୍ଣିତ ତଥ୍ୟ
ଉପରେ ଆଧାରିତ ।
କୃପଓ୍ୱାରା ସେକ୍‌ଟର; ଜାମ୍ମୁକାଶ୍ମୀର ।)

❑❑❑

ଜଣେ କ'ଣ କରେ, ସେଇଟା ବଡ଼ କଥା ନୁହେଁ — (ଅବଶ୍ୟ କରିବା କଥାଟା ଗୁରୁତ୍ୱପୂର୍ଣ୍ଣ, ତାହା ତ ପ୍ରମାଣିତ) । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା — ପ୍ରକୃତରେ ସେ ନିଜେ କ'ଣ । କାମଟି ଯାହା ହେଉ ନା କାହିଁକି, ଯେଉଁ ବାଟରେ ସେ କାମ କରାହୋଇଥାଉ ନା କାହିଁକି, ସବୁଠାରୁ ବଡ଼ କଥା ହେଲା କେଉଁ ଚେତନାରେ ରହି ସେହି କାର୍ଯ୍ୟଟି କରାଯାଇଛି ।

— ଶ୍ରୀମା

# ଶବ୍ଦର ଅତୀତ

## ବନମାଳୀ ଆଚାର୍ଯ୍ୟ

ବୈଶାଖ ମାସ । ଅତିଶୟ ସୌରତାପ କାରଣରୁ ଦିନବେଳା ବାହାରକୁ ବାହାରିବା କଷ୍ଟକର । ସୂର୍ଯ୍ୟାସ୍ତ କାଳରେ ଭୋଳା ଗାଁକୁ ଯିବାକୁ ବାହାରିଲା । ସେତେବେଳେ ଦିବସର ତାପମାତ୍ରାରେ କିଛି ହ୍ରାସ ଘଟିଥିଲା । ଧୀର ପବନର ନରମ ସ୍ପର୍ଶ ତା'ର ଖୋଲା ଦେହକୁ ଆରାମ ଦେଉଥିଲା । ଆଗରେ ଏକ ବିସ୍ତୀର୍ଣ୍ଣ ଖୋଲା ପ୍ରାନ୍ତର ଓ ଛୋଟ ଅରଣ୍ୟ । ସେସବୁର ମଧ୍ୟ ଦେଇ ତାକୁ ଲମ୍ବା ବାଟ ଚାଲିବାକୁ ହେବ । ବିଶେଷତଃ ରାତିରେ ରାସ୍ତାଟି ଜନଶୂନ୍ୟ ହୋଇ ପଡୁଥିଲା । କାରଣ ଗାଁଗୁଡ଼ିକର ଅବସ୍ଥିତି ଯଥେଷ୍ଟ ଦୂରରେ ଥିଲା । କିଛିଦିନ ତଳେ ଭୋଳା ନିଜ ଝିଅର ବିବାହ କାର୍ଯ୍ୟ ଶେଷ କରିଥିଲା । ସେହିଦିନ ଠାରୁ ଝିଅଟି ନିଜର ସ୍ୱାମୀ ଓ ଶାଶୁଙ୍କ ସହ ଗାଁରେ ବାସ କରୁଥିଲା । ଧୂଳି ରାସ୍ତା ଉପରେ ଭୋଳା ତରବରରେ ଆଗକୁ ବଢ଼ିଲା । ମାତ୍ର ହୃଦୟଟି ତା'ର ଦୁଃଖପୂର୍ଣ୍ଣ ଓ ଓଜନିଆ ଥିଲା । ମୁଖମଣ୍ଡଳରେ ନୀରସତା ଓ ମଳିନତାର ଛାପ ସ୍ପଷ୍ଟ ବାରି ହୋଇ ପଡୁଥିଲା । କିଛି ସମୟ ପୂର୍ବେ ଅତ୍ୟନ୍ତ ଦୟନୀୟ ପରିସ୍ଥିତି ଭିତରେ ଥିବା ନିଜର ଏକମାତ୍ର ଝିଅ ଠାରୁ ବିଦାୟ ନେଇ ଆସିଥିବା ଓ ଗଭୀର ଭାବେ ବ୍ୟଥିତ ଜଣେ ପିତାର ଏହା ଥିଲା ଏକ ସ୍ୱାଭାବିକ ଅବସ୍ଥା । ଝିଅର ସେହି ଅଶ୍ରୁସିକ୍ତ ମୁଖମଣ୍ଡଳ ଏବେ ମଧ୍ୟ ତାକୁ ଦେଖା ଯାଉଥିଲା । ଝିଅଟିର ମନ ଭିତରେ ଯେଉଁ ଝଡ଼ ବହୁଥିଲା, ତାହାର କାରଣ ଥିଲା ନିଜ ସ୍ୱାମୀଙ୍କର ଅସୁସ୍ଥତା । ବିଡ଼ମ୍ବନାର କଥା ହେଲା ଦୁଇମାସ ଧରି ତା'ର ସ୍ୱାମୀ ଅଜଣା ରୋଗରେ ପୀଡ଼ିତ ରହୁଥିଲେ; ଆରୋଗ୍ୟ ହେବାର କୌଣସି ଲକ୍ଷଣ ତାଙ୍କଠାରେ ଦେଖା ଯାଉ ନଥିଲା ।

ବିସ୍ତୀର୍ଣ୍ଣ ମୁକ୍ତ ପ୍ରାନ୍ତର ମଧ୍ୟକୁ ଭୋଳା ପ୍ରବେଶ କଲା । ଅନିୟମିତ ବ୍ୟବଧାନରେ ଠିଆ ହୋଇଥିବା ଅଳ୍ପ କେତେଗୋଟି ବୃକ୍ଷ ଏବଂ ସ୍ଥାନେ ସ୍ଥାନେ ବଡ଼ ଧରଣର କଣ୍ଟାବୁଦାମାନ ଦୃଷ୍ଟିଗୋଚର ହେଉଥିଲା । ଗୋଧୂଳିର ଝାପସା ଆଲୁଅରେ ଜନଶୂନ୍ୟ ନୀରବ ବାତାବରଣ ମଧ୍ୟ ଦେଇ ଚିନ୍ତାମଗ୍ନ ଅବସ୍ଥାରେ ଭୋଳା ଆଗକୁ ପାଦ ବଢ଼ାଇଲା । କାହିଁକି ଡାକ୍ତରମାନେ ତା'ର ଜାମାତାଙ୍କୁ ରୋଗମୁକ୍ତ କରିପାରୁ ନାହାନ୍ତି ? ସେମାନେ କ'ଣ ରୋଗକୁ ଚିହ୍ନି ପାରୁ ନାହାନ୍ତି ? ଯଦି ତାଙ୍କର କିଛି ହୋଇଯାଏ, ତା' ଝିଅର ଅବସ୍ଥା କ'ଣ ହେବ ? ଭଗ୍ନ ହୃଦୟରେ ଆଶାଶୂନ୍ୟ ହୋଇ ସେ କେବଳ ଭଗବାନଙ୍କୁ ଡାକୁଥିଲା । ସେ କୃପା କଲେ ସବୁକିଛି ଠିକ୍ ହୋଇଯିବ, ଏ ବିଶ୍ୱାସ ତା' ମନରେ ଦୃଢ଼ତର ହେବାରେ ଲାଗିଲା । ଭଗବାନ୍ ସର୍ବଶକ୍ତିମାନ୍ । ସେ ଅସମ୍ଭବକୁ ସମ୍ଭବ କରିପାରନ୍ତି, ମାତ୍ର ଏହାକୁ ସମସ୍ତେ ବୁଝି ପାରନ୍ତି ନାହିଁ । ଗୋଟିଏ ସ୍ଥାନରେ ଠିଆ ହୋଇ ସେ ସନ୍ଧ୍ୟା ଆକାଶ ଆଡ଼କୁ ଅର୍ଥହୀନ ଦୃଷ୍ଟିରେ ଚାହିଁ ରହିଲା । ବହଳ ଅନ୍ଧକାର ମଧ୍ୟ ଦେଇ ଆକାଶରେ ତାରାଗଣ ଉଙ୍କି ମାରୁଥିଲେ । ତା'ର ଏକ ଅନୁଭୂତି ହେଲା । ତାରକାଖଚିତ ଅନ୍ଧକାର ଆକାଶ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖମଣ୍ଡଳ ବୋଲି ତା'ର ମନେ ହେଲା । ତାରାମାନେ ତାଙ୍କର ଅସଂଖ୍ୟ ଚକ୍ଷୁ । ସେଥିରେ ସେ ସମସ୍ତ ବସ୍ତୁ ଓ ଜୀବମାନଙ୍କୁ ଦେଖି ପାରନ୍ତି ଏବଂ ସେମାନଙ୍କୁ ସୁରକ୍ଷା ଦିଅନ୍ତି । ତାରାମାନଙ୍କର କିରଣରାଜି ତାଙ୍କର ଦିବ୍ୟ ଶକ୍ତି ଯାହା ପ୍ରତ୍ୟେକର ଆତ୍ମାକୁ ସ୍ପର୍ଶ କରେ ଏବଂ ଅଜ୍ଞାନତା ଓ ଦୁର୍ବଳତାକୁ ଦୂର କରେ ।

ତା' ଅନ୍ତରରେ ଭଗବାନଙ୍କ ପ୍ରତି ପ୍ରେମ ଓ ଭକ୍ତିଭାବ ଜାଗି ଉଠିଲା । ଗୋଟିଏ ଜୀବନକୁ ରକ୍ଷା କରିବା ପାଇଁ ଆବେଗଭରା ଚିତ୍ତରେ ସେ ଭଗବାନଙ୍କୁ ପ୍ରାର୍ଥନା କଲା । ତା'ର ଅସ୍ୱାଭାବିକ ସ୍ୱର ରାତ୍ରିର ଶାନ୍ତ ବାତାବରଣକୁ ଆନ୍ଦୋଳିତ କରୁଥିଲା । କିଛି ସମୟ ଉତ୍ତାରେ ଶାରୀରିକ ଅବସନ୍ନତା କାରଣରୁ ସେ ଭୂମି ଉପରେ ଉପରକୁ ମୁହଁ କରି ପଡ଼ି ରହିଲା । ତା'ର ଦୃଷ୍ଟି ଆକାଶର ତାରାପୁଞ୍ଜ ଓ ପୂର୍ବାକାଶରେ ଉଦିତ ଚନ୍ଦ୍ରମା ଉପରେ ନିବଦ୍ଧ ହେଲା । ଚନ୍ଦ୍ର ଦେହର କଳା ଚିହ୍ନ ଭିତରେ ସେ ଶ୍ରୀଜଗନ୍ନାଥଙ୍କୁ ଦେଖୁଥିଲା । ସୁଶୀତଳ ଚନ୍ଦ୍ର କିରଣର ଚନ୍ଦନ ପ୍ରଲେପ ତା' ଭିତରେ ପୁଲକ ଆଣୁଥିଲା । ତା'ର ଚକ୍ଷୁପତା ଧୀରେ ଧୀରେ ବନ୍ଦ ହୋଇ ଆସିଲା । ଏକ ଅଜ୍ଞାତ ସ୍ୱର ତାକୁ କହୁଥିଲା – ''ମୁଁ ତୁମ ଭିତରେ, ବାହାରେ ଓ ଚାରି ପାଖରେ ରହିଛି । ମୁଁ ସର୍ବତ୍ର ଏବଂ ସମସ୍ତଙ୍କର ଅନ୍ତର ଭିତରେ ରହିଛି । ମୁଁ ତୁମ ଜାମାତାଙ୍କ ହୃଦୟ ମଧ୍ୟରେ ଅଛି । ତୁମେ କାହିଁକି ମୋତେ ତାଙ୍କ ଭିତରେ ଦେଖୁ ନାହଁ ? ମୁଁ ବ୍ରହ୍ମ ।

ଭୟ ଓ ଅବିଶ୍ୱାସକୁ ପ୍ରତ୍ୟାଖ୍ୟାନ କର । ମୁଁ ତୁମ ସହିତ ରହିଛି, ଏହି ସତ୍ୟକୁ ଧରି ରଖ ।''

ଭୋଳା ଆନ୍ତର ସ୍ଥିତିରେ ନିମଗ୍ନ ଥିଲା । ତା' ମନରେ ପ୍ରଚୁର ଶାନ୍ତି ଥିଲା । ତା' ଚକ୍ଷୁରୁ ଲୋତକ ଝରି ଆସୁଥିଲା । ଜ୍ୟୋତ୍ସ୍ନାଧୌତ ଆକାଶ ଭଳି ତା'ର ଅନ୍ତର ନିର୍ମଳ ଥିଲା । ସ୍ୱପ୍ନାବିଷ୍ଟ ଅବସ୍ଥାରେ ଚନ୍ଦ୍ର ହସି ହସି ତାକୁ କିଛି କହୁଥିବାର ସେ ଶୁଣିଲା – ''ହୃଦୟରେ ପ୍ରଭୁଙ୍କୁ ବହନ କରି ଝିଅ ପାଖକୁ ଲେଉଟି ଯାଅ । ସେ ସକଳ ବାଧା ଓ ଔଷଧର ଊର୍ଦ୍ଧ୍ୱରେ ।''

ଭୋଳାର ନିଦ ଭାଙ୍ଗି ଗଲା । ଅର୍ଦ୍ଧଚେତନ ଅବସ୍ଥାରେ ଯାହାକିଛି ସେ ଶୁଣିଥିଲା, ସେସବୁ ତା' ସ୍ମୃତିରେ ସତେଜ ଥିଲା । ରାତ୍ରିର ଅନ୍ତିମ ପ୍ରହର । ସମସ୍ତ କିଛି ନୀରବ ଓ ନିଶ୍ଚଳ । କୌଣସି ଅଜଣା ଶକ୍ତିର ପ୍ରଭାବରେ ପରିଚାଳିତ ହେଉଥିବା ଭଳି ସେ ଏକମୁହାଁ ଝିଅ ଘରକୁ ଫେରିଲା । ଝିଅ କବାଟ ଖୋଲିଲା । ଲଣ୍ଠନ ଆଲୁଅରେ ତା'ର ବିଷଣ୍ଣ ମୁଖମଣ୍ଡଳଟି ଦେଖା ଯାଉଥିଲା । ଏହି ଦୃଶ୍ୟ ଭୋଳାକୁ ଅସହ୍ୟ ବୋଧ ହେଲା । ଅସମୟରେ ପିତାଙ୍କର ପ୍ରତ୍ୟାବର୍ତ୍ତନ ଝିଅଟିର ମନରେ ବିସ୍ମୟ ସୃଷ୍ଟି କରୁଥିଲା । ନିଃଶବ୍ଦରେ ଭୋଳା ଅବିଳମ୍ବେ ଜାମାତାଙ୍କ ଶଯ୍ୟା ନିକଟରେ ଉପସ୍ଥିତ ହେଲା ଏବଂ ତାଙ୍କର ନିଶ୍ଚଳ ଶରୀର ଆଡ଼କୁ ଚାହିଁ ରହିଲା । ତା'ର ମନେ ହେଲା, ଯେପରି ରୋଗୀର ଶରୀରରୁ ଜୀବନୀ ଶକ୍ତି ଧୀରେ ଧୀରେ ଲୋପ ପାଇ ଆସୁଛି । ସେ ନିଜକୁ ସଂଯତ ରଖି ନିଜର ଇଚ୍ଛା ଶକ୍ତିକୁ ଦୃଢ଼ କଲା ଏବଂ ରୋଗୀର ଶଯ୍ୟା ଚାରି ପାଖରେ ବୁଲିବାରେ ଲାଗିଲା । ନିଜକୁ ଅସହାୟ ମନେ କରି ନୀରବରେ ପ୍ରଭୁଙ୍କୁ ସ୍ମରଣ କରି ଚାଲିଲା । ସେ ଅନୁଭବ କଲା, ଜାମାତାଙ୍କର ଶରୀର ଭିତରେ ପ୍ରଭୁ ବାସ କରୁଛନ୍ତି । ତା'ର ଚେତନା ଭିତରେ ଏହି ସତ୍ୟ ଅଧିକ ବାସ୍ତବ ହୋଇ ଉଠିଲା । ସେ ବ୍ୟାକୁଳ ଭାବରେ ଅନ୍ତରରୁ ଭଗବାନଙ୍କୁ ଡାକିବାରେ ଲାଗିଲା । ଅତ୍ୟଧିକ କ୍ଲାନ୍ତି ଯୋଗୁଁ ସେ ଚଟାଣ ଉପରେ ତା'ର ଦେହକୁ ଲୋଟାଇ ଦେଲା ଏବଂ ଏହି ଅବସ୍ଥାରେ ପ୍ରଭୁଙ୍କର ମହିମାନ୍ୱିତ ନାମକୁ ଜପ କରି ଚାଲିଲା । ଏହିପରି କିଛି ସମୟ ବିତିଯିବା ପରେ ତାକୁ ନିଦ ଲାଗି ଗଲା ।

ସକାଳୁ ସକାଳୁ ବାହାରେ କାହାର ପାଟି ଶୁଣି ଭୋଳାର ନିଦ ଭାଙ୍ଗିଗଲା । ବାହାର ବାରଣ୍ଡା ଉପରେ ଝିଅଟି ତା' ଶାଶୁଙ୍କ ସହ ବଡ଼ ପାଟିରେ କଥା ହେଉଥିଲା । ସେ ଜାମାତାଙ୍କ ଆଡ଼କୁ ଚାହିଁଲା । ଏକ ବଡ଼ ଆଶ୍ଚର୍ଯ୍ୟ ଘଟଣା ତାକୁ ଅପେକ୍ଷା କରିଥିଲା । ଶଯ୍ୟା ଉପରେ ବସି ରହି ଜାମାତା ଏକ ଲୟରେ ତାହାରି ଆଡ଼କୁ ଚାହିଁ ରହିଥିଲେ । ତାଙ୍କଠାରେ ଅସୁସ୍ଥତାର କୌଣସି ଲକ୍ଷଣ ନଥିଲା ।

ଏସବୁ ଦେଖି ସେ ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ଏହା ଅବିଶ୍ୱାସ୍ୟ ଓ ଅଲୌକିକ ଲାଗିଲେ ବି ଭଗବାନଙ୍କ କୃପାରେ ଯେ ସମସ୍ତ କିଛି ହୋଇପାରେ ଏହି ବିଶ୍ୱାସ ତା' ଭିତରେ ଦୃଢ଼ ହୋଇଗଲା । ଏଥିସକାଶେ ସେ ଭଗବାନଙ୍କୁ କୃତଜ୍ଞତା ଜଣାଇଲା । ତା' ଝିଅର ମୁହଁରେ ପୁଣିଥରେ ହସ ଫେରି ଆସିବ, ଏହା ଭାବି ସେ ଉଲ୍ଲସିତ ହେବାକୁ ଲାଗିଲା ।

ପରଦିନ ଭୋଳା ନିଜ ଗାଁକୁ ଫେରି ଆସିଲା । ତାଙ୍କର ଜାମାତା ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଖବର ଧର୍ମପତ୍ନୀଙ୍କୁ ଜଣାଇଲା । ତିନି ସପ୍ତାହ ପରେ ଝିଅଟି ତା' ସ୍ୱାମୀଙ୍କ ସହ ପିତୃଗୃହରେ ପହଞ୍ଚିଲା । ରାତ୍ର ଭୋଜନ ସମାପନ ପରେ ମା' ଓ ଝିଅ ପରସ୍ପର ଗପରେ ମଜ୍ଜିଗଲେ । ସେତେବେଳେ ବାହାର ଅଗଣାରେ ପଡ଼ି ରହିଥିବା ଏକ ଖଟିଆ ଉପରେ ଚିତ୍ ହୋଇ ଶୋଇ ରହି ଭୋଳା ଦିବସର କ୍ଲାନ୍ତି ଦୂର କରୁଥିଲା । ଆକାଶର ଚନ୍ଦ୍ରମାକୁ ସେ ଭଲ ଭାବରେ ନିରୀକ୍ଷଣ କଲା । ଏକ ମାସ ତଳେ ଦେଖିଥିବା ଚନ୍ଦ୍ର ଭଳି ସେ ରାତିର ଚନ୍ଦ୍ର ଉଜ୍ଜ୍ୱଳ ଦେଖା ଯାଉଥିଲା । ଚନ୍ଦ୍ର ଦେହରେ ଥିବା କଳା ଚିହ୍ନ ଭିତରେ ସେ ଶ୍ରୀଜଗନ୍ନାଥଙ୍କୁ ଦେଖିବାକୁ ପାଇଲା । ପୂର୍ବଥର ଭଳି ତାଙ୍କରି କୃପା ଓ ସାହାଯ୍ୟ କଥା ତା'ର ମନେ ପଡ଼ିଲା । ତା' ହୃଦୟରେ ଭଗବାନଙ୍କ ପ୍ରତି ଗଭୀର ଭକ୍ତି, କୃତଜ୍ଞତା ଓ ପ୍ରେମ ଭାବ ଜାଗି ଉଠିଲା । ସେ ନିଜକୁ ଆୟତରେ ରଖି ନପାରି ଶିଶୁ ଭଳି କାନ୍ଦିବାରେ ଲାଗିଲା । ମା' ଓ ଝିଅ ଆଳାପ ବନ୍ଦ କରି ତା' ନିକଟରେ ଉପସ୍ଥିତ ହେଲେ, ମାତ୍ର କିଛି ବୁଝି ପାରିଲେ ନାହିଁ ।

ଶାନ୍ତ ସ୍ୱରରେ ଭୋଳାର ସ୍ତ୍ରୀ ତାକୁ ପଚାରିଲେ, ''ତୁମେ କାହିଁକି ପ୍ରଳାପ କରୁଛ ?''

– ''ନାଁ, ସେପରି କିଛି ନାହିଁ ।''

– ''କାହିଁକି ଚନ୍ଦ୍ର ଆଡ଼କୁ ମୁହଁ କରି ପିଲାଙ୍କ ପରି କାନ୍ଦୁଛ ?''

– ''ତୁମେ କ'ଣ ସେଠାରେ ପ୍ରଭୁଙ୍କୁ ଦେଖିପାରୁ ନାହଁ ? ... ... ସେହି ଚନ୍ଦ୍ର ଦେହରେ ।''

ସେମାନେ ନୀରବ ରହିଲେ । କିଛି ସମୟ ପରେ ଭୋଳା ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲା । ମାସକ ତଳେ ଯାହାସବୁ ତା' ନିଜ ଉପରେ ବିତି ଯାଇଥିଲା, ସମସ୍ତ କିଛି ଶାନ୍ତ ଭାବରେ ସେମାନଙ୍କ ଆଗରେ ବର୍ଣ୍ଣନା କଲା । କେବଳ

ପ୍ରଭୁଙ୍କ କୃପାରୁ ତାଙ୍କ ଜାମାତା ରୋଗମୁକ୍ତ ହୋଇଥିଲେ ବୋଲି ଜୋର୍ ଦେଇ କହିଲା ଏବଂ ପ୍ରଭୁଙ୍କର ମହିମା ଗାନ କରିବାରେ ଲାଗିଲା । ଝିଅଟି ମନେ ମନେ ଭାବିଲା, କଥାଟି ଅବିଶ୍ୱାସ୍ୟ ହେଲେ ବି ତା' ପିତାଙ୍କର ଭଗବାନଙ୍କ ଉପରେ ଅଟଳ ବିଶ୍ୱାସ ଓ ସରଳ ହୃଦୟର ପ୍ରାର୍ଥନା ତା' ସ୍ୱାମୀଙ୍କର ଜୀବନ ରକ୍ଷା କରିଥିଲା । ଭୋଳାର ସ୍ତ୍ରୀ କିଛି ବୁଝି ନପାରି ମନକୁ ମନ ଭାବୁଥିଲେ, ତାଙ୍କ ସ୍ୱାମୀଙ୍କର ଏହି ନୂଆ ରୋଗଟି କ'ଣ ହୋଇପାରେ ।

ଭଗବାନଙ୍କ ଉପରେ ଅବିଚଳ ବିଶ୍ୱାସ କାହାଣୀଟିର ବିଷୟ ବସ୍ତୁ । ଏଥିରେ ମୁଖ୍ୟ ଚରିତ୍ର ଭୋଳାର ସରଳତାପୂର୍ଣ୍ଣ ସ୍ୱଚ୍ଛ ହୃଦୟ ଭିତରେ ଭଗବାନଙ୍କ ପ୍ରତି ଅଟଳ ବିଶ୍ୱାସ ଓ ଭରସା ରହିଛି । ନିଜର ସ୍ୱାର୍ଥ ପୂରଣ ପାଇଁ ନୁହେଁ, ବରଂ ଅନ୍ୟର ଜୀବନ ଓ ପରିବାରର ସୁରକ୍ଷା ସକାଶେ ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା ଓ ଆତ୍ମନିବେଦନ ଜଣାଇଛି । ତାହାର ବ୍ୟକ୍ତିତ୍ୱର ଗୋଟିଏ ଦିଗରେ ସେ ଉଚ୍ଚତର ଚେତନାରେ ଥାଇ ଦୃଶ୍ୟମାନ ବସ୍ତୁରାଜି ଭିତରେ ଭଗବାନଙ୍କ ଦିବ୍ୟ ଉପସ୍ଥିତିକୁ ଅନୁଭବ କରି ପାରିଛି । ଏହା ସହିତ ଭଗବାନଙ୍କ ଉପରେ ତା'ର ଅଟଳ ବିଶ୍ୱାସ ରହିଛି । ପୌରାଣିକ ଯୁଗର ଭକ୍ତ ପ୍ରହ୍ଲାଦ, ଧ୍ରୁବ, ହନୁମାନ ଓ ବହୁ ମହାତ୍ମାଙ୍କର ଭାଗବତ ଜୀବନର ଭିତ୍ତି ଥିଲା ଅବିଚଳ ଭଗବତ୍ ବିଶ୍ୱାସ ।

ପରମପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା ଆମ୍ଭମାନଙ୍କୁ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ପୂର୍ଣ୍ଣ ଯୋଗର ପଥ ଦେଖାଇଛନ୍ତି । ଏଥିରେ ଅବିଚଳ ଭଗବତ୍ ବିଶ୍ୱାସ ସମ୍ବନ୍ଧରେ ପରମ ପ୍ରଭୁ ଶ୍ରୀଅରବିନ୍ଦ ଓ ଶ୍ରୀମା କହିଛନ୍ତି । ଭାଗବତ ବିଶ୍ୱାସ ଅନ୍ତରସ୍ଥ ସତ୍ୟକୁ ଦେଖିଥାଏ ଏବଂ ଆଲୋକର ଦିଗରେ ନେଇ ଚାଲେ । ନୂତନ ଅନୁଭୂତି ଲାଭ ଦିଗରେ ସହାୟକ ହୋଇଥାଏ । ଭାଗବତ ବିଶ୍ୱାସ ଅନ୍ତରସ୍ଥ ଚୈତ୍ୟସତ୍ତା ଭିତରେ ଥାଏ । କୌଣସି ବାହ୍ୟ କଥା ବା ପ୍ରମାଣ ମଧ୍ୟରେ ଏହା ସୀମାବଦ୍ଧ ନୁହେଁ । ଏହାର ଅଛି ଏକ ସ୍ୱତଃସ୍ଫୂର୍ତ୍ତ ଜାଗୃତି ।

ଶ୍ରୀମା କହିଛନ୍ତି : ସର୍ବପ୍ରଥମେ ବିଶ୍ୱାସ, ତା'ପରେ ଯାଇ ଜ୍ଞାନ ।

ଅନ୍ଧକାରତମ ଦିନଗୁଡ଼ିକରେ ବିଶ୍ୱାସ ହେଉଛି ନିଶ୍ଚିତତମ ମାର୍ଗ-ଦର୍ଶକ ।

❑❑❑

*ପ୍ରଶ୍ନ : କଳ୍ପନାର କାର୍ଯ୍ୟ ଓ ଉପଯୋଗିତା କ'ଣ ?*

ଉତ୍ତର : ମୋ କହିବା ଅନୁଯାୟୀ ଯଦି ଜଣେ ଜାଣିଥାଏ ଏହାକୁ କିପରି ବ୍ୟବହାର କରିବାକୁ ହୁଏ ତେବେ ସେ ନିଜ ଲାଗି ନିଜର ଆନ୍ତର ତଥା ବାହ୍ୟ ଜୀବନ ନିଜେ ସୃଷ୍ଟି କରିପାରେ । ଜଣେ ଯଦି କଳ୍ପନାକୁ କିପରି ବ୍ୟବହାର କରିବାକୁ ହୁଏ ତାହା ଜାଣେ ଓ ସେଥିଲାଗି ତାହାର ସାମର୍ଥ୍ୟ ଥାଏ ତେବେ ତାହାଦ୍ୱାରା ସେ ତା'ର ନିଜ ଅସ୍ତିତ୍ୱକୁ ନିଜେହିଁ ଗଢ଼ି ପାରିବ । ବାସ୍ତବରେ ସୃଷ୍ଟି କରିବାର ଓ ଜଗତରେ ବସ୍ତୁସକଳକୁ ଗଠନ କରିବାର ଏହା ହେଉଛି ଏକ ମୌଳିକ ଉପାୟ । ମୁଁ ସବୁବେଳେ ଅନୁଭବ କରିଛି ଯେ ଯଦି ଜଣକର କଳ୍ପନା ଶକ୍ତି ନାହିଁ ତେବେ ସେ କୌଣସି ଅଗ୍ରଗତି କରିପାରିବ ନାହିଁ । ତୁମର କଳ୍ପନା ସବୁବେଳେ ତୁମ ଜୀବନର ଆଗେ ଆଗେ ଚାଲୁଥାଏ । ଯେତେବେଳେ ତୁମେ ନିଜ ବିଷୟରେ ଚିନ୍ତା କର, ସାଧାରଣତଃ ତୁମେ ଯାହା ହେବାକୁ ଚାହଁ ତାହାହିଁ କଳ୍ପନା କରିଥାଅ । ଏଇଆ କରି ନ ଥାଅ କି ? ଏବଂ ସେହି କଳ୍ପନା ଆଗେ ଆଗେ ଯାଏ, ତୁମେ ତାକୁ ଅନୁସରଣ କର, ତା'ପରେ ଏହା ଆଗକୁ ଯିବାକୁ ଲାଗେ ଓ ତୁମେ ତାକୁ ଅନୁସରଣ କରିଥାଅ । କଳ୍ପନା ତୁମ ଲାଗି ଉପଲବ୍ଧିର ପଥ ଉନ୍ମୁକ୍ତ କରିଦିଏ । ...

— ଶ୍ରୀମା

# ବର୍ଗ ସଂଖ୍ୟାର କୌତୁକ

## (୨)

## ଧର୍ମକୁମାର ଶତପଥି

ରବିବାରର ଆଉ ଏକ ଶୀତୁଆ ସକାଳ । ମୁଁ ସବୁଦିନ ପରି ମୋ' ଡାଏରି ଲେଖି ସାରିଛି, ଯାହା ମୁଁ ମୋ ଛାତ୍ର ଜୀବନରୁ ଲେଖି ଆସୁଛି । ପାଖରେ ଆଉ କିଛି ପଢ଼ା ବହି । କୌଣସି କିଛି ମୂଲ୍ୟବାନ୍ ଉକ୍ତିକୁ ଏଇ ଡାଏରିରେ ଲେଖିନିଏ । ଛୁଟି ଦିନରେ ଅବସର ମିଳିଲେ ସେସବୁକୁ ପୁଣି ଥରେ ପଢ଼ି ନିଏ ।

ଛୁଟିଦିନ ହେତୁ ଝିଅ ଛୁଟି ଆସିଲା ମୋ ଟେବୁଲ ପାଖକୁ । ଉପରେ ଥୁଆ ବଡ଼ ବଡ଼ ବହିମାନଙ୍କୁ ନିରେଖି ନେଲା କିଛି କ୍ଷଣ । ଟେବୁଲ ଘଣ୍ଟାରେ ୧୦ଟା ବାଜି ୨୦ ମିନିଟ । ଅର୍ଥାତ୍, ଘଣ୍ଟା କଣ୍ଟା ଓ ମିନିଟ କଣ୍ଟା ସିଧାସଳଖ ଏକ ସରଳରେଖାରେ ରହିଥା'ନ୍ତି । ମୁଁ ଝିଅକୁ ଏକ ଛାତ୍ରସୁଲଭ ଭଙ୍ଗିରେ ଠଉରାଇ ନେଲି । ସେ କେମିତି ଏକ ବିକଳିଆ ମୁହଁ କରି ଅନୁନୟ ହେଲା – ''ବାପା, ତୁମେ ଗତଥର ଯେଉଁ ବର୍ଗ ସଂଖ୍ୟା ସମ୍ପର୍କରେ କହିଥିଲ, ତାହା ମୋର ସହପାଠୀମାନେ ବେଶ୍ ଆଗ୍ରହରେ ଶୁଣିଛନ୍ତି ଏବଂ ତୁମକୁ ଢେର ପ୍ରଶଂସା କରିଛନ୍ତି । ଆମ ସାର୍ ମଧ୍ୟ ଏ କଥାଟି କହୁଥିଲେ, ଗଣିତ ପିରିଅଡ଼ରେ – ଏମିତି କିଛି କୌତୁକ ସଂଖ୍ୟା ଯଦି ଥାଏ କୁହ ବାପା । ତୁମେ ମୋତେ କଥା ଦେଇଥିଲ ।''

ମୁଁ ତା'ର ବିକଳ ମୁଖବ୍ୟାଦାନ ଦେଖି ସାମାନ୍ୟ ହସି ଦେଲି ଓ ତା'ର ଅନୁରୋଧକୁ ରକ୍ଷା କରିବା ପାଇଁ ଏକ ପ୍ରକାର ବାଧ୍ୟ ହେଲି । ଯା' ହେଲେ ବି ସେ ମୋର ଝିଅ । ହାଇସ୍କୁଲରେ ପଢ଼େ । ଆଉ ମୁଁ ଗଣିତ ଶିକ୍ଷକ ହିସାବରେ ତାକୁ ଗଣିତର ଅନେକ କୌତୁକ ବିଷୟ ଉପସ୍ଥାପନ କରି ତା'ର ଏ ଦିଗରେ ଜିଜ୍ଞାସାକୁ ଢେର୍ ବଢ଼ାଇ ଆଣିଲିଣି । ଅଗତ୍ୟା ପ୍ରତ୍ୟାଖ୍ୟାନ କରନ୍ତି ବା କିପରି ? ସୁତରାଂ ବର୍ଗ ସଂଖ୍ୟାର ଆଉ କେତୋଟି ମଜା କଥାକୁ ତା' ଆଗରେ ଉପସ୍ଥାପନ କରିବାକୁ ଠିକ୍ କଲି । କହିଲି – ''ବାସ୍ ! ମୁଁ ତୋତେ ଯେଉଁ କଥା ଦେଇଥିଲି, ତଦନୁସାରେ ବର୍ଗ ସଂଖ୍ୟା ବିଷୟରେ ଆଉ କିଛି କହିବି, ଶୁଣ ।''

ଝିଅ ମୋ ସାମନା ଚୁଲରେ ବସିଲା । ଖାତା କଲମ ଧରି ।

ମୁଁ ଆରମ୍ଭ କଲି ।

''ଆମ ସଂଖ୍ୟା ଜଗତରେ ଏପରି କେତୋଟି ମଜା ସଂଖ୍ୟା ଅଛନ୍ତି, ଯେଉଁମାନେ ସେହି ସଂଖ୍ୟାର ଅଙ୍କମାନଙ୍କର ସମଷ୍ଟିର ବର୍ଗ ସହ ସମାନ ହୋଇଥା'ନ୍ତି । ସେମାନେ ହେଲେ – ୮୧, ୨୦୨୫, ୩୦୨୫, ୯୮୦୧, ୮୮୨୦୯, ୪୯୪୨୦୯ ଇତ୍ୟାଦି ।

''କିପରି ?'' – ଝିଅର ଅବୁଝା ପ୍ରଶ୍ନ ।

କହିଲି – ''ଏଇ ଦେଖି ୮୧ : ୮+୧ = ୯ର ବର୍ଗ

୨୦୨୫ : ୨୦+୨୫ = ୪୫ର ବର୍ଗ

୩୦୨୫ : ୩୦+୨୫ = ୫୫ର ବର୍ଗ

୯୮୦୧ : ୯୮+ ୦୧ = ୯୯ର ବର୍ଗ

ଏହିପରି ବଡ଼ ସଂଖ୍ୟା ମଧ୍ୟ ଅଛି :

୮୮୨୦୯ : ୮୮+୨୦୯ = ୨୯୭ର ବର୍ଗ

୪୯୪୨୦୯ : ୪୯୪+୨୦୯ = ୭୦୩ର ବର୍ଗ

ପୁଣି ୯୯୮୦୦୧ : ୯୯୮+୦୦୧ = ୯୯୯ର ବର୍ଗ

''ଏଇ ସଂଖ୍ୟାମାନଙ୍କରେ ଲୁକ୍କାୟିତ କୌତୁକ ଗୁଣଟି ତୁ ଠିକ୍ ଅନୁମାନ କରିପାରୁଥିବୁ ।'' – ମୁଁ କହଲି ।

ସେ ଚୁପ୍‌ଚାପ୍ ନିରୀକ୍ଷଣରେ ମଗ୍ନ ଥିଲା ।

ନୀରବତା ଭାଙ୍ଗି ମୁଁ ପୁଣି ଆରମ୍ଭ କଲି :

''ଆମ ସଂଖ୍ୟା ଜଗତରେ ଏପରି କେତେ ସଂଖ୍ୟା ଅଛନ୍ତି ଯାହାର ବର୍ଗ ସଂଖ୍ୟାରେ ଥିବା ଅଙ୍କମାନେ ମଧ୍ୟ ଗୋଟିଏ ଗୋଟିଏ ବର୍ଗ ସଂଖ୍ୟା ଅଟନ୍ତି ।''

''କିପରି ?'' – ଝିଅର ପୁଣି ଅବୁଝା ଜିଜ୍ଞାସା ।

ମୁଁ ବୁଝାଇଲି – ''୭ର ବର୍ଗ = ୪୯ । ଏଠାରେ ୪ ଓ ୯ ପ୍ରତ୍ୟେକେ ଗୋଟିଏ ଗୋଟିଏ ପୂର୍ଣ୍ଣ ବର୍ଗ ସଂଖ୍ୟା । ଅର୍ଥାତ୍, ଏଇ ୪୯ ସଂଖ୍ୟାରେ ଏକକ ଅଙ୍କ '୯'ଟି ୩ର ବର୍ଗ ହୋଇଥିବା ବେଳେ ଦଶକ ଅଙ୍କ '୪' ଟି ୨ର ବର୍ଗ ।''

''ହଁ', ହଁ, ଠିକ୍ କଥା ।'' – ଝିଅ ଉତ୍ତର ଦେଲା ।

''ଏଇପରି ଆଉ କେତୋଟି ଉଦାହରଣ ନେଇପାରୁ :

୧୩ର ବର୍ଗ = ୧୩ x ୧୩ = ୧୬୯

(ଏଠାରେ, ୧, ୧୬, ୯ ଓ ୧୬୯ ସମସ୍ତେ ବର୍ଗ ସଂଖ୍ୟା)

୧୯ର ବର୍ଗ = ୧୯ x ୧୯ = ୩୬୧

(ଏଠାରେ ୩୬, ୧ ଓ ୩୬୧ ସମସ୍ତେ ବର୍ଗ ସଂଖ୍ୟା)

୩୫ର ବର୍ଗ = ୩୫ x ୩୫ = ୧୨୨୫ (ଏଠାରେ ୧,୨୨୫, ୨୫ ଓ ୧୨୨୫ ସମସ୍ତେ ପୂର୍ଣ୍ଣ ବର୍ଗ ସଂଖ୍ୟା)

୫୭ର ବର୍ଗ = ୫୭ x ୫୭ = ୩୨୪୯ (ଏଠାରେ ୩୨୪, ୯, ୪, ୪୯ ଓ ୩୨୪୯ ପୂର୍ଣ୍ଣ ବର୍ଗ ସଂଖ୍ୟା ଅଟନ୍ତି)

୧୨୭୫ର ବର୍ଗ = ୧୨୭୫ x ୧୨୭୫ = ୧୬୨୫୬୨୫ (ଏଠାରେ ୧, ୧୬, ୨୫, ୨୫୬, ୬୨୫ ସମସ୍ତେ ପୂର୍ଣ୍ଣବର୍ଗ ସଂଖ୍ୟା) ।

ଝିଅ ଏଇ ସଂଖ୍ୟାମାନଙ୍କ ମଧ୍ୟରେ ରହିଥିବା ବର୍ଗ ସଂଖ୍ୟାର ସମାହାର ଦେଖି ଚମକୃତ ହେଲା । ଏହା ମୁଁ ଠିକ୍ ଅନୁଭବ କରି ପାରୁଥିଲି । କାରଣ ସେ ମଝିରେ ମଝିରେ ଏଇ ଚମତ୍କାରିତା ଉପରେ ଯେଉଁ ଚମତ୍କାର ଟିପ୍ପଣୀ ଦେଉଥିଲା, ତାହାସବୁ ସ୍ୱତଃ ଚମତ୍କାର ପୂର୍ଣ୍ଣ ଥିଲା ।

ଏହାପରେ ମୁଁ ପୂର୍ବରୁ ଆଲୋଚନା କରିଥିବା କିଛି ଚାରିଅଙ୍କ ବିଶିଷ୍ଟ ସଂଖ୍ୟା, ଯାହାର ବର୍ଗ, ମୂଳ ସଂଖ୍ୟାକୁ ଓଲଟାଇ ଲେଖି ତା'ର ବର୍ଗ ନେଲେ ମୂଳବର୍ଗ ସଂଖ୍ୟାର ଠିକ୍ ଓଲଟା ହୋଇଥାଏ, ସେ ପ୍ରସଙ୍ଗକୁ ଆସିଲି । କହିଲି – ''ଝିଅ ମୁଁ ତୋତେ ଗତଥର କହିଥିଲି ୧୨ର ବର୍ଗ ୧୪୪ । ଆଉ ୧୨କୁ ଓଲଟାଇ ଲେଖିଲେ ୨୧ । ପୁଣି ୨୧ର ବର୍ଗ ୧୪୪ର ଓଲଟା ୪୪୧ ହୁଏ । ମନେ ରଖିଛୁ ?''

ଝିଅ ଅତ୍ୟନ୍ତ ଆଗ୍ରହରେ କହିଲା – ''ହଁ, ହଁ, ତୁମେ ଏ ବିଷୟରେ ମୋତେ କହିଥିଲ । ଆଉ ମୁଁ ମୋ ସାର୍ ଓ ସାଙ୍ଗମାନଙ୍କୁ କହିଲାରୁ ସେମାନେ ମଧ୍ୟ ଖୁବ୍ ଆଗ୍ରହୀ ହେଲେ । ସଂଖ୍ୟାର ଏମିତି କୌତୁକ କେହି କେବେ ଜାଣି ନଥିବେ ।'' ଝିଅ କହିଲା ।

ମୁଁ କହିଲି – ଠିକ୍ ଏଇଭଳି ଚାରିଅଙ୍କ ବିଶିଷ୍ଟ କେତୋଟି ସଂଖ୍ୟା ଓ ତା'ର ବର୍ଗ କଥା ଲକ୍ଷ୍ୟ କର ।

୧୦୦୨ର ବର୍ଗ – ୧୦୦୪୦୦୪ ଏବଂ
୨୦୦୧ର ବର୍ଗ – ୪୦୦୪୦୦୧
୧୦୦୩ର ବର୍ଗ – ୧୦୦୬୦୦୯ ଏବଂ
୩୦୦୧ର ବର୍ଗ – ୯୦୦୬୦୦୧
୧୦୧୧ର ବର୍ଗ – ୧୦୨୨୧୨୧ ଏବଂ
୧୧୦୧ର ବର୍ଗ – ୧୨୧୨୨୦୧
୧୦୧୨ର ବର୍ଗ – ୧୦୨୪୧୪୪ ଏବଂ
୨୧୦୧ର ବର୍ଗ – ୪୪୧୪୨୦୧
୧୦୧୩ର ବର୍ଗ – ୧୦୨୬୧୬୯ ଏବଂ
୩୧୦୧ର ବର୍ଗ – ୯୬୧୬୨୦୧
୧୦୨୧ର ବର୍ଗ – ୧୦୪୨୪୪୧ ଏବଂ
୧୨୦୧ର ବର୍ଗ – ୧୪୪୨୪୦୧
୧୦୨୨ର ବର୍ଗ – ୧୦୪୪୪୮୪ ଏବଂ
୨୨୦୧ର ବର୍ଗ – ୪୮୪୪୪୦୧
୧୦୩୧ର ବର୍ଗ – ୧୦୬୨୯୬୧ ଏବଂ
୧୩୦୧ର ବର୍ଗ – ୧୬୯୨୬୦୧
୧୧୦୨ର ବର୍ଗ – ୧୨୧୨୨୦୪ ଏବଂ
୨୦୧୧ର ବର୍ଗ – ୪୦୨୨୧୨୧
୧୧୦୩ର ବର୍ଗ – ୧୨୧୬୬୦୯ ଏବଂ
୩୦୧୧ର ବର୍ଗ – ୯୦୬୬୧୨୧
୧୧୧୨ର ବର୍ଗ – ୧୨୩୬୫୪୪ ଏବଂ
୨୧୧୧ର ବର୍ଗ –୪୪୫୬୩୨୧
୧୧୨୧ର ବର୍ଗ – ୧୨୫୬୬୪୧ ଏବଂ
୧୨୧୧ର ବର୍ଗ – ୧୪୬୬୫୨୧
୧୧୧୩ର ବର୍ଗ – ୧୨୩୮୭୬୯ ଏବଂ
୩୧୧୧ର ବର୍ଗ – ୯୬୭୮୩୨୧
୧୧୨୨ର ବର୍ଗ – ୧୨୫୮୮୪ ଏବଂ
୨୨୧୧ର ବର୍ଗ – ୪୮୮୫୨୧
୧୨୦୨ର ବର୍ଗ – ୧୪୪୪୮୦୪ ଏବଂ
୨୦୨୧ର ବର୍ଗ – ୪୦୮୪୪୪୧
୧୨୧୨ର ବର୍ଗ – ୧୪୬୮୯୪୪ ଏବଂ
୨୧୨୧ର ବର୍ଗ – ୪୪୯୮୬୪୧

''ଆରେ ବାପ୍‌ରେ ! ଏତେ ମଜାଳିଆ ବିଷୟ ସଂଖ୍ୟାର ବର୍ଗରେ ରହିଛି ! ଆମ ଶ୍ରେଣୀର କେହି ବି ଏକଥା ଜାଣି ନଥିବେ । ଏଥର ଗଣିତ କ୍ଲାସରେ ମୁଁ ଏସବୁ ମଜା କଥା କହିବି ।'' ଝିଅ ଅନୁଯୋଗ କଲା ।

ମୁଁ ପୁଣି ଆଗକୁ ବଢ଼ିଲି । କହିଲି – ''ଆମ ସଂଖ୍ୟା ଜଗତରେ ଏପରି କେତୋଟି ପୂର୍ଣ୍ଣବର୍ଗ ସଂଖ୍ୟା ଅଛନ୍ତି, ସେମାନଙ୍କର ଅଙ୍କମାନଙ୍କୁ ସ୍ଥାନ ପରିବର୍ତ୍ତନ କରି ଲେଖିଲେ ମଧ୍ୟ ସେମାନେ ଗୋଟିଏ ଗୋଟିଏ ପୂର୍ଣ୍ଣବର୍ଗ ସଂଖ୍ୟା ହୋଇଥା'ନ୍ତି ।''

ଝିଅ ଆଶ୍ଚର୍ଯ୍ୟ ମିଶ୍ରିତ କଣ୍ଠରେ ଏକ ପ୍ରକାର ଚିତ୍କାର କଲା – ''ସତେ !''

ମୁଁ କହିଲି – ''ହଁ, ଏଇ ଦେଖ, ୧୬୯ ହେଉଛି ୧୩ର ବର୍ଗ । ଏହାର ଅଙ୍କଗୁଡ଼ିକ ୧, ୬ ଓ ୯ । ଏଇ ଅଙ୍କମାନଙ୍କୁ ଏପଟ ସେପଟ କରି ଲେଖିଲେ, ଆମେ ପାଇବା ୧୯୬, ଯାହା ୧୪ର ବର୍ଗ ପୁଣି ୯୬୧, ଯାହା ୩୧ର ବର୍ଗ ।

ଠିକ୍ ସେହିପରି :

୧୨୯୬ = ୩୬ର ବର୍ଗ, ୨୯୧୬ = ୫୪ର ବର୍ଗ, ୯୨୧୬ = ୯୬ର ବର୍ଗ ।

୧୧୬୬୪ =୧୦୮ର ବର୍ଗ, ୧୬୬୪୧ = ୧୨୯ର ବର୍ଗ ଓ ୪୧୬୧୬ = ୨୦୪ର ବର୍ଗ ।

୨୩୭୧୬ = ୧୫୪ର ବର୍ଗ, ୩୨୭୬୧ = ୧୮୧ର ବର୍ଗ ଓ ୭୨୩୬୧ = ୨୬୯ର ବର୍ଗ ।

ଆହୁରି ମଧ୍ୟ ୩୬୪୮୧ = ୧୯୧ର ବର୍ଗ, ୩୮୪୧୬ = ୧୯୬ର ବର୍ଗ ଓ ୪୩୬୮୧ = ୨୦୯ର ବର୍ଗ ।

୪୨୮୪୯ = ୨୦୭ର ବର୍ଗ, ୪୯୨୮୪ = ୨୨୨ର ବର୍ଗ ଓ ୮୨୯୪୪ = ୨୮୮ର ବର୍ଗ ।

''ହଁ, ହଁ, ବାପା । ଠିକ୍ କଥା । ଏତେ କୌତୁକ ରହିଛି ଏଇ ପୂର୍ଣ୍ଣବର୍ଗ ସଂଖ୍ୟାମାନଙ୍କ ପାଖରେ । କେତେ ମଜାଳିଆ ପୁଣି ସେସବୁ ।'' – ଝିଅ କହିଲା ।

ଝିଅର ଆନନ୍ଦ ଓ କୌତୁକ ମିଶ୍ରିତ ସ୍ୱଗତୋକ୍ତି ଶୁଣି ଅଜାଣତରେ ମୋ ମୁହଁରେ ମଧ୍ୟ ଟେନାଏ ହସ ଫୁଟି ଉଠିଥିଲା । ମୁଁ ଜାଣିପାରୁ ନଥିଲି, ଜଣଙ୍କର ହସ ଏପରି ସଂକ୍ରମଣ ହୋଇ ଅନ୍ୟର ଓଠରେ ମଧ୍ୟ ପ୍ରକାଶିତ ହୋଇପାରେ । ତା'ର ହସଖୁସିକୁ ଯେମିତି ମୁଁ ଅଜାଣତରେ ମୁରୁକି ହସ ମାଧ୍ୟମରେ ସମର୍ଥନ ଜଣାଉଥିଲି ଓ ତାକୁ ଉତ୍ସାହିତ କରୁଥିଲି ।

ଝିଅ ଏକ ଲୟରେ ଏଇ ସଂଖ୍ୟାମାନଙ୍କର ସଜ୍ଜୀକରଣକୁ ନିରେଖୁ ଥିଲା । କତିପୟ ଅଜଣା ଅତିଥି ଯେପରି ତା' ସମ୍ମୁଖରେ ଉଭା ହୋଇଛନ୍ତି ।

ମୁଁ ତାକୁ ଏଥର ସଂଖ୍ୟା ଜଗତର ଅନ୍ୟ ଏକ ଭିନ୍ନ ଦିଗକୁ ଆକର୍ଷିତ କରି ନେଲି । କହିଲି – ''ଆମର ଗଣନ ସଂଖ୍ୟାମାନଙ୍କର ସମଷ୍ଟି ଏକ ନିର୍ଦ୍ଦିଷ୍ଟ ଅଙ୍କ ପର୍ଯ୍ୟନ୍ତ ନେଲେ ଆମେ ଏକ ପୂର୍ଣ୍ଣବର୍ଗ ସଂଖ୍ୟା ପାଇପାରିବା । ଅର୍ଥାତ୍, କ୍ରମିକ ଗଣନ ସଂଖ୍ୟାର ସମଷ୍ଟି ଭିନ୍ନ ଭିନ୍ନ ଅଙ୍କ ପର୍ଯ୍ୟନ୍ତ, ଏକ ପୂର୍ଣ୍ଣ ବର୍ଗ ସଂଖ୍ୟା ମିଳେ ।

ଏଇ ଉଦାହରଣକୁ ଦେଖ :

(କ) ୧+୨+୩+୪+୫+୬+୭+୮ = ୩୬ ହେଉଛି ୬ର ବର୍ଗ ।

(ଖ) ୧+୨+୩+୪+୫+ ... ... ... ... +୪୭+୪୮+୪୯ = ୧୨୨୫ ହେଉଛି ୩୫ର ବର୍ଗ ।

(ଗ) ୧+୨+୩+୪+୫+୬+ ... ... ... + ୨୮୬+୨୮୭+୨୮୮ = ୪୧୬୧୬ = ୨୦୪ର ବର୍ଗ ।

ଝିଅ ଆମର ନୀରବ ନିଶ୍ଚଳ ହୋଇ ଏଇ ଅଙ୍କ ସଜ୍ଜା ଦେଖୁଥିଲା ହାମୁଡ଼ାଇ ହୋଇ । ମୁଁ ତାକୁ ସଳଖି ବସିବାକୁ କହିଲି । ସିଏ କ'ଣ ଗୁଣୁ ଗୁଣେଇ ହେଉଥିଲା ।

କିଛିକ୍ଷଣ ପରେ ମୁଁ କହିଲି – ''ଆଜିର ଶେଷ କୌତୁକ କଥା ମୁଁ ଏବେ କହୁଛି । ଏଇ ଦେଖ ତଳେ ସଜ୍ଜିତ ଥିବା ବର୍ଗସଂଖ୍ୟାମାନଙ୍କର ଯୋଗଫଳକୁ :

(କ) ୧+୧୬+୩୬+୪୯ = ୪+୯+୨୫+୬୪ = ୧୦୨ ।

ଠିକ୍ ସେହିପରି ଆଉ ଏକ ଉଦାହରଣ :

(ଖ) ୪+୨୫+୪୯+୬୪ = ୯+୧୬+୩୬+୮୧ = ୧୪୨ ।

ଏଠାରେ ଦେଖ ୨ ଠାରୁ ୯ ପର୍ଯ୍ୟନ୍ତ ସଂଖ୍ୟାମାନଙ୍କର ବର୍ଗର ସମଷ୍ଟି କିପରି ସଜାଇ ଲେଖିଲେ ସେଇ ଏକହିଁ ଯୋଗଫଳ ୧୪୨ ମିଳୁଛି, ତାହାହିଁ ଲକ୍ଷ୍ୟ କର ।

ଉପସଂହାର ପର୍ବକୁ ଯାଇ ମୁଁ କହିଲି : ''ଝିଅ ଆଜି ପାଇଁ ଏତିକି ଥାଉ । ଅନେକ ବେଳ ହେଲା ବସି ବସି ଚିଟା ଲାଗିଲାଣି । ଯା' ବୋଉକୁ କହିବୁ, କପେ ଚା' ନେଇ ଆସିବ ।'' ଝିଅ ଉଠି ଚାଲିଗଲା ବଶମ୍ବଦ ଭୃତ୍ୟ ପରି ।

ମୁଁ ଡାଏରିରୁ କିଛି ଉଦ୍ଧୃତି ପଢ଼ିବାକୁ ତା'ର ପୃଷ୍ଠାଗୁଡ଼ିକୁ ଓଲଟାଇଲି ।

❑❑❑

ଚେତନାର ଦିଗ୍‌ବଳୟ :

# ମହତ୍ତମ ପ୍ରତିଭାର ସନ୍ତାପ

ସାରା ପୃଥିବୀର ଯେତେ ଜଣ ମହାନ୍ ପ୍ରତିଭାବାନ୍ ବ୍ୟକ୍ତିଙ୍କ ସମ୍ପର୍କରେ କିଛି କିଛି ତଥ୍ୟ ଲିପିବଦ୍ଧ ରହିଛି, ସେମାନଙ୍କ ଭିତରେ ପ୍ରଥମ ଧାଡ଼ିର ଅନ୍ତର୍ଭୁକ୍ତ ହେଲେ ଲିଓନାର୍ଡ଼ୋ-ଡା-ଭିନ୍ସି (୧୪୫୨-୧୫୧୯)।

ଇଟାଲିର ଫ୍ଲୋରେନ୍ସରେ ଜନ୍ମଗ୍ରହଣ କରିଥିବା ଏହି ବ୍ୟକ୍ତି ଜଣକ ତାଙ୍କ ସମସାମୟିକ ପୃଥିବୀର ସମସ୍ତ ଜଣାଶୁଣା ଗୁଣୀଙ୍କଠାରୁ ଅଧିକ ଧୀମାନ୍ ଥିଲେ ବୋଲି ମନେହୁଏ । ସେ ଥିଲେ ଏକାଧାରରେ ଶିଳ୍ପୀ, ସ୍ଥପତି, ଭାସ୍କର, ଦାର୍ଶନିକ, କବି, ଗଣିତଜ୍ଞ, ଶରୀରତତ୍ତ୍ୱବିଦ୍ ଏବଂ ବୈଜ୍ଞାନିକ । ସେ ତାଙ୍କ ଆବିଷ୍କାର ଏବଂ ଉଦ୍ଭାବନର ତଥ୍ୟମାନ ଖାତାରେ ଲେଖୁଥିଲେ ଏମିତି ଭାବରେ, ଯାହାକୁ ଦର୍ପଣରେ ପ୍ରତିଫଳିତ କରିଲେ ଯାଇ ପଢ଼ି ହେବ । ସେ ବିମାନ-ବିଦ୍ୟା ସମ୍ପର୍କରେ ଛାଡ଼ି ଯାଇଥିବା ଚିତ୍ର ସତେ ଅବା ଜଣେ ଆଧୁନିକ ବିମାନତତ୍ତ୍ୱବିତ୍‌ର ଅଙ୍କନ ! ଶରୀରତତ୍ତ୍ୱ ସମ୍ପର୍କରେ ମଧ୍ୟ ତାଙ୍କ ଚିତ୍ର ସେମିତି ବିସ୍ମୟକର ଭାବେ ଆଧୁନିକ ମନେ ହୁଏ ।

ତାଙ୍କର ଯେଉଁ ଚିତ୍ର ଅଦ୍ୟାବଧି ଆମକୁ ଚମତ୍କୃତ କରେ ତାହା ପ୍ୟାରିସର 'ଲୁଭ' (Louvre) ଯାଦୁଘରେ ସଂରକ୍ଷିତ ଏବଂ 'ମୋନାଲିସା' ନାମରେ ପ୍ରଖ୍ୟାତ ।

ଏମନ୍ତ ଅସାଧାରଣ ପ୍ରତିଭାର ଅଧିକାରୀ ଯେଉଁ ଲିଓନାର୍ଡ଼ୋ, ସେ ଫ୍ରାନ୍ସର ରାଜା ପ୍ରଥମ ଫ୍ରାଙ୍କୋଆଙ୍କ ଅନୁରୋଧ ଏଡ଼ାଇ ନପାରି ତାଙ୍କ ରାଜସଭାର ଶିଳ୍ପୀ ଭାବରେ ଯୋଗ ଦେଇଥିଲେ ୧୫୧୬ ମସିହାରେ । ରାଜା ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ । ୧୫୧୯ର ମେ ମାସ ୨ ତାରିଖ ଦିନ ଲିଓନାର୍ଡ଼ୋ ଦାରୁଣ ଅସୁସ୍ଥ ହୋଇ ପଡ଼ିଲେ । ରାଜା ଫ୍ରାଙ୍କୋଆ ତାଙ୍କୁ କୁଣ୍ଢାଇ ଧରିଥିବା ଅବସ୍ଥାରେ ସେ ପ୍ରାଣତ୍ୟାଗ କଲେ । କିନ୍ତୁ ତା'ର ଅବ୍ୟବହିତ ପୂର୍ବରୁ ସେ ଯେଉଁ ସନ୍ତାପ ପ୍ରକାଶ କଲେ, ତା'ର ମର୍ମ ହେଲା – ଭଗବାନ୍ ମୋତେ ମାନବ ସମାଜକୁ ଯେତିକି ଅବଦାନ ଦେବାର ଶକ୍ତି ପ୍ରଦାନ କରିଥିଲେ, ମୁଁ ସେ ଶକ୍ତିର ଯଥାର୍ଥ ଉପଯୋଗ କରିପାରିଲି ନାହିଁ । ଅର୍ଥାତ୍, ମୁଁ ଉଭୟ ଭଗବାନ୍ ଏବଂ ମଣିଷ ପ୍ରତି ଅନ୍ୟାୟ କରିଛି । ମୁଁ ଆହୁରି ଅଧିକ ମହାନ୍ କଳାକୃତି ସୃଜନ କରିବା ଉଚିତ ଥିଲା ।

ଦୁଃଖାଭିଭୂତ ରାଜା ଫ୍ରାଙ୍କୋଆ ତାଙ୍କୁ ବା କେମିତି ବୁଝାଇଥା'ନ୍ତେ ଯେ ଶହ ଶହ ବର୍ଷ ଧରି ସେ ରହିବେ ପ୍ରତିଭାର ଦୀପ୍ତ ବତିସ୍ତମ୍ଭ; ସହସ୍ର କଳାକାର ତାଙ୍କଠାରୁ ପାଉଥିବେ ପ୍ରେରଣା !

**– ମନୋଜ ଦାସ**

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀ'ରୁ ସଂଗୃହୀତ, ପୃ. ୧୬୦)

❑❑❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 5** **R.N.I. No. 18163/70.**
Navaprakash (Monthly), May, 2024 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One and Two) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପୂର୍ବାର୍ଦ୍ଧ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୪୫୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୫୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**